ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ଶୁକ୍ରବାର, ଅକ୍ଟୋବର ୫/୨୦୧୮ (୨୦ ପୃଷ୍ଠା) Dhenkanal-Angul, Friday, October 5 /2018 ★★★★★

୧୪ଶ ଭାଗ ୨୨୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



ONE STEP TOWARDS PARENTHOOD

INDIRA IVF
Fertility & IVF Centre

ପରିବାର ପରିପୂର୍ଣ୍ଣ ନହେବାର,

# ଦୁଃଖ ଆମେ ବୁଝିପାରୁ

## ନିଃସନ୍ତାନ ଦମ୍ପତିଙ୍କ ପାଇଁ ନିଃଶୁଳ୍କ ପରାମର୍ଶ ଶିବିର

ଏବେ ଆପଣଙ୍କ ସହରରେ

### କେନ୍ଦୁଝର
7 ଅକ୍ଟୋବର 2018

ହୋଟେଲ୍ ଦି ସାନ୍ସ, ସିରାଜ୍‌ଉଦିନ୍ ଛକ, ଡିଡି କଲେଜ୍ ରୋଡ୍, କେନ୍ଦୁଝର

SMS
IVF DK Sent to 56677
ସିଟ୍ ବୁକ୍ କରିବା ପାଇଁ IVF<space>DK ଲେଖିକରି 56677 ରେ SMS ପଠାନ୍ତୁ

### ସମ୍ବଲପୁର
8 ଅକ୍ଟୋବର 2018

ହୋଟେଲ୍ ସାକେତ୍, ଭିଏସ୍‌ସ୍ ମାର୍ଗ, ବିଜୟା? ବ୍ୟାଙ୍କର ବୀପରିତ ପାର୍ଶ୍ୱରେ, ଅଶୋକା ଟକିଜ୍ ରାସ୍ତା, ସମ୍ବଲପୁର୍,

SMS
IVF DM Sent to 56677
ସିଟ୍ ବୁକ୍ କରିବା ପାଇଁ IVF<space>DM ଲେଖିକରି 56677 ରେ SMS ପଠାନ୍ତୁ

### ଫୁଲବାଣୀ
9 ଅକ୍ଟୋବର 2018

ହୋଟେଲ୍ ଡ୍ରିମଲ୍ୟାଣ୍ଡ, ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ସମ୍ମୁଖରେ, ଆନନ୍ଦ ବଜାର ନିକଟରେ, ଏସ୍‌ଏଚ୍ ୧, ଫୁଲବାଣୀ, ଓଡ଼ିଶା

SMS
IVF DP Sent to 56677
ସିଟ୍ ବୁକ୍ କରିବା ପାଇଁ IVF<space>DP ଲେଖିକରି 56677 ରେ SMS ପଠାନ୍ତୁ

### ବ୍ରହ୍ମପୁର
10 ଅକ୍ଟୋବର 2018

ହୋଟେଲ୍ ମୋତି, ଗାନ୍ଧୀ ନଗର୍ ମେନ୍ ରୋଡ୍, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

SMS
IVF DR Sent to 56677
ସିଟ୍ ବୁକ୍ କରିବା ପାଇଁ IVF<space>DR ଲେଖିକରି 56677 ରେ SMS ପଠାନ୍ତୁ

### ଭୁବନେଶ୍ୱର
11 to 20 ଅକ୍ଟୋବର 2018

ଦ୍ୱିତୀୟ ମହଲା, ଟ୍ରିପଲେକ୍ସ ପ୍ଲଟ୍‌ନଂ.12, ଗଜପତି ନଗର, ସଚିବାଳୟ ମାର୍ଗ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

SMS
IVF DB Sent to 56677
ସିଟ୍ ବୁକ୍ କରିବା ପାଇଁ IVF<space>DB ଲେଖିକରି 56677 ରେ SMS ପଠାନ୍ତୁ

ଶିବିର ରେ ଭାଗ ନେବା ପାଇଁ ସମ୍ପର୍କ କରନ୍ତୁ

**7412077811**
**7412077812**
(9 AM to 5 PM)



 କେଉଁମାନେ ନିଃଶୁଳ୍କ ପରାମର୍ଶ ପାଇଁ ସମ୍ପର୍କ କରିପାରିବେ

### ପୁରୁଷ

- ସ୍ୱଳ୍ପ ଶୁକ୍ରାଣୁ ଗଣତି
- ଶୁକ୍ରାଣୁ ହିନତା
- ସ୍ୱଳ୍ପ ଶୁକ୍ରାଣୁ ସଜୀବତା
- ଦୁର୍ବଳ ମାନର ଶୁକ୍ରାଣୁ

### ମହିଳା

- ଅବରୁଦ୍ଧ ଗର୍ଭ ନଳୀ
- ଅନିୟମିତ ଋତୁଚକ୍ର
- ଡିମ୍ବାଣୁ ଗଠନରେ ସମସ୍ୟା
- ଅସମୟରେ ଡିମ୍ବାଣୁ ନଷ୍ଟ ହେବା

## ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍

ଦ୍ୱିତୀୟ ମହଲା, ଟ୍ରିପଲେକ୍ସ ପ୍ଲଟ୍‌ନଂ.12, ଗଜପତି ନଗର, ସଚିବାଳୟ ମାର୍ଗ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ହେଲ୍ପଲାଇନ୍: 07665009964/ 65 | ୱେବସାଇଟ୍: www.indiraivf.com | ଇ–ମେଲ : help@indiraivf.in

ନିଜର ପ୍ରଶ୍ନଗୁଡ଼ିକୁ ନେଇ ଡାକ୍ତରଙ୍କ ସହିତ ଆଲୋଚନା କରିବାକୁ କଲ୍ କରନ୍ତୁ ✆ **7412077812** (11 AM to 2 PM)

- 50 Centres PAN India
- Treatment protocol as per individual need
- Patient friendly treatment options

ଉପଲବ୍ଧ ସେବାଗୁଡ଼ିକ– ଗର୍ଭଧାରଣ ସମସ୍ୟାର ନିରୂପଣ, ଆଇ.ୟୁ.ଆଇ, ଆଇ.ଭି.ଏଫ୍, ଆଇ.ସି.ଏସ୍.ଆଇ, ଲେଜର ହ୍ୟାଚିଂ ବ୍ଲାଷ୍ଟୋସିଷ୍ଟ, ଲାପାରୋସ୍କୋପି, ହିଷ୍ଟେରୋସ୍କୋପି ଡୋନୋର ସର୍ଭିସ୍

'बेटी बचाओ/बेटी पढ़ाओ' अभियान में सहयोग करें। भ्रूण लिंग परीक्षण करवाना जघन्य अपराध है, यह कार्य हमारे यहां नहीं किया जाता है।
Prenatal Sex Determination & Sex Selection is illegal and not done here.

Disclaimer : The models used in the creative is just for illustration purpose only.

# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ଶୁକ୍ରବାର, ଅକ୍ଟୋବର ୫/୨୦୧୮ | Dhenkanal-Angul, Friday, October 5 /2018 | (ପୃଷ୍ଠା-୧)




**ସମସ୍ୟାରେ ପଡ଼ିଲେ ମହିଳା ମୁହଁ ଖୋଲନ୍ତୁ : ପରିଣୀତି**

ମହିଳାଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡ଼ନ ସମ୍ପର୍କରେ ମୁହଁ ନ ଖୋଲିଲେ ସେମାନଙ୍କ ସମସ୍ୟା ସବୁଦିନ ଅନ୍ଧାରରେ ରହିଯିବ ବୋଲି ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ପ୍ରକାଶ କରିଛନ୍ତି।

୦୮

୧୭

**ପଦାର୍ପଣରେ ପୃଥ୍ୱୀଙ୍କ ଶତକ**

ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟେଷ୍ଟ ପଦାର୍ପଣ କରି ୧୮ ବର୍ଷୀୟ ଭାରତୀୟ ଓପନର ପୃଥ୍ୱୀ ଶ ପ୍ରଥମ ଇନିଂସରେ ଶତକ ହାସଲ କରିଛନ୍ତି।



କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ: ପୋଲାଭରମ୍ ଜଳଧାରଣ କ୍ଷମତା ଜଣାଅ

........୩........

### ଆଜିର ସମ୍ପାଦକୀୟ

**ଏବେ ରାଜ୍ୟର ପାଳି**

### ଆଜିର ମନ୍ତବ୍ୟ

" ପରିବେଶ ସଂକ୍ରାନ୍ତ ବିଷୟଗୁଡ଼ିକ ଉପରେ ଗବେଷଣା ପାଇଁ ପ୍ରୋତ୍ସାହନ ଯୋଗାଇବା ଜରୁରୀ ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଜୁଲାଇରେ ଘରୋଇ ବଜାରର ବାଣିଜ୍ୟ ନିଅଣ୍ଟ ୫ ବର୍ଷର ସର୍ବୋଚ୍ଚ ସ୍ତରରେ ରହିବା ସହ ୧୮.୨ ବିଲିୟନ ଡଲାର ଛୁଇଁଥିଲା। ଅଗଷ୍ଟରେ ଏହା ୧୭.୪ ବିଲିୟନ ଡଲାରକୁ ହ୍ରାସ ଘଟିଛି। – ବାଣିଜ୍ୟ ମନ୍ତ୍ରଣାଳୟ


NATIONAL EGG CO-ORDINATION COMMITTEE 04.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 57 | 102 | 112 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 60 | 106 | 116 |
| BLS | 61 | 107 | 117 |
| ANG | 60 | 106 | 116 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers


# ତେଲରେ ଅଢ଼େଇ ଟଙ୍କାର ଆଶ୍ୱସ୍ତି

ନୂଆଦିଲ୍ଲୀ,୪।୧୦

କେନ୍ଦ୍ର ସରକାର ଗୁରୁବାର ତୈଳ ଦର ଅଢ଼େଇ ଟଙ୍କା ହ୍ରାସ କରିଛନ୍ତି। ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ଦେଢ଼ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରାଯାଇଥିବା ବେଳେ ତୈଳ ବିପଣନ କମ୍ପାନୀ ଆଉ ଟଙ୍କାଟିଏ ଦର ହ୍ରାସ ବୋଝ ବହନ କରିବେ। ଗୁରୁବାର ଏ ସମ୍ପର୍କରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏଠାରେ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ତେଲ ଦର ହ୍ରାସ କରିବା ଲାଗି କେନ୍ଦ୍ର ସରକାରଙ୍କ ଆହ୍ୱାନକୁ ଗ୍ରହଣ କରି ୧୧ଟି ଭାଜପା ନେତୃତ୍ୱାଧୀନ ରାଜ୍ୟ ମହାରାଷ୍ଟ୍ର, ଗୁଜରାଟ, ଛତିଶଗଡ଼, ତ୍ରିପୁରା,ଝାଡଖଣ୍ଡ,ଉତ୍ତର ପ୍ରଦେଶ,ମଧ୍ୟପ୍ରଦେଶ,ହିମାଚଳ ପ୍ରଦେଶ, ହରିଆଣା, ଆସାମ, ଉତ୍ତରାଖଣ୍ଡ ଓ ରାଜ୍ୟପାଳ ଶାସନାଧୀନ ଜାମ୍ମୁ-କଶ୍ମୀର ତେଲ ଦର ଉପରେ ଆହୁରି ଅଢ଼େଇ ଟଙ୍କା ହ୍ରାସ ଘୋଷଣା କରିଛନ୍ତି। ଫଳରେ ଏହି ସବୁ ରାଜ୍ୟରେ ଗ୍ରାହକମାନେ ୫ ଟଙ୍କା ଶସ୍ତାରେ ପେଟ୍ରୋଲ ଓ ଡିଜେଲ ପାଇବେ। ଏହି ନୂଆ ଦର ଗୁରୁବାର ମଧ୍ୟରାତ୍ରିରୁ ଲାଗୁ ହେବ। ଅର୍ଥମନ୍ତ୍ରୀଙ୍କ ଆହ୍ୱାନ ପରେ ଆହୁରି ଅନେକ ଭାଜପା ଶାସିତ ରାଜ୍ୟ ତେଲ ଦର କମାଇବା ନେଇ ଘୋଷଣା କରିବେ ବୋଲି ଆଶାକରାଯାଉଛି। ତୈଳ ଦର ହ୍ରାସ ସଂକ୍ରାନ୍ତରେ ଘୋଷଣା କରି ଜେଟ୍‌ଲୀ କହିଛନ୍ତି ଯେ, ଗୁରୁବାର ଅନୁଷ୍ଠିତ ଆନ୍ତଃମନ୍ତ୍ରଣାଳୟର ବୈଠକ ପରେ ପେଟ୍ରୋଲ ଓ ଡିଜେଲ ଉପରେ ୧.୫୦ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଛଡ଼ା ତୈଳ ବିପଣନ କମ୍ପାନୀମାନେ ଲିଟର ପ୍ରତି ୧ ଟଙ୍କା ଦର ହ୍ରାସ କରି ଏହାର କ୍ଷତି ସହିବେ। ଫଳରେ ଗ୍ରାହକଙ୍କୁ ତୁରନ୍ତ ୨.୫୦ଟଙ୍କା ଶସ୍ତାରେ ତେଲ ମିଳିବ। ଉତ୍ପାଦ ଶୁଳ୍କ ହ୍ରାସ କାରଣରୁ କେନ୍ଦ୍ର ସରକାର ଚଳିତ ବର୍ଷ ୧୦,୫୦୦ କୋଟି ଟଙ୍କା ହରାଇବେ। କେନ୍ଦ୍ର ସରକାର ତେଲ ଦର ଅଢ଼େଇ ଟଙ୍କା ହ୍ରାସ କରିଥିବା ବେଳେ ଏବେ ରାଜ୍ୟ ସରକାରଗୁଡ଼ିକ ସମାନ ☞ପୃଷ୍ଠା-୨

### ୧୨ ରାଜ୍ୟରେ ଦର ୫ଟଙ୍କା କମିଲା



- ୧.୫୦ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ
- ଟଙ୍କାଏ ବୋଝ ସମ୍ଭାଳିବେ ତୈଳ ବିପଣନ କମ୍ପାନୀ
- କେନ୍ଦ୍ର ହରାଇବ ୧୦,୫୦୦ କୋଟି

# ବିଚାର କରି ନିଷ୍ପତ୍ତି ନେବୁ: ଶଶିଭୂଷଣ

ଭୁବନେଶ୍ୱର, ୪।୧୦(ବ୍ୟୁରୋ)

କେନ୍ଦ୍ର ସରକାର ତୈଳଦର ଅଢେଇ ଟଙ୍କା ହ୍ରାସ କରିବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲ ଓ ଡିଜେଲ ଉପରୁ ରାଜ୍ୟ ସରକାର ଆଉ ଅଢେଇ ଟଙ୍କା କମାନ୍ତୁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ଏନେଇ ଅନୁଧ୍ୟାନ କରିବା ପରେ ନିଷ୍ପତ୍ତି ନେବେ ବୋଲି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ସ୍ପଷ୍ଟ କରିଛନ୍ତି। ଭୁବନେଶ୍ୱରସ୍ଥିତ ଭାଜପା ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଗୋଟିଏ ପ୍ରସଙ୍ଗ ଭାରତୀୟ ଅର୍ଥନୀତିକୁ ବଡ ଦ୍ୱନ୍ଦ୍ୱରେ ପକାଇଛି।

### ତୈଳଦରକୁ ନେଇ ରାଜନୀତି

ଆନ୍ତଃରାଷ୍ଟ୍ରୀୟ ବଜାରରେ ତୈଳଦର ବୃଦ୍ଧି ହେବାରୁ ଅସୁବିଧା ସୃଷ୍ଟି ହୋଇଥିଲା। କେନ୍ଦ୍ର ସରକାର ଏଥି ପ୍ରତି ସଚେତନ ଅଛନ୍ତି। ଏବେ ସୁଖବର ଆସି ପହଞ୍ଚିଛି। କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ ଉପରୁ ଅଢେଇ ଟଙ୍କା ହ୍ରାସ କରିଛନ୍ତି। ଉତ୍ପାଦ ଶୁଳ୍କ ଓ କମ୍ପାନୀର ଲାଭକୁ କମ୍ କରି ତୈଳ ଦର ହ୍ରାସ କରିଛନ୍ତି। ଏହାଛଡ଼ା ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ରାଜ୍ୟ ସରକାରଗୁଡ଼ିକୁ ଲୋକମାନଙ୍କ ପ୍ରତି ଉତ୍ତରଦାୟୀ ☞ପୃଷ୍ଠା-୨

■ କାର୍-ବାଇକ୍ ଧକ୍କା: ଆଇନ ହାତକୁ ନେଲେ ଲୋକେ

# ଡ୍ରାଇଭରଙ୍କୁ ପିଟି ମାରିଦେଲେ

ଭୋଗରାଇ, ୪।୧୦(ଡି.ଏନ.ଏ.)

ରାସ୍ତା ଦୁର୍ଘଟଣାକୁ କେନ୍ଦ୍ର କରି ଉତ୍ୟକ୍ତ ଲୋକେ ଆଇନକୁ ହାତକୁ ନେଇ ଜଣେ କାର୍ ଡ୍ରାଇଭରଙ୍କୁ ପିଟି ହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଜଗନ୍ନାଥପୁର-ଭୁଷଣ୍ଡେଶ୍ୱର ରାସ୍ତା ପଥରେଶ୍ୱର ଛକଠାରେ ବୁଧବାର ରାତିରେ ଘଟିଛି। ମୃତକ ହେଲେ ସିଂଲା ଥାନା ଅଞ୍ଚଳର କାର୍ ଚାଳକ ହରିଶ୍ଚନ୍ଦ୍ର କାମିଳା (୫୪)। ପୋଲିସ ଏନେଇ ତଦନ୍ତ କରିବା ପରେ ମାମଲା (ନଂ.୧୬୬/୧୮)ରୁଜୁ କରି ସ୍ଥାନୀୟ ଶୁଖଷଣ୍ଢା ଗ୍ରାମର ମୃତ୍ୟୁଞ୍ଜୟ ଗିରି(୪୦)ଙ୍କୁ ଗିରଫ କରିଛି।

ଡ୍ରାଇଭର ହରିଶ୍ଚନ୍ଦ୍ର ବୁଧବାର ରାତି ପ୍ରାୟ ୯ଟା ବେଳେ କାର୍ ନେଇ ଆସୁଥିବା ସମୟରେ ପଥରେଶ୍ୱର ଛକ ନିକଟରେ ଏକ ବାଇକ ସହ ଧକ୍କା ହୋଇଥିଲା। ଏଥିରେ କାହାରି କିଛି କ୍ଷତି ଘଟି ନ ଥିଲା। ଏହି ଦୁର୍ଘଟଣାକୁ ନେଇ ବାଇକ୍ ଆରୋହୀ ଓ କାର୍ ☞ପୃଷ୍ଠା-୨

■ ପ୍ରାଥମିକ ଶିକ୍ଷକଙ୍କ କ୍ୟାଡର ପୁନର୍ଗଠନ

# ଗ୍ରେଡ୍ ପେ' ବୃଦ୍ଧି କଲେ ସରକାର

ଭୁବନେଶ୍ୱର,୪।୧୦(ବ୍ୟୁରୋ)

ରାଜ୍ୟ ସରକାର ଗୁରୁବାର ପ୍ରାଥମିକ ଶିକ୍ଷକମାନଙ୍କର ଗ୍ରେଡ୍ ପେ' ବୃଦ୍ଧି କରିଛନ୍ତି। ଏହାଦ୍ୱାରା ୭୨,୫୬୩ ପ୍ରାଥମିକ ଶିକ୍ଷକ ଉପକୃତ ହେବେ। ଏଥିସହିତ କ୍ୟାଡର ପୁନର୍ଗଠନ କରାଯିବ। ଶିକ୍ଷକମାନଙ୍କର ଗ୍ରେଡ୍ ପେ' ୨୮୦୦ ଟଙ୍କା ହେବା ସହ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ମିଳିବ। ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ଦାବିକୁ ଅନୁମୋଦନ କରିବା ପରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନକୁ ପ୍ରତ୍ୟାହାର କରିନେଇଛି ବୋଲି ସଂଘ ସଭାପତି ରାଜେଶ ମହାନ୍ତି କହିଛନ୍ତି। ସ୍କୁଲ ଓ ଗଣଶିକ୍ଷା ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଶିକ୍ଷକମାନଙ୍କର ଦାବିକୁ ଗ୍ରହଣ କରିଛନ୍ତି। କ୍ୟାଡର ପୁନର୍ଗଠନ ହେଲେ ଶିକ୍ଷକମାନେ ଲେଭଲ-୨, ଲେଭଲ-୪ ଏବଂ ଲେଭଲ-୫ କ୍ୟାଟେଗୋରୀକୁ ପଦୋନ୍ନତି ପାଇପାରିବେ। ସରକାରଙ୍କ ଏହି ନିଷ୍ପତ୍ତିକୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ☞ପୃଷ୍ଠା-୨

### ଉପକୃତ ହେବେ ୭୨ ହଜାର ଶିକ୍ଷକ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସୋହା
ପରିବାରବର୍ଗ


ମିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified



**SALE**

Tata Manza of white colour saloon, owner driven 2011 for sale. Contact: 9937203178. D-62128



**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-64337

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Commercial Plot just opposite to the 2nd Proposed International Airport for 7 Lakhs with Great Bypass Highway going beside the Airport. Contact: 7205555455. D-8709

ଜଟଣୀଗେଟ୍ NH-5 ୪୦୦ ମିଟର ଦୂରତାରେ ସ୍ଥିତିବାନ ପ୍ଲଟ ପୋଜେସନ ସହ ୪୬୯/- ଏବଂ ରେଡଙ୍ଗ ଷ୍ଟେସନ ପାଖରେ ୩୩୯/- 7008202635, 9938066403. D-64321

Readymade 3BHK new flat, 3rd floor at BJB Nagar, No Tax. 9439716901 (Broker Excuse). D-64196

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64331

Gharabari plot with revenue road and electricity near Patia Station, Bhubaneswar. 7077110394. D-8711

**2/3 BHK flats sales near Patia Bigbazar Station road. 8455826156.** D-64340

Homestead, gharabari, yellowzone land 9000 sqft. (222 decml) 80ft. frontage to 60ft. road & 100 mtrs away from 200ft. road, 4kms. from KIIMS Medical College for sale at Mouza Sunderpur, Bhubaneswar. Contact: 9437095996. D-64195

**3BHK readymade flats sales topfloor, Patia KIIT Jagannath Temple near KIIMS Medical. Free ceiling or 3 rooms AC, Contact. 8455826156.** D-64339

ଭୁବନେଶ୍ୱର Infocity-2 ପାଖରେ BDA yellowzone plot 30' ରାସ୍ତାଥାଇ କିଣନ୍ତୁ। 9348767829. D-64338

Readymade 3BHK duplex flat 1st floor at Tankapani Road, no tax. 9337195890. D-8739



300 sqft. AC furnished commercial showroom A/43, Ruchika Market near Reliance Fresh, Baramunda, Bhubaneswar suitable for ladies corner, boutique, jewellery, medicine. Contact: 8763246739. D-63383

Ground floor 2 bedroom, 2 toilet, kitchen, dining, drawing, puja in sweet complex Ganga Nagar, BBSR. Contact: 9438629114. D-50203

2BR, hall, 2 bathroom, store/ study, family 12,000/-, BJB Nagar, Bhubaneswar. 9899614970. D-63384



All type of massage and good therapy full body massage Sai herbal spa. 7609005923. D-64205

Opening newly ayurvedic full body massage ladies, gents. 7438851534, 7609923705. D-38535

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

୧୭ତମ ଶ୍ରାଦ୍ଧବାର୍ଷିକୀ



୰ ଶଶୀକଳା ପଣ୍ଡା

ଆବିର୍ଭାବ: ୩୦.୧୧.୧୯୫୦
ତିରୋଧାନ: ୧୪.୦୯.୨୦୦୧
(ଆଶ୍ୱିନ କୃଷ୍ଣପକ୍ଷ ଏକାଦଶୀ)

ଆପଣ ଚାଲିଯିବାର ଚାହୁଁ ଚାହୁଁ ୧୭ ବର୍ଷ ବିତିଗଲା। ଆପଣଙ୍କ ଆଦର୍ଶ ଆମମାନଙ୍କ ଆଶାଭରସା ଓ ପ୍ରେରଣାର ଉତ୍ସ ହୋଇ ଯୁଗ ଯୁଗ ଧରି ରହିବ। ଆଜି ଆପଣଙ୍କର ପବିତ୍ର ଶ୍ରାଦ୍ଧଦିବସରେ ଆପଣଙ୍କର ଅମର ଆତ୍ମାର ଚିରଶାନ୍ତି ପାଇଁ ଆମେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।

ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଭାରତୀ ବିଦ୍ୟାଳୟ
ବକ୍ସିବଜାର ରୋଡ୍, କଟକ-୧
ଫୋ: ୨୪୨୨୬୬୩, ୨୪୩୩୪୯୭

ଧ-୬୫୦୧୧

## LOST

I Akshya Kumar Dash lost my patta vide Khata No.- 437 plot no.- 228/797, area Ac0. 030 decimals, Kisam gharabari plot no.- 203/795, area Ac0.040 decimal somewhere. If found contact: 9937002222. D-8736

### ପ୍ରଥମ ବାର୍ଷିକ ଜନ୍ମଦିନ ଶୁଭେଚ୍ଛା



(ଦୀଉ)

**ଦେବାଂଶୀ ଦାସ**

ରାଉତପଡ଼ା (ନୀଳବାଡ଼ି), ରୂପ୍ସା, ବାଲେଶ୍ୱର
ଜନ୍ମତାରିଖ: ୦୫।୧୦।୧୭

ଆଜି ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ। ତମେ ଦୀର୍ଘାୟୁ, ଯଶସ୍ୱୀ ହୁଅ। ଶୁଭେଚ୍ଛା ସହ: ଜେଜେମାଆ, ଜେଜେବାପା, ମାଆ, ବାପା, କାକୀ, କକା ଓ ଅଜାଆଇ। ଧ-୮୭୩୦

### ଜନ୍ମଦିନ ଶୁଭେଚ୍ଛା



(Soha)

**Arzoo Afshana**

ବାହାରଣା, ନିଆଳି, କଟକ

ଆଜି ତୋର ଏହି ପବିତ୍ର ଜନ୍ମଦିବସରେ ମଙ୍ଗଳମୟ ବିଶ୍ୱପିତାଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ, ତୋତେ ଯଶସ୍ୱୀ ଓ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଇ, ବାବା, ମମି, ମାମୁ, ମାଉସୀ, ଅପା- ସୁଇଟି, ବିଉଟି, ସୀମା, କାକୁ, ସୁମନ, ସାନୁ, ସାହିଲ୍, ଭାଇ-ସ୍ୱୟଂ, ବନ୍ଧୁ ଓ ପରିବାରବର୍ଗ। ଧ-୮୭୦୮

### ଜନ୍ମଦିନ ଶୁଭେଚ୍ଛା



(ମିତା)

**ସସ୍ମିତା କୁମାରୀ ଜେନା**

କୋରାପୁଟ

ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମର ଚଲାପଥ କୁସୁମିତ କରିବା ସହିତ ତୁମକୁ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାରବର୍ଗ। ଧ-୮୭୩୨

ଭୁବନେଶ୍ୱର ମୁକାମ ସିଭିଲ ଜଜ୍ ସିନିୟର ଡିଭିଜନ, ଅଦାଲତ-୨, ଭୁବନେଶ୍ୱର ସି.ଏସ୍.ନଂ- ୫୫୭/୨୦୧୫। ଶୈଳବାଳା ରଥ ଓଗେର- ବାଦୀମାନେ/ ଦରଖାସ୍ତକାରୀମାନେ ବନାମ ଭୀମସେନ ଆପାଟ ଓଗେର- ପ୍ରତିବାଦୀମାନେ/ ଅପରପକ୍ଷମାନେ

**ନୋଟିସ୍**

ଦେୱାନୀ କାର୍ଯ୍ୟାବିଧି ଅର୍ଡ଼ର- ୫, ରୁଲ୍- ୨୦ ମତେ। ଶ୍ରୀମତୀ ଗାୟତ୍ରୀ ନାୟକ, ବୟସ- ୪୦ବର୍ଷ, ସ୍ୱାମୀ- ମୃତ ଶୁଭକାନ୍ତ ନାୟକ, ଗ୍ରାମ- ବାଆବଜା, ପୋ- ତରାବୋଇ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା। ଉପରୋକ୍ତ ବାଦୀମାନେ ଆପଣଙ୍କ ବିରୁଦ୍ଧରେ ଏକ ସ୍ୱତ୍ୱ ପ୍ରଚାର, ଦଖଲ ସାବ୍ୟସ୍ତ ଓ ଚିରସ୍ଥାୟୀ ନିଷେଧାଜ୍ଞା ମକଦ୍ଦମା ଆଗତ କରିଅଛନ୍ତି। ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଧାର୍ଯ୍ୟ ତାରିଖ ତା ୦୪।୧୧।୨୦୧୮ ରେ ଦିବା ୧୦.୩୦ ସମୟରେ ଆପଣ ସ୍ୱୟଂ କିମ୍ବା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଜରିଆରେ ହାଜରହୋଇ ଜବାବ ଦାଖଲ କରିବେ ନଚେତ୍ ମକଦ୍ଦମା ଏକ ତରଫା ବିଚାର କରାଯିବ। ଅଦାଲତଙ୍କ ସହି ମୋହର କ୍ରମେ ଅଦ୍ୟ ତା ୦୫।୦୯।୨୦୧୮। ସ୍ୱା ବରିଷ୍ଠ ସିଭିଲ ଜଜ୍ ଅଦାଲତ-୨, ଭୁବନେଶ୍ୱର। ତଫସିଲ ବୃତ୍ତି: ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ମୌଜା- ତରାବୋଇ, ଖାତା ନଂ- ୨୭୫, ପ୍ଲଟ ନଂ- ୨୯, ଏରିଆ- ଏ୦.୩୯୫ ଡ଼ିସିମିଲ ଏବଂ ପ୍ଲଟ ନଂ- ୩୦, ଏରିଆ- ଏ୦.୦୬୦ ଡ଼େସିମିଲ ଏହାର ମ୍ୟୁଟେସନ୍ ଖାତା ନ.- ୨୧୮/୧୨୦ ଅଟେ। ଧ-୮୭୩୧


# ସୁଧୁରିବେନି ଟ୍ରେନ ଯାତ୍ରୀ

## ଚୋରି ହୋଇଯାଉଛି ଟାୱେଲ, ବେଡଶିଟ୍, କମ୍ବଳ

ନୂଆଦିଲ୍ଲୀ,୪।୧୦: ଯାହା ଜଣାପଡୁଛି ଆମ ଦେଶର ଟ୍ରେନ ଯାତ୍ରୀମାନେ କେବେ ହେଲେ ସୁଧୁରିବେନି। ବିଭିନ୍ନ କାରଣରୁ ରେଲୱେ ସମ୍ପତ୍ତି ଭଙ୍ଗାରୁଜା କରିବା ଆଜିକାଲି ସାଧାରଣ ଘଟଣା ହୋଇଥିବା ବେଳେ ଟ୍ରେନ ଯାତ୍ରୀମାନେ ନିଜର ଯାତ୍ରା ଶେଷରେ ବ୍ୟବହାର ପାଇଁ ଦିଆଯାଉଥିବା ଟାୱେଲ, ବେଡ୍‌ସିଟ୍ ଓ କମ୍ବଳ ଆଦିକୁ ଚୋରେଇ ନେଉଛନ୍ତି। ଏହା ଲଜ୍ଜାକର ହେଲେ ମଧ୍ୟ ସତ୍ୟ। 'ମୁମ୍ବାଇ ମିରର' ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଦୂର ସ୍ଥାନର ଯାତ୍ରୀ ଅଦ୍ୟାବଧି ୧.୯୫ ଲକ୍ଷ ଟାୱେଲ, ୮୧,୭୩୬ ବେଡ୍‌ସିଟ୍, ୫୫,୫୭୩ ତକିଆ ଖୋଳ, ୫୦୩୮ ତକିଆ ଏବଂ ୭୦୪୩ କମ୍ବଳ ଚୋରେଇ ନେଇଛନ୍ତି। ସେଣ୍ଟ୍ରାଲ ରେଲୱେର ସିପିଆର୍‌ଓ ସୁନୀଲ ଉଦସୀଙ୍କ ବକ୍ତବ୍ୟକୁ ଉଦ୍ଧାର କରି ରିପୋର୍ଟରେ ଦର୍ଶାଯାଇଛି ଯେ, ଚଳିତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ କେବଳ କେନ୍ଦ୍ରୀୟ ରେଲୱେରେ ୬୨ ଲକ୍ଷ ଟଙ୍କାର ୭୯୩୫୦ ଟାୱେଲ, ୨୭,୫୪୫ ବେଡ୍‌ସିଟ୍, ୨୧,୦୫୦ ତକିଆ ଖୋଳ, ୨୧୫୦ ତକିଆ ଏବଂ ୨୦୬୫ କମ୍ବଳକୁ ଯାତ୍ରୀମାନେ ଚୋରି କରି ନେଇଛନ୍ତି। ଚଳିତ ସପ୍ତାହରେ ରତ୍‌ଲାମ ନିବାସୀ ସାବି ରୋଟିୱାଲାଙ୍କୁ ବାନ୍ଦ୍ରା ଟର୍ମିନସ୍‌ରେ ବେଡ୍‌ସିଟ୍ ଚୋରି କରିବା ଅଭିଯୋଗରେ ଗିରଫ କରାଯାଇଥିଲା। ତାଙ୍କ ନିକଟରୁ ୬ଟି ବେଡ୍‌ସିଟ୍, ୩ଟି ତକିଆ ଏବଂ ୩ଟି କମ୍ବଳ ଜବତ ହୋଇଥିଲା। ଏସି ବଗିରେ ଦୂରଯାତ୍ରା କରି ବାନ୍ଦ୍ରା ଟର୍ମିନସ୍‌ରେ ଓହ୍ଲାଇବା ବେଳେ ତାଙ୍କୁ ଗିରଫ କରାଯାଇଥିଲା। ସେ ନିଜ ବ୍ୟାଗ୍‌ରେ ଏହି ସବୁ ସାମଗ୍ରୀ ଭର୍ତ୍ତି କଲା ବେଳେ ଟ୍ରେନ ଆଟେଣ୍ଡାଣ୍ଟ ଦେଖିଥିଲେ।

## ପ୍ରଥମ ପୃଷ୍ଠାରୁ...

### ତେଲରେ ଅଢ଼େଇ...

ପରିମାଣ ଦର ହ୍ରାସ କରନ୍ତୁ, ଯାହା ଦ୍ୱାରା ଗ୍ରାହକ ୫ ଟଙ୍କା ଶସ୍ତାରେ ତେଲ ପାଇବେ। ସେ କହିଛନ୍ତି ଯେ, ଆମେରିକାରେ ସୁଧ ହାର ବଢ଼ିଛି, ଯାହାର ପ୍ରଭାବ ଭାରତୀୟ ଷ୍ଟକ ଓ ମୁଦ୍ରା ବଜାର ଉପରେ ପଡୁଛି। ଫଳରେ ଏଠାରେ ଅସ୍ଥିରତା ଦେଖାଦେଇଛି। ଟଙ୍କାର ମୂଲ୍ୟ ହ୍ରାସକୁ ନିୟନ୍ତ୍ରଣରେ ରଖିବା ପାଇଁ ପୂର୍ବରୁ ସରକାରଙ୍କ ପକ୍ଷରୁ କେତେକ ପଦକ୍ଷେପ ନିଆଯାଇଛି। ଇତିମଧ୍ୟରେ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ବୋର୍ଡକୁ ବଦଳାଯାଇଛି। ସରକାର ଆମଦାନୀ ଉପରେ କଟକଣା ଜାରି କରିଛନ୍ତି। ମୁଦ୍ରାସ୍ଫୀତି ୪% ମଧ୍ୟରେ ନିୟନ୍ତ୍ରଣରେ ରହିଛି। ଗତ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୮.୨% ରହିଛି। ଉଲ୍ଲେଖଥାଉ କି, ତୈଳ ଦର ହ୍ରାସ ସମ୍ପର୍କରେ ଘୋଷଣା କରିବା ପୂର୍ବରୁ ଅର୍ଥ ମନ୍ତ୍ରୀ ଜେଟ୍‌ଲୀ କେନ୍ଦ୍ର ତୈଳ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତୈଳ ସଚିବଙ୍କୁ ଭେଟିଥିଲେ। ମୂଲ୍ୟ ହ୍ରାସ ଯୋଗୁ ଅର୍ଥନୀତି ଉପରେ ପଡିବାକୁ ଥିବା ପ୍ରତିକୂଳ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ।

### ଡ୍ରାଇଭରଙ୍କୁ ପିଟି...

ଡ୍ରାଇଭରଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ସ୍ଥାନୀୟ ଲୋକେ ଆସି ଭିଡ ଜମାଇଥିଲେ। ସେମାନେ ବାଇକ୍ ଆରୋହୀଙ୍କୁ ସମର୍ଥନ କରି କାର୍ ଡ୍ରାଇଭରଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ଡ୍ରାଇଭର ହରିଶ୍ଚନ୍ଦ୍ର ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆହତ ଡ୍ରାଇଭରଙ୍କୁ ତୁରନ୍ତ ଜଳେଶ୍ୱରପୁର ଡାକ୍ତରଖାନାକୁ ପଠାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସାମାନ୍ୟ ଦୁର୍ଘଟଣାରୁ ଏଭଳି ହତ୍ୟାକାଣ୍ଡ ଘଟିଥିବାରୁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ଶୁଖଷଣ୍ଡା ଗ୍ରାମର ମୃତ୍ୟୁଞ୍ଜୟଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ କାର୍‌କୁ ଜବତ କରାଯାଇଛି। ଅନ୍ୟ ଆକ୍ରମଣକାରୀଙ୍କୁ ପୋଲିସ ଖୋଜାଖୋଜି କରୁଛି ବୋଲି ଆଇଆଇସି ନରେନ୍ଦ୍ର କୁମାର ଦାସ ସୂଚନା ଦେଇଛନ୍ତି।

### ବିଚାର କରି ନିଷ୍ପତ୍ତି ...

ହେବାକୁ ଅନୁରୋଧ କରିଛନ୍ତି। କେତେକ ରାଜ୍ୟ ଅଢେଇ ଟଙ୍କା ଲେଖାଏ ପୁଣି ହ୍ରାସ କରିଛନ୍ତି। ମୁଁ ଓଡିଶାରେ ଥିବାରୁ ରାଜ୍ୟ ସରକାରଙ୍କୁ ନିବେଦନ କରୁଛି, ଓଡିଶା ମଧ୍ୟ ଅଢେଇ ଟଙ୍କା ହ୍ରାସ କରୁ। ରାଜନୈତିକ ଅଭିସନ୍ଧି କାରଣରୁ କେନ୍ଦ୍ର ଉପରେ ରାଜ୍ୟ ସରକାର ବର୍ଷୁଛନ୍ତି ଠିକ୍ ଅଛି। ମିଛ ଆନ୍ଦୋଳନ କରୁଥିଲେ ତାହା ମଧ୍ୟ ଠିକ୍ ଅଛି। କେନ୍ଦ୍ର ସରକାର ଏବେ ତୈଳ ଦର କମାଇଲେ, ବର୍ତ୍ତମାନ ଗରିବ ଲୋକଙ୍କ ଦାୟିତ୍ୱ ନେଇ ରାଜ୍ୟ ସରକାର କମାନ୍ତୁ ବୋଲି ସେ କହିଛନ୍ତି।

ଏନେଇ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, କେନ୍ଦ୍ର ଅଢେଇ ଟଙ୍କା କମାଇବାରେ ରାଜ୍ୟ ସରକାରଙ୍କ ୬୫ପଇସା ଯୋଡି ହୋଇଛି। ଏହାଦ୍ୱାରା ରାଜ୍ୟର ୬୫ପଇସା ଟ୍ୟାକ୍ସ ହ୍ରାସ ପାଇଛି। ସେହି ଦୃଷ୍ଟିରୁ ରାଜ୍ୟବାସୀ ୩ଟଙ୍କା ୧୫ପଇସା କମ୍‌ରେ ପେଟ୍ରୋଲ, ଡିଜେଲ ପାଇବେ। ଏବେ ଯେଉଁ ପଦକ୍ଷେପ କେନ୍ଦ୍ର ସରକାର ନେଇଛନ୍ତି ସେକଥା ଆଗରୁ ମୁଁ ପ୍ରସ୍ତାବ ଦେଇଥିଲି। ମାତ୍ର କେନ୍ଦ୍ରମନ୍ତ୍ରୀ ମୁଁ ବିତଣ୍ଡା ଯୁକ୍ତି କରୁଛି ବୋଲି କହିଥିଲେ। ରାଜ୍ୟ ସରକାର ଅଢେଇ ଟଙ୍କା କମାନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଯେଉଁ ଅପିଲ୍ କରିଛନ୍ତି ସେନେଇ ବିଚାର କରାଯିବ। ଅନ୍ୟ ରାଜ୍ୟଗୁଡ଼ିକୁ ଦେଖି ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଶଶିଭୂଷଣ କହିଛନ୍ତି।

### ଗ୍ରେଡ୍ ପେ' ବୃଦ୍ଧି କଲେ...

ଫେଡେରେଶନ ଓ ଓଡ଼ିଶା ମିଳିତ ପ୍ରାଥମିକ ମହାସଂଘ ପକ୍ଷରୁ ସ୍ୱାଗତ କରାଯାଇଛି।

ସୂଚନାଯୋଗ୍ୟ, ଦାବି ପୂରଣ ନେଇ ୨୦୧୭ ନଭେମ୍ବର ୮ରେ ପ୍ରାଥମିକ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । ସରକାରଙ୍କ ପ୍ରତିଶ୍ରୁତି ପରେ ସଂଘ ଆନ୍ଦୋଳନକୁ ୯ ତାରିଖରେ ସ୍ଥଗିତ ରଖିଥିଲା। ସଂଘ ତରଫରୁ ବହୁବାର ସରକାରଙ୍କ ସହିତ ଆଲୋଚନା ପରେ ଅର୍ଥ ବିଭାଗର ଅନୁମୋଦନ ପରେ ଉକ୍ତ ନିଷ୍ପତ୍ତିକୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। କ୍ୟାଡର ପୁନର୍ଗଠନ ଫଳରେ ନୂତନ ଏଲିମେଣ୍ଟାରୀ କ୍ୟାଡରରେ ବରିଷ୍ଠ ଶିକ୍ଷକ (ସିନିୟର ଟିଚର), ସ୍ନାତକ ଶିକ୍ଷକ (ଗ୍ରାଜୁଏଟ୍ ଟିଚର) ଓ ବରିଷ୍ଠ ପ୍ରଧାନ ଶିକ୍ଷକ (ସିନିୟର ହେଡ୍‌ମାଷ୍ଟର) ପଦବୀ ସୃଷ୍ଟି ହେବ । ଏହି ଘୋଷଣା ପରେ ମୁଖ୍ୟମନ୍ତ୍ରୀ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବଙ୍କୁ ସଂଘ ତରଫରୁ ଧନ୍ୟବାଦ ଦିଆଯାଇଛି ।

■ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮

# ଓଡ଼ିଶାରେ ଜାପାନ କନ୍‌ସଲ୍ ଜେନେରାଲ

## ଅର୍ଥ ଏବଂ ଶିଳ୍ପମନ୍ତ୍ରୀଙ୍କ ସହ ଆଲୋଚନା

ଭୁବନେଶ୍ୱର,୪।୧୦(ବ୍ୟୁରୋ)

ଜାପାନ କନ୍‌ସଲ୍ ଜେନେରାଲ ମାସାୟୁକି ଟାଗା ଗୁରୁବାର ଓଡ଼ିଶା ଗସ୍ତରେ ଆସି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏବଂ ଶିଳ୍ପମନ୍ତ୍ରୀ ଅନନ୍ତ ଦାସଙ୍କୁ ସାକ୍ଷାତ କରିଛନ୍ତି। ସଚିବାଳୟରେ ଗୁରୁବାର ମାସାୟୁକି ଅର୍ଥମନ୍ତ୍ରୀ ବେହେରାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି। ଆସନ୍ତା ନଭେମ୍ବରରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮ରେ ଜାପାନ ପ୍ରମୁଖ ସହଯୋଗୀ। ତେଣୁ ଜାପାନରୁ ଯେପରି ଅଧିକ ପୁଞ୍ଜିନିବେଶକାରୀ ଭାଗନେବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଜଣାପଡିଛି। ରାଜ୍ୟରେ ଖଣିଜ ବ୍ୟତୀତ ଇଲେକ୍ଟ୍ରୋନିକ୍ସ ଓ ଇଲେକ୍ଟ୍ରିକାଲ ଉପକରଣ ଯଥା-ଏଲ୍‌ଇଡି ଏବଂ ସୋଲାର ଲାଇଟ୍ ଫାର୍ମାସ୍ୟୁଟିକାଲ ଶିଳ୍ପ ପାଇଁ ଅନୁକୂଳ ବ୍ୟବସ୍ଥା ରହିଥିବା ଅର୍ଥମନ୍ତ୍ରୀ ଜାପାନ କନ୍‌ସଲ୍ ଜେନେରାଲଙ୍କୁ କହିଛନ୍ତି।



ଜାପାନ କନ୍‌ସଲ୍ ଜେନେରାଲ ମାସାୟୁକି ଟାଗାଙ୍କ ସହ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା।

ଅନୁରୂପ ଭାବେ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ କନ୍‌ସଲ୍ ଜେନେରାଲ ମାସାୟୁକିଙ୍କୁ ସାକ୍ଷାତ କରିଥିଲେ। ନିକଟରେ ମନ୍ତ୍ରୀ ପ୍ରତିନିଧି ମଣ୍ଡଳୀ ସହ ଜାପାନ ଗସ୍ତବେଳେ ମିଳିଥିବା ଆତିଥେୟତାର ଭୂୟସୀ ପ୍ରଶଂସା କରିଥିଲେ। ରାଜ୍ୟରେ ଥିବା ଖଣିଜ ସମ୍ପଦ, ପରିବହନର ସୁବିଧା, ଶକ୍ତି, ବନ୍ଦର ଏବଂ ସର୍ବୋପରି ପ୍ରକଳ୍ପ ଅନୁମୋଦନ ନିମନ୍ତେ ଏକକ ବାତାୟନ ବ୍ୟବସ୍ଥା ଜାପାନ ପୁଞ୍ଜିନିବେଶକାରୀଙ୍କୁ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଶିଳ୍ପାୟନ ସହ ଉଭୟ ରାଷ୍ଟ୍ର ମଧ୍ୟରେ ଶିକ୍ଷା, ସଂସ୍କୃତି ଓ ଗବେଷଣାରେ ମଧ୍ୟ ଆଦାନପ୍ରଦାନ ହୋଇପାରିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି। ମାସାୟୁକି କହିଛନ୍ତି ଯେ, ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିରେ ଜାପାନ ସହଯୋଗ କରିବ। ଓଡ଼ିଶାର କଳା ଓ ସାଂସ୍କୃତିକ ବୈଭବ ଅନନ୍ୟ। ଆସନ୍ତା ମାସରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ସଫଳତା କାମନା କରୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜି କେତୁଙ୍କ ନକ୍ଷତ୍ରରେ ପାପଗ୍ରହ ଯୁକ୍ତ ଚନ୍ଦ୍ର କର୍ମକ୍ଷେତ୍ର ଓ ପାରିବାରିକ ଜୀବନରେ ସମସ୍ୟା ସୃଷ୍ଟି କରିବେ। ତଥାପି କେନ୍ଦ୍ରସ୍ଥ ଗ୍ରହ ପ୍ରଭାବରୁ କୌଣସି କାମରେ ପଛକୁ ଫେରିବେ ନାହିଁ। ଯେକୌଣସି କ୍ଷେତ୍ରରେ ମଧ୍ୟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ସାମାଜିକ ଜୀବନରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ।

**ବୃଷ** — କର୍ମାଧିପତି ଅଷ୍ଟମସ୍ଥ ଯୋଗୁ ପ୍ରତ୍ୟେକ କାମ ସମସ୍ୟାବହୁଳ ହେବାର ସୂଚନା ରହିଛି। ପାପଯୁକ୍ତ ସପ୍ତମାଧିପତି ଜନିତ ସ୍ତ୍ରୀଙ୍କ ସହ ମତଭେଦ କିମ୍ବା ଅସୁସ୍ଥତା ଅଥବା କୌଣସି ମହିଳାଙ୍କ ପ୍ରତି ଆସକ୍ତି ଜନିତ ମିଥ୍ୟାରୋପ ଲାଗିପାରେ । ବ୍ୟବସାୟ, ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ।

**ମିଥୁନ** — ଏକାଦଶାଧିପ ଦୁଃସ୍ଥାନ ଓ ପାପଯୁକ୍ତ ହେତୁ ଯାହା ପାଇବାକୁ ଚାହୁଁଛନ୍ତି ସେଥିପାଇଁ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହେବେ। ତଥାପି ପରିସ୍ଥିତିବଶତଃ ଆପଣଙ୍କୁ ନିଜର ଘର କାମ ସଙ୍ଗକୁ ବନ୍ଧୁମାନଙ୍କ କାମକୁ ମଧ୍ୟ ଅଗ୍ରାଧିକାର ଭିତରେ କରିବାକୁ ପଡିବ। ଅଫିସ କାମରେ ବିଭିନ୍ନ ଦିଗରୁ ଆଲୋଚନା କରିବାକୁ ପଡିପାରେ।

**କର୍କଟ** — ସ୍ୱଗୃହୀ ଚନ୍ଦ୍ର ସ୍ୱାସ୍ଥ୍ୟକୁ ନିୟନ୍ତ୍ରଣ ମଧ୍ୟରେ ରଖିଲେ ମଧ୍ୟ କାର୍ଯ୍ୟଭାବର ବୋଝ ଆପଣଙ୍କୁ ଅତିଷ୍ଠ କରିପାରେ। ନୂତନ ସ୍ଥାନ, ନୂଆ କାମ, ଅଜଣା ଲୋକମାନଙ୍କ ସଂସ୍ପର୍ଶରେ ଆସି ନିଜକୁ ସାମାନ୍ୟ ସଂକୁଚିତବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଙ୍ଗ୍ ପ୍ରଭୃତିରେ ଜଞ୍ଜାଳ ବୃଦ୍ଧି ପାଇବ। ବ୍ୟବସାୟ, ପରିବହନ ବାଧାପ୍ରାପ୍ତ ହୋଇପାରେ।

**ସିଂହ** — ଭାଗ୍ୟାଧିପତି ଉଚ୍ଚସ୍ଥ ଥିବାରୁ ବୁଦ୍ଧିବଳ ସଙ୍ଗକୁ କୌଶଳ ପ୍ରୟୋଗକରି କାର୍ଯ୍ୟ ସାଧନ କରିବେ। ତଥାପି ଷଷ୍ଠଭାବର ପ୍ରାବଲ୍ୟତା କାରଣରୁ ଈର୍ଷା ଓ ଅସୂୟା ଜନିତ ପରୋକ୍ଷରେ ଅନ୍ୟମାନେ ପଛରେ ବିଭିନ୍ନ ପ୍ରକାରର ସମାଲୋଚନା କରିପାରନ୍ତି। କେତେକ ପରିସ୍ଥିତିରେ ଆପଣଙ୍କ ମନ କଥା ଅପ୍ରକାଶ୍ୟ ରହିଯିବ।

**କନ୍ୟା** — କାର୍ଯ୍ୟଦକ୍ଷତା ସଙ୍ଗକୁ ଯୁକ୍ତିଯୁକ୍ତ ଶାଳୀନତାପୂର୍ଣ୍ଣ ବ୍ୟବହାର ଯୋଗୁ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହୋଇପାରିବେ। ଭାବୁଥିବା କାମଟିକୁ ଶେଷ କରିପାରିବା କ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟାର ସାମ୍ନା କରିବାକୁ ପଡିପାରେ। ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେବ।

**ତୁଳା** — ସ୍ୱରାଶିସ୍ଥ ଶୁକ୍ର ଓ ଉଚ୍ଚାରୋହୀ ଶନି ଆପଣଙ୍କୁ ସମ୍ମାନଜନକ ସ୍ଥିତିରେ ରଖିବାରେ ସମର୍ଥ ହେବ। ଆକସ୍ମିକ ଭାବେ ଆର୍ଥିକ ଅଭାବ ଇଚ୍ଛା ପୂରଣରେ ବାଧା ସୃଷ୍ଟି କରିବାର ସୂଚନା ରହିଛି କିନ୍ତୁ କୌଣସି ଅସୁବିଧା ହେବନାହିଁ। ରାଜନୀତି, ନିର୍ମାଣ ଓ କଳା, ସାହିତ୍ୟ କ୍ଷେତ୍ରରେ ସୁନାମକୁ ନିକଟସ୍ଥ ବ୍ୟକ୍ତିମାନେ ଈର୍ଷାନ୍ୱିତ ହେବେ।

**ବିଛା** — ତୃତୀୟସ୍ଥ ପାପଗ୍ରହ ଯୁକ୍ତ ମଙ୍ଗଳ ଭ୍ରାତୃ, ପଡୋଶୀ କିମ୍ବା ସହକର୍ମୀଙ୍କ ସହ ସୁସମ୍ପନ୍ଧ ରଖି ନ ପାରେ। ଅବଶ୍ୟ କର୍ମକ୍ଷେତ୍ର, ଆର୍ଥିକ ସ୍ଥିତି, ସଭାସମିତି, ପ୍ରଶାସନ ଓ ଜମିଜମା କାରବାର ପାଇଁ ଦିନଟି ମନ୍ଦ ହେବନି। ଜମା ଭଲ ପଡୁ ନ ଥିବା ନିଜ ପରିସରର ଲୋକମାନେ ଆପଣଙ୍କ ଅପଯଶ ଗାଇ ବୁଲିପାରନ୍ତି।

**ଧନୁ** — ଦ୍ୱିତୀୟସ୍ଥ ମଙ୍ଗଳ ହେତୁ ଆପଣଙ୍କ କଠୋର ଅପ୍ରିୟସତ୍ୟ ଆଧାରିତ ବାକ୍ୟାଳାପ ସମସ୍ୟା ସୃଷ୍ଟି କରିବ। ଆର୍ଥିକସ୍ଥିତି ମଜଭୁତ୍ ରହିବା ଦୁଃସାହସିକ ପଦକ୍ଷେପ କର୍ମକ୍ଷେତ୍ରର ପ୍ରତିବନ୍ଧକକୁ ହଟାଇ ନେଇପାରେ। ଆଗାମୀ ଦିନର ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ମକର** — ଦୁଇଟି ଗ୍ରହ ଉଚ୍ଚସ୍ଥ ଏବଂ ଅନ୍ୟ ଦୁଇଟି ସ୍ୱଗୃହୀ ହେତୁ ଆଜିର ଦିନଟିର କୌଣସି ସ୍ମରଣୀୟ ମୁହୂର୍ତ୍ତ ଆପଣଙ୍କ ପାଇଁ ଆସିବ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଖର୍ଚ୍ଚଭାର ବୃଦ୍ଧି ମାନସିକ ଅଶାନ୍ତିର କାରଣ ହେବାର ସୂଚନା ରହିଛି। ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେଇପାରେ।

**କୁମ୍ଭ** — ସମସ୍ୟାର ସମାଧାନ କରିବା ସଙ୍ଗକୁ ଋଣ ପରିଶୋଧ କରି ଆଶ୍ୱସ୍ତି ଲାଭ କରିବେ। ପାରସ୍ପରିକ ଆଲୋଚନାରେ ବିବାଦୀୟ ଘଟଣା ମୀମାଂସିତ ହୋଇ ଆଗାମୀ କର୍ମକ୍ଷେତ୍ର ପାଇଁ ମାର୍ଗ ଉନ୍ମୁକ୍ତ କରିବ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରି ପ୍ରଶଂସିତ ହେବେ।

**ମୀନ** — ଅଷ୍ଟମସ୍ଥ ବୃହସ୍ପତି ଓ ପାପଗ୍ରହ ଯୁକ୍ତ ଚନ୍ଦ୍ରଜନିତ କର୍ମକ୍ଷେତ୍ରରେ ସମସ୍ୟାଗୁଡ଼ିକ ଆପଣାଛାଏଁ ସୁଧୁରି ଯିବ। ତଥାପି ଅନ୍ୟମାନଙ୍କ ମନକୁ ମନେଇ କାମ ହାସଲ କରିବେ। କଳା, ସାହିତ୍ୟ ପ୍ରତି ଅନୁରାଗ ବଢ଼ିବ ଓ ପ୍ରଶଂସିତ ମଧ୍ୟ ହେବେ। ବନ୍ଧୁଙ୍କ ସହାୟତାରେ ହଠାତ୍ ପାଇଥିବା ସୁଯୋଗର ସଦ୍ ବ୍ୟବହାର କରିପାରିବେ।

ଆଜି ଆଶ୍ୱିନ କୃଷ୍ଣପକ୍ଷର ଇନ୍ଦିରା ଏକାଦଶୀ ଶୁକ୍ରବାର, ଅକ୍ଟୋବର ୫ ତାରିଖ, ରାଶି ନକ୍ଷତ୍ର- ଅଶ୍ଳେଷା/କର୍କଟ, ଏକାଦଶୀର ଶ୍ରାଦ୍ଧ, ବ୍ରତ, ଉପବାସ, ଦିବା ଘ.୭।୧୦ମି. ମଧ୍ୟେ ଘ.୩।୫୮ମି. ଗତେ, ଘ.୫।୨୬ମି. ମଧ୍ୟେ ଅମୃତ ବେଳା। ଦିବା ଘ.୭।୧୦ମି. ଗତେ ଘ.୮।୩୮ମି. ମଧ୍ୟେ, ଘ.୧୧।୩୪ମି. ଗତେ ଘ.୧।୦୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୦୭ମି. ଗତେ ଘ.୧୧।୩୫ମି. ମଧ୍ୟେ ରାହୁକାଳ।




# କେନ୍ଦ୍ରକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ: ପୋଲାଭରମ୍ ଜଳଧାରଣ କ୍ଷମତା ଜଣାଅ

ଭୁବନେଶ୍ୱର ୪।୧୦(ବ୍ୟୁରୋ)

ପୋଲାଭରମ୍ ଜଳଭଣ୍ଡାରର ଜଳଧାରଣ କ୍ଷମତା କେତେ ସେ ବିଷୟରେ ସମସ୍ତ ତଥ୍ୟ ଶୁକ୍ରବାର ସୁଦ୍ଧା ଦେବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡିଶା ସରକାରଙ୍କ ଆବେଦନ ଉପରେ ଶୁଣାଣି କରି ଗୁରୁବାର ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ବିନା ପରିବେଶ ଅନୁମୋଦନରେ ପ୍ରକଳ୍ପକୁ କିପରି କାର୍ଯ୍ୟକାରୀ କରାଗଲା ସେ ନେଇ କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରାଯାଇଛି। ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ଯେଉଁ ଅନୁମୋଦନ ଦିଆଯାଇଛି ତାହା ବୈଧ କି ନୁହେଁ କେନ୍ଦ୍ର ସରକାର ଜବାବ ଦେବା ଜରୁରୀ ବୋଲି ଓଡିଶା ପକ୍ଷରୁ କୋର୍ଟରେ ଦାବି ଉପସ୍ଥାପନ କରାଯାଇଥିଲା।ଜଳଭଣ୍ଡାରକୁ ଯଦି ଅତିରିକ୍ତ ୫୦ ଲକ୍ଷ କ୍ୟୁସେକ ପାଣି ପ୍ରବେଶ କରିବ ତେବେ ଏହାର ପ୍ରଭାବ ଓଡିଶା, ତେଲେଙ୍ଗାନା, ଛତିଶଗଡ ଏବଂ ଆନ୍ଧ୍ରପ୍ରଦେଶ ଉପରେ କ'ଣ ହେବ ସେ ନେଇ କୌଣସି ଅଧ୍ୟୟନ କରାଯାଇଛି କି ବୋଲି ସୁପ୍ରିମ୍‌କୋର୍ଟ କେନ୍ଦ୍ରକୁ ପୂର୍ବରୁ ପ୍ରଶ୍ନ କରିଥିଲେ। ଏ ନେଇ କୌଣସି ରିପୋର୍ଟ ପ୍ରସ୍ତୁତ କରାଯାଇଛି କି ? ଯଦି ନ ହୋଇଛି ତେବେ ମହାରାଷ୍ଟ୍ରର ପୁଣେଠାରେ ଥିବା କେନ୍ଦ୍ରୀୟ ଏଜେନ୍ସି ଜରିଆରେ ଏ ନେଇ ରିପୋର୍ଟ ପ୍ରସ୍ତୁତ କରି ସେପ୍ଟେମ୍ବର ୫ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଥିଲା। ଏହା ଛଡା ଗୋଦାବରୀ ନଦୀର ପଛୁଆ ପାଣିର ସାନ୍ଦ୍ରତା କେତେ ରହିବ ସେ ନେଇ ସମ୍ପୂର୍ଣ୍ଣ ରିପୋର୍ଟ ଦେବାକୁ କୁହାଯାଇଛି।

ସୂଚନା ଦିଆଯାଇ ପାରେ ଯେ ପୋଲାଭରମ୍ ପ୍ରକଳ୍ପର ପରିବେଶ ଅନୁମୋଦନକୁ ନେଇ ସୁପ୍ରିମ୍‌କୋର୍ଟ କେନ୍ଦ୍ର ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ଠାରୁ ଅଗଷ୍ଟ ୨ରେ ଜବାବ ମାଗିଥିଲେ। ଓଡିଶା ସରକାରଙ୍କ ତୃତୀୟ ଆବେଦନର ଶୁଣାଣି କରି ଜଷ୍ଟିସ ମଦନ ବି ଲୋକୁର ଏବଂ ଦୀପକ ଗୁପ୍ତା କେନ୍ଦ୍ର ଓ ଆନ୍ଧ୍ର ସରକାରଙ୍କୁ ୩ ସପ୍ତାହ ମଧ୍ୟରେ ନିଜର ପକ୍ଷ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ରାଜ୍ୟ ସରକାର ନିଜ ଆବେଦନରେ ଦର୍ଶାଇଥିଲେ ଯେ ପୋଲାଭରମ୍ ପ୍ରକଳ୍ପ ନିର୍ମାଣ ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲ ରାୟକୁ ଉଲ୍ଲଂଘନ କରୁଛି। ଜୁନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ପ୍ରକଳ୍ପର ପରିବେଶ ଅନୁମୋଦନକୁ ନେଇ କେନ୍ଦ୍ର ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସେ କହିଥିଲେ ଯେ, ରାଜ୍ୟ ସରକାର ମନ୍ତ୍ରଣାଳୟକୁ ଅସ୍ଥାୟୀ ଭାବେ କାର୍ଯ୍ୟ ବନ୍ଦ କରିବାକୁ ଅନୁରୋଧ କରି ନ ଥିଲେ। ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ଓଡିଶାର ମାଲକାନଗିରି ଜିଲାର ବହୁ ଆଦିବାସୀ ଗ୍ରାମ ଜଳମଗ୍ନ ହେବାର ଆଶଙ୍କା ରହିଛି। ଏହାକୁ ବିରୋଧ କରି ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।




| Models | Hexa | Tigor | Tiago | Nexon |
|---|---|---|---|---|
| Ex-Showroom price starts at | ₹12.57 Lakh* | ₹5.30 Lakh* | ₹4.24 Lakh* | ₹6.40 Lakh* |
| October benefits up to | ₹1,00,000* | ₹70,000* | ₹40,000* | ₹55,000* |

Authorised Tata Motors Dealers:

EXCHANGE THROUGH TATA MOTORS ASSURED

BHUBANESWAR- Trupti Enterprises- 8527232272, Shree Bharat Motors- 8884498977, PURI - Trupti Enterprises- 8527232272 NAYAGARH- Trupti Enterprises- 8527232272. PARADIP- Trupti Enterprises- 8527232272, CUTTACK- Gugnani Autocars:7290055388, ANGUL- Monalisha Motors: 8884498968. DHENKANAL- Monalisha Motors: 8884498968. BALASORE: Shree Bharat Motors: 8884498976. KEONJHAR/JAJPUR- Gugnani Autocars: 7290055388.. BERHAMPUR - Shree Bharat Motors: 8884498978. JEYPORE- Laxmi Sales & Service- 8448994722.

Offer valid on select model/colour and on available stocks at Tata Motors authorized dealerships. Benefits include insurance, exchange bonus, savings due to expected price hike, corporate offers & cash discounts if any. Images and illustrations are indicative & for information purposes only. All features/specifications are not available in all variants & may vary for different variants. Accessories may or may not be a part of standard fitment. Finance is at the sole discretion of the Financier. Price is Ex-showroom Bhubaneswar. *All disputes and decisions regarding Festival of Gifts are at the sole discretion of Tata Motors Ltd. and Channel Play Ltd. Terms & Conditions apply.




Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

Honda Exclusive Authorized Dealerships: ANGUL: Laxmi Honda - 8908010431, 8908025000; TALCHER: Anupama Honda - 06760-242181, 7852930599; DHENKANAL: Ganpati Honda - 7852949320, 7852949310; ANANDPUR: Pritam Honda - 9437876766, 7504045272.
For Bulk/Institutional enquiries, please write us at: institutionalsales@honda2wheelersindia.com

ଏହା ଏକ ଅଦ୍ଭୁତ ଘଟଣା ଯେ, ମଣିଷ ଭଗବାନଙ୍କୁ ଭଲ ପାଇ ପାରେ। ଅଥଚ, ସେ ମନୁଷ୍ୟଙ୍କୁ ଭଲପାଇପାରେ ନାହିଁ। ତା'ହେଲେ କାହାକୁ ସେ ଭଲ ପାଏ ? -ଶ୍ରୀଅରବିନ୍ଦ

# ଏବେ ରାଜ୍ୟର ପାଳି

କେନ୍ଦ୍ର ସରକାର ପେଟ୍ରୋଲିୟମ୍ ଦର ଲିଟର ପିଛା ଟ୨.୫୦ ହ୍ରାସ କରି ପରିସ୍ଥିତିର ମୁକାବିଲା କରିବାକୁ ଚେଷ୍ଟା କରିଛନ୍ତି। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି ଯେ, ସରକାର ଉତ୍ପାଦନ ଶୁଳ୍କ ଦେଢ଼ଟଙ୍କା ହ୍ରାସ କରିଥିବା ବେଳେ ତୈଳ ବିପଣନ କମ୍ପାନୀ (ଓଏମ୍‌ସି)ଗୁଡ଼ିକ ଏକ ଟଙ୍କା ବହନ କରିବେ। ଫଳରେ ଦର ମୋଟ ଅଢ଼େଇ ଟଙ୍କା ହ୍ରାସ ପାଇବ। ସରକାରଙ୍କ ଏହି ପଦକ୍ଷେପକୁ ସବୁ ସ୍ତରରୁ ସ୍ୱାଗତ କରାଯାଇଛି। ଗତ ଛଅମାସ ଧରି ତୈଳଦରର ନିରବଚ୍ଛିନ୍ନ ବୃଦ୍ଧି ଜାରି ରହିଥିବା ବେଳେ ଉତ୍ପାଦନ ଶୁଳ୍କ କମାଯିବା ଜରୁରୀ ଥିଲା। ପେଟ୍ରୋଲ ଦର ବୃଦ୍ଧି ପାଇ ଦିଲ୍ଲୀରେ ଲିଟର ପିଛା ୮୪ ଟଙ୍କା ହେବାକୁ ବସିଥିବା ବେଳେ ମୁମ୍ବାଇରେ ତାହା ୯୧ ଟଙ୍କାକୁ ଟପି ସାରିଲାଣି। ଓଡ଼ିଶାରେ ପେଟ୍ରୋଲ ଦର ୮୦ ପାଖାପାଖି ରହିଥିବା ବେଳେ ଡିଜେଲ ୭୭ ଟଙ୍କାରେ ବିକ୍ରି ହେଉଛି। ବ୍ରେଣ୍ଟ ଅଶୋଧିତ ତୈଳ ବୁଧବାର ବ୍ୟାରେଲ ପିଛା ୮୬ ଡଲାର ଛୁଇଁଛି, ଯାହା ଗତ ଚାରିବର୍ଷ ଭିତରେ ସର୍ବାଧିକ। ବର୍ତ୍ତମାନ ସାଧାରଣ ପେଟ୍ରୋଲ ଉପରେ ଲିଟର ପିଛା ଟ୧୯.୪୮ ସ୍ଥାନରେ ଟ୧୭.୯୮ ଏବଂ ବ୍ରାଣ୍ଡେଡ୍ ପେଟ୍ରୋଲ ଉପରେ ଟ୨୦.୬୬ ସ୍ଥାନରେ ଟ୧୮.୧୬ ଉତ୍ପାଦନ ଶୁଳ୍କ ଆଦାୟ କରାଯିବ। ସେହିପରି ହାଇସ୍ପିଡ୍ ଡିଜେଲ ଉପରେ ଉତ୍ପାଦନ ଶୁଳ୍କ ଟ୧୫.୩୩ ସ୍ଥାନରେ ଟ୧୩.୮୩ ଏବଂ ବ୍ରାଣ୍ଡେଡ୍ ହାଇସ୍ପିଡ୍ ଡିଜେଲ ଉପରେ ଟ୧୭.୬୯ ସ୍ଥାନରେ ଟ୧୬.୧୯ ଆଦାୟ କରାଯିବ। ଏହାଦ୍ୱାରା ଚଳିତ ବିତ୍ତୀୟ ବର୍ଷର ଅବଶିଷ୍ଟ ଦିନଗୁଡ଼ିକ ପାଇଁ ସରକାରଙ୍କର ୧୦,୫୦୦ କୋଟି ଟଙ୍କା ରାଜସ୍ୱ ହାନି ଘଟିବ, ଯାହା ବିତ୍ତୀୟ ନିଅଣ୍ଟର ୦.୦୫ ପ୍ରତିଶତ ହେବ।

କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ମଧ୍ୟ ଅନ୍ତତଃ ସମାନ ପରିମାଣର ଭାଟ୍ ହ୍ରାସ କରିବା ପାଇଁ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାରଗୁଡ଼ିକ, ବିଶେଷତଃ ଯେଉଁମାନେ ଉତ୍ପାଦନ ଶୁଳ୍କ ହ୍ରାସ କରିବା ପାଇଁ କେନ୍ଦ୍ର ଆଗରେ ଦାବି କରି ଆସୁଥିଲେ, ସେମାନେ ଏ ଆହ୍ୱାନକୁ ଉପେକ୍ଷା କରିବା କଷ୍ଟକର ହେବ। ପେଟ୍ରୋଲ ଓ ଡିଜେଲ ଉପରେ ଭାଟ୍‌ର ପରିମାଣ ବିଭିନ୍ନ ରାଜ୍ୟରେ ଅଲଗା ଅଲଗା। ଉତ୍ପାଦନ ଶୁଳ୍କ ମାଧ୍ୟମରେ ତୈଳ ଉପରୁ କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ପରିମାଣର ରାଜସ୍ୱ ଆୟ କରୁଥିବା ବେଳେ ରାଜ୍ୟଗୁଡ଼ିକ ତୈଳର ମୂଲ୍ୟ ଅନୁପାତରେ ଭିନ୍ନ ଭିନ୍ନ ପରିମାଣର ଭାଟ୍ ଆଦାୟ କରିଥାନ୍ତି, ଯାହା କେତେକ ରାଜ୍ୟରେ ସର୍ବାଧିକ ୩୧ ପ୍ରତିଶତ। ଗତ କିଛି ତ୍ରିମାସୀ ଭିତରେ ତୈଳଦର ବୃଦ୍ଧି ପାଇବା ଯୋଗୁ ରାଜ୍ୟ ସରକାରଗୁଡ଼ିକ ଭାଟ୍ ମାଧ୍ୟମରେ ପ୍ରବଳ ଟିକସ ଆଦାୟ କରି ଟିକସ-ଭିତ୍ତିକୁ ସମ୍ପ୍ରସାରଣ କରିଛନ୍ତି। ତେଣୁ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ସହ ତାଳଦେଇ ଟିକସ ହ୍ରାସ କରିବାରେ କୌଣସି ଅସୁବିଧା ନାହିଁ। କେନ୍ଦ୍ର ସରକାର ଉତ୍ପାଦନ ଶୁଳ୍କ ହ୍ରାସ ଘୋଷଣା କରିବା ପରେ ପରେ କେତେକ ରାଜ୍ୟ ସରକାର ଯଥା ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଗୁଜରାଟ, ତ୍ରିପୁରା, ଛତିଶଗଡ଼ ଓ ଉତ୍ତରପ୍ରଦେଶ- ସମସ୍ତେ ଭାଜପାଶାସିତ ରାଜ୍ୟ- ଲିଟର ପିଛା ଟ୨.୫୦ ଭାଟ୍ ହ୍ରାସ କରିଛନ୍ତି। ଯେତେବେଳେ ଏନ୍‌ଡିଏ ସରକାର ଗତବର୍ଷ ଉତ୍ପାଦନ ଶୁଳ୍କ ୨ଟଙ୍କା ହ୍ରାସ କରିଥିଲେ, ସେତେବେଳେ ବି ଏନ୍‌ଡିଏ-ଶାସିତ ରାଜ୍ୟଗୁଡ଼ିକ ଭାଟ୍ ହ୍ରାସ କରିଥିଲେ। ଗତ ମାସରେ କର୍ନାଟକ, ପଶ୍ଚିମବଙ୍ଗ, ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶ ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହ୍ରାସ କରିଥିଲେ। ଓଡ଼ିଶା ସରକାର ଏବେ ଭାଟ୍ ହ୍ରାସ କରିପାରନ୍ତି, କାରଣ ଏ ସରକାର ଆଗରୁ ତାହା କରିନାହାନ୍ତି।

## ଆଜିର ଅର୍ଥନୀତି

ତେବେ ଟ୨.୫୦ରୁ ୫ଟଙ୍କା ପର୍ଯ୍ୟନ୍ତ ଟିକସ ହ୍ରାସ କରିଦେବା ଦ୍ୱାରା ତୈଳ ସମସ୍ୟାର ସ୍ଥାୟୀ ସମାଧାନ ହେବ ନାହିଁ। ଯଦି ଅଶୋଧିତ ତୈଳଦର ଏମିତି ବୃଦ୍ଧି ପାଇଚାଲେ ଏବଂ ଟଙ୍କାର ମୂଲ୍ୟ ହ୍ରାସ ପାଇଚାଲେ, ତେବେ ଉକ୍ତ ପଦକ୍ଷେପର ସୀମିତ ପ୍ରଭାବ ପଡ଼ିବ। ତେଣୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଟଙ୍କାର କ୍ରମାଗତ ଅବମୂଲ୍ୟାୟନ କେବେ ବନ୍ଦ ହେବ ଏବଂ କେଉଁ ସ୍ତରରେ ତାହା ସ୍ଥିର ରହିବ। ନଭେମ୍ବର ପରେ ଯେତେବେଳେ ଇରାନ ଉପରେ କଟକଣା ଲାଗିବ, ସେତେବେଳେ ତୈଳ ମୂଲ୍ୟର ଅବସ୍ଥା କ'ଣ ହେବ ? ରିଜର୍ଭ ବ୍ୟାଙ୍କର ଆର୍ଥିକ ନୀତି କମିଟି ବୈଠକ ତିନିଦିନ ହେଲା ବସିଥିବା ବେଳେ ସେମାନେ ରେପୋହାର ବୃଦ୍ଧି କରିବାରୁ ନିବୃତ୍ତ ରହିବା ଦରକାର। କିନ୍ତୁ କେନ୍ଦ୍ରୀୟ ବ୍ୟାଙ୍କ ଏହା ବୃଦ୍ଧି କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଟଙ୍କା ଦୁର୍ବଳ ହୋଇଚାଲିବା ସହ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ପାଇଚାଲିଛି। ଏଥି ସହ କୃଷକମାନଙ୍କର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ମଧ୍ୟ ବଢ଼େଇ ଦିଆଯାଇଛି। ଏ ସବୁ ମିଶି ମୁଦ୍ରାସ୍ଫୀତି ଉପରେ ଅତ୍ୟଧିକ ଚାପ ସୃଷ୍ଟି କରିବ। ଏଥିସହ ବିଶ୍ୱ ବାଣିଜ୍ୟରେ ହ୍ରାସ ଏବଂ କଟକଣା ବୃଦ୍ଧି ମଧ୍ୟ ମୁଦ୍ରାସ୍ଫୀତି ଉପରେ ପ୍ରଭାବ ପକାଇବ। ଗତ ଦୁଇ ତ୍ରିମାସୀରେ ରିଜର୍ଭ ବ୍ୟାଙ୍କ ରେପୋହାର ୫୦ ବେସିସ୍ ପଏଣ୍ଟ ବୃଦ୍ଧି କରିସାରିଥିବାରୁ ଏବେ ଆଉ ବୃଦ୍ଧି ନ କରି ସ୍ଥିତାବସ୍ଥା ବଜାୟ ରଖିବା ଉଚିତ। ଅଧିକନ୍ତୁ ସିପିଆଇ ମୁଦ୍ରାସ୍ଫୀତି ତଥାପି ସାନ୍ତ୍ୱନାମୂଳକ ଭାବେ ୪ ପ୍ରତିଶତ ତଳେ ରହିଛି। ବର୍ତ୍ତମାନ ରେପୋହାର ବୃଦ୍ଧି କରାଗଲେ କେନ୍ଦ୍ର ସରକାର ଉତ୍ପାଦନ ଶୁଳ୍କ ହ୍ରାସ କରି ତୈଳଦର କମାଇବା ମାଧ୍ୟମରେ ସାଧାରଣ ଖାଉଟିଙ୍କୁ ଯେତିକି ଆଶ୍ୱସ୍ତି ଦେଇଛନ୍ତି, ତାହା ବ୍ୟର୍ଥ ହୋଇଯିବ। ଆଗକୁ ପାର୍ବଣର ସମୟ ଥିବାରୁ ଏବଂ ସରକାର ଅଳ୍ପ କିଛିଦିନ ତଳେ ୧୯ଟି ବସ୍ତୁ ଉପରେ ଆମଦାନୀ ଶୁଳ୍କ ବଢ଼ାଇଥିବାରୁ ରିଜର୍ଭ ବ୍ୟାଙ୍କ ସ୍ଥିତାବସ୍ଥା ବଜାୟ ରଖିବା ଉଚିତ। କେନ୍ଦ୍ର ସରକାର ତାଙ୍କ କର୍ତ୍ତୃତ୍ୱରେ ଥିବା ଉତ୍ପାଦନ ଶୁଳ୍କ ହ୍ରାସ କରିଥିବାରୁ ଏବେ ଓଡ଼ିଶା ପରି ରାଜ୍ୟଗୁଡ଼ିକ ଆଉ ବିଳମ୍ବ ନ କରି ତୁରନ୍ତ ଭାଟ୍ କାଟିବା ଦରକାର।

# ସ୍ୱଚ୍ଛ ପର୍ଯ୍ୟାବରଣ ମାନବ ସଶକ୍ତୀକରଣର ଆଧାର



ନରେନ୍ଦ୍ର ମୋଦି

ମିଳିତ ଜାତିସଂଘ ଏଇ ବୁଧବାର ମୋତେ 'ଚାମ୍ପିୟନ୍ସ ଅଫ୍ ଦି ଆର୍ଥ ପୁରସ୍କାର'ରେ ସମ୍ମାନିତ କରିଛି। ଏହି ସମ୍ମାନ ପ୍ରାପ୍ତହୋଇ ମୁଁ ଅତ୍ୟନ୍ତ ଅଭିଭୂତ, କିନ୍ତୁ ଅନୁଭବ କରୁଛି ଯେ, ଏହି ପୁରସ୍କାର କୌଣସି ବ୍ୟକ୍ତିବିଶେଷଙ୍କ ପାଇଁ ନୁହେଁ। ଏହା ଭାରତୀୟ ସଂସ୍କୃତି ଏବଂ ମୂଲ୍ୟବୋଧର ସ୍ୱୀକୃତି, ଯିଏ ସର୍ବଦା ପ୍ରକୃତି ସହିତ ସୌହାର୍ଦ୍ଦ୍ୟ ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଆସିଛି।

ଜଳବାୟୁ ପରିବର୍ତ୍ତନରେ ଭାରତର ସକ୍ରିୟ ଭୂମିକାକୁ ମାନ୍ୟତା ମିଳିବା ଏବଂ ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଏବଂ ୟୁଏନ୍‌ଇପିର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏରିକ୍ ସୋଲାହିମ୍‌ଙ୍କ ଦ୍ୱାରା ଭାରତର ଭୂମିକାକୁ ପ୍ରଶଂସା କରାଯିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ମୁହୂର୍ତ୍ତ। ମାନବ ଏବଂ ପ୍ରକୃତି ମଧ୍ୟରେ ସ୍ୱତନ୍ତ୍ର ସମ୍ପର୍କ ରହିଛି। ପ୍ରକୃତିମାତା ସର୍ବଦା ଆମକୁ ପାଳନ-ପୋଷଣ କରିଆସିଛନ୍ତି। ପ୍ରାରମ୍ଭିକ ସଭ୍ୟତାଗୁଡ଼ିକ ନଦୀତଟରେ ପ୍ରତିଷ୍ଠିତ ହୋଇଥିଲା। ପ୍ରକୃତି ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଢଙ୍ଗରେ ରହୁଥିବା ସମାଜ ପରିପୁଷ୍ଟ ଏବଂ ସମୃଦ୍ଧ ହୋଇଥାଏ।

ମାନବ ସମାଜ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣରେ ଛିଡ଼ା ହୋଇଛି। ଆମେ ଯେଉଁ ରାସ୍ତା ନିର୍ଦ୍ଧାରଣ କରିଛୁ ତାହା କେବଳ ଆମର କଲ୍ୟାଣ ନିର୍ଦ୍ଧାରଣ କରିବ ନାହିଁ, ବରଂ ଆମ ପରେ ଏହି ଗ୍ରହକୁ ଆସିବାକୁ ଥିବା ପିଢ଼ିକୁ ମଧ୍ୟ ସୁଖରେ ରଖିବ। ଲୋଭ ଏବଂ ଆବଶ୍ୟକତା ମଧ୍ୟରେ ସନ୍ତୁଳନ ନ ରହିବା ଗମ୍ଭୀର ପରିବେଶଗତ ଅସନ୍ତୁଳନ ସୃଷ୍ଟି କରିଥାଏ। ଆମେ ଏହାକୁ ସ୍ୱୀକାର କରିପାରିବା କିମ୍ବା ପୂର୍ବ ଭଳି ଚାଲିପାରିବା ବା ସୁଧାର ଲାଗି ଉପାୟ କରିପାରିବା। ଏସବୁ କଥାରୁ ଏହା ନିର୍ଦ୍ଧାରଣ ହେବ ଯେ କିପରି ଏକ ସମାଜ ସାର୍ଥକ ପରିବର୍ତ୍ତନ ଆଣିପାରିବ।

ପ୍ରଥମ ହେଉଛି ଅନ୍ତରୀଣ ଚେତନା। ସେଥିପାଇଁ ନିଜ ଗୌରବମୟ ଅତୀତକୁ ଦେଖିବାଠାରୁ ଅନ୍ୟ କିଛି ସ୍ଥାନ ହୋଇପାରିବ ନାହିଁ। ପ୍ରକୃତି ପ୍ରତି ସମ୍ମାନ ଭାରତୀୟ ପରମ୍ପରାର ମୂଳରେ ରହିଛି। ଅଥର୍ବବେଦରେ ପୃଥିବୀ ସୁକ୍ତ ସାମିଲ ରହିଛି, ଯେଉଁଥିରେ ପ୍ରକୃତି ଏବଂ ପରିବେଶ ବିଷୟରେ ଅଥଳ ଜ୍ଞାନ ରହିଛି। ଏହାକୁ ଅଥର୍ବବେଦରେ ଖୁବ୍ ସୁନ୍ଦର ଭାବେ ଲେଖାଯାଇଛି।

'ଯସ୍ୟାଂ ସମୁଦ୍ର ଉତ ସିନ୍ଧୁରାପୋ ଯସ୍ୟାମନ୍ନଂ କୃଷ୍ଟୟଃ ସଂବଭୁବୁଃ। ଯସ୍ୟାମିଦଂ ଜିନ୍ୱାତି ପ୍ରାଣଦେଜସ୍ତା ନୋ ଭୂମିଃ ପୂର୍ବପେୟେଦଧାତୁଃ' ଅର୍ଥାତ୍- ମାତା ପୃଥିବୀ ଅଭିନନ୍ଦନ। ତାଙ୍କଠାରେ ସନ୍ନିହିତ ରହିଛି ମହାସାଗର ଏବଂ ନଦୀର ଜଳ; ତାଙ୍କ ଠାରେ ସନ୍ନିହିତ ହୋଇ ରହିଛି ଭୋଜନ ଯାହା ଭୂମିକୁ ହଳ କରିବା ଦ୍ୱାରା ସେ ପ୍ରକଟ କରିଥାନ୍ତି; ତାଙ୍କଠାରେ ନିଶ୍ଚିତ ଭାବେ ସମସ୍ତ ଜୀବନ ସମାହିତ ହୋଇରହିଛି, ସେ ଆମକୁ ଜୀବନ ପ୍ରଦାନ କରନ୍ତୁ। ଋଷିଗଣ ପଞ୍ଚତତ୍ତ୍ୱ- ପୃଥିବୀ, ବାୟୁ, ଜଳ, ଅଗ୍ନି, ଆକାଶ ବିଷୟରେ ଲେଖିଯାଇଛନ୍ତି ଏବଂ କହିଯାଇଛନ୍ତି ଯେ କିପରି ଆମ ଜୀବନ ପଦ୍ଧତି ଏସବୁ ତତ୍ତ୍ୱର ସମାହାର ଉପରେ ଆଧାରିତ। ପ୍ରକୃତିର ତତ୍ତ୍ୱରୁ ଅଲୌକିକତା ପ୍ରକଟ ହୋଇଥାଏ।

ମହାତ୍ମା ଗାନ୍ଧୀ ପରିବେଶ ବିଷୟରେ ଖୁବ୍ ଗଭୀର ଲେଖାମାନ ଲେଖିଛନ୍ତି। ସେ ଏପରି ଜୀବନଶୈଳୀକୁ ଅଭ୍ୟାସରେ ପରିଣତ କରିଥିଲେ, ଯେଉଁଥିରେ ପରିବେଶ ପ୍ରତି ଭାବନା ପ୍ରମୁଖ ରହିଥିଲା। ସେ 'ଆସ୍ଥାର ସିଦ୍ଧାନ୍ତ'କୁ ପ୍ରତିପାଦିତ କରିଥିଲେ, ଯାହା ଆମକୁ ଅର୍ଥାତ୍ ବର୍ତ୍ତମାନର ପିଢ଼ିକୁ ଏହି ଦାୟିତ୍ୱ ଦେଇଛି ଯେ, ଆମେ ନିଜ ଭବିଷ୍ୟତର ପିଢ଼ିକୁ ଏକ ସ୍ୱଚ୍ଛ ପୃଥିବୀ ପ୍ରଦାନ କରିବା। ସେ ଯୁକ୍ତିସଙ୍ଗତ ଉପଯୋଗ ଲାଗି ଆହ୍ୱାନ ଦେଇଥିଲେ, ଯାହାଦ୍ୱାରା ବିଶ୍ୱକୁ ସମ୍ବଳ ଅଭାବର ସମ୍ମୁଖୀନ ହେବାକୁ ପଡ଼ିବନାହିଁ। ସଂଯମପୂର୍ଣ୍ଣ ଜୀବନଶୈଳୀ ପାଳନ କରିବା ଆମ ଲୋକାଚାରର ଅଙ୍ଗ। ଯେତେବେଳେ ଆମର ଅନୁଭବ ହେବ ଯେ, ଆମେ ଏକ ସମୃଦ୍ଧ ପରମ୍ପରାର ଧ୍ୱଜାବାହକ, ସେତେବେଳେ ଆମର କାର୍ଯ୍ୟକଳାପ ଉପରେ ଆପେ ଆପେ ସକାରାତ୍ମକ ପ୍ରଭାବ ପଡ଼ିବାକୁ ଲାଗିବ।

ଦ୍ୱିତୀୟ ପକ୍ଷ ଜନଜାଗରଣ। ପରିବେଶ ସମ୍ବନ୍ଧୀୟ ପ୍ରଶ୍ନ ଉପରେ ଯଥାସମ୍ଭବ ଆଲୋଚନା କରିବା, ଲେଖିବା, ଚର୍ଚ୍ଚା କରିବାର ଆବଶ୍ୟକତା ରହିଛି। ଏହା ସହିତ ପରିବେଶ ସମ୍ବନ୍ଧୀୟ ବିଷୟ ଉପରେ ଗବେଷଣା ଏବଂ ଉଦ୍ଭାବନକୁ ପ୍ରୋତ୍ସାହନ ଦେବା ମଧ୍ୟ ମହତ୍ତ୍ୱପୂର୍ଣ୍ଣ। ଏପରି ଅଧିକରୁ ଅଧିକ ଲୋକଙ୍କୁ ଆମ ସମୟର ଗମ୍ଭୀର ଆହ୍ୱାନଗୁଡ଼ିକୁ ଜାଣିବା ଏବଂ ସେଗୁଡ଼ିକୁ ଦୂର କରିବାର ପ୍ରୟାସ ବିଷୟରେ ଚିନ୍ତା କରିବାର ସୁଯୋଗ ମିଳିବ।

ଯେତେବେଳେ ଆମେ ଏକ ସମାଜ ରୂପରେ ପରିବେଶ ସଂରକ୍ଷଣ ଦ୍ୱାରା ନିଜର ମଜବୁତ ସମ୍ପର୍କ ବିଷୟରେ ସଚେତନ ହେବା ଏବଂ ଏହା ବିଷୟରେ ନିୟମିତ ଭାବେ ଆଲୋଚନା କରିବା, ସେତେବେଳେ ନିରନ୍ତର ପରିବେଶ ଦିଗରେ ଆମେ ନିଜେ ସକ୍ରିୟ ହୋଇପାରିବା। ସେଥିପାଇଁ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସକ୍ରିୟତାକୁ ତୃତୀୟ ପକ୍ଷ ରୂପରେ ମୁଁ ଦେଖୁଛି।

ଏ ସନ୍ଦର୍ଭରେ ମୁଁ ଏ କଥା କହି ଆନନ୍ଦ ଅନୁଭବ କରୁଛି ଯେ, ଭାରତର ୧୩୦ କୋଟି ଲୋକ ସ୍ୱଚ୍ଛ ଏବଂ ସବୁଜ ପରିବେଶ ଦିଗରେ ସକ୍ରିୟ ଏବଂ ଏଥିପାଇଁ ଆଗଭର ହୋଇ କାମ କରୁଛନ୍ତି।

ସ୍ୱଚ୍ଛ ଭାରତ ମିଶନରେ ଆମେ ଏହି ଅଗ୍ରସକ୍ରିୟତା ଦେଖିପାରୁଛୁ, ଯାହା ଭବିଷ୍ୟତରେ ନିରନ୍ତର ବିକାଶ ସହ ସିଧାସଳଖ ଯୋଡ଼ି ହୋଇରହିଛି। ଦେଶବାସୀଙ୍କ ଆଶୀର୍ବାଦରୁ ୮୫ ନିୟୁତ ବାସଗୃହରେ ପ୍ରଥମଥର ପାଇଁ ଶୌଚାଳୟ ନିର୍ମାଣ କରାଯାଇଛି ଏବଂ ୪୦୦ ନିୟୁତରୁ ଅଧିକ ଭାରତୀୟଙ୍କୁ ଖୋଲାରେ ମଳତ୍ୟାଗ କରିବାର ଆବଶ୍ୟକତା ପଡୁନାହିଁ। ସ୍ୱଚ୍ଛତାର ପରିଧି ୩୯ ପ୍ରତିଶତରୁ ବୃଦ୍ଧି ପାଇ ୯୫ ପ୍ରତିଶତ ହୋଇଯାଇଛି। ପ୍ରାକୃତିକ ପରିବେଶର ଚାପକୁ କମ୍ କରିବା ଦିଗରେ ଏହା ଏକ ଐତିହାସିକ ପ୍ରୟାସ।

ଉଜ୍ଜ୍ୱଳା ଯୋଜନାରେ ମଧ୍ୟ ଆମେ ଏହି ଅଗ୍ରସକ୍ରିୟତା ଦେଖିପାରୁଛୁ, ଯେଉଁ କାରଣରୁ ଘରେ ହେଉଥିବା ବାୟୁ ପ୍ରଦୂଷଣ ଏବେ କମ୍ ହୋଇପାରିଛି। କାରଣ ରୋଷେଇ କରିବାର ଅସ୍ୱାସ୍ଥ୍ୟକର ପଦ୍ଧତି ଦ୍ୱାରା ସ୍ୱାସ୍ଥ୍ୟ ସଂକ୍ରାନ୍ତ ରୋଗ ଅଧିକମାତ୍ରାରେ ବୃଦ୍ଧି ପାଉଥିଲା। ବର୍ତ୍ତମାନ ସୁଦ୍ଧା ୫ କୋଟିରୁ ଅଧିକ ଉଜ୍ଜ୍ୱଳା ଗ୍ୟାସ ସଂଯୋଗ ବଣ୍ଟନ କରାଯାଇସାରିଛି ଏବଂ ଏହି କାରଣରୁ ମହିଳାମାନେ ଏବଂ ସେମାନଙ୍କ ପରିବାର ପାଇଁ ଏକ ଉନ୍ନତ ଏବଂ ସ୍ୱଚ୍ଛ ଜୀବନ ସୁନିଶ୍ଚିତ ହୋଇପାରିଛି। ଭାରତ ତା'ର ନିଜସ୍ୱ ନଦୀଗୁଡ଼ିକୁ ସ୍ୱଚ୍ଛ କରିବା ଦିଗରେ ଯଥେଷ୍ଟ ଦ୍ରୁତଗତିରେ ଆଗକୁ ବଢ଼ୁଛି। ଭାରତର ଜୀବନରେଖା କୁହାଯାଉଥିବା ନଦୀ ଗଙ୍ଗା ଅନେକ ଭାଗରେ ବେଶ୍ ପ୍ରଦୂଷିତ ହୋଇସାରିଥିଲା ଏବଂ ନମାମି ଗଙ୍ଗେ ଅଭିଯାନ ଏହି ଐତିହାସିକ ଭୁଲରେ ପରିବର୍ତ୍ତନ ଆଣୁଛି। ସିୱେଜର ଉପଯୁକ୍ତ ସମାଧାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

ଆମ ସହରୀ ବିକାଶ ପ୍ରୟାସଗୁଡ଼ିକରେ ଅମୃତ ଏବଂ ସ୍ମାର୍ଟ ସିଟି ମିଶନର ମୂଳ ଉଦ୍ଦେଶ୍ୟ ହେଉଛି ସହରୀ କ୍ଷେତ୍ରରେ ହେଉଥିବା ବୃଦ୍ଧି ଏବଂ ପରିବେଶ ଯତ୍ନରେ ସନ୍ତୁଳନ ବଜାୟ ରଖିବା। କୃଷକମାନଙ୍କୁ ବଣ୍ଟାଯାଇଥିବା ୧୩ କୋଟିରୁ ଅଧିକ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦ୍ୱାରା ସେମାନଙ୍କ ଯଥେଷ୍ଟ ଲାଭ ହେଉଛି ଏବଂ ଏହାଦ୍ୱାରା ଭୂମିର ଉତ୍ପାଦକତା ଏବଂ ସେଗୁଡ଼ିକର ପୋଷକତତ୍ତ୍ୱରେ ବୃଦ୍ଧି ହେବ, ଯାହାଦ୍ୱାରା ଆଗାମୀ ପିଢ଼ିକୁ ସହାୟତା ମିଳିପାରିବ। ଆମ ଦେଶ ନବୀନ ଏବଂ ଅକ୍ଷୟ ଶକ୍ତି ଉତ୍ସ ଉପରେ ବିଶେଷ ଗୁରୁତ୍ୱ ଦେଉଛି ଏବଂ ଗତ ଚାରି ବର୍ଷରେ ଏହି କ୍ଷେତ୍ର ଯଥେଷ୍ଟ ସୁଗମ ଏବଂ ବହନଯୋଗ୍ୟ ହୋଇପାରିଛି।

ଭାରତର ପ୍ରୟାସ ଅନ୍ତର୍ଜାତୀୟ ସ୍ତରରେ ପରିଲକ୍ଷିତ ହେଉଛି। ମୁଁ ଏହାକୁ ନେଇ ଗର୍ବିତ ଯେ, ଭାରତ ପ୍ୟାରିସରେ ୨୦୧୫ରେ ହୋଇଥିବା ସିଓପି-୨୧ ଆଲୋଚନାରେ ଆଗରେ ରହିଥିଲା। ଅନ୍ତର୍ଜାତୀୟ ସୌର ସଙ୍ଗଠନର ଆରମ୍ଭ ଅବସରରେ ମାର୍ଚ୍ଚ ୨୦୧୮ରେ ବିଶ୍ୱର ଅନେକ ଦେଶର ନେତା ନୂଆଦିଲ୍ଲୀରେ ଏକତ୍ରିତ ହୋଇଥିଲେ। ଏହି ସଙ୍ଗଠନ ସୌରଶକ୍ତିର କ୍ଷମତାକୁ ଉନ୍ନତ ଢଙ୍ଗରେ ବ୍ୟବହାର କରିବାର ଏକ ପ୍ରୟାସ। ଏହା ଜରିଆରେ ବିଶ୍ୱର ସେହି ଦେଶଗୁଡ଼ିକୁ ଏକତ୍ରିତ କରିବା ଲାଗି ପ୍ରୟାସ କରାଯାଇଛି, ଯେଉଁଠି ସୌରଶକ୍ତି ପ୍ରଚୁର ମାତ୍ରାରେ ଉପଲବ୍ଧ।

ଏପରି ସମୟରେ ଯେତେବେଳେ ବିଶ୍ୱରେ ଜଳବାୟୁ ପରିବର୍ତ୍ତନର ଆଲୋଚନା ହେଉଛି ଭାରତରୁ ଜଳବାୟୁ ନ୍ୟାୟ ପାଇଁ ଆହ୍ୱାନ କରାଯାଇଛି। ଜଳବାୟୁ ନ୍ୟାୟର ଅର୍ଥ ସମାଜର ସେହି ଗରିବ ଏବଂ ଶେଷଭାଗରେ ଛିଡ଼ା ହୋଇଥିବା ଲୋକମାନଙ୍କ ଅଧିକାର ଏବଂ ସ୍ୱାର୍ଥ ସହିତ ଜଡ଼ିତ ରହିଛି ଯେଉଁମାନେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି।

ମୁଁ ପୂର୍ବରୁ ମଧ୍ୟ ଲେଖିସାରିଛି, ଆମର ଆଜିର ଗତିବିଧିର ପ୍ରଭାବ ଆଗାମୀ ପିଢ଼ିର ମାନବସମାଜ ଉପରେ ପଡ଼ିବ ଏବଂ ଏହା ଏବେ ଆମ ଉପରେ ନିର୍ଭର କରେ ଯେ ନିରନ୍ତର ଭବିଷ୍ୟତ ଲାଗି ଜାଗତିକ ଉତ୍ତରଦାୟିତ୍ୱର ଆରମ୍ଭ ଆମେ ହିଁ କରିବା। ବିଶ୍ୱକୁ ପରିବେଶ କ୍ଷେତ୍ରରେ ଏପରି ଏକ ଦିଗରେ ବଢ଼ିବାର ଆବଶ୍ୟକତା ରହିଛି, ଯାହା କେବଳ ସରକାରୀ ନିୟମ ଏବଂ ଆଇନ ମଧ୍ୟରେ ସୀମିତ ନ ରହି ଏଥିରେ ପରିବେଶ ସଚେତନତା ମଧ୍ୟ ସ୍ଥାନିତ ହୋଇପାରିବ। ଆମେ ସମସ୍ତେ ମିଶି ଏକ ସ୍ୱଚ୍ଛ ପରିବେଶ ନିର୍ମାଣ କରିବା, ଯାହା ମାନବ ସଶକ୍ତୀକରଣର ଆଧାରଶିଳା ହେବ।

ପ୍ରଧାନମନ୍ତ୍ରୀ, ଭାରତ

# ବ୍ୟକ୍ତି ଓ ସମାଜ



ସୋନାମିକା ରାୟ

ଏବର ସାମାଜିକ ଅଧୋଗତି ସମ୍ବନ୍ଧରେ ବହୁ ତର୍କବିତର୍କ ଶୁଣିବାକୁ ମିଳେ। ଅଧିକାଂଶଙ୍କ ମତରେ ବର୍ତ୍ତମାନର ସାମାଜିକ ବ୍ୟବସ୍ଥା ରସାତଳଗାମୀ। ପାଶ୍ଚାତ୍ୟ ସଂସ୍କୃତି ପ୍ରତି ଥିବା ଅନୁରକ୍ତି ଆମ ଦେଶର ମହାନ୍ ସଂସ୍କୃତିକୁ କାହିଁ କେତେ ପଛକୁ ଠେଲି ଦେଇଛି। ସମସ୍ତେ ନିଶ୍ଚୟ ଏକମତ ହେବେ ଯେ, ଉନ୍ନତ ଶିକ୍ଷା, ବିଜ୍ଞାନ ତଥା କଳାକୌଶଳର ପ୍ରାଚୁର୍ଯ୍ୟ, ବୈଷୟିକ ଜ୍ଞାନର ବିପୁଳ ବ୍ୟବହାର ଆଦି ଆମର ଅର୍ଥନୈତିକ ବିକାଶ ଘଟାଇବା ସଙ୍ଗେ ସଙ୍ଗେ ବିବିଧ ସାଂସ୍କୃତିକ, ମାନସିକ ତଥା ସାମାଜିକ ସ୍ଖଳନ ଘଟାଇବାରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଛି। ସମୟର ଚକ ଯେତେ ବାଟ ଘୂରିଲେ ବି ଜାତିବାଦ, ଅସହିଷ୍ଣୁତା ଆଦି ବହୁ ସମସ୍ୟା ଆଜି ମଧ୍ୟ ଅଳ୍ପବହୁତେ ନିଜ ସ୍ଥାନରେ ସଗର୍ବେ ଦଣ୍ଡାୟମାନ।

ଏ ସମ୍ବନ୍ଧରେ ମୋ ବିଦ୍ୟାଳୟର ଏକ ଛୋଟ ଅନୁଭୂତି କହୁଛି। କିଛିଦିନ ତଳେ ବିଦ୍ୟାଳୟର ଜନୈକ ଶିକ୍ଷୟିତ୍ରୀ ସପ୍ତମଶ୍ରେଣୀର ଏକ ପିଲାର ଅଭିଯୋଗ ଧରି ମୋ ପାଖକୁ ଆସିଲେ। କାର୍ଯ୍ୟଦିବସ ଆରମ୍ଭ ହେବା ମାତ୍ରେ ଯେଉଁ ବିଶେଷ ସମସ୍ୟା ଶିକ୍ଷୟିତ୍ରୀଙ୍କୁ ମୋ ନିକଟକୁ ଆସିବାକୁ ପ୍ରେରିତ କରିଥିଲା, ତାହା ମୋ ମନରେ ସାମାନ୍ୟ କ୍ଷୋଭ ଆଣିଥିଲେ ମଧ୍ୟ ପିଲାଟି ନିଜର ନିର୍ଦ୍ଦୋଷପଣିଆ ସାବ୍ୟସ୍ତ କରିବାପାଇଁ କରିଥିବା ଯୁକ୍ତି ଆଶ୍ଚର୍ଯ୍ୟ କରିଥିଲା। ବାରବର୍ଷର ବାଳକଟି ନିଜର ସଚ୍ଚୋଟପଣିଆ ଜାହିର କରିବା ପାଇଁ କେବଳ ନିଜ ଜାତିର ପିଲାମାନଙ୍କୁ ହିଁ ସାକ୍ଷୀ ରଖିବାକୁ ବାରମ୍ବାର ଜୋର ଦେଇଥିଲା।

ଦୁଃଖର କଥା, ଏ ପ୍ରକାର ରୁଗ୍ଣ ମାନସିକତା କେବଳ ଅବୋଧ ପିଲାଙ୍କ ମଧ୍ୟରେ ନୁହଁ, ବହୁ ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ବି ପରିଲକ୍ଷିତ ହୋଇଥାଏ। ମାନବିକତାର ମନ୍ତ୍ର ହେଉଛି ଭାରତୀୟ ସଂସ୍କୃତିର ମୁଖ୍ୟସ୍ତମ୍ଭ। ଏଭଳି ସଂକୀର୍ଣ୍ଣତା ଜଗତକଲ୍ୟାଣ ନିମନ୍ତେ ଯେ ଅତ୍ୟନ୍ତ ଅହିତକର ଏଥିରେ ଦ୍ୱିରୁକ୍ତି ନାହିଁ।

ଏ ପରିପ୍ରେକ୍ଷୀରେ କିଛିଦିନ ତଳେ ପାଇଥିବା ଏକ ବାର୍ତ୍ତାର ମୁଁ ଅବତାରଣା କରୁଛି। ଜଣେ ପ୍ରତ୍ନତତ୍ତ୍ୱବିତ୍ ଆଫ୍ରିକା ମହାଦେଶର ଏକ ଦୁର୍ଗମ ଆଦିବାସୀ ଅଞ୍ଚଳର ସଂସ୍କୃତିସମ୍ବନ୍ଧରେ ଗବେଷଣା ନିମନ୍ତେ ସେଠାରେ କିଛିଦିନ ବାସ କରୁଥିଲେ। ଏକଦା କିଛି ପିଲାଙ୍କୁ ନିଜ ଘର ପାଖରେ ଖେଳୁଥିବାର ଦେଖି ମିଠେଇ ଟୋକେଇଟିଏ ଆଣି ପିଲାମାନଙ୍କୁ ପାଖକୁ ଡାକିଲେ। ଟୋକେଇଟିକୁ ଅନତିଦୂରରେ ଥିବା ଏକ ଗଛମୂଳେ ରଖି ପିଲାମାନଙ୍କ ମଧ୍ୟରେ ଏକ ଦୌଡ଼ ପ୍ରତିଯୋଗିତା କରିବାପାଇଁ ଚାହିଁଲେ। ପିଲାମାନଙ୍କୁ ସୂଚନା ଦିଆଗଲା ଯେ, ଯେଉଁ ପିଲାଟି ପ୍ରଥମେ ଟୋକେଇ ନିକଟରେ ପହଞ୍ଚିବ, ସେ ସମସ୍ତ ମିଠେଇ ପୁରସ୍କାରସ୍ୱରୂପ ପାଇବ। ଅପ୍ରତ୍ୟାଶିତ ଭାବରେ ଦୌଡ଼ ଆରମ୍ଭ ହେବା ପୂର୍ବରୁ ପିଲାମାନେ ନିଜ ନିଜର ହାତକୁ ଜାବୁଡ଼ି ଧରି ଏକା ସଙ୍ଗରେ ଦୌଡ଼ି ଏକା ସମୟରେ ଗଛ ନିକଟରେ ପହଞ୍ଚିଲେ। ମିଠେଇ ଟୋକେଇଟିକୁ ଆଣି ପରସ୍ପର ସମାନ ଭାବରେ ଭାଗବାଣ୍ଟି ଖାଇଲେ। ଗବେଷକ ପିଲାମାନଙ୍କ ଏ ପ୍ରକାର ଆଚରଣରେ ସ୍ତମ୍ଭୀଭୂତ ହୋଇ ଏହାର କାରଣ ପଚାରିବାରୁ ପିଲାମାନେ 'ଉବୁଣ୍ଟୁ' ଶବ୍ଦଟି ଉଚ୍ଚାରଣ କଲେ। ଗବେଷକଙ୍କ ଜିଜ୍ଞାସାକୁ ପ୍ରଶମିତ କରିବା ପାଇଁ ପିଲାମାନେ ଅତି ସରଳ ଭାବରେ ସାମଗ୍ରିକ ଉନ୍ନତିରେ ବ୍ୟକ୍ତିର ଉନ୍ନତି ବୋଲି କହିଲେ। ପ୍ରକୃତରେ କୌଣସି ଜାତି ବା ଧର୍ମ ନୁହେଁ, ସମାଜର ସର୍ବାଙ୍ଗୀଣ ଉନ୍ନତି ହିଁ ସର୍ବଦା କରଣୀୟ ; ଗଳ୍ପଟି ମୋତେ ଖୁବ୍ ସ୍ପର୍ଶ କରିଥିଲା।

ପ୍ରାଚୀନ ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ 'ବିଭିନ୍ନତାରେ ଏକତା' ଏହି ସର୍ବାଙ୍ଗୀଣ ଉନ୍ନତିକୁ ସୁଦୃଢ଼ କରିବା ନିମନ୍ତେ ଉଦ୍ଦିଷ୍ଟ। ଭୂମିରୂପ ଅନୁସାରେ ଭାଷାଗତ, ଧର୍ମଗତ, ଜାତିଗତ, ଖାଦ୍ୟପେୟ, ପୋଷାକ ପରିଚ୍ଛଦ ଆଦି ପ୍ରତ୍ୟେକ କ୍ଷେତ୍ରରେ ଭିନ୍ନତା ରହିଲେ ମଧ୍ୟ ଭାରତୀୟ ବୋଲି ଏକକ ପରିଚୟ ଆମର ଦେଶାତ୍ମବୋଧ, ଜାତୀୟତାବୋଧ ତଥା ମାନବିକତାକୁ ବଞ୍ଚାଇ ରଖିଥିଲା। ଏବର କୁନି କୁନି ପିଲାଙ୍କ ଆଚରଣରେ ପ୍ରତିଫଳିତ ସଂକୀର୍ଣ୍ଣତା ମହାଦ୍ରୁମରେ ପରିଣତ ହେବା ପୂର୍ବରୁ କଢ଼ ଅବସ୍ଥାରେ ହିଁ ନିପାତ ହେବା ଏକାନ୍ତ ଆବଶ୍ୟକ। ନୈତିକ ଶିକ୍ଷାକୁ ପାଠ୍ୟପୁସ୍ତକର ଏକ ବିଷୟ ନୁହେଁ ବରଂ କାୟମନୋବାକ୍ୟରେ ଅଭ୍ୟାସ କରିବା ଏହି ସମସ୍ୟାର ଏକମାତ୍ର ଉପାୟ ଭଳି ମନେହୁଏ।

ବିଦ୍ୟାଳୟ ତଥା ପରିବାର ପିଲାମାନଙ୍କର ଭୌତିକ ଶିକ୍ଷାର ବିକାଶ ସହିତ ସେମାନଙ୍କ ସାମାଜିକ ଦାୟିତ୍ୱବୋଧ ତଥା ଚରିତ୍ର ଗଠନ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଭବିଷ୍ୟତର ଦାୟାଦମାନଙ୍କୁ ଏଭଳି ପ୍ରସ୍ତୁତ କରିବାକୁ ପଡ଼ିବ ଯେପରି ଠିକ୍ ଭୁଲ୍‌ର ଅନ୍ତର୍ଦ୍ୱନ୍ଦ୍ୱ ମଧ୍ୟରେ ବିବେକର ସ୍ୱର ତୀବ୍ର ହେବ ଏବଂ ଅମାନବିକ ତଥା ବିବେକଶୂନ୍ୟ ଆଚରଣ ସତ୍ତା ହରାଇ ବସିବ।

ଆଦର୍ଶ ସମାଜ ବ୍ୟବସ୍ଥା ନିର୍ଭର କରେ ସଦସ୍ୟମାନଙ୍କର ପାରସ୍ପରିକ ସହଯୋଗିତା ତଥା ସହନଶୀଳ ଆଚରଣ ଉପରେ। ସ୍ନେହ, ପ୍ରେମ, କ୍ଷମା ଓ ପାରସ୍ପରିକତା ଦ୍ୱାରା ସମାଜକୁ ଦୃଢ଼ କରିବା ହେଲା ପ୍ରତ୍ୟେକ ସୁନାଗରିକର କର୍ତ୍ତବ୍ୟ।

ପ୍ରଧାନଶିକ୍ଷୟିତ୍ରୀ, କ୍ୟାପିଟାଲ ହାଇସ୍କୁଲ,
ଭୁବନେଶ୍ୱର, ମୋ- ୭୯୭୮୪୮୯୦୪୭

## ଏଇ ଭାରତରେ

ଜଣେ ନକଲି ଜ୍ୟୋତିଷ ଅନଲାଇନ୍ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଠକିନେବା ଭଳି ଘଟଣା ଆଶ୍ଚର୍ଯ୍ୟଜନକ ନିଶ୍ଚୟ। ହାଇଦ୍ରାବାଦ୍‌ର ଜଣେ ବ୍ୟକ୍ତିଙ୍କ ମାନସିକ ଚାପ ଦୂରକରିବା ଲାଗି ୧୩ ଲକ୍ଷ ଟଙ୍କା ଠକି ଶେଷରେ ଜଣେ ଜ୍ୟୋତିଷ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଜଣକ ହେଉଛନ୍ତି ଆକାଶ ଭାର୍ଗବ ଓରଫ ଆକାଶ ଶର୍ମା (୧୯)। ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କ ମା'ଙ୍କ ଅଭିଯୋଗ ଆଧାରରେ ଶର୍ମାଙ୍କୁ ଜଳନ୍ଧରସ୍ଥିତ ତାଙ୍କ ବାସଭବନରୁ ଗିରଫ କରାଯାଇଛି। ଉକ୍ତ ବ୍ୟକ୍ତି ଜଣେ ଇଞ୍ଜିନିୟର ଭାବରେ ଚାକିରି କରିଥିଲେ ମଧ୍ୟ ଚାପର ଶିକାର ହୋଇ ଚାକିରି ହରାଇଥିଲେ। ଅଫିସ ଓ ପରିବାରରେ ବିଭିନ୍ନ ସମସ୍ୟା ଉପୁଜିବା କାରଣରୁ ଭଲ ହୋଇଯିବା ଆଶାରେ ଶର୍ମାଙ୍କ ଅନଲାଇନ୍‌ର ସହାୟତା ନେଇଥିଲେ। ଜ୍ୟୋତିଷଙ୍କୁ ସମ୍ପର୍କ କରିବା ପରେ ସେ ପ୍ରଥମେ ୨,୦୦୦ ଟଙ୍କା ଦାବି କରିଥିଲେ। ସ୍ୱତନ୍ତ୍ର ପୂଜା ପାଇଁ ଅଧିକ ଅର୍ଥ ଆବଶ୍ୟକ ହେବ ବୋଲି ମଧ୍ୟ କହିଥିଲେ। ଏହାପରେ ସେ ଅନେକ ସମୟରେ ଅର୍ଥ ଦାବିକରି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ଜମା କରିବାକୁ କହିଥିଲେ। ସେ ସର୍ବମୋଟ ୧୨.୯୭ ଲକ୍ଷ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଥିଲା। ପରିଶେଷରେ ହତାଶ ହୋଇ ତାଙ୍କ ମା' ପୋଲିସର ଶରଣାପନ୍ନ ହେବା ପରେ ତଦନ୍ତ ଆଗେଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଶର୍ମାଙ୍କ ପିତା ଜଣେ ଛୋଟକାଟର ଜ୍ୟୋତିଷ ଥିଲେ। ସେ ଅନଲାଇନ୍ ଯୋଗେ ଲୋକଙ୍କୁ ଠକିବାର କାଇଦା ଜାଣିଥିଲେ। ଶର୍ମା ୮ଟି ୱେବ୍‌ସାଇଟ୍ ଖୋଲିଥିଲେ। କୌଣସି ବ୍ୟକ୍ତି ତାଙ୍କର ସାହାଯ୍ୟ ଲୋଡ଼ିଲେ ସମସ୍ୟା ବିଷୟରେ ବିସ୍ତୃତ ଭାବରେ ଜାଣିବା ପରେ ସେ ଫୋନ୍ ଏବଂ ଇ-ମେଲ୍ ଯୋଗେ ମେସେଜ୍ ପଠାଉଥିଲେ। ବର୍ତ୍ତମାନ ଇଣ୍ଟରନେଟ୍ ଯୋଗେ ଦୂରରେ ଥାଇ ଠକିବା ସହଜ ହୋଇଯାଇଛି। ଏଥିପ୍ରତି ଜନସାଧାରଣ ସତର୍କ ହେବା ଜରୁରୀ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | C | | | 5 | 1 | | | | | | | 8 | |
| | 8 | | | | | | 6 | | 7 | | | | | C |
| 7 | | | A | 2 | | E | | | 4 | D | | | | |
| A | | | | | | 0 | | | 9 | | | E | | |
| | | B | 0 | | E | | 4 | | | 3 | | 2 | | |
| | | 2 | | | 3 | | | | | | 9 | | | 7 |
| | 9 | | 4 | B | | | 5 | 1 | | | | 3 | | |
| D | 3 | | | 7 | | | 0 | | 8 | 5 | | A | 1 | 4 |
| | | 0 | | D | | 9 | A | | C | | | 5 | 6 | |
| | | | 6 | | | | | 7 | | | | | | |
| | | | 3 | | 4 | | C | | E | | B | | | 6 |
| 5 | | | B | A | | | E | | 1 | | | | | |
| | D | 6 | | | | 8 | | 9 | | | 2 | | | B |
| | | | | | 9 | | 1 | | 5 | | | | | 2 |
| | B | | | | | 3 | D | | 6 | | A | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 2 | C | E | 3 | 9 | 7 | 4 | 1 | 5 | D | A | 8 | 0 | 6 |
| 1 | 7 | 6 | B | 0 | A | 5 | D | E | 2 | 8 | 9 | 3 | C | 4 |
| 0 | A | 3 | 1 | 6 | 5 | 8 | 9 | 2 | C | 7 | 4 | B | E | D |
| 4 | 9 | E | 8 | 2 | D | 0 | C | 6 | B | 1 | 3 | 7 | 5 | A |
| D | 8 | 5 | 7 | C | 4 | B | 3 | A | 0 | E | 6 | 2 | 9 | 1 |
| 2 | 5 | 8 | C | 7 | E | A | B | 9 | D | 6 | 1 | 4 | 3 | 0 |
| 3 | 4 | B | 0 | 1 | 2 | D | 7 | 8 | A | 9 | C | 5 | 6 | E |
| A | E | D | 6 | 5 | 3 | 1 | 2 | 4 | 8 | B | 0 | 9 | 7 | C |
| 6 | C | 1 | 4 | 9 | B | 3 | E | 0 | 7 | 2 | 5 | D | A | 8 |
| 9 | 0 | 7 | A | D | 8 | C | 6 | 5 | 3 | 4 | E | 1 | 2 | B |
| 7 | 1 | 4 | 2 | E | 0 | 6 | 8 | C | 9 | 3 | B | A | D | 5 |
| E | D | 2 | 5 | 8 | 1 | 9 | 0 | B | 6 | A | 7 | C | 4 | 3 |
| 5 | B | 9 | D | A | 6 | 4 | 1 | 3 | E | C | 2 | 0 | 8 | 7 |
| C | 6 | 0 | 3 | B | 7 | 2 | A | D | 4 | 5 | 8 | E | 1 | 9 |
| 8 | 3 | A | 9 | 4 | C | E | 5 | 7 | 1 | 0 | D | 6 | B | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭିଡ଼ହିଂସା ରୋକାଯାଉ

ମହାଶୟ,

ଦେଶର ବିଭିନ୍ନ ଅଞ୍ଚଳରେ ଭିଡ଼ହିଂସା ବୃଦ୍ଧି ପାଇବାରେ ଲାଗିଛି। ପିଲାଚୋରି, ଗୁଣିଗାରେଡି ଓ ଗୋସୁରକ୍ଷା ପରି କେତେକ ପ୍ରସଙ୍ଗକୁ ଆଳକରି ବହୁ ନିରୀହ ଲୋକଙ୍କୁ ସଂଘବଦ୍ଧ ଆକ୍ରମଣ କରି ମାରି ଦିଆଯାଉଛି। ଆଇନକୁ ନିଜ ହାତକୁ ନେବା ଏକ ଜଘନ୍ୟ ଅପରାଧ। ଅତିବେଶିରେ ଅଭିଯୁକ୍ତଙ୍କୁ ପୋଲିସ ଜିମା ଦିଆଯାଇପାରେ। ଦଣ୍ଡ ଦେବାର ଅଧିକାର କେବଳ ବିଚାର ବିଭାଗର ଅଛି। ଏହାକୁ ଯେକୌଣସି ମତେ ଦମନ କରାଯିବା ଆବଶ୍ୟକ। ଦୋଷୀମାନଙ୍କୁ କଠୋର ଓ ଦୃଷ୍ଟାନ୍ତମୂଳକ ଶାସ୍ତି ମିଳିବା ଦରକାର।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ବେକାରି ଭତ୍ତା ବନାମ ବାର୍ଦ୍ଧକ୍ୟ ଭତ୍ତା

ଆନ୍ଧ୍ରପ୍ରଦେଶରେ ବେକାର ଯୁବତୀଯୁବକମାନଙ୍କୁ ବେକାରି ଭତ୍ତା ହଜାରେ ଟଙ୍କା ମିଳିବ ବୋଲି ଧରିତ୍ରୀ (୩।୮)ରେ ପ୍ରକାଶ ପାଇଛି। ସେମାନେ କୌଣସି କାର୍ଯ୍ୟରେ ନିୟୋଜିତ ନ ହୋଇ ବେକାରି ଭତ୍ତା ପାଇବେ। କିନ୍ତୁ ଆମ ପରି ବରିଷ୍ଠ ନାଗରିକମାନଙ୍କୁ ଢୋକେ ପିଇ ଦଣ୍ଡେ ଜିଇବା ପାଇଁ ମାତ୍ର ତିନି ଶହ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଦିଆଯାଉଛି। ଆମ ମୁଖ୍ୟମନ୍ତ୍ରୀ ବହୁବାର କ୍ୟାବିନେଟ ମିଟିଂ କରୁଛନ୍ତି ମାତ୍ର ସେହି ମିଟିଂରେ ଏହି ଅସହାୟମାନଙ୍କ କଥା ମନେପଡେ ନାହିଁ। କିନ୍ତୁ ସେହି ଅକିଞ୍ଚନମାନଙ୍କର ନିର୍ବାଚନରେ ଭୋଟ ଦେବାର ଅଧିକାର ରହିଛି। ତେଣୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଭୁଲିଯିବା ଠିକ୍ ହେବ ନାହିଁ।

ରତନ ଚାନ୍ଦ ବାରିକ, ଏଲ-୨୩୪, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଭାର ବହି ପଡ଼ିଥିଲା ଥକି
ନାମ ତା'ର ନ ପଡ଼ିଲା ମନେ
ଶୁଣିଲା କି ନ ଶୁଣିଲା ହୋଇ
ଚାଲିଗଲା ଧୀରେ ରାଧୁ ଭୋଇ
ମରିଯାଏ ପଡ଼ିଶାରୁ ଜଣେ
ନାମ ତାରନ ପଡଇ ମନେ !
(ପୌଷ-ମଳୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୫ ଅକ୍ଟୋବର ୧୯୯୩

- ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନ ସମର୍ଥକ ଓ ବିରୋଧୀଙ୍କ ମଧ୍ୟରେ ଘମାଘୋଟ ଲଢେଇରେ ୭୦୦ଜଣ ମୃତ।
- ମାଳଦ୍ୱୀପର ରାଷ୍ଟ୍ରପତି ଭାବେ ବର୍ତ୍ତମାନର ରାଷ୍ଟ୍ରପତି ମାମୁନ୍ ଅବଦୁଲ ଗାୟୁମ ଚତୁର୍ଥଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି।




## ସଂକ୍ଷେପରେ

### ସଭାପତି ପଦରେ ତ୍ରିମୁଖୀ ଲଢେଇ

**ବଇଣ୍ଡା, ୪।୧୦(ଡି.ଏନ.ଏ.):** ଛାତ୍ର ସଂସଦ ନିର୍ବାଚନ ପାଇଁ ବୁଧବାର ଦାଖଲ ହୋଇଥିବା ନାମାଙ୍କନ ପତ୍ର ଯାଞ୍ଚ କରାଯାଇ ଗୁରୁବାର ଫଳାଫଳ ଘୋଷଣା କରାଯାଇଛି। ବଇଣ୍ଡା କଲେଜରେ ସଭାପତି ପଦ ପାଇଁ ୪ ଜଣ ନାମାଙ୍କନ ଦାଖଲ କରିଥିଲେ। ସେମାନଙ୍କ ମଧରୁ ଜିତେନ୍ଦ୍ର କୁମାର ନାୟକଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଥିବାବେଳେ ବୀରେନ କୁମାର ସାହୁ, ରାକେଶ ମିଶ୍ର ଓ ସରୋଜ କୁମାର ସାହୁଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଫଳରେ ସଭାପତି ପଦ ପାଇଁ ତ୍ରିମୁଖୀ ଲଢେଇ ହେବ ବୋଲି ଜଣାପଡିଛି। ସେହିପରି ସମ୍ପାଦକ ପଦ ପାଇଁ ପପୁନ ସାହୁଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି। ନାଟ୍ୟ ସଂସଦ ସଭାପତି ପଦ ପାଇଁ କେବଳ ଅମିତ ସାହୁଙ୍କ ପ୍ରାର୍ଥିପତ୍ର କାଏମ ରହିଥିବାରୁ ସେ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବା ନେଇ ନିର୍ବାଚନ ଅଧିକାରୀ ଶ୍ରୀନିବାସ ଦେହୁରୀ ଘୋଷଣା କରିଛନ୍ତି।

### ସଭାପତିଙ୍କ ସମେତ ୪ ନିର୍ଦ୍ୱନ୍ଦ୍ୱ

**ଛେଣ୍ଡିପଦା, ୪।୧୦(ଡି.ଏନ.ଏ.):** ଛେଣ୍ଡିପଦା ବ୍ଲକ ବାପୁଜୀ ମହାବିଦ୍ୟାଳୟରେ ପ୍ରାର୍ଥି ତାଲିକା ଗୁରୁବାର ପ୍ରକାଶ ପାଇଛି। ସଭାପତି ପଦରେ ମାମଲା ସାହୁ, ସାଧାରଣ ସମ୍ପାଦକ ପାଇଁ ଅସିତ କୁମାର ମାଝି, କ୍ରୀଡ଼ା ସମ୍ପାଦକ ପଦରେ ସୁବାସ ପ୍ରଧାନ ଓ ସହସମ୍ପାଦକ ପଦ ପାଇଁ ସିଦ୍ଧାର୍ଥ ଶିବଶଙ୍କର ଦାସ ନିର୍ଦ୍ୱନ୍ଦ୍ୱ ରହିଛନ୍ତି। କଲେଜରେ କେବଳ ଉପସଭାପତି ପଦରେ ନିର୍ବାଚନ ହେବ। ଏହି ପଦ ପାଇଁ ଲିଟୁ ପ୍ରଧାନ ଓ ସିଲୁ ସାହୁଙ୍କ ମଧରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଅନ୍ୟପକ୍ଷରେ ସଭାପତି ଓ ସମ୍ପାଦକ ପଦ ପାଇଁ ନିର୍ଦ୍ୱନ୍ଦ୍ୱ ପ୍ରାର୍ଥୀଙ୍କୁ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଅନୁଷ୍ଠିତ ସଭାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଛେଣ୍ଡିପଦା ନିର୍ବାଚନ ମଣ୍ଡଳ ପ୍ରଭାରୀ ଚୌଧୁରୀ ପ୍ରଧାନ, ଜଗଦୀଶ ସାହୁ, ଯୁଗଳ କିଶୋରୀ ଦେହୁରୀ, ପ୍ରମୋଦ ପ୍ରଧାନ, ଅକ୍ଷୟପାଦ ବେହେରା ପ୍ରମୁଖ ଉପସ୍ଥିତ ରହି ଉଭୟଙ୍କୁ ଅଭିନନ୍ଦନ ଜଣାଇଥିଲେ।







## ପ୍ରକାଶ ପାଇଲା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

# ଦୁଇ ମହାବିଦ୍ୟାଳୟରେ ୭ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ

**ଅନୁଗୋଳ ଅଫିସ,୪।୧୦**

- ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୫ ପ୍ରାର୍ଥୀ
- ମହିଳା କଲେଜରେ ଲଢ଼େଇ କରିବେ ୧୧
- ମୋଟ୍ ୩ ପ୍ରତ୍ୟାହାର, ୬ ନାମାଙ୍କନ ନାକଚ

ଅନୁଗୋଳ ସରକାରୀ ସ୍ୱୟଂଶାସିତ ଓ ମହିଳା ମହାବିଦ୍ୟାଳୟରେ ପ୍ରାର୍ଥିପତ୍ର ଯାଞ୍ଚ ପରେ ଚୂଡ଼ାନ୍ତ ତାଲିକା ଗୁରୁବାର ଅପରାହ୍ନରେ ପ୍ରକାଶ ପାଇଛି। ଏଥିରେ ୭ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ ରହିଥିବା ଜଣାପଡ଼ିଛି। ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବା ବେଳେ ୫ଜଣଙ୍କ ନାମାଙ୍କନପତ୍ର ନାକଚ ହୋଇଯିବାରୁ ନିର୍ବାଚନ ମଇଦାନରେ ୨୫ଜଣ ପ୍ରାର୍ଥୀ ରହିଥିବା ଚୂଡ଼ାନ୍ତ ତାଲିକାରୁ ଜଣାପଡ଼ିଛି। ସେହିପରି ମହିଳା ମହାବିଦ୍ୟାଳୟରେ ୨ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଅନ୍ୟ ଜଣଙ୍କ ନାମାଙ୍କନପତ୍ର ନାକଚ ହୋଇଯାଇଛି। ଫଳରେ ଚୂଡ଼ାନ୍ତ ତାଲିକାରେ ୧୧ ପ୍ରାର୍ଥିନୀ ରହିଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ସ୍ୱୟଂଶାସିତ ମହାବିଦ୍ୟାଳୟର ମୋଟ୍ ୩୧ ଆଶାୟୀ ବୁଧବାର ନାମାଙ୍କନପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ନାଟ୍ୟ ସମ୍ପାଦକ ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ଜଗନ୍ନାଥ ଦାସ ଗୁରୁବାର ତାଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଥିଲେ। ସେହିପରି ସେହି ପଦବୀ ପାଇଁ ଅନ୍ୟତମ ଆଶାୟୀ କୁଅଁର ଟୁଡୁ, ନାଟ୍ୟ ସହ ସମ୍ପାଦକ ପଦବୀ ପାଇଁ ଆଶାୟୀ ସୂର୍ଯ୍ୟକାନ୍ତ ନାୟକ, କ୍ରୀଡ଼ା ସମ୍ପାଦକ ଆଶାୟୀ ରିତେଶ ମହାପାତ୍ର, କ୍ରୀଡ଼ା ସହ ସମ୍ପାଦକ ଆଶାୟୀ ଜ୍ୟୋତିରଞ୍ଜନ ସାହୁ ଓ ସଭାପତି ପ୍ରାର୍ଥୀ ସମୀର ସାହୁଙ୍କ ନାମାଙ୍କନପତ୍ର ବିଭିନ୍ନ କାରଣରୁ ନାକଚ ହୋଇଯିବାରୁ ନିର୍ବାଚନ ମଇଦାନରେ ଏବେ ୨୫ଜଣ ପ୍ରାର୍ଥୀ ରହିଥିବା ସ୍ପଷ୍ଟ ହୋଇଯାଇଛି। ସନ୍ଧ୍ୟାରେ କଲେଜ ନୋଟିସ ବୋର୍ଡରେ ମରାଯାଇଥିବା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ସଭାପତି ପଦବୀ ପାଇଁ ୪ଜଣ ଅବିନାଶ ସାହୁ, ରୋଶନ ପ୍ରଧାନ, ସସ୍ମିତ କୁମାର ସାହୁ ଓ ସରୋଜ ପ୍ରଧାନଙ୍କ ନାଁ ଥିବାବେଳେ ସାଧାରଣ ସମ୍ପାଦକ ପାଇଁ ୪ଜଣ ଦିବ୍ୟରଞ୍ଜନ ପ୍ରଧାନ, ସାହିଲ ଧିମାନ, ଶାଶ୍ୱତ ବେହେରା ଓ ଶୁଭେନ୍ଦୁ ଶେଖର ସାହୁଙ୍କ ନାମ ରହିଛି। ଉପସଭାପତି ପାଇଁ ୪ ଜଣଙ୍କ ନାମ, ସହ-ସମ୍ପାଦକ ପାଇଁ ୨, ଡ୍ରାମା ସୋସାଇଟି ସମ୍ପାଦକ ପଦବୀ ପାଇଁ ୩, ଡ୍ରାମାଟିକ୍ ସହ ସମ୍ପାଦକ ପାଇଁ ୨ ଜଣ, ଆଥ୍‌ଲେଟିକ୍ କ୍ଲବ ସମ୍ପାଦକ ପଦବୀ ନିମନ୍ତେ ୩ ଜଣ ପ୍ରାର୍ଥୀଙ୍କ ନାଁ ଉଲ୍ଲେଖ କରାଯାଇଛି। ସାଇନ୍ସ ସୋସାଇଟି ସମ୍ପାଦକ ଭାବେ ୨ ଜଣ, ଗାର୍ଲ୍ସ କମନ ରୁମ୍ ରିପ୍ରେଜେଣ୍ଟେଟିଭ୍ ଭାବେ ନାମାଙ୍କନ ଦାଖଲ କରିଥିବା ପଲ୍ଲବୀ ନାଏକ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ଆଥଲେଟିକ ସହସମ୍ପାଦକ ପାଇଁ ଜଣେ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଚୂଡ଼ାନ୍ତ ତାଲିକାରେ ସେ ସ୍ଥାନ ପାଇନାହାନ୍ତି।


କଲେଜ ପରିସରରେ ପ୍ରାର୍ଥୀ ପ୍ରଚାର କରୁଛନ୍ତି।

ଅନ୍ୟପକ୍ଷରେ ମହିଳା ମହାବିଦ୍ୟାଳୟ ସଭାପତି ପଦ ପାଇଁ ୪ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ପ୍ରିୟଦର୍ଶିନୀ ଧଳଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି। ଅନ୍ୟ ୩ ଜଣ ଶୁଭଶ୍ରୀ ସୁବୁଦ୍ଧି, ସ୍ନେହାନିକ୍ତା ନାଏକ, ଡୋନାରାଣୀ ନନ୍ଦଙ୍କ ନାମ ଚୂଡ଼ାନ୍ତ ତାଲିକାରେ ପ୍ରକାଶ ପାଇଛି। ସାଧାରଣ ସମ୍ପାଦିକା ପଦ ପାଇଁ ୨ଜଣ ସୁମନ ପଣ୍ଡା, ଦିପା ନାଏକଙ୍କ ନାମ ଥିବାବେଳେ ଉପସଭାପତି ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ୨ଜଣଙ୍କ ମଧ୍ୟରୁ ଜଣଙ୍କର ନାମ ତାଲିକାରେ ନ ଥିବାରୁ ସୁକନ୍ୟା ସେଠୀ ନିର୍ଦ୍ୱନ୍ଦ୍ୱ ରହିଛନ୍ତି। ସେହିଭଳି ସାଧାରଣ ସହ ସମ୍ପାଦିକା ପଦବୀ ପାଇଁ ମମତା ନାଏକ, ଡ୍ରାମାସୋସାଇଟି ସମ୍ପାଦିକା ଭାବେ ବର୍ଷା ଦାସ ଓ ଡ୍ରାମାସୋସାଇଟି ସହ ସମ୍ପାଦିକା ଭାବେ ଯଶମିନ୍ ସାହୁ, ଆଥ୍‌ଲେଟିକ କ୍ଲବ ସମ୍ପାଦିକା ଭାବେ ୨ ଜଣ ନାମାଙ୍କନ ଦାଖଲ କରିଥିବାବେଳେ ବନସ୍ମିତା ସାହୁ, ଆଥଲେଟିକ୍ ସହ-ସମ୍ପାଦିକା ଭାବେ ମୋନାଲିସା ସାହୁ ନିର୍ଦ୍ୱନ୍ଦ୍ୱ ରହିଛନ୍ତି। ତେବେ ଉଭୟ କଲେଜରେ ପ୍ରାର୍ଥୀଙ୍କ ଚିତ୍ର ସ୍ପଷ୍ଟ ହୋଇଯାଇଥିବାରୁ ଏବେ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି। କିପରି ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କ ସମର୍ଥନ ହାସଲ କରିବେ ସେଥିପାଇଁ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ଲାଗି ପଡ଼ିଛନ୍ତି। କିଏ ପୁଶିଂ କାର୍ଡ ଦେଇ ସମର୍ଥନ ଲୋଡୁଛି ତ ଆଉ କିଏ ଚକୋଲେଟ ବାଣ୍ଟି ନିବେଦନ କରୁଥିବା ଦେଖାଯାଉଛି।

## ୪ ପଦବୀ ପାଇଁ ୯ ପ୍ରାର୍ଥୀ

**ତାଳଚେର,୪।୧୦(ନି.ପ୍ର.)**

**ତାଳଚେର ସ୍ୱୟଂଶାସିତ କଲେଜ**
- ୬ ଜଣଙ୍କ ନାମାଙ୍କନ ନାକଚ
- ଅନିୟମିତତା ଅଭିଯୋଗରେ ଏବିଭିପିର ଧାରଣା

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଗୁରୁବାର ପ୍ରକାଶ ପାଇଛି। କଲେଜରେ ସଭାପତି, ଉପସଭାପତି, ସମ୍ପାଦକ, ଆଥଲେଟିକ୍ ସମ୍ପାଦକ ପଦ ପାଇଁ ନିର୍ବାଚନ ହେବାକୁ ଥିବାବେଳେ ମଇଦାନରେ ମୋଟ ୯ ଜଣ ପ୍ରାର୍ଥୀ ରହିଛନ୍ତି। ସଭାପତି ପଦରେ ୨ ଜଣ, ଉପସଭାପତିରେ ୨, ସମ୍ପାଦକ ପାଇଁ ୩ ଏବଂ ଆଥ୍‌ଲେଟିକ ସମ୍ପାଦକ ପଦବୀ ପାଇଁ ୨ ଜଣ ପ୍ରାର୍ଥୀ ରହିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଛାତ୍ରମାନେ କଲେଜ ଅଧ୍ୟକ୍ଷଙ୍କ ଅଫିସ୍ ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣା ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, କଲେଜ କର୍ତ୍ତୃପକ୍ଷ ଶାସକ ଦଳ ସମର୍ଥିତ ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ରଗୁଡ଼ିକୁ ନିର୍ଦ୍ଦିଷ୍ଟ ପ୍ରତିଶତ ନ ଥାଇ ମଧ କାଏମ ରଖିଥିବା ବେଳେ ଏବିଭିପିର ସଭାପତି ପ୍ରାର୍ଥୀଙ୍କ ସମେତ ୬ ଜଣଙ୍କ ନାମାଙ୍କନ ନାକଚ କରିଦେଇଛନ୍ତି। ନିର୍ବାଚନ ପୂର୍ବରୁ ସମସ୍ତ ଛାତ୍ରୀଛାତ୍ରଙ୍କ ଶ୍ରେଣୀ ଉପସ୍ଥାନ ପ୍ରତିଶତ ନୋଟିସ୍ ବୋର୍ଡରେ ମରାଯିବା କଥା। କିନ୍ତୁ କଲେଜ କର୍ତ୍ତୃପକ୍ଷ କେବଳ ଜୁଲାଇ ଏବଂ ଅଗଷ୍ଟ ମାସର ଉପସ୍ଥାନ ପ୍ରତିଶତକୁ ନୋଟିସ୍ ବୋର୍ଡରେ ମାରିଥିବାବେଳେ ସେପ୍ଟେମ୍ବରର ପର୍ସେଣ୍ଟେଜ ୩୦ ତାରିଖ ସୁଦ୍ଧା ବାହାର କରି ନାହାନ୍ତି। ତେଣୁ ଉଦ୍ଦେଶ୍ୟମୂଳକ ଭାବେ ଏବିଭିପିର ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ରକୁ ଖାରଜ କରାଯାଇଛି। ଏହାର ପ୍ରତିବାଦରେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏବିଭିପି ପକ୍ଷରୁ ଧାରଣା ଦିଆଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ସେଠାରେ ପୋଲିସ ମୁତୟନ କରାଯାଇଥିଲା। ଶୁକ୍ରବାରଠାରୁ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଏବିଭିପି ତାଳଚେର ଶାଖା ନଗର ସମ୍ପାଦକ ସୌମ୍ୟପ୍ରସାଦ ଖୁଣ୍ଟିଆ, ସୁଶିଳ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।


ଏବିଭିପି ଛାତ୍ରମାନେ ଧାରଣା ଦେଇଛନ୍ତି।

## ବଣ୍ଟଳାରେ ୪ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ

**ବଣ୍ଟଳା, ୪।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା ବଣ୍ଟଳା ଉଚ୍ଚତର ଶିକ୍ଷା ଡିଗ୍ରୀ ମହାବିଦ୍ୟାଳୟରେ ବୁଧବାର ଦାଖଲ ହୋଇଥିବା ନାମାଙ୍କନ ପତ୍ର ଯାଞ୍ଚ କରାଯାଇ ଗୁରୁବାର ପୂର୍ବାହ୍ନ ୧୧ଟାରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏଥିରେ ସଭାପତିଙ୍କ ସମେତ ମୋଟ ୪ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ ରହିଥିବା ଜଣାପଡିଛି।

ପ୍ରକାଶ ଯେ, ସମୁଦାୟ ୧୯ ଜଣ ବିଭିନ୍ନ ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିଲେ। ଯାଞ୍ଚ ପରେ ୭ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ସଭାପତି ପଦ ପାଇଁ ଅମିର କୁମାର ଷଡଙ୍ଗୀ ଓ ପାର୍ଥ ସାରଥୀ ପ୍ରଧାନ, ଉପସଭାପତି ପଦ ପାଇଁ ଚନ୍ଦ୍ରଚୂଡ଼ ବିଶ୍ୱାଳ ଏବଂ ତାପସ କୁମାର ସାହୁଙ୍କ ପ୍ରାର୍ଥିପତ୍ର କାଏମ ରହିଥିଲା। ହେଲେ ଅପରାହ୍ନରେ ଅମିର ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେବାରୁ ସଭାପତି ପଦ ନିର୍ଦ୍ୱନ୍ଦ୍ୱ ରହିଛି। ସେହିପରି ସହକାରୀ ସାଧାରଣ ସମ୍ପାଦକ ପଦ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ମଳୟ ରଞ୍ଜନ ସାହୁ, ଆଥଲେଟିକ ସମ୍ପାଦକରେ ଶ୍ରୀକାନ୍ତ ମହାକୁଡ଼, ଡିଏସ୍‌ଏ ସମ୍ପାଦକ ପଦରେ ସୁମନ ପ୍ରଧାନ ଏକମାତ୍ର ପ୍ରାର୍ଥୀ ଥିବାରୁ ସେମାନେ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବା ଘୋଷଣାରୁ ଜଣାପଡିଛି। କେବଳ ଉପସଭାପତି ପଦ ପାଇଁ ନିର୍ବାଚନ ହେବ ବୋଲି ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ଆଦିତ୍ୟ ସାହୁ, ସୁବାସ ସାହୁ, ରସାନନ୍ଦ ମହାପାତ୍ର ପ୍ରକାଶ କରିଛନ୍ତି।

### ନିର୍ବାଚନ ବାତିଲ ପାଇଁ ଦାବିପତ୍ର

ଅପରପକ୍ଷରେ ବଣ୍ଟଳା ମହାବିଦ୍ୟାଳୟ ଅଧକ୍ଷ ଛାତ୍ର ସଂସଦ ନିର୍ବାଚନରେ ହସ୍ତକ୍ଷେପ କରିବା ସହ ଏବିଭିପି ପ୍ରାର୍ଥୀଙ୍କୁ ସମର୍ଥନ କରୁଥିବା ଛାତ୍ର କଂଗ୍ରେସ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛି। ତୁରନ୍ତ ନିର୍ବାଚନ ବାତିଲ ପାଇଁ ମହାବିଦ୍ୟାଳୟର ସୁଜିତ କୁମାର ନାଏକ, ଚନ୍ଦ୍ରକାନ୍ତ ପ୍ରଧାନ, ସୁଶିଳ ସାହୁ, ଆଶୁତୋଷ ପ୍ରଧାନ, ଜ୍ୟୋତି ପ୍ରକାଶ ବେହେରା, ତାପସ କୁମାର ସାହୁ, ବିକାସ ରଞ୍ଜନ ପ୍ରଧାନ, ଅଭିଷେକ ଦାସ ପ୍ରମୁଖ ଦାବି କରିଛନ୍ତି। ଅନ୍ୟପକ୍ଷରେ ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି ଯେ, ଛାତ୍ରୀଛାତ୍ରମାନେ କରିଥିବା ଅଭିଯୋଗର ଅନୁଧାନ କରାଯିବ।

### ବଅଁରପାଳ ପିଏସ୍‌ଏସ୍ କଲେଜରେ ୩ ସଭାପତି ପ୍ରାର୍ଥୀ

**ବଅଁରପାଳ, ୪।୧୦(ଡି.ଏନ.ଏ.)**

ବଅଁରପାଳ ପିଏସ୍‌ଏସ୍ କଲେଜରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବୁଧବାର ଦାଖଲ ହୋଇଥିବା ପ୍ରାର୍ଥିପତ୍ର ଯାଞ୍ଚ କରାଯାଇ ଗୁରୁବାର ଫଳାଫଳ ପ୍ରକାଶ ପାଇଛି। ଯଶୋବନ୍ତ ଭୋଇ, ସନ୍ତୋଷ ଦାସ ଓ ସୁନୀଲ ମହାରଣା ସଭାପତି ପଦ ପାଇଁ ଲଢେଇ କରିବେ ବୋଲି ଜଣାପଡିଛି। ତେବେ ଉପସଭାପତି ପଦରେ ପ୍ରକାଶ ବିଶ୍ୱାଳ, ସାଧାରଣ ସମ୍ପାଦକ ପାଇଁ ରାଜେଶ ସାହୁ ଓ ଡିଏସ୍ ପଦରେ ମମତା ବେହେରା ଅପ୍ରତିଦ୍ୱନ୍ଦ୍ୱୀ ରହିଥିବା କଲେଜ ପକ୍ଷରୁ ଘୋଷଣା କରାଯାଇଛି।

### ସାହିତ୍ୟ ସମାଜର ଦର୍ପଣ

**କଣିହାଁ, ୪।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ବିଜିଗୋଳ ରାମମନ୍ଦିର ନିକଟ ରଙ୍ଗବେଡା ପଡିଆରେ ଚାଲିଥିବା ପୁସ୍ତକ ମେଳାର ଗୁରୁବାର ଥିଲା ୩ୟ ଦିବସ। ଏହି ଅବସରରେ ସନ୍ଧ୍ୟାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ତାଳଚେର କଲେଜ ଅଧାପକ ବିରଞ୍ଚି ସାମଲ, ଆଠମଲ୍ଲିକ ବିଡିଓ ରାହାସ ଚନ୍ଦ୍ର ନାଏକ, କଣିହାଁ ମହାବିଦ୍ୟାଳୟ ଅଧାପକ ମଦନ ମୋହନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସାହିତ୍ୟ ସମାଜର ଦର୍ପଣ। ସାହିତ୍ୟିକ ସେମାନଙ୍କ ରଚନାରେ ସାମାଜିକ ଚିନ୍ତାଧାରାକୁ ପରିପ୍ରକାଶ କରିଥାନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବ ପ୍ରତିଯୋଗିତାର କୃତିତ୍ୱ ହାସଲ କରିଥିବା ସ୍ୱୟଂ ସହାୟକ ଗ୍ରୁପ୍‌କୁ ପୁରସ୍କୃତ କରାଯାଇଥିଲା।

## ଏମ୍‌ପିଙ୍କ ଦିନିକିଆ ପାଲଲହଡ଼ା ଗସ୍ତ

# ପଦଯାତ୍ରାରେ ବୁଲିଲେ, ସମସ୍ୟା ବୁଝିଲେ

**ପାଲଲହଡ଼ା, ୪।୧୦(ଡି.ଏନ.ଏ.)**

ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀ ଗୁରୁବାର ଦିନିକିଆ ପାଲଲହଡା ଗସ୍ତରେ ଆସି ବିଜେଡିର ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ଏମ୍‌ପି ବିଭନ୍ନ ପଞ୍ଚାୟତ ତଥା ଗାଁ ବୁଲି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସେ ଲୋକଙ୍କୁ ଜଣାଇବା ସହ ଏହାର ସୁଫଳ ନେବା ଦିଗରେ ସଚେତନ କରାଇଥିଲେ।

ପୂର୍ବାହ୍ନ ୧୧ଟାରେ ଏମ୍‌ପି ସତପଥୀ ପ୍ରଥମେ ପାଲଲହଡା ବ୍ଲକ ଇଞ୍ଜିଡି ପଞ୍ଚାୟତର ତିଳେଇପଶି, ସାଆନ୍ଦା ଗ୍ରାମକୁ ଯାଇ ସେଠାରେ ମହିଳା କର୍ମଶାଳା ଗୃହ ଉଦ୍‌ଘାଟନ କରିଥିଲେ। ସେଠାରେ ତାଙ୍କୁ ଗ୍ରାମବାସୀ ସମ୍ବର୍ଦ୍ଧନା ଦେଇଥିଲେ। ପରେ ଆଲୋରି ପଞ୍ଚାୟତର ପରମାନନ୍ଦପୁର ଏବଂ ବୁରବୁରା ଗ୍ରାମରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଏହାପରେ ପରଛାଟ ଗ୍ରାମକୁ ଯାଇ ସମସ୍ୟା ପଚାରି ବୁଝିଥିଲେ। ଶେଷରେ ଏମ୍‌ପି କଲଣ୍ଡା ଗ୍ରାମରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମବାସୀ ଓ ଯୁବନେତା ସନ୍ଦୀପ ପ୍ରଧାନ ଏମ୍‌ପିଙ୍କୁ ସ୍ୱାଗତ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ପାଲଲହଡା ବ୍ଲକ ବିଜେଡି ସଭାପତି ଲଳିତ ମୋହନ ପ୍ରଧାନ, କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ବରିଷ୍ଠ ବିଜେଡି ନେତା ଜଗମୋହନ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଯୁଧିଷ୍ଠିର ଗଡ଼ନାୟକ, ବଅଁରପାଳ ବ୍ଲକ ପ୍ରତିନିଧି ନରେଶ ବେହେରା, ଗଦାଧର ସାହୁ, ବରିଷ୍ଠ ନେତା ମନୋଜ କୁମାର ସାହୁ, ଲକ୍ଷ୍ମୀଧର ବିଶ୍ୱାଳ, ଦୁର୍ଯ୍ୟୋଧନ ପ୍ରଧାନ, ନିଗମାନନ୍ଦ ସାହୁ, ଲୋକନାଥ ପ୍ରଧାନ, ଖଗେଶ୍ୱର ପ୍ରଧାନ,ସାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।


ଗ୍ରାମବାସୀ ଓ ସମର୍ଥକଙ୍କ ସହ ଏମ୍‌ପି ତଥାଗତ ସତପଥୀ।

बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଫୋନ୍: ୭୦୭୭୭୨୭୦୨୮

**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**

ବ୍ୟାଙ୍କ ଅଫ ବରୋଦା ନିମ୍ନଲିଖିତ ସ୍ଥାନରେ ଏହାର ନିମ୍ନଦର୍ଶିତ ବର୍ତ୍ତମାନସ୍ଥ ଶାଖାଗୁଡ଼ିକ ସ୍ଥାନାନ୍ତରଣ ପାଇଁ ୨ଟି ବିଡ୍ ବ୍ୟବସ୍ଥା ମାଧ୍ୟମରେ ଲିଜ୍ ସୂତ୍ରରେ ତଳ ମହଲାରେ ଆବଶ୍ୟକ ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି।

| | |
|---|---|
| **ବ୍ରହ୍ମପୁର ମୁଖ୍ୟ ଶାଖା:** ୧୬୦୦ ରୁ ୨୦୦୦ ବର୍ଗଫୁଟ (ଅନ୍ନପୂର୍ଣ୍ଣା ମାର୍କେଟ ଏରିଆ ନିକଟବର୍ତ୍ତୀ) | **ଜିଲ୍ଲା: ଗଞ୍ଜାମ** |
| **ଖଣ୍ଡଗିରି ଶାଖା :** ୧୬୦୦ ରୁ ୨୦୦୦ ବର୍ଗଫୁଟ (ଖଣ୍ଡଗିରି ଏରିଆ ନିକଟବର୍ତ୍ତୀ) | **ଜିଲ୍ଲା: ଖୋର୍ଦ୍ଧା** |

ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ www.bankofbaroda.com ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୦୬୭୪-୨୪୨୧୨୧୦ରେ ଯୋଗାଯୋଗ କରନ୍ତୁ ।
ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୨୯.୧୦.୨୦୧୮ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ।
ଉପ-ମହାପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

## ସଂକ୍ଷେପରେ

### ଖଟିଆରେ ବୁହା ହେଲେ ଗର୍ଭବତୀ

ବାରିପଦା ଅଫିସ, ବାଙ୍ଗିରିପୋଷି (ଡି.ଏନ.ଏ.), ୪।୧୦

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଚାଉଳଘରି ଗ୍ରାମକୁ ଯିବାକୁ ଅନ୍ତରାୟ ସାଜିଛି ଶଙ୍କରା ନାଳ। ଏହି ନାଳ ଯୋଗୁ ବାହ୍ୟ ଜଗତରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇଯାଉଛନ୍ତି ଗ୍ରାମବାସୀ। ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଆସିଲେ ନାଳ ନିକଟରେ ହିଁ ଅଟକି ରହୁଛି। ଗତ ରବିବାର ଗ୍ରାମର ଜଣେ ଗର୍ଭବତୀଙ୍କୁ ମେଡିକାଲ ନେବାକୁ ଆମ୍ବୁଲାନ୍ସ ଆସିଥିବା ବେଳେ ନାଳ ନିକଟରେ ଅଟକି ରହିଥିଲା। ଅନ୍ୟୋନପାୟ ହୋଇ ପରିବାର ଲୋକେ ତାଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ଠିକ୍ ୩ ଦିନ ପରେ ଏହି ଘଟଣାର ପୁନରାବୃତ୍ତି ହୋଇଛି। ଗ୍ରାମର ଆଉ ଜଣେ ଗର୍ଭବତୀଙ୍କୁ ନେବାକୁ ଆସି ଶଙ୍କରା ନାଳ ନିକଟରେ ପୁଣି ଅଟକି ରହିଥିଲା ଆମ୍ବୁଲାନ୍ସ। ମହିଳାଙ୍କ ସମ୍ପର୍କୀୟ ଖଟିଆରେ ତାଙ୍କୁ ବୋହି ନେବାକୁ ବାଧ ହୋଇଥିଲେ। ଗ୍ରାମର ଟୁମି ସିଂ ନାମ୍ନୀ ମହିଳାଙ୍କର ଗୁରୁବାର ସକାଳେ ପ୍ରସବ ବେଦନା ହୋଇଥିଲା। ପରିବାର ପକ୍ଷରୁ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିବା ବେଳେ ଆମ୍ବୁଲାନ୍ସ ମଧ ଠିକ ସମୟରେ ଆସିଥିଲା। ହେଲେ ଏହି ଗ୍ରାମକୁ ଯିବାକୁ ଶଙ୍କରା ନାଳ ଗାଁକୁ ସଂଯୋଗ କରିବାରେ ବାଧକ ସାଜିଛି। ଆମ୍ବୁଲାନ୍ସ ନାଳ ଅତିକ୍ରମ କରି ନ ପାରିବାରୁ ପ୍ରସବ ବେଦନାରେ ଛଟପଟ ହେଉଥିବା ମହିଳାଙ୍କୁ ପରିବାର ଲୋକେ ଏକ ଖଟିଆରେ ବୋହି ନାଳ ପାର କରି ଆଣିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବାଙ୍ଗିରିପୋଷି ଓ ପରେ ବାରିପଦା ମେଡିକାଲରେ ଭର୍ତ୍ତି କରାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଚାଉଳଘରି ଗ୍ରାମରେ ଆହୁରି ୩ ଜଣ ଗର୍ଭବତୀ ଅଛନ୍ତି।

■ ଶବ ବ୍ୟବଚ୍ଛେଦ ଗୃହରେ ଝଡ଼ାଫୁଙ୍କା, ପୂଜାପାଠ

# ମୃତ ନାବାଳକଙ୍କୁ ବଞ୍ଚାଇବାକୁ ଗୁଣିଆଙ୍କ ଉଦ୍ୟମ

ବଲାଙ୍ଗୀର ଅଫିସ,୪।୧୦-

ବଲାଙ୍ଗୀର ସନ୍ଥ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଶବ ବ୍ୟବଚ୍ଛେଦ ଗୃହରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା । ସାପ କାମୁଡାରେ ପ୍ରାଣ ହରାଇଥିବା ନାବାଳକଙ୍କୁ ବଞ୍ଚାଇବାକୁ ଜଣେ ଗୁଣିଆ ୧ ଘଣ୍ଟା ଧରି ଝଡ଼ାଫୁଙ୍କା କରିଥିଲେ । ଗାରେଡି ବିଦ୍ୟାରେ ମୃତ ନାବାଳକଙ୍କୁ ଜୀବନ୍ତ କରାଯିବାର ବୃଥା ପ୍ରୟାସ କରାଯିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହି ଘଟଣା ଲୋକ ଲୋଚନକୁ ଆସିଛି ।

ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଦିଗଶିରା ଗାଁର ହଳଧର ପାୟାସିଂଙ୍କ ପୁଅ ମଧୁ (୧୬) ଗତ ମଙ୍ଗଳବାର ରାତିରେ ଘରେ ଶୋଇଥିଲେ । ଏହି ସମୟରେ ତାଙ୍କୁ କୌଣସି ଏକ ବିଷଧର ସାପ କାମୁଡି ଦେଇଥିଲା। ଏ କଥା ଜଣା ପଡ଼ିବା ପରେ ଘର ଲୋକେ ତାଙ୍କୁ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆବଶ୍ୟକ ଚିକିତ୍ସା ଚାଲିଥିଲେ ମଧ ବୁଧବାର ମଧୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା । ଡାକ୍ତର ତାଙ୍କୁ ବଲାଙ୍ଗୀର ମେଡିକାଲ କଲେଜ ହସ୍ପିଟାଲକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। ତୁରନ୍ତ ମଧୁଙ୍କୁ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ବଲାଙ୍ଗୀର ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ମଧୁଙ୍କ ମୃତ୍ୟୁ ହୋଇସାରିଥିବା ଘୋଷଣା କରିଥିଲେ । ଏହାର କିଛି ସମୟ ପରେ ମୃତଦେହକୁ ବ୍ୟବଚ୍ଛେଦ ଗୃହକୁ ପଠାଇ ଦିଆଯାଇଥିଲା । ତେବେ ମଧୁଙ୍କ ପରିବାର ଲୋକେ ଡାକ୍ତରଙ୍କ କଥାକୁ ବିଶ୍ୱାସ କରି ନ ଥିଲେ। ପରିବାର ତରଫରୁ ବିଭିନ୍ନ ନାମକରା ଗୁଣିଆଙ୍କ ସହିତ ଯୋଗାଯୋଗ କରାଯାଇଥିଲା । କଳାହାଣ୍ଡି ଜିଲାର ଜଣେ ଗୁଣିଆ ମୃତ ଘୋଷିତ ନାବାଳକଙ୍କୁ ବଞ୍ଚାଇ ଦେବେ ବୋଲି ଦାବି କରିଥିଲେ । ସେଥିପାଇଁ ମୃତଦେହକୁ ଶବାଗାର ଫ୍ରିଜରରେ ନ ରଖିବାକୁ ଗୁଣିଆ କହିଥିଲେ । ଫଳରେ ମଧୁଙ୍କ ମୃତଦେହକୁ ବ୍ୟବଚ୍ଛେଦ କେନ୍ଦ୍ରର ବାରଣ୍ଡାରେ ରଖାଯାଇଥିଲା। ବୁଧବାର ଅପରାହ୍ନରେ ଗୁଣିଆ ଆସି ବ୍ୟବଚ୍ଛେଦ ଗୃହରେ ପହଞ୍ଚିବା ପରେ ଆରମ୍ଭ କରିଥିଲେ ତାଙ୍କ ପାରମ୍ପରିକ ଝଡ଼ାଫୁଙ୍କା । ଏମିତି କିଛି ସମୟ ଚାଲିବା ପରେ ମୃତ ନାବାଳକଙ୍କ ଜୀବନ ଫେରି ନ ଥିଲା । ଶେଷରେ ସେ ମଧୁଙ୍କ ମୃତଦେହ ପଛ ପଟେ ଏକ ଥାଳି ଲଗାଇ ତାଙ୍କ ଜୀବନ ଅଛି କି ନାହିଁ ପରୀକ୍ଷା କରିଥିଲେ। କିଛି ସମୟ ଧରି ପରୀକ୍ଷା କରିବା ପରେ ମଧୁଙ୍କ ବାସ୍ତବରେ ମୃତ୍ୟୁ ହୋଇଯାଇଛି ବୋଲି ଗୁଣିଆ ଘୋଷଣା କରିଥିଲେ।



ଶବ ବ୍ୟବଚ୍ଛେଦ ଗୃହରେ ଗୁଣିଆ ମୃତ ନାବାଳକଙ୍କୁ ବଞ୍ଚାଇବାକୁ ଝଡ଼ାଫୁଙ୍କା କରୁଛନ୍ତି ।

ମେଡିକାଲ କଲେଜ ହସ୍ପିଟାଲର ଶବ ବ୍ୟବଚ୍ଛେଦ ଗୃହରେ ଜଣେ ଗୁଣିଆଙ୍କ ଏଭଳି କାରନାମାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ଆଜିର ହାଇଟେକ୍ ଯୁଗରେ ଅନ୍ଧବିଶ୍ୱାସ ହିଁ ଏଥିପାଇଁ ଦାୟୀ ବୋଲି ସ୍ପଷ୍ଟ ହୋଇଛି । ଅନ୍ୟପକ୍ଷେ ଶବ ବ୍ୟବଚ୍ଛେଦ ଗୃହରେ ଜଣେ ଗୁଣିଆ ମୃତଦେହକୁ ନେଇ ଏଭଳି ପରୀକ୍ଷା ନିରୀକ୍ଷା କରିବା ଘଟଣା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। କେଉଁ ସାହସରେ ଗୁଣିଆ ଜଣକ ଡାକ୍ତରଖାନା ବ୍ୟବଚ୍ଛେଦ କକ୍ଷରେ ପଶି ମୃତଦେହ ପରୀକ୍ଷା ନିରୀକ୍ଷା କଲେ ଓ ଏହି ଘଟଣାକୁ ଡାକ୍ତରଖାନା କର୍ତ୍ତୃପକ୍ଷ ଓ ପୋଲିସ କିଭଳି ଅନୁମତି ଦେଲେ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି।

ଏ ନେଇ ମେଡିକାଲ କଲେଜ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ନାରାୟଣ ଆଚାର୍ଯ୍ୟଙ୍କୁ ପଚରାଯିବାରୁ ସେ ମୂଳ ପ୍ରସଙ୍ଗକୁ ଏଡାଇ ଯାଇଥିଲେ । ସେହିପରି ଟାଉନ୍ ଥାନା ଆଇଆଇସି ଗୋକୁଳାନନ୍ଦ ସାହୁଙ୍କୁ ପଚାରିବାରୁ ବୁଧବାର ସନ୍ଧ୍ୟା ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ଗୁରୁବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ତେବେ କେଉଁ ପରିସ୍ଥିତିରେ ପୋଲିସ ଉପସ୍ଥିତିରେ ବ୍ୟବଚ୍ଛେଦ ଗୃହରେ ଗୁଣିଆଙ୍କ ଦ୍ୱାରା ମୃତଦେହ ବଞ୍ଚାଇବାକୁ ଉଦ୍ୟମ ହେଲା ସେ ନେଇ ସେ କିଛି କହି ନ ଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଜକୁ ପଡ଼ିଲେ ପ୍ରମାଦ
ଗୁରୁ ବ୍ରାହ୍ମଣ ଶିରଚ୍ଛେଦ ।**

ନିଜ ଉପରେ ପ୍ରମାଦ ପଡ଼ିଲେ ସମସ୍ତେ ନିଜ ପ୍ରକୃତ ଚରିତ୍ର ଦେଖାଇଥାନ୍ତି। ଯେତେବେଳେ ନିଜ ଉପରକୁ କୌଣସି ବଡ଼ ଆକାରର ବିପଦ ପଡ଼େ ସେତେବେଳେ ବ୍ୟକ୍ତି ସେଥିରୁ ବର୍ତ୍ତିବା ବା ଉଦ୍ଧାର ପାଇବା ପାଇଁ ଯେକୌଣସି ସ୍ତରକୁ ମଧ ଖସିଯାଇଥାଏ। ଏପରିକି ଅନ୍ୟକୁ ହାଣମୁହଁକୁ ପଠାଇଦେବାକୁ ମଧ ତିଳେମାତ୍ର ଶଙ୍କାବୋଧ କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜ ରକ୍ଷଣ ଅସମ୍ଭବ
ସେ କାହୁଁ ଆମକୁ ରଖିବ ?**

ଯିଏ ଦୃଢ଼ କି ମଜଭୁତ୍ ନୁହେଁ ବା ଯାହାର କୌଣସି ସ୍ଥାୟିତ୍ୱ ନ ଥାଏ ସେ କାହାରି ଉପକାରରେ ଆସି ପାରି ନ ଥାଏ। ପରିସ୍ଥିତି ଯାହାର ଅଣାୟତ୍ତ ତା'ଠାରୁ କୌଣସି ପ୍ରକାର ସାହାଯ୍ୟ ସହାନୁଭୂତିର ଆଶା ରଖିବା ନିରର୍ଥକ ସାବ୍ୟସ୍ତ ହୋଇଥାଏ। ଯାହାର ସ୍ଥିତି ଦୁର୍ବଳ ସିଏ ଅନ୍ୟକୁ କିପରି ସୁରକ୍ଷା ଦେଇପାରିବ ସେ ନେଇ ମନରେ ପ୍ରଶ୍ନବାଚୀ ସୃଷ୍ଟିହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ଜୀବିକା ସମୃଦ୍ଧି ପ୍ରକଳ୍ପ

## ବେଦାନ୍ତ ପକ୍ଷରୁ ଚାଷୀଙ୍କୁ ସହାୟତା

ଝାରସୁଗୁଡ଼ା ଅଫିସ,୪।୧୦- ଝାରସୁଗୁଡ଼ା ବେଦାନ୍ତ ଲିମିଟେଡ୍, ନାବାର୍ଡ ଓ ସେବା ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଜୀବିକା ସମୃଦ୍ଧି ପ୍ରକଳ୍ପ ଅଧୀନରେ ସିରିଆପାଲି ଗ୍ରାମରେ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ଦୃଢ଼ କରିବାକୁ ପ୍ରୟାସ ଚାଲିଛି। ସିରିଆପାଲିଠାରେ ୪ଟି ରିଂ କୂଅ ଏବଂ ଗୋଟିଏ ସୌର ଚାଳିତ ପମ୍ପ ଉଦ୍‌ଘାଟନ କରାଯାଇ ଚାଷୀଙ୍କୁ ହସ୍ତାନ୍ତର କରାଯାଇଛି। ୮ ଫୁଟ ବ୍ୟାସ ଏବଂ ୩୦ ଫୁଟ ଗଭୀରର ୪ଟି କୂଅ ରହିଛି, ଯେଉଁଥିରୁ ପ୍ରାୟ ୬ ଏକର ଜମିକୁ ଜଳସେଚନ କରିହେବ। ଏଥିସହ ଚାଷୀ ଅର୍ଜୁନ ନାୟକଙ୍କୁ ଏକ ସୌରଚାଳିତ ପମ୍ପ ହସ୍ତାନ୍ତର କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବେଦାନ୍ତ ଜେନେରାଲ ମ୍ୟାନେଜର ଅଜୟ ପାଣ୍ଡେ, ସିଏସ୍‌ଆର୍ ମୁଖ୍ୟ ସୁନ୍ଦର ରାଜ, ସେବାର ମୁଖ୍ୟ ସୁଶିଲ କୁମାର ଦାଶ, କୃଷକ ସଂଘର ଜୟକୃଷ୍ଣ ପଟେଲ ପ୍ରମୁଖ ଯୋଗଦେଇଥିଲେ। ଜୀବିକା ସମୃଦ୍ଧି ପ୍ରକଳ୍ପ ଅଧୀନରେ ଚାଷୀଙ୍କୁ ଆଧୁନିକ ପ୍ରଣାଳୀରେ ଚାଷ କରିବା ନିମନ୍ତେ ତାଲିମ ମଧ ପ୍ରଦାନ କରାଯାଉଛି।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ ।
(1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ)
1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

SMS JOB
Send SMS, Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଡିଜିଟାଲ ଉପକରଣ
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗ୍ରୁପ୍। ନିଜର ଖାଲି ଜମି, ଛାତ, ଘର, କ୍ଷେତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦,୦୦୦, ଭଡ଼ା ୨୦,୦୦୦ + 20,000ର ଅନ୍ୟାନ୍ୟ ସୁବିଧା। କୋର୍ଟ ଏଗ୍ରୀମେଣ୍ଟ ।
ନୋଟ୍:- (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8810506876
8445779128
Address: House No.2, New Town, St. No.6, Delhi 110053

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
8979448754
8979448494

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

BUSINESS
ସରକାରୀ ଯୋଜନାଦ୍ୱାରା ଡିଜିଟାଲ୍ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ବିମା ଫ୍ରି
Office No.413, Commercial Complex, Paschim Vihar, New Delhi-64
08076675193
08700152155

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ସରକାରୀ ପଞ୍ଜୀକୃତ । ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ । ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର , ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ । କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରନ୍ତୁ।
Address:- Head Office 181/182 Janta Complex Rajiv Chok, Delhi
Contact:- 08826963806, 09319359816

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

ବ୍ୟବସାୟ
Regd. Company ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଆଡ୍‌ଭାନ୍ସ 75 ଲକ୍ଷ
ଭଡ଼ା 65,000
ନୋ ଏଗ୍ରିମେଣ୍ଟ ଫିସ୍
7065954352
8802183109
T-51, Gali No.8, Gautampuri, Delhi-110053

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Shri Mahavir Finance
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ Reg. No. MHF8555TN ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ଗୃହ, ବ୍ୟବସାୟ, ବିଉଟି ପାର୍ଲର ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । ସୁଧ 2%, ରିହାତି 50% ।
ଠକମାନଙ୍କ ପ୍ରତି ସାବଧାନ।
Ward No.22, Agol Road, Bilsi, Budaun, UP
7310612967
7310612891

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LIMITED
(Regd. No. - U6519TN1988 LC008555)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, କୃଷି ଏବଂ ସମସ୍ତ ଋଣ ଘରେ ବସି ପାଆନ୍ତୁ ମାତ୍ର 3ରୁ 4 ଦିନରେ 2% ସୁଧ 40% ରିହାତି।
H-33, ARODA, GREATER NOIDA
CALL NOW
7830246256
8859690149

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି। ନୋଟ୍- (ଇଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh

TOWER VISION
(GOVT. APPROVED)
ଭାରତର ନଂ.1 କମ୍ପାନୀ
କମ୍ପାନୀ ଦ୍ୱାରା ସବୁ କମ୍ପାନୀର 3G/4G ଉପକରଣ ଲଗାନ୍ତୁ ।
ଅଗ୍ରିମ 60 ଲକ୍ଷ, ଭଡ଼ା 40,000/-, ଅନ୍ୟାନ୍ୟ ଲାଭ 20,000/- ପାଆନ୍ତୁ ନିଜ ଜମି, ଛାତ, ପ୍ଲଟ୍‌କୁ ଭଡ଼ାରେ ଦେଇ + ବାଇକ୍ + ବୀମା (ଏଜେଣ୍ଟ ଆମନ୍ତ୍ରିତ)
08818956614
09753490869
ରାମ ନଗର ନାରନୋର, ହରିୟାଣା


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସଚେତନ ହେଲେ ପିଲାଙ୍କ ବିକାଶ ହେବ

ସାତମାଇଲ, ୪।୧୦(ଡି.ଏନ୍.ଏ.)- ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ମଙ୍ଗଳବାର ମାତୃ କର୍ମଶାଳା ଏବଂ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୁରୁମା ସୁଜାତା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କୁନିକୁନି ଛାତ୍ରିଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅଭିଭାବକ ସଚେତନ ହେଲେ ଛାତ୍ରିଛାତ୍ରଙ୍କ ବିକାଶ ହେବ ବୋଲି ମତପ୍ରକାଶ ପାଇଥିଲା। ସେହିପରି ବୌଦ୍ଧିକ ମଣ୍ଡପରେ ଆୟୋଜିତ ଅଭିଭାବକ ସମ୍ମିଳନୀରେ ପରିଚାଳନା କମିଟି ସଭାପତି ଇଂ. ଅଭିରାମ ସାହୁ ପୌରୋହିତ୍ୟ କରିଥିଲେ। ଅବସରପ୍ରାପ୍ତ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ପଣ୍ଡିତ କର ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ପାଦକ ବିରଞ୍ଚିନାରାୟଣ ତ୍ରିପାଠୀଙ୍କ ବକ୍ତା ଭାବେ ଯୋଗଦେଇ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ଅଭିଭାବକ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମଚାରୀ ପରିଚାଳନା ସହଯୋଗ କରିଥିଲେ।

### ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ, ୪।୧୦**

ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଢେଙ୍କାନାଳ ଏସ୍‌ବିଆଇ ଶାଖା ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କରିଥିଲେ। ମୁଖ୍ୟପରିଚାଳକ ଆଶୁତୋଷ ତ୍ରିପାଠୀଙ୍କ ନେତୃତ୍ୱରେ ମନମୋହନ ନାୟକ, ସନ୍ତୋଷ ବରାଳ, ମୁରଲୀ ଭଞ୍ଜ, ରାଜେନ୍ଦ୍ର ଦାସ, ଚୈତନ୍ୟ ଖୁଣ୍ଟିଆ, ଗିରିଶ ମହାଳିକ, ସୁଲଭ ସାହୁ, ବିଭାଶ ମହାନ୍ତି, ସାଗର ନାୟକ, କୈଳାସ ଚନ୍ଦ୍ର କର, ପ୍ରସନ୍ନ ପାଣି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ଭାଜପା ପକ୍ଷରୁ ସଫେଇ

**ପରଜଙ୍ଗ, ୪।୧୦(ଡି.ଏନ୍.ଏ.)**

ପରଜଙ୍ଗ ବ୍ଲକ ଭାଜପା ପକ୍ଷରୁ ମଙ୍ଗଳବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ, ଉପସଭାପତି ସୁଶାନ୍ତ ଦଳବେହେରା, କୃଷକ ମୋର୍ଚ୍ଚା ସଭାପତି ଦୟାନିଧି ସାହୁ, ମଣ୍ଡଳ ସଭାପତି ଦୁର୍ଗାଚରଣ ନାୟକ, ମଣ୍ଡଳ ସଭାପତି ରବିନାରାୟଣ ଜେନା, ପ୍ରଶାନ୍ତ ଦଳବେହେରା, ହେମନ୍ତ ସାମଲ, ପ୍ରଶାନ୍ତ ନାୟକ ପ୍ରମୁଖ ୟୁକୋ ବ୍ୟାଙ୍କ ମାର୍କେଟ, ସୁବାହୁସିଂ ମାର୍କେଟ, ଲକ୍ଷ୍ମୀବଜାର, ତାରିଣୀ ବଜାରରେ ଜମିଥିବା ଅଳିଆ ଆବର୍ଜନା ସଫା କରିଥିଲେ।

## ■ ପଥରଖମ୍ବ ପଞ୍ଚାୟତକୁ ମରୁଡ଼ି ଘୋଷଣା ଦାବି

# ଜାତୀୟ ରାଜପଥ ଅବରୋଧ କଲେ ଚାଷୀ


ଧାରଣାରେ ବସିଥିବା ଚାଷୀମାନେ।

**ପରଜଙ୍ଗ, ୪।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପଥରଖମ୍ବ ପଞ୍ଚାୟତକୁ ମରୁଡ଼ି ଘୋଷଣା ଦାବିରେ ଗୁରୁବାର ଶତାଧିକ ଚାଷୀ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଜିଲା କୃଷି ଅଧିକାରୀ ପ୍ରତିଶ୍ରୁତି ଦେବାପରେ ୬ଘଣ୍ଟା ଧରି ଚାଲିଥିବା ରାସ୍ତାରୋକୋ ହଟିଥିଲା।

ସ୍ୱଳ୍ପ ବୃଷ୍ଟିପାତ କାରଣରୁ ଗତବର୍ଷ ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ମରୁଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ବ୍ୟାପକ ଫସଲ ହାନି ହେବା ସହ ଦୋହଲି ଯାଇଥିଲା ଚାଷୀଙ୍କ ମେରୁଦଣ୍ଡ। କୃଷି ବିଭାଗ ଅଧିକାରୀମାନେ ଠିକ୍ ଭାବେ ଆକଳନ କରି ନ ଥିବାରୁ ଅଞ୍ଚଳକୁ ମାତ୍ର ୨୬% ମରୁଡ଼ି ଘୋଷଣା କରାଯାଇଥିଲା। ହେଲେ ବସୋଇ, ବଡ଼ଝରା, ଜୟପୁରାକାଟେଣୀ, କାର୍ଙ୍ଗିଳିରେ ଏକା ପରିମାଣର ବର୍ଷା ହୋଇଥିଲେ ସୁଦ୍ଧା ସମ୍ପୃକ୍ତ ପଞ୍ଚାୟତକୁ ୯୦% ମରୁଡ଼ି ଘୋଷଣା କରାଯାଇଛି, ଯାହା କୃଷି ବିଭାଗର ପକ୍ଷପାତିତା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଉପଯୁକ୍ତ କ୍ଷତିପୂରଣ ମିଳିବା ଆଶା ମଉଳି ଯାଇଥିବାରୁ ଏହାର ପ୍ରତିବାଦରେ ସକାଳ ୮ଟାରୁ ଶତାଧିକ ଚାଷୀ ରାସ୍ତାରୋକୋ କରିଥିଲେ। ଏହାକୁ ନେଇ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ତହସିଲଦାର ଅମ୍ରିତ ସରକାର ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ଜିଦ୍‌ରେ ଅଡ଼ି ବସିଥିଲେ।

ଚାଷୀମାନେ ଆହୁରି ମଧ୍ୟ କହିଛନ୍ତି, ଗ୍ରାମଠାରୁ ଅନତି ଦୂରରେ ରେଙ୍ଗାଳି ବାମ କେନାଲ ଖନନ କରାଯାଇଛି। ଅତି ଗଭୀରରେ କେନାଲ ଥିବାରୁ ଚାଷ ଜମିର ପାଣି ଶୁଖିଯାଉଛି। ଜଳସେଚନ ଲାଗି ବୃହତ୍ ଉଠା ଜଳସେଚନ ବ୍ୟବସ୍ଥା କରାଯାଇନାହିଁ। ଶତାଧିକ ପରିବାର ଚାଷ ଉପରେ ନିର୍ଭର କରୁଥିଲେ ମଧ୍ୟ ଉପଯୁକ୍ତ କ୍ଷତିପୂରଣ ମିଳୁନାହିଁ। ଏହାର ବିଚାର କରିବାକୁ ଗତ ୨୭ ତାରିଖରେ ଦାବିପତ୍ର ଦିଆଯାଇଥିଲା। ହେଲେ ପ୍ରଶାସନିକସ୍ତରରେ ଏହାର ସମାଧାନ ଲାଗି କେହି ଉଦ୍ୟମ କଲେନାହିଁ। ଫଳରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହୋଇଥିବା ସରପଞ୍ଚ ଲକ୍ଷ୍ମୀ ସେଠୀ, ଚାଷୀ ନରୋତ୍ତମ ସାହୁ, ବଳଭଦ୍ର ସାହୁ, ଓମ୍ ସାଇରାମ ଯୁବ କୃଷକ ସଙ୍ଘ ସଭାପତି ତମାଳ ପରିଡ଼ା, ସମ୍ପାଦକ ପ୍ରଦୀପ କୁମାର ସାହୁ ପ୍ରମୁଖ କହିଛନ୍ତି। ଅପରାହ୍ନ ୨ଟାରେ କାମାକ୍ଷାନଗର କୃଷି ଜିଲା ଅଧିକାରୀ ଦେବୀ ପ୍ରସାଦ ସାହୁ ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଉପରିସ୍ଥ ଅଧିକାରୀଙ୍କ ସହ ବିଚାରବିମର୍ଶ କରି ପଥରଖମ୍ବ ପଞ୍ଚାୟତକୁ ଅନ୍ୟ ମରୁଡ଼ି କ୍ଷତିଗ୍ରସ୍ତ ଅନ୍ୟ ପଞ୍ଚାୟତ ଭଳି କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ଆଲୋଚନାବେଳେ ବ୍ଲକ ସହକାରୀ କୃଷି ଅଧିକାରୀ ବରୁଣ ବେହେରା ଉପସ୍ଥିତ ଥିଲେ। ନଭେମ୍ବର ୪ ସୁଦ୍ଧା ଏହାର ସମାଧାନ ନ ହେଲେ ପରଜଙ୍ଗ କୃଷି କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

■ରାସ୍ତାରେ ଅଟକିଲା ଶହଶହ ଗାଡ଼ି
■କୃଷି ବିଭାଗକୁ ଦାୟୀ କଲେ ଚାଷୀ
■ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

## ଏନ୍ଏସି କାର୍ଯ୍ୟ ତଦାରଖ କଲେ ପ୍ରଶାସକ


ପିଡି ଡିଆର୍‌ଡିଏ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

**କାମାକ୍ଷାନଗର, ୪।୧୦(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପରେ ଭଙ୍ଗ ହୋଇଛି ବିଜ୍ଞପିତ ଅଞ୍ଚଳ ପରିଷଦ। ଏନ୍ଏସିର କାର୍ଯ୍ୟ ସୁରୁଖୁରୁରେ ଚଳାଇବା ଲାଗି ପ୍ରଶାସକଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କାମାକ୍ଷାନଗର ଏନ୍ଏସି ପାଇଁ ନିଯୁକ୍ତ ହୋଇଛନ୍ତି ଢେଙ୍କାନାଳ ଜିଲା ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା। ପ୍ରଶାସନ ଭାବେ ଦାୟିତ୍ୱ ନେବା ପରେ ଗୁରୁବାର ସେ ପ୍ରଥମ ଥର କାମାକ୍ଷାନଗର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ତାଙ୍କୁ ନିର୍ବାହୀ ଅଧିକାରୀ ବିରଜା ପ୍ରସାଦ ରଥଙ୍କ ସମେତ ସମସ୍ତ କର୍ମଚାରୀ ସ୍ୱାଗତ କରିଥିଲେ। ଏହି ଅବସରରେ ପିଡି ଡିଆର୍‌ଡିଏ ଆୟବ୍ୟୟର ସମୀକ୍ଷା କରିବା ସହ ବିଭିନ୍ନ ଜନହିତକର କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ବିଭାଗୀୟ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ।

## ବାଣିଜ୍ୟ ବିଭାଗ ଆଲୋଚନାଚକ୍ର

**କାମାକ୍ଷାନଗର, ୪।୧୦(ଡି.ଏନ.ଏ.)**

କାମାକ୍ଷାନଗର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ 'ଜୀବିକା ଉନ୍ନତିରେ ମାଇକ୍ରୋ ଫାଇନାନ୍ସର ଭୂମିକା' ଶୀର୍ଷକ ଦୁଇଦିନିଆ ଆଲୋଚନାଚକ୍ର ମଙ୍ଗଳବାର ଶେଷହୋଇଛି। କଲେଜଅଧକ୍ଷ ଅରବିନ୍ଦକାନ୍ତ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ସହଦେବ ସାସ୍ମଲ, ମୁଖ୍ୟବକ୍ତା ବିସ୍ତାର ପ୍ରାଇଭେଟ୍ ଲିମିଟେଡ୍ ଏବଂ ସମ୍ମାନିତ ଅତିଥି ଭାବେ ସିନିୟର ମ୍ୟାନେଜର ବିଭାଷିଶ ତ୍ରିପାଠୀ, ବ୍ଲକ ମିଶନ ଶକ୍ତି ସଂଯୋଜିକା ମୌସୁମୀ ସ୍ୱାଇଁ, ଏନ୍ଏସି କମ୍ୟୁନିଟି ଉପଦେଷ୍ଟା ସସ୍ମିତା ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ମଦନମୋହନ ବରାଳ ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କ୍ଷୁଦ୍ର ଅର୍ଥ ବ୍ୟବସ୍ଥା ସମାଜର ଅନଗ୍ରସର ଲୋକଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରିପାରିବ। ନିରନ୍ତର ଭାବେ ଏହି ପ୍ରକ୍ରିୟା ଜାରି ରଖିଲେ ଆର୍ଥିକ ମାନଦଣ୍ଡରେ ଉନ୍ନତି ହୋଇପାରିବ ବୋଲି ଅତିଥିମାନେ ଆଲୋଚନା କରିଥିଲେ। ଅଧ୍ୟାପକ ଦୁର୍ଗାଚରଣ ବିଶ୍ୱାଳ, ଜ୍ଞାନରଞ୍ଜନ ମିଶ୍ର, ପ୍ରଭାକର ପ୍ରଧାନ, ରଞ୍ଜନ ପୃଷ୍ଟି, ବିରଞ୍ଚି ନାରାୟଣ ବିଶ୍ୱାଳ, ସଞ୍ଜୟ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭାଗୀୟ ଅଧ୍ୟାପକ ପ୍ରମୋଦ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଲିପିକା ପ୍ରିୟଦର୍ଶିନୀ, ଶାଶ୍ୱତୀ ପ୍ରଧାନ, ଶିଳ୍ପା ସାହୁ, ଶୁକଦେବ ମହନ୍ତ, ସମରେନ୍ଦ୍ର ଜେନା, ଜାକ୍‌ସନ ଡୁଙ୍ଗଡୁଙ୍ଗ, ସତ୍ୟବ୍ରତ ମହାନ୍ତ, ଗୋବର୍ଦ୍ଧନ ବିଶ୍ୱାଳ ସନ୍ଦର୍ଭପାଠ କରିଥିଲେ। ଅଧ୍ୟାପିକା ପିଆଲି ତ୍ରିପାଠୀ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ■ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା

# ୭୫୬୭୯ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ

**ପରଜଙ୍ଗ, ୪।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ ଯୋଗଦେଇ ୭୫୬୭୯ଜଣଙ୍କୁ ରାଶନ କାର୍ଡ ବାଣ୍ଟିଥିଲେ।

ଏହି ଅବସରରେ ମନ୍ତ୍ରୀ କହିଲେ, ରାଜ୍ୟ ସରକାର କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ରାଜ୍ୟରେ ଯେପରି କେହି ଭୋକିଲା ରହିବେ ନାହିଁ ଏହାକୁ ଦୃଷ୍ଟିରେ ରଖି ଏପରି ଅଭିନବ ଯୋଜନା ଆରମ୍ଭ ହୋଇଛି। ଗରିବ ଲୋକେ ଶାନ୍ତିରେ ଗଣ୍ଡେ ଖାଇବାକୁ ପାଇଲେ ସରକାରଙ୍କ ପ୍ରକୃତ ଲକ୍ଷ୍ୟ ସାଧିତ ହେବ। ବ୍ଲକର ୮୧୬୩ ଜଣ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୭୫୬୭୯ଜଣଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ଅକ୍ଷୟ କୁମାର ବେହେରା, ଉପାଧକ୍ଷା ବିଳାସିନୀ ସେଠୀ, ବିଡିଓ ବସନ୍ତ କୁମାର ମଲ୍ଲିକ, ଜିଲା ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ କୁମାର ସାହୁ, ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଯୁବ ବିଜେଡି ସଭାପତି ସୁବ୍ରତ କୁମାର ଦାସ, ଜିଲା ସାଧାରଣ ସମ୍ପାଦକ ଭୂପେଶ ପ୍ରଧାନ, ବ୍ଲକ ରାଶନ କାର୍ଡ ଆର୍‌ସିଏମ୍ ମ୍ୟାନେଜମେଣ୍ଟ ଅପରେଟର ସନ୍ତୋଷୀ ପୃଷ୍ଟି, ସରପଞ୍ଚ ପ୍ରିୟଜିତ୍ ସାମଲ, ଗୌତମ ପାଣି, ଦୁଃଖବନ୍ଧୁ ସାହୁ, ସମିତିସଭ୍ୟ ଅଶୋକ ଜେନା, ମୀନକେତନ ସାମଲ, ପ୍ରଶାନ୍ତ ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏବିଡିଓ ଅଶୋକ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ମନ୍ତ୍ରୀ ଜଣେ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରୁଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ଢେଙ୍କାନାଳ ସହର ଦକ୍ଷିଣକାଳୀ ରୋଡ୍‌ସ୍ଥିତ ଗ୍ରାମ୍ୟ ଆତ୍ମ ନିଯୁକ୍ତି ତାଲିମ ଅନୁଷ୍ଠାନର ପ୍ରଶିକ୍ଷାର୍ଥୀ ଓ କର୍ମଚାରୀମାନେ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

# ନିର୍ବାଚନରେ ଭାଗ ନେଲାନି ଏବିଭିପି

**ଭୁବନ, ୪।୧୦(ଡି.ଏନ୍.ଏ.)**

ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରୁ ଏବିଭିପି ନିଜକୁ ଦୂରେଇ ରଖିଛି। ଏ ସଂକ୍ରାନ୍ତରେ ଜିଲା ପ୍ରମୁଖ ନିରଞ୍ଜନ ଗୁରୁ, ନଗର ସମ୍ପାଦକ ଶିବ ମହାରଣା ସୂଚନା ଦେଇ କୁହନ୍ତି, ୨୦୦୮ରେ ଆନୁଷଙ୍ଗିକ ଭିତ୍ତିଭୂମି ନ ଥାଇ କଲେଜକୁ ନାକ୍ ପକ୍ଷରୁ 'ସି ପ୍ଲସ' ଗ୍ରେଡ଼ ମାନ୍ୟତା ମିଳିଥିଲା। ଗତ ନିର୍ବାଚନରେ ଅଧିକାଂଶ ପଦବୀରେ ଏବିଭିପିର ପ୍ରାର୍ଥୀ ବିଜୟୀ ହୋଇଥିଲେ। ବର୍ଷେ ଭିତରେ କଲେଜରେ ଅନେକ ଗଠନମୂଳକ କାର୍ଯ୍ୟ ହୋଇଛି। ଏହା ସତ୍ତ୍ୱେ ଚଳିତ ବର୍ଷ ନାକ୍ ପକ୍ଷରୁ କଲେଜକୁ 'ସି' ଗ୍ରେଡ୍ ମାନ୍ୟତା ଦିଆଯାଇଛି। ଛାତ୍ର ସଂସଦ ନିର୍ବାଚନରେ କଲେଜ କର୍ମଚାରୀମାନେ ପକ୍ଷପାତିତା କରି ଗୋଟିଏ ଗୋଷ୍ଠୀକୁ ଗୁରୁତ୍ୱ ଦେଇଛନ୍ତି। ଏସବୁ କାରଣରୁ ଚଳିତବର୍ଷ ସଙ୍ଗଠନ ଛାତ୍ରସଂସଦ ନିର୍ବାଚନରୁ ନିଜକୁ ଦୂରେଇ ରଖିଥିବା ଜିଲା ଏବିଭିପି ପ୍ରମୁଖ ଅଭିଯୋଗ କରିଛନ୍ତି।


## ବ୍ରେକ୍ ଭ୍ୟାନ୍‌ଗୁଡ଼ିକର ଲିଜ୍

ଟେଣ୍ଡର ବିଜ୍ଞପ୍ତି ସଂ.: C/SBP/Tender/SLR/SLRD/9/18, ତା. 26.09.2018ରିଖ

**କାର୍ଯ୍ୟର ନାମ**

ପଞ୍ଜିକୃତ ଲିଜ୍‌ଧାରୀମାନଙ୍କୁ ବ୍ରେକ୍ ଭ୍ୟାନ୍ [SLRs/SLRDs] ପାର୍ସଲ ସ୍ଥାନର ଲିଜ୍ ।

| କ୍ର ସଂ. | ଟ୍ରେନ୍ ନଂ. | ଟ୍ରେନ୍ ର ନାମ | ଠାରୁ - ପର୍ଯ୍ୟନ୍ତ | ଲିଜ୍ ପାଇଁ ଉପଲବ୍ଧ ସ୍ଥାନ | ଏସ୍‌ଏଲ୍‌ଆର ର ବିନିର୍ଦ୍ଦେଶନ | ଆରକ୍ଷଣ ମୂଲ୍ୟ (ଟଙ୍କାରେ) |
|---|---|---|---|---|---|---|
| 1 | 18309 | ସମ୍ବଲପୁର-ଜମ୍ମୁ ତାୱି ଏକ୍ସପ୍ରେସ୍ | ସମ୍ବଲପୁର-ଜମ୍ମୁ ତାୱି | 04-Tonne F/SLR(FC) | SLRD | 22,173/- |
| 2 | 20809 | ନାଗାବଳୀ ଏକ୍ସପ୍ରେସ୍ | ସମ୍ବଲପୁର-ନାନ୍ଦେଡ୍ | 04-Tonne FSLR(FC) | GSLRD | 11,637/- |
| | | | | 04-Tonne RSLR(FC) | SLR | 11,637/- |
| 3 | 18006 | ସମଲେଶ୍ୱରୀ ଏକ୍ସପ୍ରେସ୍ | ସମ୍ବଲପୁର-ହାଓଡ଼ା ଅଂଶ | 04-Tonne FSLR(FC) | GSLRD | 4,987/- |
| 4 | 12872 | ଇସ୍ପାତ୍ ଏକ୍ସପ୍ରେସ୍ | ଟିଟିଲାଗଡ଼-ହାଓଡ଼ା | 04-Tonne FSLR(FC) | GSLRD | 4,239/- |
| | | | | 04-Tonne RSLR(RC) | SLR | 4,239/- |
| 5 | 18438 | ଲିଙ୍କ୍ ଏକ୍ସପ୍ରେସ୍ | ଜୁନାଗଡ଼ ରୋଡ଼-ଭୁବନେଶ୍ୱର | 04-Tonne FSLR(FC) | SLRD | 3,789/- |
| | | | | 04-Tonne RSLR(FC) | SLR | 3,789/- |
| 6 | 22804 | ସମ୍ବଲପୁର-ହାଓଡ଼ା ଏକ୍ସପ୍ରେସ୍ | ସମ୍ବଲପୁର-ହାଓଡ଼ା ଭାୟା ଅନୁଗୁଳ | 04-Tonne FSLR and RSLR | SLR | 3,836/- |
| 7 | 58303 | ସମ୍ବଲପୁର-ଜୁନାଗଡ଼ ରୋଡ଼ ପାସେଞ୍ଜର | ସମ୍ବଲପୁର-ଜୁନାଗଡ଼ ରୋଡ଼ | 04-Tonne FSLR and RSLR | SLR | 1,057/- |

ସପ୍ତାହରେ ଚଳାଚଳ ଦିବସ : କ୍ରମ ସଂ.1 ଏବଂ 3 ପାଇଁ : ଦୈନିକ (ଆର-ସ୍କେଲ), କ୍ରମ ସଂ.2 ପାଇଁ : ତ୍ରି-ସାପ୍ତାହିକ (ଆର-ସ୍କେଲ), କ୍ରମ ସଂ.4 ଏବଂ 5 ପାଇଁ : ଦୈନିକ (ପି-ସ୍କେଲ), କ୍ରମ ସଂ.6 ପାଇଁ : ସାପ୍ତାହିକ (ପି-ସ୍କେଲ) ଏବଂ କ୍ରମ ସଂ.7 ପାଇଁ : ଦୈନିକ (ଏସ୍-ସ୍କେଲ) ।

EMD(ଟଙ୍କାରେ) : 1,00.000/- (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) । ଟେଣ୍ଡର ଫର୍ମର ମୂଲ୍ୟ : ଟ.1,000/- + GST@ 18% (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) । ଟେଣ୍ଡର ନଥିପତ୍ର ଜାରି ହେବାର ଅନ୍ତିମ ତାରିଖ ଓ ସମୟ : ତା.09.11.2018ରିଖ 1700 ଘଟିକା ପର୍ଯ୍ୟନ୍ତ । ଟେଣ୍ଡର ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.12.11.2018ରିଖ 1600 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଖୋଲା ଯିବା ତାରିଖ ଓ ସମୟ : ତା.12.11.2018ରିଖ 1630 ଘଟିକାରେ ।

ଟେଣ୍ଡର ନଥିପତ୍ର ଉପଲବ୍ଧ ହେବା ସ୍ଥାନ : ତା.09.11.2018ରିଖ ପର୍ଯ୍ୟନ୍ତ 1000 ଘଟିକାରୁ 1700 ଘଟିକା ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସରେ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ । ଟେଣ୍ଡର ନଥିପତ୍ର ୱେବସାଇଟ୍ www.eastcoastrail.indianrailways.gov.in ଏବଂ http://tenders.gov.in ରେ ମଧ୍ୟ ଉପଲବ୍ଧ ହେବ ।

ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳ, ଦ୍ୱିତୀୟ ମହଲା, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ, ସମ୍ବଲପୁରଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ କରାଯାଇ ପାରିବ ।

PR - 359/J/18-19

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ସମ୍ବଲପୁର

**ପୂର୍ବ ତଟ ରେଳପଥ**



## ଆଲ୍ଲାହାବାଦ ବ୍ୟାଙ୍କ

ମଣ୍ଡଳ କାର୍ଯ୍ୟାଳୟ : ୩/୧ବି, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍: (୦୬୭୪)୨୩୬୨୩୪୨/୨୩୬୦୪୩୩, ଫ୍ୟାକ୍ସ: ୨୩୬୨୮୩୬

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟେରେଷ୍ଟ ଆକ୍ଟ,୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି

ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ଧାରା ୧୩ (୨) ଅନୁଯାୟୀ ନୋଟିସ୍ ଜାରି କରି ନିମ୍ନଲିଖିତ ଆକାଉଣ୍ଟଗୁଡ଼ିକର ସମ୍ପତ୍ତିକୁ ଦଖଲ କରିଛନ୍ତି। ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ, ଯାହା ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବାକୁ ଅଧିକାର ପାଇଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପ୍ଲାଟ୍‌ଫର୍ମ ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରାଯିବ।

**ଇ-ନିଲାମ ତାରିଖ ଓ ସମୟ: ତା୨୬.୧୦.୨୦୧୮ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୧.୦୦ ଘଟିକା**

**ପ୍ରସ୍ତାବ/ଇ-ନିଲାମ ପ୍ରକ୍ରିୟା ସମ୍ବନ୍ଧୀୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା୨୪.୧୦.୨୦୧୮ରିଖ ଅପରାହ୍ନ ୦୫.୦୦ ଘଟିକା ସୁଦ୍ଧା**

| ଶାଖାର ନାମ / ଋଣଗ୍ରହୀତା / ସହ-ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ଡିମାଣ୍ଡ ନୋଟିସ୍ ତାରିଖ, (ଖ) ଦଖଲ ନୋଟିସ୍ ତାରିଖ, (ଗ) ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | (କ) ସଂରକ୍ଷିତ ମୂଲ୍ୟ (ଖ) ଅମାନତ ରାଶି (ଗ) ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା /** ଋଣଗ୍ରହୀତାମାନେ: ୧) ଶ୍ରୀ ଶ୍ରୀଧର ଚନ୍ଦ୍ର ବଳ, ପିତା: ଶ୍ରୀ ପ୍ରକାଶ ଚନ୍ଦ୍ର ବଳ ଏବଂ ୨) ଶ୍ରୀମତୀ ମୋନାଲିସା ପାତ୍ର, ସ୍ୱାମୀ: ଶ୍ରୀ ଶ୍ରୀଧର ଚନ୍ଦ୍ର ବଳ, ପ୍ଲଟ୍ ନଂ.: ୧୨୭(ପି), ୧୩୧/୧୩୪୪, ବରେନ କୃଷ୍ଣ ଭିଲ୍ଲା, ମହର୍ଷି କଲେଜ ଅଫ୍ ନାଚୁରାଲ ଲ ଆଣ୍ଡ ସାଇନ୍ସ ପଛପାଖ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭ | (କ) ୧୮.୦୬.୨୦୧୬, (ଖ) ୨୧.୦୯.୨୦୧୬, (ଗ) ୧୭.୦୬.୨୦୧୬ ସୁଦ୍ଧା ଟ.୫୨,୯୦,୦୩୨/- + ୧୭.୦୬.୨୦୧୬ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଶ୍ରୀ ଶ୍ରୀଧର ଚନ୍ଦ୍ର ବଳଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଯାହା ହିଲ୍ ଭିଉ ଆପାର୍ଟମେଣ୍ଟ, ଫ୍ଲାଟ୍ ନଂ.: ୩୦୩, ୨ୟ ମହଲା, ବିଲ୍ଟ ଅପ୍ ଏରିଆ: ୧୪୬୫ ବର୍ଗଫୁଟ ସହିତ ଗ୍ୟାରେଜ ନିମନ୍ତେ ସ୍ଥାନ ଯାହାର ନଂ.: ସି/୦୧, ଏହି ଫ୍ଲୋରର ସାଧାରଣ ଖୋଲା ସ୍ଥାନ, କବାଟ ଏବଂ ବାରଣ୍ଡା, ପ୍ରବେଶ ଘର, ସିଡ଼ି ଅଛି, ଏହାର ବିଡିଏ ଅନୁମୋଦିତ ନଂ.: ୧୯୩୬୭/ବିପି, ତା.୨୦.୧୧.୨୦୧୦, ଅଭିବକ୍ତ ଜମିର ପରିମିତ କ୍ଷେତ୍ର: ଏକର୦.୧୫୪ଡିସିମିଲିରୁ ଏକର୦.୦୧୭ଡିସିମିଲି, ଡ୍ରଇଂ ନଂ.: ୧୧୬୧, ଅନୁରୂପ ପ୍ଲଟ୍ ନଂ.: ୩୨୧/୪୯୧୬ ଏବଂ ୩୨୧/୫୦୯୮, ମୌଜା: ନିଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ୟୁନିଟ ନଂ.: ୪୧, ଥାନା: ଭୁବନେଶ୍ୱର, ଥାନା ନଂ.: ୨୩, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାରେ ଅବସ୍ଥିତ। | (କ) ଟ.୫୧,୩୦,୦୦୦/- (ଖ) ଟ.୫,୧୩,୦୦୦/- (ଗ) ଟ.୨୫,୦୦୦/- |
| **ସହୀଦ ନଗର ଶାଖା, ଭୁବନେଶ୍ୱର /** ଋଣଗ୍ରହୀତା: ମେସର୍ସ କିସଲୟ ଗୁରୁକୁଳ ପ୍ରା. ଲିଃ, ପଞ୍ଜିକୃତ କାର୍ଯ୍ୟାଳୟ: ପ୍ଲଟ୍ ନଂ: ୪୭୭, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ନିର୍ଦ୍ଦେଶକମାନେ: ୧) ଶ୍ରୀ ଅଞ୍ଜନ ଜଗଦେବ ମହାପାତ୍ର, ପିତା: ଶ୍ରୀ ଅଭୟ କୁମାର ମହାପାତ୍ର, ୨) ଶ୍ରୀ ଆନନ୍ଦ ପ୍ରସାଦ କାନୁନ୍‌ଗୋ, ପିତା: ୰ ମହେନ୍ଦ୍ର ନାଥ | (କ) ୨୯.୧୧.୨୦୧୭, (ଖ) ୨୩.୦୨.୨୦୧୮, (ଗ) ୩୧.୧୦.୨୦୧୭ ସୁଦ୍ଧା ଟ.୧,୬୪,୫୬,୭୯୮/- + ୩୧.୧୦.୨୦୧୭ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଶ୍ରୀ ଅମ୍ବିକା ପ୍ରସାଦ ଜଗଦେବ ମହାପାତ୍ରଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି (ଖୋଲା ଜମି) ଯାହାର ମୌଜା: ନୂଆଗାଁ, ଥାନା: ଲିଙ୍ଗରାଜ, ଏସ୍‌ଆରଓ/ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୫୩/୧୦୫୦, ପ୍ଲଟ୍ ନଂ.: ୨୯/୧୭୦୬, ଚକ ନଂ.: ୧୮/୫୯, ଜମିର ସମୁଦାୟ କ୍ଷେତ୍ର: ଏକର୧.୦୦୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଦେବୋତ୍ତର ସମ୍ପତ୍ତି, ପ୍ଲଟ୍ ନଂ.: ୩୦, ୩୧, ୩୨, ୩୩, ୩୪, ଦକ୍ଷିଣ: ପ୍ଲଟ୍ ନଂ.: ୨୮ (ଚକ ନଂ.: ୧୭), ପୂର୍ବ: ପ୍ଲଟ୍ ନଂ.: ୫୦ (ଚକ ନଂ.: ୨୭) ଏବଂ ପ୍ଲଟ୍ ନଂ.: ୫୧ (ଚକ ନଂ.: ୨୬), ପଶ୍ଚିମ: ରାସ୍ତା | (କ) ଟ.୧,୮୭,୨୦,୦୦୦/- (ଖ) ଟ.୧୮,୭୨,୦୦୦/- (ଗ) ଟ.୨୫,୦୦୦/- |
| କାନୁନ୍‌ଗୋ / ଜାମିନ୍‌ଦାରମାନେ: ୧) ଶ୍ରୀ ଅଞ୍ଜନ ଜଗଦେବ ମହାପାତ୍ର, ପିତା: ଶ୍ରୀ ଅଭୟ କୁମାର ମହାପାତ୍ର, ୨) ଶ୍ରୀ ଆନନ୍ଦ ପ୍ରସାଦ କାନୁନ୍‌ଗୋ, ପିତା: ୰ ମହେନ୍ଦ୍ର ନାଥ କାନୁନ୍‌ଗୋ, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୪୭୭, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ୩) ଶ୍ରୀ ଅମ୍ବିକା ପ୍ରସାଦ ଜଗଦେବ ମହାପାତ୍ର, ପିତା: ଶ୍ରୀ ଅଭୟ କୁମାର ଜଗଦେବ ମହାପାତ୍ର, ସା/ପୋ: ଯାଆଁଳା, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୪ | | | |
| **ସମ୍ବଲପୁର ଶାଖା /** ଋଣଗ୍ରହୀତାମାନେ: ଶ୍ରୀ ରାଜେଶ କୁମାର ପାଣିଗ୍ରାହୀ, ପିତା: ଶ୍ରୀ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ସହ-ଋଣଗ୍ରହୀତା: ଶ୍ରୀମତୀ ଜୟଶ୍ରୀ ପାଣିଗ୍ରାହୀ, ସ୍ୱାମୀ: ଶ୍ରୀ ରାଜେଶ କୁମାର ପାଣିଗ୍ରାହୀ, ଉଭୟଙ୍କ ଠିକଣା: ସା: ଭାଲୁବାହାଲ, ଶାସନ, ଜିଲ୍ଲା: ସମ୍ବଲପୁର, ପିନ୍-୭୬୮୦୦୨ / ଜାମିନ୍‌ଦାର: ଶ୍ରୀ ରାଜେଶ ଚନ୍ଦ୍ର ପତି, ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ପତି, ସା: ବଂଶୀଧର ନଗର, ପୋ: ବରେଇପାଲି, ଜିଲ୍ଲା: ସମ୍ବଲପୁର, ପିନ୍-୭୬୮୦୦୬ | (କ) ୦୫.୧୨.୨୦୧୬, (ଖ) ୨୧.୧୦.୨୦୧୭, (ଗ) ୦୫.୧୨.୨୦୧୬ ସୁଦ୍ଧା ଟ.୨୯,୮୨,୩୧୨/- + ୦୫.୧୨.୨୦୧୬ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଶ୍ରୀ ରାଜେଶ କୁମାର ପାଣିଗ୍ରାହୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଭାଲୁବାହାଲ, ଥାନା: ଶାସନ, ତହସିଲ: ରେଙ୍ଗାଲି, ଜିଲ୍ଲା: ସମ୍ବଲପୁର, ଖାତା ନଂ.: ୨୪୨/୧୬୬, ପ୍ଲଟ୍ ନଂ.: ୨୪୯/୧୧୬୫, କ୍ଷେତ୍ର: ଏକର୦.୧୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ.: ୨୪୯ (ପି), ଦକ୍ଷିଣ: ଉତ୍ତର: ପ୍ଲଟ୍ ନଂ.: ୨୪୯ (ପି), ପୂର୍ବ: ପ୍ଲଟ୍ ନଂ.: ୨୪୩, ପଶ୍ଚିମ: ପ୍ଲଟ୍ ନଂ.: ୨୫୧ | (କ) ଟ.୪୦,୮୯,୦୦୦/- (ଖ) ଟ.୪,୦୮,୯୦୦/- (ଗ) ଟ.୨୫,୦୦୦/- |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ-ନିଲାମ ପ୍ଲାଟ୍‌ଫର୍ମ (https://allahabadbank.auctiontiger.net) ଆମର ଇ-ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜିସ୍ ଲିଃ. (ଅକ୍ସନ ଟାଇଗର), ଅହମ୍ମଦାବାଦ, ଯାହାର ପଞ୍ଜିକୃତ କାର୍ଯ୍ୟାଳୟ: ଗୁଜରାଟ, (ଯୋଗାଯୋଗ ନଂ. ଏବଂ ମୋବାଇଲ ନଂ.: ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାଜେଶ ନାୟକ, ୦୭୯-୪୦୨୩୦୮୨୧/୮୨୩/୮୨୪ ଏବଂ ୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯ ଦ୍ୱାରା ପ୍ରଦାନ କରାଯିବ। ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ-ନିଲାମ ତାଲିମ ଏବଂ ଡେମୋନଷ୍ଟ୍ରେସନ୍ ପ୍ରଦାନ କରିପାରିବେ।

୨) ଇ-ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁଁଥିବା ଅଂଶଗ୍ରହଣକାରୀମାନେ ସେବା ପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ-ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶନ ପୁସ୍ତିକା ଏବଂ ଇ-ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁଷଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ-ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜିସ୍ ଲିଃ. (ଅକ୍ସନ ଟାଇଗର) ଅହମ୍ମଦାବାଦ ର ୱେବସାଇଟରୁ ଡାଉନଲୋଡ୍ କରିପାରିବେ।

୩) ଇଚ୍ଛୁକ ନିଲାମଧାରୀମାନେ ଇ-ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ୍ (https://allahabadbank.auctiontiger.net) ଦ୍ୱାରା ତା୨୬.୧୦.୨୦୧୮ରିଖ ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୦୧.୦୦ଘଟିକାରେ ସମ୍ପନ୍ନ ହେବାକୁ ଥିବା ଇ-ନିଲାମରେ ଅଂଶଗ୍ରହଣ କରିପାରିବେ। ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା୦୫.୧୦.୨୦୧୮ରିଖ ପରଠାରୁ www.tenders.gov.in ଏବଂ https://allahabadbank.auctiontiger.net ଦେଖନ୍ତୁ।

ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ।
(ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ: ତା୨୪.୧୦.୨୦୧୮ ଅପରାହ୍ନ ୦୫.୦୦ଘଟିକା ସୁଦ୍ଧା)

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୪.୧୦.୨୦୧୮

କ୍ଷମତାପ୍ରାପ୍ତ ଅଧିକାରୀ, ଆଲାହାବାଦ ବ୍ୟାଙ୍କ



ଏସ୍‌ସି, ଏସ୍‌ଟି ବର୍ଗର ଲୋକଙ୍କ ଅଧିକାରକୁ କେହି ଛଡ଼ାଇନେଇ ପାରିବେ ନାହିଁ । ଭାରତରେ ସଂରକ୍ଷଣ ହଟାଇବା ପାଇଁ କାହାର କ୍ଷମତା ନାହିଁ ।
- ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ରୀତା ବରନ୍‌ୱାଲ ଆମେରିକାର ଆଣବିକ ଶକ୍ତି ବିଭାଗ ମୁଖ୍ୟ



ୱାଶିଂଟନ,୪।୧୦(ପି.ଟି.)- ଭାରତୀୟ ବଂଶୋଦ୍ଭବ ମହିଳା ରୀତା ବରନ୍‌ୱାଲଙ୍କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦେଶର ଆଣବିକ ଶକ୍ତି ବିଭାଗ ମୁଖ୍ୟ ଭାବେ ମନୋନୀତ କରିଛନ୍ତି। ସିନେଟ୍ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେବା ପରେ ରୀତା ଆଣବିକ କାରିଗରି ଭିତ୍ତିଭୂମି ବିଭାଗର ମୁଖ୍ୟ ଭାବେ ଅବସ୍ଥାପିତ ହେବେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ଗୁରୁବାର ଏକ ବିବୃତିରେ କୁହାଯାଇଛି। ରୀତା ବର୍ତ୍ତମାନ ଗେଟ୍‌ୱେ ଫର୍ ଆକ୍‌ସିଲିରେଟେଡ୍ ଇନୋଭେଶନ୍ ଇନ୍ ନ୍ୟୁକ୍ଲିୟର୍ (ଜିଏଆଇଏନ୍) ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ।

### ଅଯୋଧ୍ୟା ଯିବେ ଉଦ୍ଧବ



ମୁମ୍ବାଇ,୪।୧୦(ପି.ଟି.)-ରାମମନ୍ଦିରକୁ ନେଇ ରାଜନୀତି ଜୋର୍ ଧରିଥିବାବେଳେ ଶିବସେନା ଅଧକ୍ଷ ଉଦ୍ଧବ ଠାକ୍‌ରେ ଅଯୋଧ୍ୟା ଯିବା ପାଇଁ ଗୁରୁବାର ଘୋଷଣା କରିଛନ୍ତି। ରାମମନ୍ଦିର ନିର୍ମାଣ ପ୍ରସଙ୍ଗରେ ଶିବସେନାର ଆଭିମୁଖ୍ୟକୁ ପୁଣିଥରେ ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ ସେ ଦଶହରାରେ ଅଯୋଧ୍ୟା ଗସ୍ତ କରି ସେଠାରେ ଏକ ସଭାକୁ ସମ୍ବୋଧିତ କରିବେ ବୋଲି କହିଛନ୍ତି। ଏହା ପୂର୍ବରୁ ବୁଧବାର ଉଦ୍ଧବ ଦଳର ମୁଖ୍ୟାଳୟ ସେନା ଭବନରେ ରାମ ଜନ୍ମଭୂମି ଟ୍ରଷ୍ଟ ମୁଖ୍ୟ ଜନ୍ମେଜୟ ଶରଣଜୀ ମହାରାଜଙ୍କୁ ଭେଟିଥିଲେ। ଶରଣଜୀ ରାମମନ୍ଦିର ନିର୍ମାଣରେ ତାଙ୍କ ସହାୟତା ଲୋଡ଼ିଥିବା ଜଣାପଡ଼ିଛି।

### 'ବିକଳ୍ପ ପାଇଁ ଜରୁରୀ ନୁହେଁ ପ୍ରଧାନମନ୍ତ୍ରୀ ଚେହେରା'

ଅମରାବତୀ,୪।୧୦(ଏ.ପି.)-ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଶାସନର ଅନ୍ତ ଘଟାଇବା ପାଇଁ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସ୍ୱତଃ ଏକ ବିକଳ୍ପ ସାମ୍ମୁଖ୍ୟ ଉଭାହେବ। ଏଥିଲାଗି ପ୍ରଧାନମନ୍ତ୍ରୀ ଚେହେରା ଜରୁରୀ ନୁହେଁ ବୋଲି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା



ଟିଡିପି ଅଧକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁ ଦୃଢ଼ୋକ୍ତି ବାଢ଼ିଛନ୍ତି। ଚନ୍ଦ୍ରାବାବୁ ଗୁରୁବାର ଏକ ସାକ୍ଷାତ୍‌କାରରେ କହିଛନ୍ତି, ଲୋକେ ମୋଦି ସରକାରଙ୍କ ଉପରେ କ୍ଷୁବ୍ଧ ଅଛନ୍ତି। ସେମାନେ ବିକଳ୍ପକୁ ଗ୍ରହଣ କରିବେ। ଏପରି କି ବିକଳ୍ପ ସାମ୍ମୁଖ୍ୟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କିଏ ହେବେ ତାହା ଅପ୍ରାସଙ୍ଗିକ ହୋଇପଡ଼ିବ। ବିକଳ୍ପ ସାମ୍ମୁଖ୍ୟ ଗଠନ ଲାଗି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ଚାଲିଥିବା ଚନ୍ଦ୍ରାବାବୁ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ବିରୋଧୀଙ୍କ ପକ୍ଷରୁ ଚାଲିଥିବା ମହାମେଣ୍ଟ ଉଦ୍ୟମକୁ ନେଇ ଭାଜପା ତାଚ୍ଛଲ୍ୟ କରିଛି। ପାକିସ୍ତାନରେ ଅନେକ ଶକ୍ତି କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ଭାରତର ପ୍ରଧାନମନ୍ତ୍ରୀ କରାଇବାକୁ ଚାହୁଁଛନ୍ତି ବୋଲି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି।

## ଇତିହାସର ଆଇନାରେ

### ଅକ୍ଟୋବର ୫ର ପ୍ରମୁଖ ଘଟଣା

୧୯୪୮ ଅକ୍ଟୋବର ୫ରେ ତୁର୍କମେନିସ୍ତାନର ଆଶ୍‌ଗାବାତ୍‌ଠାରେ ଭୟାବହ ଭୂକମ୍ପ ସଂଘଟିତ ହୋଇଥିଲା। ଏଥିରେ ପ୍ରାୟ ୧ ଲକ୍ଷ ୧୦ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ଲକ୍ଷାଧିକ ଲୋକ ଆହତ ହେବା ସହ ବାସହରା ହୋଇ ପଡ଼ିଥିଲେ। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୩ ଥିଲା।

୨୦୦୦ ମସିହା ଅକ୍ଟୋବର ୫ରେ ବେଲ୍‌ଗ୍ରେଡ୍‌ଠାରେ ବଡ଼ଧରଣର ଗଣଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଏହାକୁ ବେଲ୍‌ଗ୍ରେଡ୍ ଗଣ ଆନ୍ଦୋଳନ ଏବଂ ବୁଲ୍‌ଡୋଜର ବିପ୍ଳବ ବୋଲି ମଧ କୁହାଯାଏ। ଏହି ଆନ୍ଦୋଳନ ଫଳରେ ସର୍ବିଆର ଷ୍ଟ୍ରଙ୍ଗ୍‌ମ୍ୟାନ୍ ଭାବେ ପରିଚିତ ରାଷ୍ଟ୍ରପତି ସ୍ଲୋବୋଦାନ ମିଲୋସେଭିକ୍ ଇସ୍ତଫା ଦେବାକୁ ବାଧ ହୋଇଥିଲେ। ତାଙ୍କ ସମୟରେ ଯୁଗୋସ୍ଲାଭିଆର ବିଭାଜନ ଘଟିଥିଲା।

■ ପେଟ୍ରୋଲ, ଡିଜେଲକୁ ନେଇ ରାଜନୀତି: କେନ୍ଦ୍ରକୁ କଂଗ୍ରେସର ଟାର୍ଗେଟ

# ଭୟରେ କମାଇଦେଲେ ତୈଳଦର

ନୂଆଦିଲ୍ଲୀ,୪।୧୦(ପି.ଟି.)

ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରି ଲିଟର ପିଛା ଟ୨.୫୦ କମ କରିଦେଇଛନ୍ତି କେନ୍ଦ୍ର ସରକାର। ଏହାକୁ ଭାଜପା ଲୋକଙ୍କ ପ୍ରତି ମୋଦି ସରକାରଙ୍କ ସମ୍ବେଦନଶୀଳତା ବୋଲି ଡିଣ୍ଡିମ ପିଟିବା ଆରମ୍ଭ କରିଦେଇଥିବାବେଳେ ୫ ରାଜ୍ୟରେ ନିର୍ବାଚନ ଥିବାରୁ ପରାଜୟର ଭୟରେ କେନ୍ଦ୍ର ଏଭଳି ପଦକ୍ଷେପ ନେଇଥିବା କଂଗ୍ରେସ କହିଛି। ଦେଶବାସୀଙ୍କ ଦେହରେ ହଜାର ହଜାର କ୍ଷତ ସୃଷ୍ଟି କରିବା ପରେ ଘା' ଶୁଖାଇବାକୁ ଯାଇ ସରକାର ବ୍ୟାଣ୍ଡ-ଏଡ୍ ଲଗାଇଛନ୍ତି ବୋଲି ଦଳ ପକ୍ଷରୁ ସମାଲୋଚନା କରାଯାଇଛି।

ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଡାକି ତୈଳଦର ହ୍ରାସ ନେଇ ଘୋଷଣା କରିଥିଲେ। ଏଥିସହ ଅନୁରୂପ ପଦକ୍ଷେପ ନେଇ ମୂଲ୍ୟଯୁକ୍ତ କର (ଭାଟ୍) ଉପରୁ ଟ୨.୫୦ କମ କରିବାକୁ



ରଣଦୀପ ସୁର୍ଜେୱାଲା



ସମ୍ବିତ୍ ପାତ୍ର

ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଥିଲେ। ଜେଟ୍‌ଲୀଙ୍କ ଘୋଷଣା ପରେ ଭାଜପା ଏବଂ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକ ଏହାକୁ ମାନିନେଇଥିଲେ। ମହାରାଷ୍ଟ୍ର, ଗୁଜରାଟ, ଛତିଶଗଡ଼, ଝାଡ଼ଖଣ୍ଡ, ତ୍ରିପୁରା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହିମାଚଳ ପ୍ରଦେଶ, ହରିୟାଣା, ଆସାମ, ଉତ୍ତରାଖଣ୍ଡ ଭଳି ରାଜ୍ୟଗୁଡ଼ିକର ସରକାର ଭାଟ୍ ହ୍ରାସ କରିବାକୁ ଘୋଷଣା କରି ଚାଲିଲେ। ସେହିପରି ରାଜ୍ୟପାଳ ଶାସନ ଜାରି ହୋଇଥିବା ଜମ୍ମୁ-କଶ୍ମୀରରେ ମଧ ଶୁଳ୍କ ହ୍ରାସ ପାଇଁ ନିଷ୍ପତ୍ତି ଘୋଷଣା କରାଗଲା। ସେପଟେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଟୁଇଟ୍ କରି ଅର୍ଥମନ୍ତ୍ରୀଙ୍କ ଘୋଷଣାକୁ ସ୍ୱାଗତ କଲେ। ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର ଲୋକଙ୍କ ହିତସାଧନ ପ୍ରତି ଏହା ମୋଦି ସରକାରଙ୍କ ସମ୍ବେଦନଶୀଳତାର ପରିଚୟ ବୋଲି ପ୍ରଶଂସା କରିବା ସହ କଂଗ୍ରେସକୁ ସମାଲୋଚନା କଲେ। ଏହାର କିଛି ସମୟ ପରେ କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ତୈଳଦର ହ୍ରାସକୁ କେନ୍ଦ୍ରର ଭୟଜନିତ ପ୍ରତିକ୍ରିୟା ବୋଲି ଅଭିହିତ କଲେ। ସୁର୍ଜେୱାଲା କହିଲେ, ୫ ରାଜ୍ୟରେ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାରୁ ଲୋକଙ୍କ ଆକ୍ରୋଶର ଶିକାର ହେଲେ ଭୋଟ ମିଳିବ ନାହିଁ। ନିର୍ବାଚନରେ ପରାଜୟ ନିଶ୍ଚିତ ଜାଣି ସରକାର ତୈଳଦର ହ୍ରାସ କରିଛନ୍ତି। ଏହି ପଦକ୍ଷେପ ଫାଶୀଦଣ୍ଡରେ ଦଣ୍ଡିତ କରାଯାଇଥିବା ଜନସାଧାରଣଙ୍କ ପାଇଁ ଆଜୀବନ କାରାଦଣ୍ଡର ବିଧାନ କରିବା ସହ ସମାନ। ମୋଦି ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ବାବଦକୁ ୧୩ ଲକ୍ଷ ଟଙ୍କା ଲୁଟ୍ କରିଥିବାବେଳେ ଭାଜପା ଶାସିତ ରାଜ୍ୟଗୁଡ଼ିକ ଅନୁରୂପ ପରିମାଣର ଭାଟ୍ ଆଦାୟ କରିଛନ୍ତି। ଏବେ ଦର ହ୍ରାସ କରି ଭାଜପା ଲୋକଙ୍କୁ ବୋକା ବନାଇପାରିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ଜେଟ୍‌ଲୀ ଏନେଇ ଜବାବ ରଖନ୍ତୁ ବୋଲି ସୁର୍ଜେୱାଲା ଦାବି କରିଛନ୍ତି।

# ୭ ରୋହିଙ୍ଗ୍ୟାଙ୍କୁ ମ୍ୟାନ୍‌ମାର ପ୍ରତ୍ୟର୍ପଣ

ଇମ୍ଫାଲ,୪।୧୦(ପି.ଟି.)

ଆସାମରେ ବେଆଇନ ଭାବେ ବସବାସ କରୁଥିବା ୭ ରୋହିଙ୍ଗ୍ୟାଙ୍କୁ ମ୍ୟାନ୍‌ମାରକୁ ପ୍ରତ୍ୟର୍ପଣ କରାଯାଇଛି। ଭାରତୀୟ କର୍ତ୍ତୃପକ୍ଷ ସେମାନଙ୍କୁ ଗୁରୁବାର ମଣିପୁରର ମୋରେହଠାରେ ମ୍ୟାନ୍‌ମାର ଅଧିକାରୀଙ୍କୁ ହସ୍ତାନ୍ତର କରିଛନ୍ତି।

୨୦୧୨ରେ ୭ ରୋହିଙ୍ଗ୍ୟା ବେଆଇନ ଭାବେ ଭାରତରେ ଅନୁପ୍ରବେଶ କରି ଆସାମରେ ଗିରଫ ହୋଇଥିଲେ। ସେବେଠୁ ସେମାନଙ୍କୁ ସିଲଚର ଜିଲାର ଏକ ଜେଲରେ ରଖାଯାଇଥିଲା। ୬ ବର୍ଷ ଜେଲଦଣ୍ଡ ଭୋଗିବା ପରେ ସେମାନଙ୍କୁ ଗୁରୁବାର ଆସାମରୁ ଆଣି ମ୍ୟାନ୍‌ମାର ଆପ୍ରବାସନ ଉପନିର୍ଦ୍ଦେଶକ ଅଙ୍ଗ୍ ମ୍ୟୋଙ୍କୁ ହସ୍ତାନ୍ତର କରାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ନିର୍ଦ୍ଦେଶକ୍ରମେ ରୋହିଙ୍ଗ୍ୟାଙ୍କ ଅନୁପ୍ରବେଶ ରୋକିବା ଲାଗି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଅନ୍ତର୍ଜାତୀୟ ସୀମାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଏହା ପୂର୍ବରୁ ୭ ରୋହିଙ୍ଗ୍ୟାଙ୍କ ପ୍ରତ୍ୟର୍ପଣ ଉପରେ ରୋକ ଲଗାଇବା ପାଇଁ ଦାଏର ଏକ ପିଟିଶନକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଥିଲେ। ଏହି ରୋହିଙ୍ଗ୍ୟାମାନଙ୍କୁ ମ୍ୟାନ୍‌ମାର ନିଜ ନାଗରିକ ଭାବେ ଗ୍ରହଣ କରିଥିବା କେନ୍ଦ୍ର ସରକାର ଶୁଣାଣି ବେଳେ ଯୁକ୍ତି ବାଢ଼ିଥିଲେ। ତେଣୁ ଏହି ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତ ଏଥିରେ ହସ୍ତକ୍ଷେପ କରିବାକୁ ଚାହୁଁ ନ ଥିବା ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଦର୍ଶାଇଥିଲେ। ଦୁଇଜଣ ରୋହିଙ୍ଗ୍ୟା ଶରଣାର୍ଥୀ ମହମ୍ମଦ ସଲିମୁଲ୍ଲା ଓ ମହମ୍ମଦ ଶାକିର ଦେଶରେ ରହୁଥିବା ୪୦ ହଜାର ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ପ୍ରତ୍ୟର୍ପଣ ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଶୀର୍ଷ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ। ସେହିପରି ୭ ରୋହିଙ୍ଗ୍ୟାଙ୍କ ପ୍ରତ୍ୟର୍ପଣ ନିଷ୍ପତ୍ତି ଉପରେ ରୋକ ଲଗାଇବା ସକାଶେ ଜରୁରୀ ଶୁଣାଣି କରିବାକୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଖଣ୍ଡପୀଠ ସେମାନଙ୍କ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରିବାକୁ ମନା କରିଦେବା ପରେ ପ୍ରତ୍ୟର୍ପଣ ପାଇଁ ବାଟ ଫିଟିଥିଲା। ରୋହିଙ୍ଗ୍ୟାଙ୍କ ପ୍ରତ୍ୟର୍ପଣ କରିବା କ୍ଷେତ୍ରରେ ଏହା ହେଉଛି ଭାରତ ସରକାରଙ୍କ ପ୍ରଥମ ପଦକ୍ଷେପ।

**ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ**

# ମା, ଝିଅଙ୍କୁ ୨ ମାସ ବଳାତ୍କାର କଲେ ଏଏସ୍‌ଆଇ

କୈଥାଲ, ୪।୧୦

ହରିୟାଣାରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। କୈଥାଲ ଜିଲାର କଲାୟତ୍ ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ୧୬ ବର୍ଷୀୟା ନାବାଳିକା ଏବଂ ତାଙ୍କ ମା' ବଳାତ୍କାରର ଶିକାର ହୋଇଛନ୍ତି। ପୋଲିସ ବିଭାଗର ଜଣେ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର (ଏଏସ୍‌ଆଇ) ଉଭୟଙ୍କୁ ୨ମାସ ଯୌନ ଶୋଷଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତି ନେଇ ୭ ପୋଲିସ କର୍ମଚାରୀଙ୍କ ସମେତ ୧୮ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି।

ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ଏଏସ୍‌ଆଇ ଶମ୍‌ଶେର ସିଂ ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ। ଗତମାସ ଏହି ପୋଲିସ ଅଧିକାରୀ ତାଙ୍କ ଘରକୁ ଆସି ବନ୍ଧୁକ ଦେଖାଇ ଦୁହିଙ୍କୁ ବଳାତ୍କାର କରିଥିଲେ। ଗ୍ରାମର ସରପଞ୍ଚ ଓ ପୂର୍ବତନ ସରପଞ୍ଚଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ଏଏସ୍‌ଆଇଙ୍କୁ ସହଯୋଗ କରିଥିଲେ। ମା' ଓ ଝିଅଙ୍କୁ ସେ ବଳାତ୍କାର କରିବାବେଳେ ଅନ୍ୟମାନେ ବାହାରେ ଛିଡ଼ା ହୋଇରହିଥିଲେ। ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ସେମାନଙ୍କୁ ଅନେକ ଥର ବଳାତ୍କାର କରାଯାଇଛି ବୋଲି ପୀଡ଼ିତା ଅଭିଯୋଗ କରିଛନ୍ତି। ଏବେ ସେମାନେ ମୁହଁ ଖୋଲିବା ପରେ ଏହି ଘଟଣା ପ୍ରଘଟ ହୋଇଛି। ନାବାଳିକାଙ୍କ ଅଭିଯୋଗକ୍ରମେ ଗତ ବୁଧବାର ୭ ପୋଲିସ କର୍ମଚାରୀ ଓ ଅନ୍ୟ ୧୧ ଜଣଙ୍କ ନାଁରେ ଏତଲା ଦାଏର ହୋଇଛି। ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଜଣେ ମୁଖ୍ୟ କନ୍‌ଷ୍ଟେବଲ ଏବଂ ଜଣେ କନ୍‌ଷ୍ଟେବଲ ର୍‍ୟାଙ୍କ ଅଧିକାରୀ ଅଛନ୍ତି। ଆଇପିସି ଏବଂ ପୋକ୍‌ସୋ ଆଇନର ବିଭିନ୍ନ ଦଫା ଅନୁଯାୟୀ ମାମଲା ରୁଜୁ ହୋଇଥିବା କୈଥାଲ ଏସ୍‌ପି ଆସ୍ଥା ମୋଦି କହିଛନ୍ତି। ଡିଏସ୍‌ପି ର୍‍ୟାଙ୍କ ଅଫିସରଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ ହୋଇଛି। କିନ୍ତୁ ଏଯାଏ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ଏଏସ୍‌ଆଇ ଶମ୍‌ଶେର ସିଂ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପୀଡ଼ିତାଙ୍କ ବାପା ଜଣେ ଓକିଲ। ଜାଣିଶୁଣି ତାଙ୍କୁ ସେ ଫସାଉଛନ୍ତି ବୋଲି ସିଂ କହିଛନ୍ତି।

**ହରିୟାଣାରେ ପୁଣି ଲଜ୍ଜା**

**୭ ପୋଲିସ କର୍ମଚାରୀଙ୍କ ସମେତ ୧୮ ଜଣଙ୍କ ନାଁରେ ମାମଲା**




# ଦୁଇଦିନିଆ ଭାରତ ଗସ୍ତରେ ପୁଟିନ

ନୂଆଦିଲ୍ଲୀ/ୱାଶିଂଟନ୍, ୪।୧୦

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦୁଇଦିନିଆ ଭାରତ ଗସ୍ତରେ ଆସିଛନ୍ତି। ଗୁରୁବାର ସନ୍ଧ୍ୟାରେ ଦିଲ୍ଲୀରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଗସ୍ତ କାଳରେ ପୁଟିନ୍ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଶୁକ୍ରବାର ରାଜଧାନୀରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ସମ୍ମିଳନୀରେ ସେ ଯୋଗଦେବେ। ଏସ୍-୪୦୦ କ୍ଷେପଣାସ୍ତ୍ର ସମ୍ପର୍କିତ ଚୁକ୍ତି ସ୍ୱାକ୍ଷର ହେବା ସମ୍ଭାବନା ରହିଛି। ଏହାକୁ ନେଇ ଆମେରିକା, ଚାଇନା ଏବଂ ପାକିସ୍ତାନର ମୁଣ୍ଡବ୍ୟଥା ହେଲାଣି। ରୁଷିଆ ସହ ଏହି ପ୍ରତିରକ୍ଷା କାରବାର ନ କରିବା ଲାଗି ନୂଆଦିଲ୍ଲୀକୁ ଚେତାବନୀ ଦେଇଛି ୱାଶିଂଟନ୍।

ପୁଟିନ୍‌ଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଧ ଆସିଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ସ୍ୱାଗତ କରିଥିବା ମନ୍ତ୍ରଣାଳୟର ମୁଖପାତ୍ର ରବୀଶ୍ କୁମାର କହିଛନ୍ତି। ଶୁକ୍ରବାର ୧୯ଶ ଭାରତ-ରୁଷିଆ ବାର୍ଷିକ ଦ୍ୱିପାକ୍ଷିକ ସମ୍ମିଳନୀ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପୁଟିନ୍ ପ୍ରତିରକ୍ଷା ସହଯୋଗିତା ସମେତ ବିଭିନ୍ନ ପ୍ରସଙ୍ଗରେ ବ୍ୟାପକ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଇରାନ୍‌ରୁ ତେଲ ଆମଦାନୀ ଉପରେ ଆମେରିକାର କଟକଣା ସମେତ ବିଭିନ୍ନ ବିଶ୍ୱସ୍ତରୀୟ ପ୍ରସଙ୍ଗ ମଧ ଉତ୍ଥାପନ ହେବ ବୋଲି ଆଶା କରାଯାଉଛି। ପୁଟିନ୍‌ଙ୍କ ଗସ୍ତ କାଳରେ ଶକ୍ତିଶାଳୀ ଏସ୍-୪୦୦ କ୍ଷେପଣାସ୍ତ୍ର କ୍ରୟ ନେଇ ରାଜିନାମା ସ୍ୱାକ୍ଷର ଉପରେ ଭାରତ ଗୁରୁତ୍ୱ ଦେଉଛି। ୫ ବିଲିୟନ୍ ଡଲାରର ଚୁକ୍ତି ସମ୍ପର୍କରେ ପୁଟିନ୍ ନିଷ୍ପତ୍ତି ନେବେ ବୋଲି କ୍ରେମ୍‌ଲିନ୍ ସୂତ୍ରରୁ ପ୍ରକାଶ। ଭାରତ ଓ ରୁଷିଆର ବନ୍ଧୁତା ଅନେକ ପୁରୁଣା। କିନ୍ତୁ ଏହାକୁ ନୂଆ ଶିଖରକୁ ନେବା ଲାଗି ଉଦ୍ୟମ ହେଉଛି। କିନ୍ତୁ ଏସ୍-୪୦୦ ଚୁକ୍ତିରୁ ଓହରିଯିବାକୁ ଭାରତକୁ ଆମେରିକା ନାଲିଆଖି ଦେଖାଇଛି।

■ ଆଜି ଦ୍ୱିପାକ୍ଷିକ ସମ୍ମିଳନୀ
■ ଏସ୍-୪୦୦ ଚୁକ୍ତି ଉପରେ ନଜର
■ ଭାରତକୁ ଆମେରିକାର ଚେତାବନୀ



## ଫୁର୍‌ସତ

# ଦିଲ୍ଲୀ: ୭୦% ମଧ୍ୟବୟସ୍କ ମେଦବହୁଳ



**ନୂଆଦିଲ୍ଲୀ:** ଦିଲ୍ଲୀରେ ୩୧ରୁ ୫୦ବର୍ଷ ବୟସର ଲୋକଙ୍କ ମଧ୍ୟରୁ ୭୦% ସ୍ୱାଭାବିକ ଅପେକ୍ଷା ଅଧିକ ଓଜନିଆ ଏବଂ ମେଦବହୁଳ। ଏଥିପାଇଁ ସେମାନଙ୍କଠାରେ ହୃଦ୍‌ରୋଗ, ଡାଇବେଟିସ୍ ଏବଂ କ୍ୟାନ୍‌ସର ହେବାର ପ୍ରବଣତା ଅଧିକ ବୋଲି ଏକ ସର୍ବେକ୍ଷଣରୁ ଜଣାପଡିଛି। ଉକ୍ତ ଅଧ୍ୟୟନର ନିଷ୍କର୍ଷରୁ ଜଣାଯାଏ ଏଭଳି ବ୍ୟକ୍ତିଙ୍କ ମଧ୍ୟରୁ ୫୦% ମଧ୍ୟରାତ୍ରିରେ ଭୋଜନ କରିଥାଆନ୍ତି। ଏମାନଙ୍କ ମଧ୍ୟରୁ ୩୩% ମହିଳା ହୋଇଥିବା ବେଳେ ୨୯% ପୁରୁଷ। ବର୍ତ୍ତମାନର ବ୍ୟଗ୍ରତାପୂର୍ଣ୍ଣ ଜୀବନଯାପନ ଯୋଗୁ ଲୋକଙ୍କ ମାନସିକ ଚାପ ବୃଦ୍ଧି ପାଇବାରେ ଲାଗିଛି। ଏହି କାରଣ ଯୋଗୁ ୩୦% ବ୍ୟକ୍ତି ଉଚ୍ଚ ରକ୍ତଚାପରେ ପୀଡ଼ିତ ହୋଇଥିବା ବେଳେ ୨୪% ଡାଇବେଟିସ୍ ଏବଂ ୨୧.୬% ହୃଦ୍‌ରୋଗରେ ଆକ୍ରାନ୍ତ ହୋଇଛନ୍ତି। କମ୍ ସମୟ ନିଦ୍ରାଯିବା, ବିଳମ୍ବିତ ରାତିରେ ଭୋଜନ ଏବଂ ବାରମ୍ବାର ଧୂମପାନ ଏବଂ ମଦ୍ୟପାନ କରିବା ଦ୍ୱାରା ଏଭଳି ରୋଗର ମାତ୍ରା ବୃଦ୍ଧିପାଇବାରେ ଲାଗିଛି ବୋଲି ମାକ୍ସ ହେଲ୍‌ଥକେୟାର କାର୍ଡିଓଲୋଜି ବିଭାଗ ଚେୟାରମ୍ୟାନ୍ କେ.କେ. ତଲୱାର ପ୍ରକାଶ କରିଛନ୍ତି।

# ସୌରମଣ୍ଡଳ ବାହାରେ ଚନ୍ଦ୍ର

ନ୍ୟୁୟର୍କ:

ହବ୍‌ଲର ଏବଂ କେପ୍‌ଲର ସ୍ପେସ୍ ଟେଲିସ୍କୋପ୍ ବ୍ୟବହାର କରି ଜ୍ୟୋତିର୍ବିଜ୍ଞାନୀମାନେ ନେପଚୁନ୍ ଆକୃତିର ଏକ ଚନ୍ଦ୍ର ଠାବ କରିଛନ୍ତି। ଏହା ୮ ହଜାର ଆଲୋକବର୍ଷ ଦୂରତାରେ ଏକ ବୃହତ୍ ଗ୍ୟାସୀୟ ଗ୍ରହକୁ ପ୍ରଦକ୍ଷିଣ କରୁଥିବା ଜଣାପଡ଼ିଛି। ସୌରମଣ୍ଡଳ ବାହାରେ ଅନ୍ୟ ନକ୍ଷତ୍ରମଣ୍ଡଳରେ ଏଭଳି ଚନ୍ଦ୍ର ଦୃଶ୍ୟମାନ ହେବା ଅସ୍ୱାଭାବିକ ଘଟଣା। ଏହାର ଆକୃତି ଅତି ବୃହତ୍। ନେପଚୁନ୍‌ର ବ୍ୟାସ ସହ ଏହାର ବ୍ୟାସ ତୁଳନୀୟ। ଏଭଳି ପ୍ରକାଣ୍ଡ ଚନ୍ଦ୍ର ଆମ ସୌରମଣ୍ଡଳରେ



ଦେଖାଯାଏ ନାହିଁ। ଜ୍ୟୋତିର୍ବିଜ୍ଞାନୀମାନେ ୩୦ବର୍ଷ ତଳେ ସୌରମଣ୍ଡଳ ବାହାରେ ପ୍ରଥମକରି କେତେକ ଗ୍ରହ ଠାବ କରିଥିଲେ। ସୌରମଣ୍ଡଳ ବାହାରେ ଚନ୍ଦ୍ର ଠାବ କରାଯିବାରେ ଏହା ପ୍ରଥମ ଘଟଣା ବୋଲି ନ୍ୟୁୟର୍କସ୍ଥିତ କଲମ୍ବିଆ ୟୁନିଭର୍ସିଟିର ସହଯୋଗୀ ପ୍ରଫେସର ଡାଭିଡ କିପିଙ୍ଗ୍ ପ୍ରକାଶ କରିଛନ୍ତି। ପର୍ଯ୍ୟବେକ୍ଷଣ ଆଗେଇଲେ ଗ୍ରହମଣ୍ଡଳର ବିବର୍ତ୍ତନ ଏବଂ ଗ୍ରହ ଚତୁର୍ଦ୍ଦିଗରେ ଚନ୍ଦ୍ର କିପରି ସୃଷ୍ଟି ହୁଅନ୍ତି ସେ ସମ୍ପର୍କରେ ଅନେକ ରହସ୍ୟଜନକ ତଥ୍ୟ ଉନ୍ମୋଚନ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି।

# ସମସ୍ୟାରେ ପଡ଼ିଲେ ମହିଳା ମୁହଁ ଖୋଲନ୍ତୁ




**ମୁମ୍ବାଇ:** ମହିଳାଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡନ ସମ୍ପର୍କରେ ସେମାନେ ମୁହଁ ଖୋଲିବା ଉଚିତ। ନଚେତ୍ ସେମାନଙ୍କୁ ସବୁବେଳେ ଅନ୍ଧାର ମଧ୍ୟରେ ରହିବାକୁ ପଡ଼ିବ ବୋଲି ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ପ୍ରକାଶ କରିଛନ୍ତି। ଦଶବର୍ଷ ତଳେ ତନୁଶ୍ରୀ ଦତ୍ତଙ୍କ ପ୍ରତି ହୋଇଥିବା ଯୌନ ନିର୍ଯାତନା ବିଷୟ ଉପରେ ସେ ଏପରି କହିଛନ୍ତି। ତାଙ୍କର ଆଗାମୀ ଫିଲ୍ମ 'ନମସ୍ତେ ଇଂଲଣ୍ଡ'ର ଗୀତ ବୁଧବାର ଲଞ୍ଚ୍ ହେଉଥିବା ବେଳେ ପରିଣୀତି ଏହା କହିଥିଲେ। ଏହି ସମୟରେ ଉପସ୍ଥିତ ଥିଲେ ତାଙ୍କ ସହ-ଅଭିନେତା ଅର୍ଜୁନ କପୁର ଏବଂ ନିର୍ଦ୍ଦେଶକ ବିପୁଲ ଅମୃତଲାଲ୍ ଶାହ। ବଲିଉଡ୍‌ରେ ଯୌନ ନିର୍ଯାତନା ବିରୋଧରେ ଆନ୍ଦୋଳନ ତନୁଶ୍ରୀଙ୍କଠାରୁ ଆରମ୍ଭ ହୋଇଛି ବୋଲି ଭାବୁଛନ୍ତି କି ପ୍ରଶ୍ନରେ ପରିଣୀତି କହିଲେ, ମୁଁ ଭାବୁଚି ଏହା ଆରମ୍ଭ ନୁହେଁ। ତାଙ୍କ ଭଳି ଅନେକ ଅଭିନେତ୍ରୀ ଯୌନ ଉତ୍ପୀଡନର ଶିକାର ହେଉଥିବା ଶୁଣାଯାଏ। ଅଭିନେତ୍ରୀମାନେ ଏଭଳି ଘଟଣାର ଶିକାର ହେଲେ ସେମାନେ ମୁହଁ ଖୋଲନ୍ତୁ। କାରଣ ଏ ବିଷୟ ପ୍ରକାଶ ନ କଲେ ସେମାନଙ୍କ ସମସ୍ୟା ସବୁଦିନ ଲାଗି ଅନ୍ଧାରରେ ରହିଯିବ।

ମୁଁ ସେଭଳି ସମସ୍ୟାର ସମ୍ମୁଖୀନ କେବେ ହୋଇନାହିଁ। ଈଶ୍ୱର ଏହା ନ କରନ୍ତୁ। କୌଣସି ଦିନ ମୋ ପ୍ରତି ଏଭଳି ଆଚରଣ ହେଲେ, ମୁଁ କେବେ ବି ନୀରବ ହୋଇ ରହିବି ନାହିଁ। ତେଣୁ ଚୁପ୍ ରହିଲେ ସମସ୍ୟା ସମାଧାନ ହୋଇଯିବ ବୋଲି ମୁଁ ଭାବୁନାହିଁ। ଆମେ ଯଦି ଫିଲ୍ମ ଶିଳ୍ପରେ ଏବଂ ଆମ ଦେଶରେ ନିଜକୁ ନିରାପଦ ଅନୁଭବ କରିବୁ ନାହିଁ, ତେବେ ଆମେ କାହିଁକି ଫିଲ୍ମ କରିବୁ। ତନୁଶ୍ରୀଙ୍କ ସମସ୍ୟାରେ ଆମେ ସମସ୍ତେ ତାଙ୍କୁ ସମର୍ଥନ କରିବୁ ବୋଲି ପରିଣୀତି ପ୍ରକାଶ କରିଥିଲେ।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି। ଅନ୍ୟାନ୍ୟ ଭାଗରେ ପାଗ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ପରିଷ୍କାର ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୮ | ୨୪.୪ |
| ଚାନ୍ଦବାଲି | ୩୫.୧ | ୨୫.୯ |
| କଟକ | ୩୫.୦ | ୨୪.୨ |
| ପାରାଦ୍ୱୀପ | ୩୪.୦ | ୨୬.୮ |
| ଭୁବନେଶ୍ୱର | ୩୫.୭ | ୨୫.୦ |
| ଗୋପାଳପୁର | ୩୫.୩ | ୨୫.୫ |
| ପୁରୀ | ୩୫.୦ | ୨୭.୬ |
| ଅନୁଗୋଳ | ୩୫.୧ | ୨୧.୦ |
| ବାରିପଦା | ୩୫.୪ | ୨୩.୪ |
| ଝାରସୁଗୁଡ଼ା | ୩୬.୮ | ୨୪.୭ |
| କେନ୍ଦୁଝର | ୩୩.୬ | ୨୧.୨ |
| ସମ୍ବଲପୁର | ୩୫.୮ | ୨୩.୮ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୬.୩ | ୨୪.୯ |
| ତାଳଚେର | ୩୬.୧ | ୨୩.୮ |
| ଭବାନୀପାଟଣା | --- | ୨୨.୫ |
| ବଲାଙ୍ଗୀର | ୩୫.୨ | ୨୩.୭ |
| କୋରାପୁଟ | ୩୦.୬ | ୧୭.୪ |
| ଫୁଲବାଣୀ | --- | ୧୭.୪ |
| ଟିଟିଲାଗଡ଼ | ୩୫.୦ | ୨୧.୫ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୬.୦ | ୨୧.୬ |
| ଦାରିଙ୍ଗିବାଡ଼ି | --- | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## ସଂକ୍ଷେପରେ

### ମୁକେଶ ଅମ୍ବାନୀ ସବୁଠୁ ଧନୀ

ନୂଆଦିଲ୍ଲୀ, ୪।୧୦

ଫୋର୍ବସ ଇଣ୍ଡିଆ ପକ୍ଷରୁ ଦେଶର ଧନୀ ତାଲିକା ପ୍ରକାଶ କରାଯାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମାଲିକ ମୁକେଶ ଅମ୍ବାନୀ କ୍ରମାଗତ ୧୧ ବର୍ଷ ଧରି ତାଲିକାର ଶୀର୍ଷରେ ରହିଛନ୍ତି। ୪୭.୩ ବିଲିୟନ ଡଲାର(୩,୪୮,୯୫୬ କୋଟି ଟଙ୍କା) ସହ ସେ ଦେଶର ସବୁଠୁ ଧନୀ ବ୍ୟକ୍ତି ହୋଇଛନ୍ତି। ରିଲାଏନ୍ସ ଜିଓ ଓ ବ୍ରଡବ୍ୟାଣ୍ଡର ସଫଳତା କାରଣରୁ ବର୍ଷକ ଭିତରେ ମୁକେଶଙ୍କ ସମ୍ପତ୍ତିରେ ୯.୩ ବିଲିୟନ ଡଲାର(୬୮,୬୧୦ କୋଟି ଟଙ୍କା) ଯୋଡି ହୋଇଯାଇଛି। ଫୋର୍ବସ ଇଣ୍ଡିଆର ଧନୀ ତାଲିକାରେ ୱିପ୍ରୋ ଅଧକ୍ଷ ଅଜୀମ ପ୍ରେମଜୀ ଦ୍ୱିତୀୟ ବିତ୍ତଶାଳୀ ବ୍ୟକ୍ତି ହୋଇଛନ୍ତି। ଧନୀ ଭାରତୀୟଙ୍କ ଶୀର୍ଷ ୧୦ ତାଲିକାରେ ଆର୍ସେଲର ମିତ୍ତଲର ଅଧକ୍ଷ ଲକ୍ଷ୍ମୀବିଳାସ ମିତ୍ତଲ ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ତଳକୁ ଅଛନ୍ତି ହିନ୍ଦୁଜା ଭ୍ରାତା, ପାଲୋନଜୀ ମିସ୍ତ୍ରି, ଶିବ ନାଡର, ଗୋଦରେଜ ପରିବାର, ଦିଲୀପ ସାଂଘଭି, କୁମାର ମଙ୍ଗଳମ ବିର୍ଲା ଓ ଗୌତମ ଆଦାନୀ।

### ୮ ଜିଲା ଶିକ୍ଷା ଅଧିକାରୀଙ୍କ ବଦଳି

ଭୁବନେଶ୍ୱର, ୪।୧୦(ବ୍ୟୁରୋ)- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୮ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ବଦଳି କରାଯାଇଛି। କଳାହାଣ୍ଡି ଡିଇଓ ପ୍ରଦୀପ ନାଗଙ୍କୁ ଗଜପତି ଡିଇଓ ଭାବେ ବଦଳି କରାଯାଇଥିବାବେଳେ ଗଜପତି ଡିଇଓ ସଞ୍ଜୀବ ସିଂଙ୍କୁ କଳାହାଣ୍ଡି ଡିଇଓ ଭାବେ ବଦଳି କରାଯାଇଛି। ସେହିପରି ସୁନ୍ଦରଗଡ ଡିଇଓ ଦୁର୍ଗା ଚରଣ ବେହେରାଙ୍କୁ ମୟୂରଭଞ୍ଜ, ମୟୂରଭଞ୍ଜ ଡିଇଓ ରଞ୍ଜନ କୁମାର ଗିରିଙ୍କୁ ସୁନ୍ଦରଗଡ, ବାଲେଶ୍ୱର ଡିଇଓ ହୃଷିକେଶ କାଣ୍ଡିଙ୍କୁ ପୁରୀ, ଯାଜପୁର ଡିଇଓ ପ୍ରମୋଦ ଷଡଙ୍ଗୀଙ୍କୁ ବାଲେଶ୍ୱର, ଓପେପା ଡେପୁଟି ନିର୍ଦ୍ଦେଶକ କଳ୍ପନା କୁମାରୀ ବେହେରାଙ୍କୁ କେନ୍ଦ୍ରାପଡା ଡିଇଓ, କେନ୍ଦ୍ରାପଡା ଡିଇଓ ଉଦୟନାଥ ମାଝିଙ୍କୁ ଓପେପା ଡେପୁଟି ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

### ନବୀକରଣ ହେବ ୮୯ ପୁରୁଣା ବସ୍

ଭୁବନେଶ୍ୱର, ୪।୧୦(ବ୍ୟୁରୋ)- କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନପୋର୍ଟ(ସିଆରୟୁଟି) ୮୯ ପୁରୁଣା ବସକୁ ମରାମତି କରି ନୂଆ ରୂପ ଦେବ। ଗୁରୁବାର ସିଆରୟୁଟି ନିୟୁ ସ୍ପେଶାଲ ପରପୋଜ ଭେହିକଲ(ଏସପିଭି) ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନେଇଛି। ଏବେ ସିଆରୟୁଟି ପାଖରେ ୧୧୦ ବସ୍ ଚଳାଚଳ କରୁଛି। ଏଥିରୁ ଅଧିକାଂଶ ବସ ପୁରୁଣା ହୋଇଯାଇଥିବାରୁ ସେଗୁଡ଼ିକୁ ମରାମତି କରିବାକୁ ନିଷ୍ପତ୍ତି ନିଆଯାଇଛି। ମରାମତି ହେବାକୁ ଥିବା ବସଗୁଡିକ ଭିତରୁ ୫୯ ବସ୍‌ର ଯାତ୍ରୀଧାରଣ କ୍ଷମତା ୪୩ ଥିବାବେଳେ ୩୦ ବସ୍‌ରେ ଯାତ୍ରୀଧାରଣ କ୍ଷମା ୨୮ ରହିଛି। ସୂଚନାଯୋଗ୍ୟ, ସିଆରୟୁଟି ଭିନ୍ନ ଭିନ୍ନ କଲେଜରେ ସିଟି ବସ ଚଳାଇବାକୁ ସ୍ଥିର କରିଛି।

■ ଉଜ୍ଜ୍ୱଳା ଦୁର୍ନୀତି, ରନ୍ଧନ ଗ୍ୟାସ୍ ମୂଲ୍ୟବୃଦ୍ଧି ପ୍ରସଙ୍ଗ

# ଆଇଓସିଏଲ୍ ଆଗରେ ମହିଳା ବିଜେଡିର ବିକ୍ଷୋଭ

## ଭାଜପା କହିଲା ବିଜେଡିକୁ ଘାରିଛି ଧର୍ମେନ୍ଦ୍ର ଭୟ



ମହିଳା ବିଜେଡି ପକ୍ଷରୁ ଗୁରୁବାର ଚନ୍ଦ୍ରଶେଖରପୁର ଆଇଓସିଏଲ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ଭୁବନେଶ୍ୱର,୪।୧୦(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ବହୁପ୍ରଚାରିତ ଉଜ୍ଜ୍ୱଳା ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ରନ୍ଧନ ଗ୍ୟାସର ମୂଲ୍ୟବୃଦ୍ଧି ପ୍ରତିଟି ଗରିବ ଏବଂ ମଧ୍ୟବିତ୍ତ ପରିବାର ଚୁଲିକୁ ମାଡ଼ ସଦୃଶ ବୋଲି ଅଭିଯୋଗ ଆଣିଛି ବିଜୁ ମହିଳା ଜନତା ଦଳ। ଏହାର ପ୍ରତିବାଦସ୍ୱରୂପ ଗୁରୁବାର ମହିଳା ବିଜେଡି ରାଜଧାନୀସ୍ଥିତ ଆଇଓସିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ଏହି ପ୍ରତିବାଦ ସଭା ପାଖାପାଖି ୨ ଘଣ୍ଟା ଧରି ଚାଲିଥିଲା। ଏଥିରେ ମହିଳା ବିଜେଡି ସଭାନେତ୍ରୀ ପ୍ରମିଳା ମଲ୍ଲିକ, ମନ୍ତ୍ରୀ ଅଶୋକ ପଣ୍ଡା, ମେୟର ଅନନ୍ତ ନାରାୟଣ ଜେନା, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଡେପୁଟି ମେୟର କେ.ଶାନ୍ତି, ମୁଖପାତ୍ର ସୁଲୋଚନା ଦାସ, ସୁଲତା ଦେଓ ଏବଂ ଭାରତୀ ସିଂ ପ୍ରମୁଖ ଯୋଗଦେଇଥିଲେ।

ପ୍ରମିଳା କହିଛନ୍ତି ଯେ, ଉଜ୍ଜ୍ୱଳା ଯୋଜନାରେ ଭୂତ ହିତାଧିକାରୀମାନଙ୍କୁ ପଞ୍ଜୀକୃତ କରାଇ କେନ୍ଦ୍ର ସରକାର ହରିଲୁଟ୍ ଚଳାଇଛନ୍ତି। ଏଥିରେ ଅନିୟମିତତା ହୋଇଛି ବୋଲି ଖୋଦ୍ ଆଇଓସିଏଲ୍ କର୍ତ୍ତୃପକ୍ଷ ଅତୀତରେ ସ୍ୱୀକାର କରିବା ସହ ଏଜେନ୍ସିରୁ ବାଦ୍ ଦିଆଯାଇଛି। ସେହିପରି କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆସିବା ପରଠାରୁ ରନ୍ଧନ ଗ୍ୟାସର କ୍ରମାଗତ ଭାବେ ଦରବୃଦ୍ଧି ହୋଇଛି। ୨୦୧୪ ମେ ମାସରେ ଗୋଟିଏ ସିଲିଣ୍ଡର ୪୧୪ ଟଙ୍କାରେ ମିଳୁଥିଲା। ଏବେ ସୁଦ୍ଧା ଭାଜପା ସରକାର ପକ୍ଷରୁ ୨୨ ଥର ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧି କରାଯାଇଛି। ୩୦ ଲକ୍ଷରୁ ମାତ୍ର ୬ ଲକ୍ଷ ଲୋକ ଦ୍ୱିତୀୟଥର ଗ୍ୟାସ ଭରୁଛନ୍ତି, ଏହା ଯୋଜନାର ବିଫଳତା ବୋଲି ପ୍ରମିଳା ସମାଲୋଚନା କରିଛନ୍ତି।

ସେହିପରି ସୁଲତା କହିଛନ୍ତି ଯେ, ଗୁରୁବାର ଆରମ୍ଭ ହୋଇଥିବା ପ୍ରତିବାଦ ସାରା ରାଜ୍ୟର ପ୍ରତି ହାଣ୍ଡିଶାଳକୁ ଯିବ। ଉଜ୍ଜ୍ୱଳା ଯୋଜନା ଦୁର୍ନୀତିରେ ବଡ଼ ବଡ଼ କାର୍ପେଟଦାରଙ୍କ ଗିରଫ ସହ ରନ୍ଧନ ଗ୍ୟାସ ଦର ବୃଦ୍ଧି ହ୍ରାସ ଦାବିରେ ଭବିଷ୍ୟତରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସୁଲତା କହିଛନ୍ତି।

ଅପରପକ୍ଷରେ ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଏହାକୁ ବିଜେଡିର ରାଜନୀତି କହି ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ବିଜେଡିକୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଭୟ ଘାରିଛି। ଓଡ଼ିଶା ବିଧାନସଭାରେ ମନ୍ତ୍ରୀ ସୂର୍ଯ୍ୟ ପାତ୍ର ରଖିଥିବା ଉତ୍ତର ଅନୁଯାୟୀ ମାର୍ଚ୍ଚ ୨୦୧୮ରେ ୨୩ ଲକ୍ଷ ମହିଳା ଗ୍ୟାସ ସଂଯୋଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଚଳିତବର୍ଷ ଜୁନ୍, ଜୁଲାଇ ଏବଂ ଅଗଷ୍ଟରେ ୧୬ ଲକ୍ଷ ହିତାଧିକାରୀ ଗ୍ୟାସ ରିଫିଲିଙ୍ଗ କରିଛନ୍ତି। ସେହିପରି ଅତୀତରେ ହୋଇଥିବା ୭୦୦ କୋଟି ଟଙ୍କାର ଡାଲି ଦୁର୍ନୀତି, ୨୦ ହଜାର ଟଙ୍କାର ଚିଟ୍‌ଫଣ୍ଡ ଦୁର୍ନୀତି, ୬୦ ହଜାର କୋଟି ଟଙ୍କାର ଖଣି ଦୁର୍ନୀତି ଆଦିର ଅର୍ଥ ଫେରିପାଇଲେ ରାଜ୍ୟର ଉପକାର ହେବ ବୋଲି ଲେଖାଶ୍ରୀ କହିଛନ୍ତି।

# ଫାଲକ୍‌ନାମା ଏକ୍ସପ୍ରେସ୍ ଲାଇନଚ୍ୟୁତ

■ ୧ କି.ମି. ଘୋଷାରି ହୋଇଗଲା ଲଗେଜ ବଗି

ଟାଙ୍ଗୀ(କଟକ), ୪।୧୦(ଡି.ଏନ୍.ଏ.)

ସିକନ୍ଦରାବାଦରୁ ହାଓଡ଼ା ଅଭିମୁଖେ ଯାଉଥିବା ଦ୍ରୁତଗାମୀ ଫାଲକ୍‌ନାମା ଏକ୍ସପ୍ରେସ୍ ଗୁରୁବାର ଅପରାହ୍ନ ୨ଟାରେ ଲାଇନ୍‌ଚ୍ୟୁତ ହୋଇଛି। କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ କପିଳାସ ରୋଡ୍ ଷ୍ଟେଶନ ଅତିକ୍ରମ କରିବାର କିଛି ସମୟ ପରେ ଟ୍ରେନ୍‌ର ଶେଷ ଲଗେଜ ବଗିଟିର ମଝିରେ ଥିବା ୪ଟି ଚକ ଟ୍ରାକ୍‌ରୁ ଖସିଯାଇଥିଲା। ଲାଇନଚ୍ୟୁତ ହେବା ପରେ ଚକଗୁଡିକ ପ୍ରାୟ ୧ କି.ମି. ପର୍ଯ୍ୟନ୍ତ ଘୋଷାରି ହୋଇଯାଇଥିଲେ ମଧ୍ୟ ଉକ୍ତ ବଗିଟି ଅଲଗା ହୋଇ ନ ଥିଲା। ଲାଇନ୍‌ମ୍ୟାନ ଏହା ଦେଖି ଚାଳକଙ୍କୁ ଜଣାଇଥିଲେ। ଫଳରେ ବଇଁତୁଆଁ ଗାଁ ନିକଟରେ ଚାଳକ ଟ୍ରେନ୍‌କୁ ଅଟକାଇଥିଲେ। ଏହା ଜାଣିବାମାତ୍ରେ ଯାତ୍ରୀମାନେ ଭୟଭୀତ ହୋଇ ଟ୍ରେନ୍‌ରୁ ଓହ୍ଲାଇ ପଡିଥିଲେ। ଖବରପାଇ ଘଟଣାସ୍ଥଳରେ ରେଳ ସୁରକ୍ଷାବଳ ଓ ବିଭାଗୀୟ ଯନ୍ତ୍ରୀ ପହଞ୍ଚି ମରାମତି ଆରମ୍ଭ କରିଥିଲେ। ବଗିଟିକୁ ଉପରକୁ ଉଠାଇଦିବା ପରେ ଲାଇନଚ୍ୟୁତ ଚକକୁ ଟ୍ରାକ୍‌କୁ ଅଣାଯାଇ ଆବଶ୍ୟକ ମରାମତି କରାଯାଇଥିଲା। ପରେ ଅପରାହ୍ନ ସାଢ଼େ ୩ଟାରେ ଟ୍ରେନଟି ଗନ୍ତବ୍ୟସ୍ଥଳକୁ ଯାତ୍ରା ଆରମ୍ଭ କରିଥିଲା। ଏଥିଯୋଗୁ ଉକ୍ତ ଲାଇନ୍‌ରେ ପ୍ରାୟ ୨ଘଣ୍ଟା ଧରି ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।




ଲାଇନଚ୍ୟୁତ ହୋଇଥିବା ବଗି।

■ ସାହସପୁର ସନ୍ତୋଷ ମୃତ୍ୟୁ ଘଟଣା

# କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କଲେ ମା’

ଭୁବନେଶ୍ୱର,୪।୧୦(ବ୍ୟୁରୋ)

ଭଦ୍ରକ ଜିଲା ଧୁଷୁରୀ ଥାନା ଅନ୍ତର୍ଗତ ସାହସପୁର ଗ୍ରାମର ସନ୍ତୋଷ କୁମାର ସାଏନ୍ତଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି ମା’ ଚଞ୍ଚଳା ସାଏନ୍ତ। ତାଙ୍କୁ ନ୍ୟାୟ ଦେବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିବେ। ଯଦି ତାଙ୍କୁ ନ୍ୟାୟ ନ ମିଳେ ବାଧହୋଇ ଆତ୍ମାହୁତି ଦେବେ ବୋଲି ଚଞ୍ଚଳା ଗୁରୁବାର ଭୁବନେଶ୍ୱରରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ ସ୍ଥାନୀୟ ଥାନାରେ ହତ୍ୟା ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଗୁରୁତ୍ୱ ଦେଉନି। ବରଂ ଆତ୍ମହତ୍ୟା କହି ଫେରାଇ ଦେଉଛି। ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଭେଟି ଅଭିଯୋଗ ଜଣାଇଲେ ମଧ୍ୟ କେହି ଶୁଣୁନାହାନ୍ତି। ଘଟଣାକୁ ମାସେ ପୂରିଲାଣି। ହେଲେ ପୋଲିସ ତାଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛି ବୋଲି ଚଞ୍ଚଳା କହିଛନ୍ତି।



ସନ୍ତୋଷ

ଚଞ୍ଚଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କର ୨ ପୁଅଙ୍କ ମଧ୍ୟରୁ ବଡ଼ପୁଅ ବାହାରେ କାମ କରୁଥିବାବେଳେ ସାନପୁଅ ସନ୍ତୋଷ ଏକ ଇଲେକ୍ଟ୍ରି ଦୋକାନ କରି ବ୍ୟବସାୟ କରୁଥିଲେ। ସେ ୧୩ ବର୍ଷ ତଳେ ବିବାହ କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ତାନ ହେଉ ନ ଥିଲା। ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଥିଲା। ଗତ ସେପ୍ଟମ୍ବର ୩ ତାରିଖ ସକାଳେ ସନ୍ତୋଷ ଠାକୁର ଘରେ ପୂଜା କରୁଥିବାବେଳେ ପୂଜାରେ ସ୍ତ୍ରୀ ସହଯୋଗ କରୁଥିଲେ। ଏହି ସମୟରେ ସେ ଘର ଭିତରେ ଥିଲେ। ପୁଅ ଘଣ୍ଟି ବଜାଇ ପୂଜା କରୁଥିବା ସେ ଶୁଣିଥିଲେ। ଏହାପରେ ହଠାତ୍ ଠାକୁର ଘରୁ କିଛି ଶବ୍ଦ ଶୁଭିଥିଲା। ସେ ଦୌଡି ଆସି ଦେଖିବା ବେଳକୁ ପୁଅ ଉଲଗ୍ନ ଅବସ୍ଥାରେ ତଳେ ପଡ଼ିଥିଲେ। ନିକଟରେ ସ୍ତ୍ରୀ ମୁଣ୍ଡରେ ହାତ ଦେଇ ବସିଥିଲେ। ସେ ସନ୍ତୋଷଙ୍କୁ ପାଣି ପିଇବାକୁ ଦେଇଥିଲେ। କିନ୍ତୁ ତାଙ୍କ ତଣ୍ଟି କଟାଯାଇଥିବା ଦେଖି ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରେ ସନ୍ତୋଷଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳକୁ ଆସି ଯାଞ୍ଚ କରିବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି କହିଥିଲା। କିନ୍ତୁ ପରେ ପୋଲିସ ଏହାକୁ ଆତ୍ମହତ୍ୟା କହି ଚୁପ ରହିଥିଲା। ଏଠାରେ ପ୍ରଶ୍ନ ଉଠୁଛି, ଯଦି ସନ୍ତୋଷ ଆତ୍ମହତ୍ୟା କରିଛନ୍ତି, ତେବେ ଉକ୍ତ ଘରୁ କୌଣସି ଧାରୁଆ ଅସ୍ତ୍ରକୁ ପୋଲିସ ପାଇଲା ନାହିଁ କିପରି? ସନ୍ତୋଷଙ୍କ ହାତ ଏବଂ ପିନ୍ଧା ବସ୍ତ୍ରରେ ରକ୍ତ ଲାଗିଲା ନାହିଁ କିପରି? ଏହାସହ କେବଳ ଚଟାଣ ଓ ପୂଜା ଘର କାନ୍ଥରେ ରକ୍ତ ଛିଟା ପଡିଲା କିଭଳି? ସନ୍ତୋଷ କୌଣସି ମାନସିକ ଚାପରେ ନ ଥିଲେ। ତେଣୁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଚଞ୍ଚଳା କହିଛନ୍ତି। ନିକଟ ସମ୍ପର୍କୀୟ କିମ୍ବା ଜମିଜମା ବିବାଦ ଥିବା ସ୍ଥାନୀୟ କେତେଜଣ ଲୋକ ତାଙ୍କୁ ହତ୍ୟା କରିଥାଇ ପାରନ୍ତି ବୋଲି ଚଞ୍ଚଳା ଅଭିଯୋଗ କରିଛନ୍ତି।

ଏ ନେଇ ଧୁଷୁରୀ ଥାନା ଅଧିକାରୀ ରମାକାନ୍ତ ମୁର୍ମୁ କହିଛନ୍ତି, ଡାକ୍ତର ଆମ ହାତ ବାନ୍ଧି ଦେଇଛନ୍ତି। ଡାକ୍ତର ଯେଉଁ ବ୍ୟବଚ୍ଛେଦ ରିପୋର୍ଟ ଦେଇଥିଲେ ସେଥିରେ ଏହା ଆତ୍ମହତ୍ୟା ବୋଲି ଉଲ୍ଲେଖ ଥିଲା। ତେଣୁ ଆମେ ଆଉ ତଦନ୍ତ କରି ସମୟ ନଷ୍ଟ କରିବାକୁ ଉଚିତ ମନେ କଲୁନି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଫମ୍ପା ମାଠିଆର ଜବାବ ରଖିଲେ ଧର୍ମେନ୍ଦ୍ର

# ବିଜେଡି ଭଙ୍ଗା ମାଠିଆ

ଭୁବନେଶ୍ୱର, ୪।୧୦(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। କେନ୍ଦ୍ରରେ ସରକାର ଗଢ଼ିବା ପୂର୍ବରୁ ଭାଜପା ଓଡିଶାବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ଏ ପର୍ଯ୍ୟନ୍ତ ପୂରଣ କରିନାହିଁ। ତେଣୁ ଭାଜପା ଫମ୍ପା ମାଠିଆ ବୋଲି କହି ମୁଖ୍ୟମନ୍ତ୍ରୀ ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଫମ୍ପା ମାଠିଆ ଉକ୍ତି ଉପରେ ପ୍ରତିକ୍ରିୟା ରଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜେଡିକୁ ଭଙ୍ଗା ମାଠିଆ ବୋଲି କହିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାକୁ ମଧ୍ୟ ସେ ସମାଲୋଚନା କରିଛନ୍ତି। ଧର୍ମେନ୍ଦ୍ରଙ୍କ ଏଭଳି ବକ୍ତବ୍ୟ ପରେ ଭାଜପାକୁ ପୁଣି ଟାର୍ଗେଟ କରିଛି ବିଜେଡି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଗାନ୍ଧୀ ଜୟନ୍ତୀରେ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କଲେ। ଗତ ୨୨ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶାର ଏକ ଜନସଭାକୁ ସମ୍ବୋଧିତ କଲାବେଳେ ଏ ନେଇ ତଥ୍ୟ ରଖିଥିଲେ। ଓଡିଶାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୩କୋଟି ୨୬ଲକ୍ଷ। ଏହି ସଂଖ୍ୟା ରାଜ୍ୟ ସରକାରଙ୍କ ସହ କଥା ହୋଇ କେନ୍ଦ୍ର ସ୍ଥିର କରିଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ କରିବା କଥା କହିଲେ। ହନୁମଲା ବେଳକୁ ସତ କହେ। ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବି ସେ ସତକୁ ସ୍ୱୀକାର କରିଛନ୍ତି। ଅନେକ ବର୍ଷ ହେବ ଟଙ୍କିକିଆ ଚାଉଳ ରାଜ୍ୟ ସରକାର ଦେଉଛନ୍ତି ବୋଲି କହି ଆସୁଥିଲେ। ଏବେ କିନ୍ତୁ ସେ ନିଜ ଜାଲରେ ନିଜେ ପଡିଯାଇଛନ୍ତି। ଯଦି ୨ ଅକ୍ଟୋବରରେ ଆରମ୍ଭ ହୋଇଥିବା ଖାଦ୍ୟ ସୁରକ୍ଷା ଯୋଜନା ରାଜ୍ୟ ସରକାରଙ୍କ ନିଜସ୍ୱ ତେବେ ପୂର୍ବରୁ ଲୋକେ କେନ୍ଦ୍ର ଯୋଜନାରେ ଚାଉଳ ପାଉଥିବା ସେ ସ୍ୱୀକାର କରିଛନ୍ତି। ରାଜ୍ୟ ଖାଦ୍ୟ କମିଶନର ରଙ୍ଗଲାଲ ଜାମୁଡା ନିକଟରେ ରାଜ୍ୟ ସରକାରଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଆହୁରି ସାଢେ ୩ଲକ୍ଷ ଲୋକ ଯୋଡି ହୋଇପାରିବେ ବୋଲି କହିଥିଲେ। ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଡି ହେବାକୁ ଥିବା ୩୪ଲକ୍ଷ ଲୋକ କୁଆଡୁ ଆସିଲେ ବୋଲି ସେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଖାଦ୍ୟ କମିଶନରଙ୍କ ଏଭଳି ଆଭିମୁଖ୍ୟକୁ ନେଇ ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭାଜପାକୁ ଫମ୍ପା ମାଠିଆ କହିଲେ। ଏଠି ଫମ୍ପା ମାଠିଆ କିଏ ସେ ଉତ୍ତର ରଖନ୍ତୁ। ଏବେ ମୁଖ୍ୟମନ୍ତ୍ରୀଙ୍କ ମାଠିଆ ଭାଙ୍ଗିଲାଣି। ବିଜେଡି କର୍ମୀଙ୍କୁ ଶାସକ ଦଳ ବିଧାୟକଙ୍କ ସୁପାରିସ କ୍ରମେ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଡାଯାଉଛି ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ

ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ, ୨୦୧୧ ଜନଗଣନା ଅନୁଯାୟୀ ହିତାଧିକାରୀଙ୍କୁ କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିଥିଲେ। ମାତ୍ର ଏହା ପରଠାରୁ ୨୦୧୮ ମଧ୍ୟରେ ରାଜ୍ୟରେ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଛନ୍ତି। ସେଥିପାଇଁ ଅଧିକ ହିତାଧିକାରୀଙ୍କୁ ଏଥିରେ ସାମିଲ କରିବାକୁ ଅନୁରୋଧ କରିଥିଲୁ। ମାତ୍ର ସେମାନେ ନ ଶୁଣିବାରୁ ରାଜ୍ୟ ସରକାର ନିଜସ୍ୱ ଯୋଜନା ଆରମ୍ଭ କରିଛନ୍ତି। ଧର୍ମେନ୍ଦ୍ର ବାବୁଙ୍କ ବକ୍ତବ୍ୟ ଦୁର୍ଭାଗ୍ୟଜନକ।

### ମେ ୧୨ରେ ସିଏଲ୍ଏଟି ପରୀକ୍ଷା

ଭୁବନେଶ୍ୱର, ୪।୧୦(ବ୍ୟୁରୋ)- କମନ ଲ’ ଆଡ୍‌ମିଶନ ଟେଷ୍ଟ(ସିଏଲଏଟି)-୨୦୧୯ ପରୀକ୍ଷା ମେ ୧୨ରେ ଅନୁଷ୍ଠିତ ହେବ। ନ୍ୟାଶନାଲ ଲ’ ୟୁନିଭର୍ସିଟିରେ ନାମ ଲେଖାଇବା ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଗୁରୁବାର ସିଏଲ୍ଏଟି କୋର କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ନ୍ୟାଶନାଲ ଲ’ ୟୁନିଭର୍ସିଟି ଓଡ଼ିଶା କୁଳପତି ତଥା ସିଏଲଏଟିର ଆବାହକ ପ୍ରଫେସର ଶ୍ରୀକ୍ରିଷ୍ଣା ଦେଭରାଓ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏ ନେଇ ସୂଚନା ଦେଇଛନ୍ତି।

■ ପୁରୀ ହିଂସାକାଣ୍ଡ ପରେ ସ୍ଥିତି ଅନୁଧ୍ୟାନ କଲେ ଡିଜିପି

# ସ୍ୱାଭାବିକ ହେଲା ସ୍ଥିତି, ଧାଡ଼ିଦର୍ଶନ ସ୍ଥାଣୁ

ପୁରୀ ଅଫିସ, ୪।୧୦

ପୁରୀ ହିଂସାକୁ ୨୪ ଘଣ୍ଟା ବିତିଛି। ଶାନ୍ତି ଫେରିଛି, ଜୀବନ ଯାତ୍ରା ସ୍ୱାଭାବିକ ହୋଇଛି। କିନ୍ତୁ ହିଂସାର ଦାଗ ଏବେ ବି ଲିଭିନାହିଁ। ଏହି ହିଂସା ସାମାଜିକ ଗଣମାଧ୍ୟମରେ ବିତର୍କ ପାଲଟି ଯାଇଥିବା ବେଳେ ଏହାକୁ ନେଇ ରାଜ୍ୟବ୍ୟାପୀ ସୃଷ୍ଟି ହୋଇଛି ତୀବ୍ର ପ୍ରତିକ୍ରିୟା। ବନ୍ଦ ଆଳରେ ହିଂସାକୁ ସମସ୍ତେ ଘୋର ବିରୋଧ କରିଛନ୍ତି। ହିଂସା ସୃଷ୍ଟିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱର ଉଠିଛି। ଅନ୍ୟପକ୍ଷରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ପୁରୀ ଆସି ସ୍ଥିତି ଅନୁଧ୍ୟାନ କରିବା ସହ କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା ତା’ର ସମୀକ୍ଷା କରିଛନ୍ତି। ଅନ୍ୟପକ୍ଷରେ ଗୁରୁବାର ଧାଡ଼ିଦର୍ଶନ ବ୍ୟବସ୍ଥା ସ୍ଥାଣୁ ପାଲଟି ଯାଇଛି। କେବଳ ନାମକୁ ମାତ୍ର ଧାଡ଼ି ହୋଇଥିଲେ ହେଁ ଶ୍ରଦ୍ଧାଳୁ ମନଇଚ୍ଛା ଚାରିଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରୁଥିଲେ।

ବୁଧବାର ଶ୍ରୀଜଗନ୍ନାଥ ସେନା ପୁରୀ ବନ୍ଦ ଡାକରା ଦେଇଥିଲା। ବନ୍ଦ ଆଳରେ ସୃଷ୍ଟି ହୋଇଥିଲା ହିଂସାକାଣ୍ଡ। ସହରର ବିଭିନ୍ନ ସ୍ଥାନରେ ପୋଡ଼ାଜଳା ଓ ଭଙ୍ଗାରୁଜା ହୋଇଥିଲା। ଗୁରୁବାର ଶ୍ରୀମନ୍ଦିରରେ ସ୍ଥିତି ସ୍ୱାଭାବିକ ହୋଇଥିଲେ ହେଁ ଧାଡ଼ିଦର୍ଶନ ବ୍ୟବସ୍ଥା ଏକରକମ୍ ଫସର ଫାଟିଛି। ଶାନ୍ତି କମିଟି ନିଷ୍ପତ୍ତି ଅନୁଯାୟୀ ପୁରୀ ବାସିନ୍ଦା ଚାରିଦ୍ୱାର ଦେଇ ପ୍ରବେଶ କରୁଛନ୍ତି। ବାହାରୁ ଆସୁଥିବା ଶ୍ରଦ୍ଧାଳୁ କେବଳ ସିଂହଦ୍ୱାର ଦେଇ ଧାଡ଼ିରେ ମନ୍ଦିରକୁ ଯାଉଛନ୍ତି। ଏହି ନିଷ୍ପତ୍ତି ଫଳରେ ଆଧ୍ୟାତ୍ମିକ ମନୋଭାବ ନେଇ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ପୃଥକ୍ ପୃଥକ୍ କରିଦିଆଯାଇଛି। ଏହାକୁ ଅନେକ ନାପସନ୍ଦ କରିଛନ୍ତି। କାହା ପରାମର୍ଶରେ ଏବଂ କେଉଁ ଭିତ୍ତିରେ ଶାନ୍ତି କମିଟି ଗଠନ କରାଯାଇଛି ତାହାକୁ ନେଇ ଉଠିଛି ପ୍ରଶ୍ନ। ଶାନ୍ତି କମିଟିରେ ରହିଥିବା ବ୍ୟକ୍ତିଙ୍କ ମଧ୍ୟରୁ କେତେଜଣ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଯେତେବେଳେ ଶାନ୍ତି କମିଟି ଗଠନ ହୁଏ ସେତେବେଳେ ସେଥିରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ନିଆଯାଏ। କିନ୍ତୁ ଶାନ୍ତି କମିଟିରେ ହାତଗଣତି ସେବାୟତ ରହିଥିଲେ ମଧ୍ୟ ବହୁ ବରିଷ୍ଠ ସେବକଙ୍କୁ ଅଣଦେଖା କରାଯାଇଛି।

ଡିଜିପି ଶର୍ମା ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ବାଇଶି ପାହାଚ, ଭିତର ଏବଂ ସିଂହଦ୍ୱାରରେ ହୋଇଥିବା ଭଙ୍ଗାରୁଜାର ସ୍ଥିତି ଦେଖିଥିଲେ। ଏହାପରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟକୁ ଯାଇ କ୍ଷୟକ୍ଷତିର ସ୍ଥିତି ସମୀକ୍ଷା କରିଥିଲେ। ଅନୁଧ୍ୟାନ ବେଳେ ଆଇଜି (ଆଇନଶୃଙ୍ଖଳା) ଅମିତାଭ ଠାକୁର, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଡିଜି କହିଛନ୍ତି ଯେ, ହିଂସାକାଣ୍ଡରେ କେତେଜଣ ଅସାମାଜିକଙ୍କ ସମ୍ପୃକ୍ତି ରହିଛି। ଶାନ୍ତି ବଜାୟ ରଖିବା ପାଇଁ ପୋଲିସ ସମସ୍ତ ପଦକ୍ଷେପ ନେଇଛି। ହିଂସା ଘଟାଇଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଭିତରକୁ କେତେଜଣ ପୋଲିସ ଯୋତା ପିନ୍ଧି ପଶିବାର ଯେଉଁ ଅଭିଯୋଗ ଆସିଥିଲା ପ୍ରାଥମିକ ତଦନ୍ତରୁ ତାହା ମିଥ୍ୟା ବୋଲି ଜଣାପଡ଼ିଛି।

ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି, ବନ୍ଦ ଆଳରେ ଯେଉଁଭଳି ହିସାକାଣ୍ଡ ଘଟିଲା, ଆଗରୁ ପୁରୀ ସହରରେ ଏମିତି କେବେ ହୋଇ ନ ଥିଲା। ଏହା ଏକ ନିନ୍ଦନୀୟ ଘଟଣା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ବନ୍ଦ ନାମରେ ଯେଉଁଭଳି ହିଂସା କରାଗଲା ତାହା ଦୁଃଖଦ ଘଟଣା। ଯେଉଁମାନେ ବନ୍ଦ ଡାକରା ଦେଉଛନ୍ତି ସେମାନଙ୍କ ହାତରେ ନିୟନ୍ତ୍ରଣ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଲା। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯାଉଛି। ୭ ଦିନ ମଧ୍ୟରେ ଏହାର ମରାମତି କରାଯିବ। ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ଥାନାରେ ୨ଟି ଏତଲା ଦିଆଯାଇଛି।

■ ଶାନ୍ତି କମିଟି ଗଠନକୁ ନେଇ ଉଠିଲା ପ୍ରଶ୍ନ

■ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ଥାନାରେ ୨ ଏତଲା

■ ହିଂସାକାଣ୍ଡକୁ ନିନ୍ଦା କଲେ ମହେଶ୍ୱର



ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମା ଅନୁଧ୍ୟାନ କରୁଛନ୍ତି।

ଭୁବନେଶ୍ୱରରେ ହେବାକୁ ଥିବା ଏଫ୍‌ଆଇଏଚ ପୁରୁଷ ହକି ବିଶ୍ୱକପ୍‌ରେ ଭାରତୀୟ ଦଳ ସେମିଫାଇନାଲରେ ପ୍ରବେଶ କରିପାରିବ ।

–କ୍ଲାରେନ୍ସ ଲୋବୋ, ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ହକି କୋଚ୍



ଆଣ୍ଟୋନୀ ଗ୍ରିଜ୍‌ମ୍ୟାନ ବର୍ତ୍ତମାନ ବିଶ୍ୱର ଶ୍ରେଷ୍ଠ ଫୁଟ୍‌ବଲ ଖେଳାଳି । ସେ ୟୁରୋପା ଲିଗ୍, ବିଶ୍ୱକପ୍, ସୁପର କପ୍ ଜିତିବାରେ ସଫଳ ହୋଇଛନ୍ତି ।

–ଡିଏଗୋ ସିମୋନ୍, ଆଟ୍‌ଲେଟିକୋ ମାଡ୍ରିଡ୍ ମ୍ୟାନେଜର



## ସଂକ୍ଷେପରେ

### କ୍ୱାର୍ଟରରେ ଜୟରାମ, ସୌରଭ ଆଉଟ୍

ତାଇପେ ସିଟି, ୪।୧୦(ପି.ଟି.)- ଏଠାରେ ଚାଲିଥିବା ଚାଇନିଜ ତାଇପେ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ସୁପର ୩୦୦ ଟୁର୍ନାମେଣ୍ଟରେ ଭାରତୀୟ ତାରକା ସଟଲର ଅଜୟ ଜୟରାମ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ଅନ୍ୟତମ ଭାରତୀୟ ପୁରୁଷ ଖେଳାଳି ସୌରଭ ବର୍ମା ପ୍ରତିଯୋଗିତାରୁ ବାଦ୍ ପଡିଛନ୍ତି। ପୁରୁଷ ସିଙ୍ଗଲ୍ସ ପ୍ରି- କ୍ୱାର୍ଟର ଫାଇନାଲ ମୁକାବିଲାରେ ବିଶ୍ୱର ପୂର୍ବତନ ୧୩ ନମ୍ବର ଖେଳାଳି ଜୟରାମ ଡେନମାର୍କର କିମ ବ୍ରୁନଙ୍କୁ ୨୧-୧୦, ୨୨-୨୦ ସିଧାସଳଖ ଗେମ୍ସରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ୨୦୧୫ରେ କୋରିଆ ଓପନ୍ ଫାଇନାଲରେ ପ୍ରବେଶ କରିଥିବା ୩୦ ବର୍ଷୀୟ ଜୟରାମ କ୍ୱାର୍ଟରରେ ଏବେ ମାଲେସିଆର ଲି ଜି ଜିଆଙ୍କୁ ଭେଟିବେ। ସେହିପରି ଗତ ଜୁଲାଇରେ ରୁଷିଆ ଓପନ ଟାଇଟଲ ହାସଲ କରିଥିବା ପୂର୍ବତନ ଜାତୀୟ ଚାମ୍ପିୟନ ସୌରଭ ବର୍ମା ଜାପାନର ରିଚି ତାକେଶିତାଙ୍କଠାରୁ ୨୧-୧୯, ୨୧- ୨୩, ୧୬- ୨୧ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

### ଫେଡେରରଙ୍କ ସହ ମୁକାବିଲା କରିବେ ସେରେନା

ପର୍ଥ,୪।୧୦- ମହିଳା ସିଙ୍ଗଲ୍ସ ବର୍ଗର ପୂର୍ବତନ ଶୀର୍ଷ ର୍ୟାଙ୍କଧାରୀ ଖେଳାଳି ସେରେନା ୱିଲିୟମ୍ସ ଆଗାମୀବର୍ଷ ଖେଳାଯିବାକୁ ଥିବା ହପ୍‌ମ୍ୟାନ କପ୍‌ରେ କିମ୍ବଦନ୍ତୀ ପୁରୁଷ ସିଙ୍ଗଲ୍ସ ଖେଳାଳି ରୋଜର ଫେଡେରରଙ୍କୁ ଭେଟିବେ। ଅଷ୍ଟ୍ରେଲିଆର ପର୍ଥଠାରେ ଆମେରିକା ଓ ସୁଇଜରଲାଣ୍ଡ ମଧରେ ଖେଳାଯିବାକୁ ଥିବା ହପ୍‌ମ୍ୟାନ କପ୍ ମୁକାବିଲାରେ ପ୍ରଥମେ ମିକ୍ସଡ୍ ଡବଲ୍ସ ମ୍ୟାଚ୍ ଖେଳାଯିବ। ଏଥିରେ ୩୭ ବର୍ଷୀୟ ସେରେନା, ଫ୍ରାନ୍ସସେସ ଟିଆଫୋଙ୍କ ସହ ଯୋଡ଼ି କରି ଖେଳିବେ। ତାଙ୍କ ସାମ୍ନାରେ ୨୦ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଫେଡେରର ଓ ବେଲିଣ୍ଡା ବେନ୍ସିକ ନିଜ ଟାଇଟଲ ବଞ୍ଚାଇବା ଲକ୍ଷ୍ୟରେ ରହିବେ। ସେହିଭଳି କାମେରୋନ ନୋରି ଓ କାଟି ବୋଲ୍ଟରଙ୍କ ଯୋଡ଼ି ବ୍ରିଟେନ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଉଲ୍ଲେଖଥାଉ କି, ୟୁଏସ୍ ଓପନ ଫାଇନାଲରେ ବିବାଦୀୟ ପରାଜୟ ପରେ ସେରେନା ଏପର୍ଯ୍ୟନ୍ତ କୋର୍ଟକୁ ଓହ୍ଲାଇ ନାହାନ୍ତି। ଏହା ସହିତ ସେ ଚଳିତ ସିଜନରେ ଖେଳିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। "ଅଷ୍ଟ୍ରେଲିଆର ପ୍ରଶଂସକ ସର୍ବଦା ମୋତେ ସମର୍ଥନ କରନ୍ତି ଏବଂ ହପ୍‌ମ୍ୟାନ କପ୍‌ରୁ ସିଜନ ଆରମ୍ଭ କରିବା ମଧ ମୋ ପାଇଁ ଭଲ। କାରଣ ଏହାପରେ ସେଠାରେ ଅଷ୍ଟ୍ରେଲିଆ ଓପନ ଖେଳାଯିବ" ବୋଲି ସେରେନା କହିଛନ୍ତି। ୨୦୧୭ ଅଷ୍ଟ୍ରେଲିଆ ଓପନ ସେ ପରେ ପ୍ରଥମ ଥର ଏଠାରେ ଖେଳିବେ।

# ଭାରତ ଫାଇନାଲରେ



ବାଂଲାଦେଶକୁ ପରାସ୍ତ କରିବା ପରେ ଉଲ୍ଲସିତ ଭାରତୀୟ ଦଳ।

ଢାକା, ୪।୧୦ (ପି.ଟି.)

**୧୯ ବର୍ଷରୁ କମ୍ ଏସିଆ କପ୍**

ବାଂଲାଦେଶକୁ ୨ ରନରେ ପରାସ୍ତ କରିବା ଦ୍ୱାରା ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚରେ ମୋହିତ ଜାଙ୍ଗ୍ରା ଓ ସିଦ୍ଧାର୍ଥ ଦେଶାଇ ତିନୋଟି ଲେଖାଏଁ ଉଇକେଟ ଅକ୍ତିଆର କରି ଦଳକୁ ଜିତାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୯.୩ ଓଭରରେ ୧୭୨ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ଯଶସ୍ୱୀ ଜୟସ୍ୱାଲ ୬୯ ବଲ୍‌ରେ ୩୭ ରନ କରିଥିବା ବେଳେ ସମୀର ଚୌଧାରୀ ଓ ଅଞ୍ଜୁ ରାଓ୍ୱତ ଯଥାକ୍ରମେ ୩୬ ଓ ୩୫ କରିଥିଲେ। ଜବାବରେ ବାଂଲାଦେଶ ୪୬.୨ ଓଭରରେ ୧୭୦ ରନ କରି ଅଲଆଉଟ ହୋଇଯାଇଥିଲା। ପେସର ଜାଙ୍ଗ୍ରା ଓ ବାମହାତୀ ସ୍ପିନର ଦେଶାଇ ମିଳିତ ଭାବେ ୬ଟି ଉଇକେଟ ନେବାରୁ ବାଂଲାଦେଶ ୪୬.୨ ଓଭରରେ ୧୭୦ ରନ କରି ଅଲଆଉଟ ହୋଇଯାଇଥିଲା। ଏହି ଦୁଇ ବୋଲର ବାଂଲାଦେଶର ଟପ୍ ୬ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ୫ ଜଣଙ୍କୁ ଆଉଟ କରିଦେଇଥିଲେ। ୧୭୩ ରନର ବିଜୟ ଲକ୍ଷ୍ୟ ପିଛା କରିବା ବେଳେ ବାଂଲାଦେଶ ଏକଦା ୨୦ ଓଭରରେ ୫ ଉଇକେଟ ହରାଇ ୬୫ ରନ କରିଥିଲା। ମାତ୍ର ସମିମ ହୋସେନ (୫୯) ଏବଂ ଉଇକେଟକିପର ଆକବର ଅଲି (୪୫) ପାର୍ଟନରଶିପ୍‌ରେ ୭୪ ରନ ଯୋଗ କରି ଦଳକୁ ବିଜୟ ନିକଟତର କରିଥିଲେ। ବାଂଲାଦେଶ ୬ ଉଇକେଟ ବିନିମୟରେ ୧୩୯ ରନ କରିଥିଲା। ଦଳକୁ ବିଜୟ ପାଇଁ ସେତେବେଳକୁ ୧୪.୫ ଓଭରରେ ମାତ୍ର ୩୪ରନ ଆବଶ୍ୟକ ପଡୁଥିଲା। ହୋସେନ କ୍ରିଜ୍‌ରେ ରହିଥିବାରୁ ଦଳ ପାଇଁ ବିଜୟର ଯଥେଷ୍ଟ ସମ୍ଭାବନା ରହିଥିଲା। ମାତ୍ର ଭାରତୀୟ ବୋଲରମାନେ ତାହା କରାଇ ଦେଇ ନ ଥିଲେ। ବାଂଲାଦେଶ ଉଇକେଟମାନ ହରାଇବାରେ ଲାଗିଥିଲା। ହୋସେନ ୪୩ ତମ ଓଭରରେ ୮ମ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ। ଦଳ ୪୭ତମ ଓଭରରେ ଅଲଆଉଟ ହୋଇଯାଇଥିଲା।

ପୂର୍ବରୁ ଭାରତୀୟ ଦଳର ଆରମ୍ଭ ଉତ୍ସାହଜନକ ନ ଥିଲା। ମିଡଲ ଓଭରଗୁଡ଼ିକରେ ତିନୋଟି ଉଇକେଟର ଶୀଘ୍ର ପତନ ଘଟିଥିଲା। ଦୁଇଟି ପାର୍ଟନରଶିପ୍ ଉଲ୍ଲେଖନୀୟ ଥିଲା। ଜୟସ୍ୱାଲ ଓ ରାଓ୍ୱତଙ୍କ ମଧରେ ଦ୍ୱିତୀୟ ଉଇକେଟରେ ୬୬ ରନର ପାର୍ଟନରଶିପ୍ ହୋଇଥିଲା। ଆୟୁଷ ବାଦୋନୀ (୨୮) ଏବଂ ଚୌଧାରୀଙ୍କ ମଧରେ ଅନ୍ୟ ଏକ ୫୯ ରନର ପାର୍ଟନରଶିପ୍ ହୋଇଥିଲ।

## ହସ୍ପିଟାଲରେ ହକି କିମ୍ବଦନ୍ତୀ ବଲବୀର ସିଂ

ଚଣ୍ଡିଗଡ଼,୪।୧୦(ପି.ଟି.)

ତିନିଥର ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜୟୀ ହକି କିମ୍ବଦନ୍ତୀ ବଲବୀର ସିଂ ସିନିୟର ବୁଧବାର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ନିଃଶ୍ୱାସ ପ୍ରଶ୍ୱାସରେ ଅସୁବିଧା ହେବାରୁ ସେ ରେସ୍‌ପିରାଟୋରି ଇଣ୍ଟେନସିଭ କେୟାର ୟୁନିଟ୍ (ଆରଆଇସିୟୁ)ରେ ଚିକିତ୍ସିତ ହେଉଛନ୍ତି। "ତାଙ୍କ ଫୁସ୍‌ଫୁସ ସକ୍ରିୟ ରଖିବା ଲାଗି ଶ୍ୱାସନଳିରେ ଟ୍ୟୁବ ଦିଆଯାଇଛି" ବୋଲି ଜଣେ ଡାକ୍ତର କହିଛନ୍ତି। ୨୦୧୨ରେ ୧୬ କିମ୍ବଦନ୍ତୀ ହକି ଖେଳାଳିଙ୍କ ମଧ୍ୟରୁ ଏକ ମାତ୍ର ବଲବୀରଙ୍କୁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ସଦସ୍ୟ ଭାବେ ଚୟନ କରାଯାଇଥିଲା। ଅଲିମ୍ପିକ ଫାଇନାଲରେ ବ୍ୟକ୍ତିଗତ ଭାବେ ସର୍ବାଧିକ ଗୋଲ ରେକର୍ଡ ତାଙ୍କ ନାମରେ ଏବେ ବି ରହିଛି। ସେ ୧୯୫୨ ହେଲସିଙ୍କି ଗେମ୍ସ ଫାଇନାଲରେ ୫ ଗୋଲ ଦେଇଥିଲେ। ଏଥିଯୋଗୁ ଭାରତୀୟ ଦଳ ୬-୧ ରେ ନେଦରଲାଣ୍ଡକୁ ହରାଇଥିଲା।

## ବିଶ୍ୱ ବକ୍ସିଂ ନିର୍ବାଚନ ଲଢ଼ିବେ ଅଜୟ ସିଂ

ନୂଆଦିଲ୍ଲୀ,୪।୧୦(ପି.ଟି.)

ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ଅଜୟ ସିଂ ଅନ୍ତର୍ଜାତୀୟ ବକ୍ସିଂ ମହାସଂଘ (ଏଆଇବିଏ)ର କାର୍ଯ୍ୟକାରୀ କମିଟିର ସଦସ୍ୟତା ପାଇଁ ନିର୍ବାଚନ ଲଢ଼ିବେ। ତେବେ ସେ ଏସିଆ ପ୍ରତିନିଧି ପଦ ଲାଗି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏ ନେଇ ସେ ଅନ୍ୟ ୧୦ଜଣଙ୍କ ସହ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଆଇଏ ନିର୍ବାଚନ କମିଟି ଅଧକ୍ଷ ଜୋଷ୍ଟ ସ୍କମିଦ ଭାରତୀୟ ନାମାଙ୍କନ ପତ୍ରକୁ ସ୍ୱୀକୃତି ଦେଇଛନ୍ତି। ନିକଟରେ ଅନ୍ତରୀଣ ସଭାପତି ଗାଫୁର ରାଖିମୋଭ ବିବାଦର ସମ୍ମୁଖୀନ ହେବା ପରେ ପୁନଃ ନିର୍ବାଚନ କରିବାକୁ କମିଟି ନିଷ୍ପତ୍ତି ନେଇଛି। ଏହି କାର୍ଯ୍ୟକ୍ରମ ନଭେମ୍ବର ୩ ତାରିଖ ଅନୁଷ୍ଠିତ ହେବ। ବର୍ତ୍ତମାନ ଏଆଇବିଏରେ ଭାରତର ପ୍ରତିନିଧି ନାହାନ୍ତି। ଭେଟେରାନ ଟେକ୍‌ନିକାଲ ଅଫିସିଆଲ କିଶାନ ନାର୍ସି ଅନ୍ତିମ ଭାରତୀୟ ଭାବେ କାର୍ଯ୍ୟ କରିଥିଲେ। ସେ ଏଆଇବିଏ ନିର୍ବାଚନ କମିଶନର ଦାୟିତ୍ୱରେ ଥିଲେ। ମାତ୍ର ବିଏଫ୍‌ଆଇ ସମ୍ପୂର୍ଣ୍ଣ ଅଧିକାର ପାଇବା ପରେ ତାଙ୍କ କାର୍ଯ୍ୟକାଳ ୨୦୧୫ରେ ଶେଷ ହୋଇଥିଲା। ଅଜୟଙ୍କୁ କୋରିଆ, ଇଣ୍ଡୋନେସିଆ, ଜାପାନ, ମଙ୍ଗୋଲିଆ, ନେପାଳ, କାତାର, ସିଙ୍ଗାପୁର, ଥାଇଲାଣ୍ଡ ଓ ୟୁଏଇ ସଂଘର ସଦସ୍ୟମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିବ। ଉଲ୍ଲେଖଥାଉ କି, ରାଖିମୋଭ ଯଦି ପୁନଃ ନିର୍ବାଚିତ ହେଲେ ଅଲିମ୍ପିକ୍ସରେ ବକ୍ସିଂ ଭବିଷ୍ୟତ ବିପଦରେ ପଡ଼ିବ ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଚେତାବନୀ ଦେଇଛି। କାରଣ ଉଜବେକିସ୍ତାନ ପ୍ରତିନିଧି ରାଖିମୋଭ କେତେକ ଅପରାଧରେ ଜଡ଼ିତ ରହିଛନ୍ତି।

## କେରଳର ରୋମାଞ୍ଚକ ବିଜୟ

ନୂଆଦିଲ୍ଲୀ,୪।୧୦-

ସ୍ଥାନୀୟ ପାଲାମ ବି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ବିଜୟ ହଜାରେ ଟ୍ରଫିର ଏକ ରୋମାଞ୍ଚଭରା ମ୍ୟାଚ୍‌ରେ ଉତ୍ତରପ୍ରଦେଶ (ୟୁପି)କୁ ୧ ରନ୍‌ରେ କେରଳ ପରାସ୍ତ କରିଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା କେରଳ ୨୨୮ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ବାସୁଦେବନ ଅରୁନ୍ଧତି ଜଗଦୀଶ ୮୨ ଓ ସଲ୍‌ମାନ ନିଜାର ୪୩ ରନ୍ କରିଥିଲେ। ୟୁପି ପକ୍ଷରୁ ସୌରଭ କୁମାର ୩ଟି ଉଇକେଟ ନେଇଥିଲେ। ଜବାବରେ ୟୁପି ୨୫ ରନ୍‌ରେ ଦୁଇ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଅଧିନାୟକ ସୁରେଶ ରାଇନାଙ୍କ ୬୬ (୩ ଛକା, ୪ ଚୌକା) ରନ୍‌ର ଇନିଂସ୍ ବଳରେ ଦଳୀୟ ସ୍ଥିତିରେ ସୁଧାର ଆସିଥିଲା। ମାତ୍ର ସେ ଆଉଟ ହେବା ପରେ ଦଳ ପୁଣି କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଅନ୍ତିମ ଓଭରର ଶେଷ ବଲ୍ ପୂର୍ବରୁ ଦଳ ୨୨୭ ରନ୍‌ରେ ଅଲଆଉଟ୍ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ବିନୁପ ମନହାରାଣ, କେ.ସି. ଅକ୍ଷୟ ଓ ଜଲଜ ୨ଟି ଲେଖାଏ ଉଇକେଟ ନେଇଥିଲେ। ଏହାଦ୍ୱାରା କେରଳ ୩ୟ ବିଜୟ ସହ ମୋଟ ୧୪ ପଏଣ୍ଟ ଅର୍ଜନ କରି ଏଲିଟ ଗ୍ରୁପ୍ ବି'ରେ ୩ୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ୟୁପି ମାତ୍ର ୮ ପଏଣ୍ଟ ସହ ୯ମ ସ୍ଥାନ ପାଇଛି।

## ଜାତୀୟ ଦଳକୁ ଫେରିବା ଲକ୍ଷ୍ୟରେ ରଜାକ

କରାଚୀ,୪।୧୦-

ପୂର୍ବତନ ପାକିସ୍ତାନ ଅଲ୍‌ରାଉଣ୍ଡର ଅବ୍‌ଦୁଲ ରଜାକ ଏବେ ଜାତୀୟ ଟି୨୦ ଦଳକୁ ଫେରିବା ଲକ୍ଷ୍ୟ ରଖିଛନ୍ତି। ୩୮ ବର୍ଷୀୟ ଖେଳାଳି ଏଥିନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ୨୦୧୩ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ରଜାକ ଚଳିତ ବର୍ଷ ଘରୋଇ କ୍ରିକେଟ ଖେଳିବା ଆରମ୍ଭ କରିଛନ୍ତି। ଆବୁଧାବି ଟି୨୦ ଲିଗ୍‌ରେ ସେ ଲାହୋର କ୍ୱାଲାଣ୍ଡର୍ସ ପକ୍ଷରୁ ଖେଳୁଛନ୍ତି। ସେ କହିଛନ୍ତି, ପାକିସ୍ତାନ ଟି୨୦ ଦଳରେ ପୁଣିଥରେ ସ୍ଥାନ ପାଇବା ଲାଗି ଏହା ଏକ ସୁଯୋଗ। ଏଥିନେଇ ଲାହୋର କ୍ୱାଲାଣ୍ଡର୍ସ କୋଚ୍ ଆକିବ ଜାଭେଦଙ୍କୁ ଧନ୍ୟବାଦ। ସେ ମୋତେ ଏହି ସଯୋଗ ଦେଇଛନ୍ତି। ଏଠାରେ ଭଲ ପ୍ରଦର୍ଶନ କରି ଜାତୀୟ ଦଳକୁ ଫେରିପାରିବି ଓ ପାକିସ୍ତାନ ସୁପର ଲିଗ୍‌ରେ ଖେଳିପାରିବି ବୋଲି ମୁଁ ଆଶା କରୁଛି। ରଜାକ ଅନ୍ତର୍ଜାତୀୟ କ୍ୟାରିୟରରେ ୩୨ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଏଥିରୁ ସେ ୨୦ ଉଇକେଟ ନେବା ସହ ୨୯.୩୦ ହାରରେ ୩୯୩ ରନ୍ କରିଛନ୍ତି।


**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
DIST: KALAHANDI-766026, Mob. No-7328840483,
E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)**
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**TENDER CALL NOTICE NO. 39/2018-19, DTD. 28.09.2018**

**No.CAD-903:-** The Sr. General Manager (El), UIHEP, Mukhiguda invites sealed tenders in two parts from Manufacturers/ Authorized Dealers/ reputed suppliers for the following work.

| Name of Work | Estimated Cost in Rs. | EMD in Rs. | Cost of Tender paper in Rs. |
|---|---|---|---|
| Procurement, Erection, Testing & Commissioning of 220 KV Current Transformer. | 1,87,33,680/- | 1,87,350/- | Rs. 11,800/- inclusive of GST @ 18% |

The sale of tender paper: From 11.00 hrs. of 23.10.2018 to 13.00 hrs. of 13.11.2018.
The last date & time of receipt of tenders: upto 13.00 hrs. of 13.11.2018.
The date & time of opening of Techno Commercial bid: 12.30 hrs. of 15.11.2018.
For details of tender documents, Terms and Conditions, Eligibility Criteria and downloading please visit our website www.ohpcltd.com

**Sd./- Sr. General Manager (El.)**
**UIHEP, Mukhiguda**
**32136/11/0057/1819**



**ODISHA TOURISM DEVELOPMENT CORPORATION LIMITED**
**(A GOVT. OF ODISHA UNDERTAKING)**
**PANTHANIVAS (OLD BLOCK): LEWIS ROAD: BHUBANESWAR-14**
**INVITATIONS FOR BIDS (IFB)**

**No.CAD-910:-** **NOTICE INVITATION FOR BIDS (NIFB)**
**e-Procurement Notice No. BP -I/13/2018-19 dt.29.09.2018**

1. Nature of Work : Furnishing, Development work, Construction & Renovation etc.
2. Total No.of Works : 17 Nos.
3. Value of Works : Rs. 16.53 lakhs to 1.95 crore
4. Bid Security : 1% of the amount put to tender
5. Class of Contractor : C,B and A
6. Period of Completion : 3 (Three) months to 12 (Twelve) months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of opening of Tender |
|---|---|---|---|---|
| Executive Engineer, B.P.Division No. I, OTDC Ltd. | BP-I/13/2018-19 dt. 29.09.2018 | From 06.10.2018 | To 23.10.2018 | 11.30 Hours of dt.25.10.2018 in the office of the Executive Engineer B.P. Division No.I), OTDC Ltd, Bhubaneswar |

Further details can be seen from the Govt. Website www.tenderodisha.gov.in.

**Sd./- Executive Engineer**
**B.P.Division No. I**
**37002/11/0052/1819**



**Bhubaneswar Smart City Limited**
**Block-1, 5th Floor, BMC Bhawani Mall, Saheed Nagar, Bhubaneswar-751007,**
**e-mail Id: bbsr.bscl@gmail.com, CIN: U74990OR2016PLC020016**
**NOTICE INVITATION REQUEST FOR PROPOSAL (RFP)**
**6033 Bid Identification: 6033/ BSCL/164/2018 dated' 03.10.18**

**No.293-C:-**

1. Chief Executive Officer, BSCL invites proposals from experienced and reputed consultancy firms, to be received in online mode for Consultancy services for the following work as detailed in the table below:-

TABLE-1

| Sl. No. | Name of the Project | Bid Security | Cost of the Bid Document | Period of Services |
|---|---|---|---|---|
| (1) | (2) | (3) | (4) | (5) |
| 1 | Consultancy Services for Supervision of Roads and Infrastructure Projects of Bhubaneswar Smart City Limited | Rs. 5,00,000/- | Rs. 10,000/- + 1,200/- (GST @ 12%) | 24 Months |

2. The bidders have to participate in ONLINE bidding only. The web-site for "ON LINE BIDDING" is https://www.tendersodisha.gov.in.
3. Bid documents will be available in above Website from 04.10.18 to 17.00 hours to 25.10.18 for "ONLINE BIDDING".
4. A pre-bid meeting shall be held on 12.10.18 at 11.30 A.M. in the Conference hall of Bhubaneswar Smart City Ltd.
5. Last date/ Time for receipt of Bid in web portal is 25.10.18 till 17.00 hours.
6. Date of submission of original Documents, EMD, paper cost is 26.10.18 till 17.00 hours.
7. The tender will be opened on 30.10.18 at 11.30 A.M.
8. The bidder must possess compatible Digital Signature Certificate (DSC) of Class-II or Class-III.

**Sd./- Chief Executive Officer**
**Bhubaneswar Smart City Limited**
**13070/11/0029/1819**



**Bhubaneswar Smart City Limited**
**Bhubaneswar Smart City Limited**
**Block 1, II Floor, BMC-Bhawani Mall, Bhubaneswar-751007**
**No. 6003** **Date: 01.10.2018**

**1st Corrigendum to Tender Call Notice Vide bid Identification No. 4427/BSCL/101/2018, dated 29.08.2018**

**No.291-C:-** With reference to the Notice Inviting Request for Proposal (RFP) No. 4427/ BSCL/101/2018, dated 29.08.2018 towards Construction of New BMC Corporation Building including the Intelligent City Operations and Management Centre (ICOMC) at Unit IX, Bhubaneswar Odisha on EPC mode, clarification of the Pre-bid meeting held on 17.09.2019 has been uploaded in the e procurement portal http://tendersodisha.gov.in. The revised schedule of Bidding Process is as follows:

| | | |
|---|---|---|
| 1. | Last date and time for receipt of proposals | 31.10.2018 upto 5.00 P.M. |
| 2. | Last date of receipt of original documents of financial instruments & cover- iii | 01.11.2018 upto 5.00 P.M. |
| 3. | Time and date of opening of technical proposals | 03.11.2018 at 11.00 A.M. |
| 4. | Time and date of technical presentation | To be Communicated Later |
| 5. | Time and date of opening of financial proposals | To be communicated later to the qualified bidders only |
| 6. | Venue of opening of proposals | Office of the Chief Executive Officer, Bhubaneswar Smart City Ltd. Block 1, II Floor, BMC Bhawani Mall, Bhubaneswar-751007. |

**Sd./- Chief Executive Officer**
**Bhubaneswar Smart City Limited**
**13070/11/0028/1819**



**GOVERNMENT OF ODISHA**
**ST & SC DEVELOPMENT DEPARTMENT**
**OFFICE OF THE PROJECT ADMINISTRATOR, INTEGRATED TRIBAL DEVELOPMENT AGENCY, JEYPORE**
**e-Procurement Notice**
**Bid Identification No. PA ITDA (J)-04/2018-2019**
**No. 2521//2018-ITDA** **Dated, the 03rd October, 2018**

**No.CAD-909:-** Bid Documents consisting of work, Estimated Cost, Cost of Tender paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e "www.tendersodisha.gov.in".

| | | | |
|---|---|---|---|
| 01. | Name of the work | : | Civil Construction Works & HT Electrical Work as mentioned in DTCN |
| 02. | No. of Works | : | 06 (Six) Numbers only |
| 03. | Estimated Cost | : | Rs. 6.00 Lac to Rs. 19.00 Lac |
| 04. | Period of completion | : | 02 (Two) Months |
| 05. | Date & Time of Bidding | : | From 06.10.2018 at 10.00 hours to 20.10.2018 upto 17.00 hours |
| 06. | Last date & time for receipt of bids in portal | : | 20.10.2018 upto 17.00 hours |
| 07. | Bids received Online & Offline shall be opened on | : | 22.10.2018 at 15.00 hours onwards |
| 08. | Documents Received through Speed Post/ Registered Post | : | 09.10.2018 at 11.00 hours to 22.10.2018 Up-to 14.00 hours (Working Days Only) |
| 09. | Name and address of the officer inviting Bid | : | Project Administrator, I.T.D.A. Jeypore |

Further details can be seen from the www.tendersodisha.gov.in.

**Sd./- Project Administrator,**
**I.T.D.A. Jeypore**
**19060/11/0002/1819**



ODISHA
NEW OPPORTUNITIES

**INDUSTRIAL PROMOTION AND INVESTMENT CORPORATION OF ODISHA LIMITED**
(An ISO 9001:2015 Certified State Level Nodal Agency)
**IPICOL HOUSE, JANPATH, BHUBANESWAR-751022, ODISHA, INDIA**
(A Government of Odisha Undertaking)
**Website: http://ipicolodisha.com & http://investodisha.gov.in**

**Advertisement Inviting Applications for the posts of Asst. Managers, IPICOL, Bhubaneswar**

**No. CAD-908:-** Industrial Promotion and Investment Corporation of Odisha Limited (IPICOL) is a State owned PSU and designated State Level ISO 9001:2015 Certified Nodal Agency for investment Promotion and Industrial Facilitation, IPICOL intends to recruit technical professionals in the rank of Asst. Manager with the following qualifications / stipulations.

**Assistant Manager (SLNA / IP) - 02**
**Category-** ST-1, SC-1
**Qualification:** Must have 1st Class Degree (minimum 60% marks) in Engineering from a recognized University and MBA / Post Graduate Diploma in Management from an Institute recognized / notified by State / Central Govt. as preferable.
**Experience:** Minimum 3 years experience in investment promotion / facilitation and allied activities in a company / Institution of repute. Must have adequate exposure in computerized environment.
**Age Limit:** Maximum 32+ 5 years.
**Scale of Pay and Allowances (As per ORSP Rule-2017):** Rs. 44,900 - Level-10. The post carries D.A., C.P.F., H.R.A. etc.

**Assistant Manager (Admn.) - 02**
**Category-** ST-1, UR-1
**Qualification:** Must have 1st Class Post Graduate (minimum 60% marks) with MBA / Post Graduate Diploma in Management from an Institute recognized / notified by State / Central Government in PM / HR as preferable.
**Experience:** Minimum 3 years experience in handling personnel, Administrative matters in a Company / Institution of repute. Must have adequate exposure in computerized environment.
**Age Limit:** UR- Maximum 32 years, ST- Maximum 32 + 5 years
Scale of Pay and Allowances (As per ORSP Rule-2017): Rs. 44,900 - Level-10. The post carries D.A., C.P.F., H.R.A. etc.

**Assistant Manager (Accts.) - 02**
**Category-** SC-1, UR-1
**Qualification:** Must be a 1st Class Graduate (minimum 60% marks) with ACA/ AICWA.
**Experience:** Minimum 3 years post qualification experience in a financial institution/ company of repute. Must have adequate exposure in computerized environment.
**Age Limit:** UR- Maximum 32 years, SC- Maximum 32 + 5 years.
**Scale of Pay and Allowances (As per ORSP Rule-2017):** Rs. 44,900- Level-10. The post carries D.A., C.P.F., H.R.A. etc.

**Selection Procedure:** Shortlisted candidates meeting the stipulated qualification, experience and age limit will have to appear written test and a subsequent interview. Final selection will be made basing on the written test and interview. The selection procedure will be facilitated by Xavier University Bhubaneswar (XUB).

Interested applicants may send their resume along with two copies of recent photographs and copies of credentials / certificates addressed to **CAS (Career Advisory Services) Office, Xavier City Campus, Plot No.: 12 (A), Nijigada, Kurki, Harirajpur-752050, Dist.- Puri, Odisha through Regd. Post / Speed Post. The last date of receiving application is 25.10.2018. Please superscribe the name of the position applied for on both the resume and envelope.** The management reserves the right to reject any or all the applications without assigning any reason whatsoever.

*Sd./-*
*General Manager (P&A)*
14005/11/0037/1819

## ସଂକ୍ଷେପରେ

### ଚାଳକଙ୍କୁ ଆକ୍ରମଣ କରି ଟ୍ରକ୍ ଲୁଟ୍

**ଅନୁଗୋଳ ଅଫିସ, ୪।୧୦:** ଅନୁଗୋଳ ଦେଇ ଯାଇଥିବା ୫୫ ନଂ. ଜାତୀୟ ରାଜପଥରୁ ବୁଧବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଲୁଟ୍ ହୋଇଛି। ଲୁଟେରାମାନେ ଚାଳକଙ୍କୁ ଆକ୍ରମଣ କରି ଟ୍ରକ୍ ସହ ୯ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ରାୟପୁରରୁ ଏକ କୋରିୟର ସଂସ୍ଥାର ଟ୍ରକ୍ (ନଂ. ଏମ୍‌ଏଚ୪୦ବିଜି-୫୮୬୯)ରେ କପଡ଼ା ଅନୁଗୋଳ ଆସୁଥିଲା। ତେବେ ସହର ଉପକଣ୍ଠରେ ୭ଜଣ ଲୁଟେରା ମାରଣାସ୍ତ୍ର ସହ ଲୁହା ରଡ଼ ଧରି ଗାଡ଼ି ଚାଳକ ରଞ୍ଜନ ନାରାୟଣ ଗଜବେୟଙ୍କୁ ଅତର୍କିତ ଆକ୍ରମଣ କରି ଗାଡ଼ି ଓ ଟଙ୍କା ଲୁଟି ନେଇଥିଲେ। ଅନୁଗୋଳ ପୋଲିସ ଗାଡ଼ି ହେଲପରକୁ ଥାନାରେ ଅଟକ ରଖି ପଚରାଉଚରା ଚଲାଇଛି।

### ଅନୁଗୋଳ ଡାକଘର ପ୍ରତିଷ୍ଠା ଦିବସ

**ଅନୁଗୋଳ ଅଫିସ, ୪।୧୦:** ଅନୁଗୋଳ ଜିଲା ମୁଖ୍ୟ ଡାକଘର ପରିସରରେ ୩୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଢେଙ୍କାନାଳ ଡାକ ମଣ୍ଡଳ ଅଧୀକ୍ଷକ ବିପିନି ବିହାରୀ ମହାନ୍ତି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସହକାରୀ ଡାକ ଅଧୀକ୍ଷକ ଭାଗ୍ୟଧର ଦାସ, ସଞ୍ଜିତ କୁମାର ଶତପଥୀ ଓ ଅନୁଗୋଳ ଡାକପାଳ ବିମଳ କୁମାର ରଥ ପ୍ରମୁଖ ଯୋଗଦାନ କରିଥିଲେ। ସରୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନନ୍ତ ବାରିକ, ସୂର୍ଯ୍ୟକାନ୍ତ ସ୍ୱାଇଁ, ପ୍ରକାଶ ସ୍ୱାଇଁ, ଅଜିତ ସାହୁ, ହୃଷୀକେଶ ପ୍ରଧାନ, ଶାଶ୍ୱତ ସାହୁ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ବସ୍ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନ

ତାଳଚେର,୪।୧୦(ନି.ପ୍ର)- ତାଳଚେର ବସ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଶ୍ରୀକାନ୍ତ କୁମାର ପାଣି, ଉପସଭାପତି ସଞ୍ଜୟ ମହାରଣା, ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ମାଧବଚନ୍ଦ୍ର ସାହୁ, କୋଷାଧକ୍ଷ ମଦନମୋହନ ମହାନ୍ତି, ସମୀକ୍ଷକ ଭାବେ ବୁଦ୍ଧଦେବ ପ୍ରଧାନ ଏବଂ କାର୍ଯ୍ୟକାରୀ ସଭ୍ୟ ଭାବେ ସଞ୍ଜୟ କୁମାର ଘଟୁଆରୀ ଏବଂ ନରେଶ ଚନ୍ଦ୍ର ସାହୁ ମନୋନୀତ ହୋଇଛନ୍ତି। ଏତଦ୍‌ବ୍ୟତୀତ ଉପଦେଷ୍ଟା ଭାବେ ଦିଲୀପ ପାଣି, ପ୍ରଶାନ୍ତ ଦାସ ଏବଂ ଆଇନ ପରାମର୍ଶଦାତା ଭାବେ ହରେକୃଷ୍ଣ ପାତ୍ର ରହିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

### ବସ୍ ଓଲଟି ୨୦ ଆହତ



**ଛେଣ୍ଡିପଦା,୪।୧୦(ଡି.ଏନ.ଏ./ସ୍ୱ.ପ୍ର.):** ଅନୁଗୋଳ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଜରପଡା ଥାନା ଅନ୍ତର୍ଗତ ସାଆନ୍ତରାପୁର ଗ୍ରାମ ସ୍କୁଲ ଛକଠାରେ ଏକ ଯାତ୍ରୀବାହୀ ଘରୋଇ ନାଇଟ ଏକ୍ସପ୍ରେସ ବସ୍ ବୁଧବାର ରାତିରେ ଓଲଟି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଫଳରେ ବସ୍‌ରେ ଥିବା ପ୍ରାୟ ୨୦ ଜଣ ଯାତ୍ରୀ ଆହତ ହୋଇଛନ୍ତି।ସେମାନଙ୍କ ମଧ୍ୟରୁ ୬ ଜଣ ଗୁରୁତର ଥିବା ଜଣାପଡିଛି। ଆହତଙ୍କୁ ଉଦ୍ଧାର କରାଯାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବସ୍(ନଂ. ଓଡ଼ି ୧୫ ଡି ୪୫୫୫)ଟି ସମ୍ବଲପୁର ବୁର୍ଲା ଅଞ୍ଚଳରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ରାତି ପ୍ରାୟ ୩ ଟା ବେଳେ ବସ୍ ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। ଜରପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଯାତ୍ରୀଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା। ପୋଲିସ ଏକ ମାମଲା ରୁଜୁ କରିବା ସହ ବସକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

### ୨ ହତ୍ୟା ଅଭିଯୁକ୍ତ ଗିରଫ

**ବଇଣ୍ଡା, ୪।୧୦(ଡି.ଏନ.ଏ.):** ଗତ ୨୫ ତାରିଖରେ ହଣ୍ଡପା ଥାନା ଖୋଲାରେଗେଡା ଗ୍ରାମର ଲିଲି ପ୍ରଧାନଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗରେ ସେହି ଗ୍ରାମର ଅଭିମନ୍ୟୁ ପ୍ରଧାନ ଓ ବଇଶିଣା ଗ୍ରାମର ଉମେଶ ବେହେରାଙ୍କୁ ହଣ୍ଡପା ପୋଲିସ ବୁଧବାର ରାତିରେ ସେମାନଙ୍କ ଘରେ ଚଢ଼ାଉ କରି ଗିରଫ କରିଛି। ସେମାନେ ଲିଲିଙ୍କୁ ଅପହରଣ ପରେ ହତ୍ୟା କରି ଫେରାର ଥିଲେ ବୋଲି ପୋଲିସ କହିଛି।

## ■ ପ୍ରଶାସନ, ପୂଜା କମିଟି ବୈଠକ ବାତିଲ
# ଜିଲାପାଳଙ୍କ ଅନୁପସ୍ଥିତି ନେଇ ତାତିଲେ ସଦସ୍ୟ

**ଅନୁଗୋଳ ଅଫିସ, ୪।୧୦**



ବୈଠକ ବର୍ଜନ କରି ଫେରୁଥିବା ପୂଜା କମିଟି ସଦସ୍ୟମାନେ।

ଆଗାମୀ ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜାକୁ ଲକ୍ଷ୍ୟ କରି ଗୁରୁବାର ଅନୁଗୋଳ ଜିଲା ପ୍ରଶାସନ ଓ ପୂଜା କମିଟି ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବୈଠକ ବାତିଲ ହୋଇଯାଇଛି। ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲାପାଳ ଅନୁପସ୍ଥିତ ଥିବାରୁ ପୂଜା କମିଟି ସଦସ୍ୟମାନେ ବୈଠକ ବର୍ଜନ କରିଥିବା ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ଅନୁଗୋଳରେ ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ହେବାକୁ ସ୍ଥିର ହୋଇଥିଲା। ଏ ନେଇ ଗତ ସେପ୍ଟେମ୍ବର ୨୭ରେ ଜିଲା ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା କମିଟି ସଦସ୍ୟଙ୍କ ନିକଟକୁ ଚିଠି ପଠାଯାଇଥିଲା। ଅକ୍ଟୋବର ୪ ତାରିଖ ଅପରାହ୍ଣରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବୈଠକ ବସିବ ବୋଲି ସେଥିରେ ଉଲ୍ଲେଖ ଥିଲା। ଏ ନେଇ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ନିକଟକୁ ମଧ୍ୟ ପତ୍ର ପଠାଯାଇଥିଲା। ହେଲେ ବୈଠକରେ ନିଜେ ଜିଲାପାଳ ଅନୁପସ୍ଥିତ ଥିଲେ। ଏଥିଯୋଗୁ କମିଟି ସଦସ୍ୟମାନେ ବୈଠକ ବର୍ଜନ କରିଥିବା ସେମାନେ ପ୍ରକାଶ କରିଛନ୍ତି। ବୈଠକରୁ ଉଠିଯାଇଥିବା କମିଟି ସଦସ୍ୟଙ୍କୁ ଉପଜିଲାପାଳ ବୁଝାଶୁଝା କରିଥିଲେ ମଧ୍ୟ ଏହା ସଫଳ ହୋଇପାରି ନ ଥିଲା। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ କହିଛନ୍ତି ଯେ, ଗୃହ ସଚିବ ଶୁକ୍ରବାର ଅନୁଗୋଳ ଗସ୍ତରେ ଆସୁଥିବାରୁ ଜିଲାପାଳ ତାଙ୍କୁ ସାକ୍ଷାତ କରିବାକୁ ଭୁବନେଶ୍ୱର ଯାଇଛନ୍ତି। ପ୍ରଶାସନ ପକ୍ଷରୁ ଅନ୍ୟ ଏକ ଦିନ ବୈଠକ କରାଯିବ ବୋଲି ଧାର୍ଯ୍ୟ କରାଯାଇଛି। ବୈଠକରେ ଯୋଗଦେବାକୁ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଉପଜିଲାପାଳ ବାସୁଦେବ ଶତପଥୀ, ଡେପୁଟି କଲେକ୍ଟର ବୈଡୁରା ଦୀପଙ୍କ ସହ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ସେଠାରେ ପହଞ୍ଚିଥିଲେ।

### ମଦ, ନିର୍ଯାତନା ରୋକିବା ଦାବିରେ ବିକ୍ଷୋଭ

**ଅନୁଗୋଳ ଅଫିସ, ୪।୧୦**

ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ଅନୁଗୋଳ ଜିଲା କମିଟି (ଏଆଇଏମ୍‌ଏସ୍‌ଏସ୍) ନେତୃତ୍ୱରେ ମଦ ବିକ୍ରି ନିଷେଧ ଓ ନିର୍ଯାତନା ରୋକିବା ଦାବିରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ସାମିଲ ହୋଇଥିବା ଜିଲାର ମହିଳାମାନେ ଅନୁଗୋଳ ଷ୍ଟାଡିୟମ୍ ଠାରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନାରୀ ଓ ଶିଶୁ କନ୍ୟା ନିର୍ଯାତନା ବନ୍ଦ କରିବା ସହ ନିର୍ଯାତନାକାରୀଙ୍କୁ କଠୋର ଦଣ୍ଡ ଦେବା, ମଦ ଓ ମାଦକଦ୍ରବ୍ୟର ପ୍ରସାର ନିଷେଧ କରିବା, ଅସଙ୍ଗଠିତ କ୍ଷେତ୍ରର ମହିଳାଙ୍କ ଦାବି ପୂରଣ ଆଦି ଦାବି କରାଯାଇଥିଲା। ସଙ୍ଗଠନର ଜିଲା ସଭାନେତ୍ରୀ ମନ୍ଦୋଦରୀ ରାଉଳଙ୍କ ନେତୃତ୍ୱରେ ଜିଲା ସମ୍ପାଦିକା ମାନସୀ ସ୍ୱାଇଁ, ଉପସଭାନେତ୍ରୀ ସରୋଜିନୀ ନାୟକ, ପ୍ରତିମା ବେହେରା, ପ୍ରଗତିବାଳା ନାୟକ, ନିର୍ମଳା ପ୍ରଧାନ, ପଦ୍ମିନୀ ମୁଣ୍ଡା, ପଙ୍କଜିନୀ ସିଂ, ଜେମାମଣି ନାଏକ, ସ୍ନେହଲତା ନାଏକ ପ୍ରମୁଖ ରାଜ୍ୟ ସରକାରଙ୍କ ମଦ ନୀତିକୁ ବିରୋଧ କରିବା ସହ ମଦମୁକ୍ତ ସମାଜ ପାଇଁ ଦାବି କରିଥିଲେ। ଡେପୁଟି କଲେକ୍ଟର ବୈଡୁରା ଦୀପ ଦାବିପତ୍ର ଗ୍ରହଣ କରିଥିଲେ।

## ■ ୬୪ ତମ ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ
# ନିଜେ ବଞ୍ଚନ୍ତୁ, ଅନ୍ୟକୁ ବଞ୍ଚିବାକୁ ଦିଅନ୍ତୁ

**ଅନୁଗୋଳ ଅଫିସ, ୪।୧୦**

ଅନୁଗୋଳ ବନରାଜିକ ମହାବିଦ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ୬୪ତମ ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ.ସୁଦର୍ଶନ ପଣ୍ଡା ଯୋଗଦେଇ ଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଲୋକମାନେ ପରିବେଶର ସନ୍ତୁଳନ ବିଗାଡୁଛନ୍ତି। ଏହାର ପରିଣାମ ଦିନେ ନା ଦିନେ ସେମାନେ ଭୋଗିବେ। ନିଜେ ବଞ୍ଚିବା ଓ ଅନ୍ୟକୁ ବଞ୍ଚିବାକୁ ଦେବା ନିମନ୍ତେ ଶପଥ ନେବାକୁ ସେ ଆହ୍ୱାନ ଦେଇଥିଲେ। ଅନୁଗୋଳ ବନଖଣ୍ଡ ଡିଏଫଓ ଭି. କାର୍ତ୍ତିକ, ଆଠଗଡ଼ ଡିଏଫଓ ଅରୁଣ କୁମାର ସ୍ୱାଇଁ, ଅନୁଗୋଳ ୱାର୍କି ପ୍ଲାନ୍ ଡିଏଫଓ ପ୍ରଦୀପ୍ତ କୁମାର ମହାପାତ୍ର, ଡିଏଫଓ କୁନ୍ଦୁଲି ଭଞ୍ଜ କିଶୋର ସ୍ୱାଇଁ, ଡିଏଫଓ ରେଞ୍ଜର କଲେଜ କ୍ଷମା ଷଡ଼ଙ୍ଗୀ, ଡିଏଫଓ ରେଞ୍ଜର କଲେଜର ଗଦାଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ପ୍ରଶଂସନୀୟ କାର୍ଯ୍ୟକରିଥିବା ସୁବ୍ରତ କୁମାର ପ୍ରଧାନଙ୍କୁ ଉପଖଣ୍ଡସ୍ତରୀୟ ବିଜୁ ପଟ୍ଟନାୟକ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ତାଳଚେରର ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।



ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

## ■ ନବବଧୂଙ୍କ ମୃତ୍ୟୁ ଘଟଣା
# ହତ୍ୟା ମାମଲା, ସ୍ୱାମୀ ଅଟକ



**ବଆଁରପାଳ, ୪।୧୦(ଡି.ଏନ.ଏ.)**

ବଆଁରପାଳ ଥାନା ଗୋତମରା ଗ୍ରାମର ନବବଧୂ ଗୁଡୁଲି ରାଉତ ଓରଫ ଲାଲିଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ବୁଧବାର ଅଭିଯୋଗ ହେବା ପରେ ପୋଲିସ ଗୁରୁବାର ଏ ନେଇ ଏକ ହତ୍ୟା ମାମଲା ରୁଜୁ କରିଛି। ଏଥିସହ ତାଙ୍କ ସ୍ୱାମୀ ସୁନୀଲ ଦେହୁରୀଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି। ମାଜିଷ୍ଟ୍ରେଟ ଜିତେନ୍ଦ୍ର ସାହୁ ଓ ଥାନା ଅଧିକାରୀ କନକ ମାଝି ପ୍ରମୁଖ ଲାଲିଙ୍କ ଶାଶୁ ଘରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ପ୍ରକାଶ ଯେ, ପ୍ରାୟ ୮ ମାସ ପୂର୍ବରୁ ସୁନୀଲଙ୍କ ସହ ଲାଲିଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ହେଲେ ବିବାହ ପରଠାରୁ ଶାଶୁଘର ଲୋକେ ଅଧିକ ଯୌତୁକ ଆଣିବାକୁ ଦାବି କରି ଲାଲିଙ୍କୁ ନିର୍ଯାତନା ଦେବା ସହ ତାଙ୍କୁ ହତ୍ୟା କରିଥିବା ନେଇ ବାପା ଅଯୋଧ୍ୟା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୯୩/୧୮ରେ ଏକ ଯୌତୁକ ନିରୋଧୀ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ୩୫୦ ଜଣଙ୍କୁ ରାଶନ କାର୍ଡ ବଣ୍ଟନ

**ଅନୁଗୋଳ ଅଫିସ, ୪।୧୦**

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଅନୁଗୋଳ ଜିଲାର ୩୫୦ ଜଣ ହିତାଧିକାରୀଙ୍କୁ ଗୁରୁବାର ରାଶନ କାର୍ଡ ବଣ୍ଟନ କରାଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଭାଗୃହଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ଆଠମଲ୍ଲିକ ବିଧାୟକଙ୍କ ଅନୁଗୋଳ ବ୍ଲକ ପ୍ରତିନିଧି ନବ ବିଶୋଇ, ବ୍ଲକ ଅଧକ୍ଷ ନିରଞ୍ଜନ ଦେହୁରୀ, ବ୍ଲକ ଉପାଧକ୍ଷା ମମତା ପ୍ରଧାନ, ୨ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ହାଡିବନ୍ଧୁ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାୟାଧର ବେହେରା, ବ୍ଲକ ଯୋଗାଣ ଅଧିକରୀ ସ୍ୱୟଂପ୍ରଭା ସ୍ୱାଇଁ, ଜିଲା ଯୋଗାଣ ଅଧିକାରୀ ଉମାଶଙ୍କର ପତି, ଜିଲା ସହକାରୀ ଯୋଗାଣ ଅଧିକାରୀ ଶ୍ରୀନିବାସ ମିଶ୍ର, ଅନୁଗୋଳ ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ଦିଲୀପ କୁମାର ପାଣିଗ୍ରାହୀ ଏବଂ ଅନୁଗୋଳ ବ୍ଲକ ସରପଞ୍ଚ ସଂଘ ସଭାପତି କନ୍ଦର୍ପ ମହାରଣା, ସମ୍ପାଦକ ଅଶୋକ ସାହୁଙ୍କ ସହ ୩୪ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ଯୋଜନାର ଶୁଭାରମ୍ଭ ପରେ ଜିଲାସ୍ତରରେ ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୩୫ ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ ବ୍ଲକରେ ଏହା ବଣ୍ଟନ କରାଯିବ ବୋଲି କୁହାଯାଇଥିଲା।

# ସରକାରୀ ଯୋଜନା ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଅନୁଗୋଳ ଅଫିସ, ୪।୧୦**

ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଚାଲିଥିବା ଦୁଇଦିନିଆ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଓ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଗୁରୁବାର ଉଦ୍‌ଯାପିତ ହୋଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷଠାରେ ରାଜ୍ୟ ସାଧାରଣ ପ୍ରଶାସନ, ସାଧାରଣ ଅଭିଯୋଗ ବିଭାଗ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ଏନ୍‌ଆଇସିର ଡିଆଇଓ ସୁବ୍ରତ କୁମାର ଚାଟାର୍ଜୀ ଉପସ୍ଥିତ ରହି ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନଙ୍କୁ ଇ-ଗଭର୍ନାନ୍ସ ସମ୍ପର୍କରେ ବୁଝାଇଥିଲେ। ଜନସାଧାରଣଙ୍କ ପାଇଁ ଉପଲବ୍ଧ ହେଉଥିବା ସମସ୍ତ ସେବାକୁ ଅନ୍‌ଲାଇନ ମାଧ୍ୟମରେ ସେମାନେ କିପରି ସହଜରେ ପାଇପାରିବେ ସେ ସମ୍ପର୍କରେ ଚାଟାର୍ଜୀ ଗୁରୁତ୍ୱାରୋପ କରିଥିଲେ। ଡିଜି ଲକରରେ ସମସ୍ତ ତଥ୍ୟ ନିରାପଦ ଭାବରେ କିପରି ରହିପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରୁ ଆସିଥିବା ରାଜ୍ୟ ସଂଯୋଜିକ ପନାକୀ ମହାନ୍ତ ସାଧନକର୍ମୀ ଭାବେ ଯୋଗଦେଇ ଜନସାଧାରଣ ଲୋକସେବା ଅଧିକାରର ନିୟମାବଳୀ ବିଷୟରେ ଅବଗତ ହୋଇ ସଂଘର୍ଷ ବିହୀନ ସେବା ପାଇବା ପାଇଁ ପରାମର୍ଶ ଦେଇଥିଲେ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଉପ ପ୍ରକଳ୍ପ ସଂଯୋଜିକା ସରିତା କାନୁନ୍‌ଗୋ ଅନ୍ୟତମ ସାଧନକର୍ମୀ ଭାବେ ଯୋଗଦେଇ ଆରଟିଆଇ ଦ୍ୱାରା ଲୋକମାନେ କିପରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଜର ଆବଶ୍ୟକ ତଥ୍ୟ ପାଇପାରୁଛନ୍ତି ସେ ବିଷୟରେ ଆଲୋକପାତ କରିଥିଲେ। ହରିଶ୍ଚନ୍ଦ୍ର ସହାୟତ, ଇ-ରେଜିଷ୍ଟ୍ରେଶନ, ସାରଥୀ ଓ ବାହନ ଆଦି ଯୋଜନାମାନ କିପରି ଅନଲାଇନ୍ ଯୋଗେ ଉପଲବ୍ଧ ହେଉଛି ସେ ସମ୍ପର୍କରେ ଏହି ଶିବିରରେ ପାୱାର ପଏଣ୍ଟ ଉପସ୍ଥାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ବୈଡୁରା ଦୀପଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲା ସଂଯୋଜକ ଚିତ୍ତରଞ୍ଜନ ସାହୁ ସହଯୋଗ କରିଥିଲେ।

# ଏନ୍‌ଟିପିସି ପକ୍ଷରୁ ସ୍କୁଲ ବ୍ୟାଗ ପ୍ରଦାନ

**ତାଳଚେର,୪।୧୦(ନି.ପ୍ର.)**




ଛାତ୍ରୀଛାତ୍ରଙ୍କ ସହ ଏନ୍‌ଟିପିସି ଅଧିକାରୀମାନେ।

କଣିହାଁସ୍ଥିତ ଏନ୍‌ଟିପିସି ପ୍ଲାଣ୍ଟ ପକ୍ଷରୁ ଦୁମୁଦୁମା ନୋଡାଲ ଉପ୍ରା ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ବ୍ୟାଗ ଓ ପାଣି ବୋତଲ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡିଜିଏମ୍ ପି.କେ. ସାହୁ, ଏମ.ଭି. ରାଓ, ସରପଞ୍ଚ ବିଜୟ କୁମାର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ଦ୍ୱିବେଦୀ, ଶିକ୍ଷକମାନେ ଉପସ୍ଥିତ ଥିଲେ। ଉତ୍ତମ ନାଗରିକ ହେବା ସହ ଶିକ୍ଷା ପ୍ରତି ଯତ୍ନବାନ ହେବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ। ଏନ୍‌ଟିପିସିର ସିଏସ୍‌ଆର ଯୋଜାନାରୁ ୧୫୦ ଜଣ ଛାତ୍ରୀଛାତ୍ରଙ୍କୁ ଏହି ସ୍କୁଲ ବ୍ୟାଗ ଓ ପାଣି ବୋତଲ ପ୍ରଦାନ କରାଯାଇଥିଲା।

### ଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ

**ବଇଣ୍ଡା,୪।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ନୁନୁକାପଶି ଗ୍ରାମରେ ଲକ୍ଷ୍ମୀ ପୂଜା ପାଳନ କରାଯିବ। ଏଥିପାଇଁ ପୂଜା କମିଟି ପକ୍ଷରୁ ମାଟି ଅନୁକୂଳ କରାଯାଇଛି। କମିଟିର ସମସ୍ତ କର୍ମକର୍ତ୍ତା ନିକଟସ୍ଥ ପଡ଼ିଆରୁ ମାଟି ଅନୁକୂଳ କରିଥିଲେ। ପୂଜକ ମଦନ ମୋହନ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ରମେଶଚନ୍ଦ୍ର ଘିଓ୍ୱାଲା, ବାଳକୃଷ୍ଣ ସ୍ୱାଇଁ, ଦୀପ୍ତିକୃଷ୍ଣ ପ୍ରଧାନ, ପ୍ରଭାସ ଘିଓ୍ୱାଲା, କାଳିଆ ଦେହୁରୀ, ଅଜୟ ଦେହୁରୀ, ବିଜୟ ପ୍ରଧାନ, ରାଜେଶ ସାହୁ, ମୁରଲୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷକ ବଦଳି ବାତିଲ ଦାବିରେ ତାଲା

**ଛେଣ୍ଡିପଦା,୪।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକର ପରଙ୍ଗ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ବଦଳି ବାତିଲ ଦାବି କରି ଗୁରୁବାର ପରଙ୍ଗ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ପକ୍ଷରୁ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରାଯାଇଛି। ବିଦ୍ୟାଳୟରେ ୫ଶହ ଛାତ୍ରୀଛାତ୍ର ଥିବାବେଳେ ୨ଜଣ ଶିକ୍ଷକ ଓ ୧୨ଜଣ ଶିକ୍ଷୟିତ୍ରୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ଶିକ୍ଷକ ରଞ୍ଜନ ମାଝିଙ୍କୁ ନିଶା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିବାରୁ ପାଠପଢା ବାଧାପ୍ରାପ୍ତ ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେଣୁ ତୁରନ୍ତ ଉକ୍ତ ଶିକ୍ଷକଙ୍କ ବଦଳି ବାତିଲ କରାଯିବାକୁ ଗ୍ରାମବାସୀ ଦାବି କରିବା ସହ ଏ ନେଇ ଅନୁଗୋଳ ଉପଜିଲାପାଳ, ଜିଲା ଶିକ୍ଷାଧିକାରୀ, ଅରକ୍ଷୀ ଅଧୀକ୍ଷକ ଓ ନିଶା ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଗ୍ରାମବାସୀ ଓ ପରିଚାଳନା କମିଟି ସଦସ୍ୟମାନେ ପ୍ରକାଶ କରିଛନ୍ତି।



## ■ ଜାମ୍ବୁନାଳୀରେ ବିଜେଡିର ପଦଯାତ୍ରା
# 'ଲୋକଙ୍କୁ ଲୁଟୁଛି କେନ୍ଦ୍ର ସରକାର'



**ବଇଣ୍ଡା, ୪।୧୦(ଡି.ଏନ.ଏ.)**

କେନ୍ଦ୍ରର ଭାଜପା ସରକାର ଆସିବା ପୂର୍ବରୁ ଲୋକଙ୍କୁ ବହୁ ସ୍ୱପ୍ନ ଦେଖାଇଥିଲା। ହେଲେ ଏହି ଦଳ ସରକାରକୁ ଆସିବା ପରେ ପ୍ରତି ଜିନିଷର ଦରଦାମ ବଢାଇ ସାଧାରଣ ଲୋକଙ୍କୁ ଲୁଟୁଛି। ଏବେ କ୍ରମାଗତ ଭାବେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଆଦିର ମୂଲ୍ୟ ବୃଦ୍ଧି ହେଉଥିବାରୁ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି ବୋଲି ଗୁରୁବାର କିଶୋରନଗର ବ୍ଲକ ଜାମ୍ବୁନାଳୀ ପଞ୍ଚାୟତଠାରେ ଅନୁଷ୍ଠିତ ବିଜେଡିର ପଦଯାତ୍ରା ଉଦ୍‌ଘାଟନ କରି ମୁଖ୍ୟଅତିଥି ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ପ୍ରକାଶ କରିଛନ୍ତି। ରାଜ୍ୟରେ ବିଜେଡି ସରକାର ଗରିବଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇବା ସହ ଅନେକ ଲୋକ ହିତକର ଯୋଜନା ପ୍ରଣୟନ କରିଛନ୍ତି। ଖାଦ୍ୟ, ସ୍ୱାସ୍ଥ୍ୟସେବାରୁ ଯେପରି କେହି ବଞ୍ଚିତ ନ ହୁଅନ୍ତି ସେ ଦିଗରେ ନବୀନ ସରକାର ବିଶେଷ ଧ୍ୟାନ ଦେଇ ରାଶନ କାର୍ଡ, ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା ଆଦି କାର୍ଯ୍ୟକାରୀ କରିଛନ୍ତି ବୋଲି ଏହି ଅବସରରେ ବିଧାୟକ ପ୍ରକାଶ କରିଛନ୍ତି। ଏହି ପଦଯାତ୍ରା ଜାମ୍ବୁନାଳୀ ଛକଠାରୁ ପଦଯାତ୍ରା ବାହାରି ଖଣ୍ଡବର, ମକାମୁଣ୍ଡା, ନାଗାଝରଣ, ମଧପୁର, କଣ୍ଢେଇକୁଳିଆ, ଅଁଳାବେରେଣୀ, ଇଚ୍ଛାପୁର ଆଦି ଗ୍ରାମ ପରିକ୍ରମା କରିଥିଲା। ବିଭିନ୍ନ ଗ୍ରାମରେ ଆୟୋଜିତ ସଭାରେ ବିଧାୟକ ସାହୁ ଯୋଗଦେଇ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏଥିରେ ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ବ୍ଲକ ଉପାଧକ୍ଷ ସୁନୀଲ କୁମାର ପ୍ରଧାନ, ଜାମ୍ବୁନାଳୀ ପଞ୍ଚାୟତ ବିଜେଡି ସଭାପତି ତପନ କୁମାର ପ୍ରଧାନ, ବ୍ଲକ ବିଜେଡି ଯୁବ ସଭାପତି ପ୍ରତାପ ମାଝି, ନୁନୁକାପଶି ପଞ୍ଚାୟତ ସଭାପତି ରମେଶ କୁମାର ବେହେରା, ଦୁର୍ଯ୍ୟୋଧନ ପ୍ରଧାନ, ରଞ୍ଜନ ବିଶ୍ୱାଳ, ଧୋବେଇ ବେହେରା, ଅର୍ଜୁନ ସାହୁ, ବିପିନ ପରିଡା, ଅମାତ ସାହୁ, ଭାଗୀରଥି ସାହୁ, ବାଳକୃଷ୍ଣ ପ୍ରଧାନ, ସୁବାସ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ସାହୁ, ଜଗତ ଦାହୁ, ସୁଶାନ୍ତ ସାହୁ, ଜଗଦାନନ୍ଦ ସାହୁ, ସୁଦର୍ଶନ ସାମଲ, ଧ୍ରୁବଚରଣ ଦେହୁରୀଙ୍କ ସମେତ ବହୁ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ।

### ଟ୍ରକ୍ ଜବତ, ଚାଳକ ଗିରଫ

**ତାଳଚେର,୪।୧୦(ନି.ପ୍ର.)**

କଳିୟାରୀ ପୋଲିସ ଗୁରୁବାର ଏକ ଚୋରା କୋଇଲା ବୋଝେଇ ଟ୍ରକ୍(ନଂ. ଓଆର୧୯ଡି -୫୮୨୩) ଜବତ କରିଛି । ଏଥିସହ ଟ୍ରକ ଚାଳକ ଅଭିରାମ ନାଏକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ନଂ. ୨୭୮ /୧୮ରେ ଏକ ମକଦ୍ଦମା ରୁଜୁ କରାଯାଇଛି। ଟ୍ରକଟି ଭୁବନେଶ୍ୱରୀରୁ କୋଇଲା ନେଇ ଆସୁଥିବା ବେଳେ କୋଲକରିଡର ରାସ୍ତାରେ ଅନନ୍ତ ଓମ୍ପିଙ୍ଗ ନିକଟରେ ପୋଲିସ ହାତରେ ଧରାପଡିଥିଲା । ଟ୍ରକରେ ୨୨ଟନ କୋଇଲା ଥିବା ପୋଲିସ କହିଛି।

### ସେଣ୍ଟ ଜାଭିୟର୍ସରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

**ଅନୁଗୋଳ ଅଫିସ, ୪।୧୦**

ଅନୁଗୋଳ ନାଲ୍‌କୋନଗର ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୂର ଶାସ୍ତ୍ରୀଙ୍କ ଜନ୍ମତିଥି ପାଳିତ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ଚେୟାରମ୍ୟାନ କୁଳଦୀପ ରଥ, ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ମହାନ ଜନନାୟକ ଦ୍ୱୟଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ।

# ଛାତ୍ର ସଂସଦ ନିର୍ବାଚନ: ପ୍ରାର୍ଥୀ ଚୂଡ଼ାନ୍ତ, ଆଜିଠୁ ଜମିବ ପ୍ରଚାର

ଭୁବନେଶ୍ୱର, ୪।୧୦(ବ୍ୟୁରୋ)

କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥୀ ଚୂଡ଼ାନ୍ତ ହୋଇଛନ୍ତି। ଗତ ବୁଧବାର ନାମାଙ୍କନପତ୍ର ଦାଖଲ ଏବଂ ଯାଞ୍ଚ ହେବା ପରେ ଗୁରୁବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ନିର୍ବାଚନକୁ ଆଉ ଅଳ୍ପ କେଇଟା ଦିନ ବାକି ଥିବାବେଳେ ଶୁକ୍ରବାରଠାରୁ କ୍ୟାମ୍ପସରେ ପ୍ରଚାର ଜମିବ। ପ୍ରାର୍ଥୀମାନେ ମଇଦାନକୁ ଓହ୍ଲାଇ ସମର୍ଥକଙ୍କ ସହ ମିଶି ନିଜ ସପକ୍ଷରେ ଭୋଟ ଯୋଗାଡ଼ କରିବେ। ଏହାକୁ ନେଇ ରାଜ୍ୟର ବିଭିନ୍ନ କ୍ୟାମ୍ପସରେ ନିର୍ବାଚନୀ ବାତାବରଣ ସରଗରମ ରହିଛି। ପ୍ରାର୍ଥୀମାନେ ପ୍ରଚାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଅଧିକାଂଶ ପ୍ରାର୍ଥୀ ସୋସିଆଲ ମିଡିଆକୁ ପ୍ରଚାର ପାଇଁ ଅସ୍ତ୍ର କରିଛନ୍ତି। ହ୍ୱାଟ୍ସଆପ, ଫେସ୍‌ବୁକ ଭଳି ସୋସିଆଲ ମିଡିଆରେ ପ୍ରାର୍ଥୀମାନେ ସାଙ୍ଗସାଥୀଙ୍କୁ ଭୋଟ ନିବେଦନ କରୁଥିବା ଦେଖିବାକୁ ମିଳିଛି।

ବୁଧବାର ଆଶାୟୀ ପ୍ରାର୍ଥୀମାନେ ସମର୍ଥକମାନଙ୍କ ସହ ଶୋଭାଯାତ୍ରାରେ ଆସି କଲେଜଗୁଡ଼ିକରେ ନାମାଙ୍କନପତ୍ର ଦାଖଲ କରିଥିଲେ। ପରେ ଅପରାହ୍ନ ୨ଟାରୁ ୪ଟା ଭିତରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇଥିଲା। ପରେ ଗୁରୁବାର ପୂର୍ବାହ୍ନ ୧୧ଟାରେ କଲେଜ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରାର୍ଥୀ ତାଲିକା ନୋଟିସ ବୋର୍ଡରେ ପ୍ରକାଶ କରିଥିଲେ। ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥୀମାନଙ୍କ ପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବାର ସମୟ ଥିଲା। ଏହାପରେ କଲେଜ ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ୧୦ ତାରିଖରେ 'ହ୍ୱାଟ୍ ଆଇ ଷ୍ଟାଣ୍ଡ୍ ଫର୍' ମିଟିଂ ଥିବାବେଳେ ୧୧ ତାରିଖ ସକାଳ ୮ଟାରୁ ଅପରାହ୍ନ ୨ଟା ଯାଏ ଭୋଟ ଗ୍ରହଣ କରାଯିବ।

## ୧.୯୭ କୋଟିର ଚାଉଳ ଠକେଇ

# ମିଲ ମାଲିକ ଗିରଫ

ଭୁବନେଶ୍ୱର, ୪।୧୦(ବ୍ୟୁରୋ)

ରାଜ୍ୟ ସିଭିଲ ସପ୍ଲାଏ କର୍ପୋରେଶନ (ଓଏସସିଏସସି)କୁ ଚାଉଳ ନ ଦେଇ ୧କୋଟି ୯୭ ଲକ୍ଷ ଟଙ୍କା ଠକେଇ କରିଥିବା ବରଗଡ଼ର ଶ୍ରୀଗଣେଶ ରାଇସ୍ ଉଦ୍ୟୋଗ ମାଲିକ ଚିଲୁକୁରି ସତ୍ୟନାରାୟଣ(୬୫)ଙ୍କୁ ଗୁରୁବାର କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ଗିରଫ କରିଛି।

ସୂଚନା ମୁତାବକ, ବରଗଡର ଶ୍ରୀ ଗଣେଶ ରାଇସ୍ ଉଦ୍ୟୋଗର ମାଲିକ ସତ୍ୟନାରାୟଣ ୧୩ଟି ପ୍ରାଥମିକ କୃଷି ସମବାୟ ସମିତିରୁ ୩୩୯୮୯.୬୧ କୁଇଣ୍ଟାଲ ଧାନ ସଂଗ୍ରହ କରିଥିଲା। ପରେ ଉକ୍ତ ଧାନର ୬୭ ପ୍ରତିଶତ ଅର୍ଥାତ ୨୨୭୬୯.୦୨ କୁଇଣ୍ଟାଲ ଚାଉଳ ଓଏସସିଏସସିର ଜିଲା ପରିଚାଳକଙ୍କୁ ୨୦୧୧ ନଭେମ୍ବର ୩୦ ସୁଦ୍ଧା ଦେବାକୁ ଚୁକ୍ତି ହୋଇଥିଲା। କିନ୍ତୁ ୨୦୧୦ ଡିସେମ୍ବର ୬ ସୁଦ୍ଧା ମିଲର ୧୭୦୦.୮୨ କୁଇଣ୍ଟାଲ ଚାଉଳ ଦେବା ପରେ ବଳକା ଚାଉଳ ଦେଇ ନ ଥିଲେ। କୁଇଣ୍ଟାଲ ପ୍ରତି ୨୦୧୪ ଟଙ୍କା ଦରରେ ବଳକା ୫୭୬୨.୨୦ କୁଇଣ୍ଟାଲ ଚାଉଳର ମୂଲ୍ୟ ୧କୋଟି ୨୨ଲକ୍ଷ ୪୫ହଜାର ୫୭୬ ଟଙ୍କା ଦେବାକୁ ବାକି ରହିଥିଲା। କିନ୍ତୁ ମିଲର ଟଙ୍କା ପଇଠ କରି ନ ଥିଲେ। ଫଳରେ ବାର୍ଷିକ ୧୨ ପ୍ରତିଶତ ସୁଧ ହିସାବରେ ୨୦୧୮ ଅଗଷ୍ଟ ୩୧ ସୁଦ୍ଧା ମିଲରଙ୍କ ଉପରେ ୧କୋଟି ୯୭ ଲକ୍ଷ ୩୯ ହଜାର ଟଙ୍କା ଦେୟ ବାକି ରହିଥିଲା। ଟଙ୍କା ନ ମିଳିବାରୁ ଓଏସସିଏସସିର ଜେନେରାଲ ମ୍ୟାନେଜର ପ୍ରଦୀପ କୁମାର ଗରଦିଅ ଇଓଡବ୍ଲ୍ୟୁରେ ଗତ ସେପ୍ଟେମ୍ବର ୨୬ରେ ଅଭିଯୋଗ କରିଥିଲେ। ଏ ନେଇ ଇଓଡବ୍ଲ୍ୟୁ ଦଫା ୪୦୯ରେ ଏକ ମାମଲା(୨୦/୨୦୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ଅଭିଯୁକ୍ତ ସତ୍ୟନାରାୟଣଙ୍କୁ ଗିରଫ କରିବା ପରେ ଅତାବିରା ଜେଏମ୍‌ଏଫ୍‌ସିକୁ ଚାଲାଣ କରାଯାଇଛି।


CLASSIFIED DISPLAY
























# ଅଭିଜିତଙ୍କୁ ସୁପ୍ରିମକୋର୍ଟ ଝଟ୍‌କା

- ଜାମିନ ଆବେଦନ ଖାରଜ
- ସବୁଠୁ ସୁରକ୍ଷିତ ଜାଗା ଜେଲ: ଖଣ୍ଡପୀଠ
- କୋଣାର୍କ ଥାନାରେ ହାଜର ନେଇ ଶୁଣାଣି ଆଜି

ଭୁବନେଶ୍ୱର, ୪।୧୦(ବ୍ୟୁରୋ)

କୋଣାର୍କ ଓ ପୁରୀ ଶ୍ରୀମନ୍ଦିର ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଦିଲ୍ଲୀର ସାମ୍ବାଦିକ ଅଭିଜିତ ଆୟର ମିତ୍ରଙ୍କୁ ସୁପ୍ରିମକୋର୍ଟ ଝଟ୍‌କା ଦେଇଛନ୍ତି। ଗୁରୁବାର ତାଙ୍କ ଜାମିନ ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି।

ଶୁଣାଣି ବେଳେ ଅଭିଜିତଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତାଙ୍କ ଓକିଲ ଜାମିନ ମଞ୍ଜୁର କରିବାକୁ ଅନୁରୋଧ କରିଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଏହି ମାମଲାର ଶୁଣାଣି କରୁଥିବା ଖଣ୍ଡପୀଠ ଉକ୍ତ ଆବେଦନର ଶୁଣାଣି କରି କହିଛନ୍ତି, ଯଦି ସେ ନିଜ ଜୀବନ ପ୍ରତି ବିପଦ ମନେକରୁଛନ୍ତି, ତେବେ ଜେଲଠାରୁ ଅନ୍ୟ କୌଣସି ସ୍ଥାନ ନିରାପଦ ହୋଇ ନ ପାରେ। ସେଠାରେ ଅଭିଜିତଙ୍କୁ ଜୀବନ ସୁରକ୍ଷିତ ରହିପାରିବ। ଆୟରଙ୍କ ମନ୍ତବ୍ୟ ଧାର୍ମିକ ଭାବନାକୁ ଆହତ କରିଛି। ଏପରି ସ୍ଥଳେ ତୁମକୁ କିପରି ଜାମିନ ଦିଆଯାଇପାରିବ ବୋଲି ଖଣ୍ଡପୀଠ ରାୟରେ ଶୁଣାଇଥିଲେ।

ସେପ୍ଟେମ୍ବର ୨୭ ତାରିଖରେ ସର୍ବୋଚ୍ଚ ଅଦାଲତ ଆୟରଙ୍କୁ ଅକ୍ଟୋବର ୫ ତାରିଖ ଯାଏ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଓଡ଼ିଶା ହାଇକୋର୍ଟରେ ହାଜିର ହେବା ବେଳେ ତାଙ୍କୁ ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଏହାର ଅବଧି ଶେଷ ହେଉଛି। ତାଙ୍କୁ ଗିରଫ କରି ଓଡ଼ିଶା ଆଣିବା ପାଇଁ ଓଡ଼ିଶା ପୋଲିସକୁ ଏକପ୍ରକାର ବାଟ ଫିଟିଗଲା। ନିଜର ଅଶାଳୀନ ମନ୍ତବ୍ୟ ପାଇଁ ସେପ୍ଟେମ୍ବର ୨୦ ତାରିଖରେ ନୂଆଦିଲ୍ଲୀଠାରେ ଆୟରଙ୍କୁ ଓଡ଼ିଶା ପୋଲିସ ଗିରଫ କରିଥିଲା। ତାଙ୍କୁ ରିମାଣ୍ଡରେ ଆଣିବା ପାଇଁ ଓଡ଼ିଶା ପୋଲିସ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ସାକେତ କୋର୍ଟରେ ଆବେଦନ କରିଥିଲେ। ହେଲେ ପୋଲିସ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିବାରେ ବିଫଳ ହେବାରୁ କୋର୍ଟ ଆୟରଙ୍କୁ ସେପ୍ଟେମ୍ବର ୨୮ ଯାଏ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଏଥିସହିତ ସେପ୍ଟେମ୍ବର ୨୮ ତାରିଖରେ କୋଣାର୍କ ଥାନାରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ପୁଣି ସୁପ୍ରିମକୋର୍ଟରୁ ଅକ୍ଟୋବର ୫ ତାରିଖ ଯାଏ ଜାମିନ ପାଇବାରେ ସଫଳ ହୋଇଥିଲେ। ତେବେ ଆୟର କୋଣାର୍କ ଥାନାରେ ହାଜର ହେବେ କି ନାହିଁ ସେ ନେଇ ଶୁକ୍ରବାର ସୁପ୍ରିମକୋର୍ଟରେ ଶୁଣାଣି ହେବ ବୋଲି ଅଭିଜିତଙ୍କ ଓକିଲ ଯତୀନ୍ଦ୍ର ଚୌଧୁରୀ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଭିଜିତଙ୍କ ଆପତ୍ତିଜନକ ବୟାନକୁ ନେଇ ଗତ ଶୀତକାଳୀନ ଅଧିବେଶନରେ ବିଧାନସଭା ହୁଲ୍‌ସ୍ଥୁଲ୍ ହୋଇଥିଲା। ତାଙ୍କ ବିରୋଧରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଥିଲେ। ଏହାକୁ ସବୁ ରାଜନୈତିକ ଦଳ ସମର୍ଥନ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନରସିଂହଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ କରାଯାଇଛି। ଗୃହକମିଟି ସେପ୍ଟେମ୍ବର ୨୪ ତାରିଖରେ ହାଜର ହୋଇ ନିଜର ବୟାନ ଦେବାକୁ ଅଭିଜିତଙ୍କୁ ନୋଟିସ ଜାରି କରିଛି।

# ମାଧବ, ଇମ୍‌ତିଆଜଙ୍କୁ ରିମାଣ୍ଡରେ ନେଲା ଏସ୍‌ଟିଏଫ୍

ଭୁବନେଶ୍ୱର, ୪।୧୦(ବ୍ୟୁରୋ)

ଦୁର୍ଦ୍ଦାନ୍ତ ଅପରାଧୀ ମାଧବ ଓରଫ ସଚ୍ଚିଦାନନ୍ଦ ଖୁଣ୍ଟିଆ ଏବଂ ତାଙ୍କ ପ୍ରମୁଖ ସହଯୋଗୀ ସୟଦ ଇମ୍‌ତିଆଜ ଅଲିଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ୫ ଦିନିଆ ରିମାଣ୍ଡରେ ନେଇଛି। ଶୁକ୍ରବାରଠାରୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଏସ୍‌ଟିଏଫ୍ ସେମାନଙ୍କୁ ନିଜ ହେପାଜତକୁ ନେଇ ପଚରାଉଚରା କରିବ। ଉଭୟଙ୍କୁ ରିମାଣ୍ଡରେ ନେବା ପାଇଁ ଏସ୍‌ଟିଏଫ୍ ବଲାଙ୍ଗୀର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲା। କୋର୍ଟ ଅନୁମତି ଦେଇଛନ୍ତି। ଏକାଧିକ

## ଟିଟୋ ଲିଙ୍କ୍

ଅପରାଧୀଙ୍କ ସହ ମାଧବଙ୍କ ସମ୍ପର୍କ ଥିବାରୁ ରିମାଣ୍ଡ ସମୟରେ ଅନ୍ୟ କେଉଁ ମାମଲାରେ ସେମାନେ ସମ୍ପୃକ୍ତ ଅଛନ୍ତି ଏବଂ ଟିଟୋଙ୍କ ପାଇଁ ସେ କଣ କାମ କରିଛନ୍ତି ସେନେଇ ଏସ୍‌ଟିଏଫ୍ ପଚରାଉଚରା କରିବ ବୋଲି ଜଣାପଡିଛି।

ଟିଟୋ, ରାଜା ଆଚାର୍ଯ୍ୟ, ହାଇଦର, ଅନିଲ ଛୋଟରାୟଙ୍କ ଗ୍ୟାଙ୍ଗ ପାଇଁ ମାଧବ କାମ କରୁଥିଲେ। ମାଧବ ଓ ତାଙ୍କ ୪ ସହଯୋଗୀ ବଲାଙ୍ଗୀରରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଏକ ବଡ ଧରଣର ଡକାୟତି କରିବାକୁ ଗତ ମାସ ୨୭ ତାରିଖରେ ଯୋଜନା କରୁଥିବା ବେଳେ ଏସଟିଏଫ ବିଶେଷ ସୂତ୍ରରୁ ଖବର ପାଇ ସେମାନଙ୍କୁ ଗିରଫ କରିଥିଲା। ଅନ୍ୟ ଗିରଫଙ୍କ ମଧ୍ୟରେ ଥିଲେ କଟକ ଜିଲା ଟାଙ୍ଗୀ ଥାନା ଅଧୀନ ଗୋପାଳପୁର ଅଞ୍ଚଳର ଚଗଲ ଓରଫ ପ୍ରଦୀପ ନାୟକ, ନିଆଳି ଥାନା ଅଞ୍ଚଳର ପ୍ରତାପ ଚନ୍ଦ୍ର ସାହୁ ଓ ବଲାଙ୍ଗୀର ଜିଲା ମଳପଡା ଟାଉନ ଅଞ୍ଚଳର ସୟଦ ଇମ୍‌ତିଆଜ ଅଲି। ସୂଚନାଯୋଗ୍ୟ, ମାଧବଙ୍କ ନାମରେ ବିଭିନ୍ନ ଥାନାରେ ୧୩୭ଟି ମାମଲା ରହିଛି।


## ପାରାଦୀପ ବନ୍ଦର ନ୍ୟାସ
ପାରାଦୀପ ବନ୍ଦର – ୭୫୪ ୧୪୨, ଓଡ଼ିଶା, ଭାରତ

### ଗୋପବନ୍ଧୁ କ୍ରୀଡ଼ା ସଂସଦ

ବିଜ୍ଞପ୍ତି ନଂ. – PPT/GKS/ATS/1/(pt)/2018 ତାରିଖ : ୦୩.୧୦.୨୦୧୮

ଫୁଟବଲ ଏବଂ ଭଲିବଲ କ୍ରୀଡ଼ା ଶିକ୍ଷାର୍ଥୀ ନିମନ୍ତେ ଆବେଦନ ପତ୍ର ଆହ୍ୱାନ।

ପାରାଦୀପ ବନ୍ଦରରେ ଫୁଟବଲ ଏବଂ ଭଲିବଲ କ୍ରୀଡ଼ା ଶିକ୍ଷାର୍ଥୀ ପାଇଁ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି। ପ୍ରଶିକ୍ଷଣ ନେବାର ସମୟ ସୀମା ୩ ବର୍ଷ ଅଟେ। ପ୍ରଶିକ୍ଷାର୍ଥୀଙ୍କ ବୟସ ସୀମା ୧୮ ରୁ ୨୬ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଭଲିବଲ ପାଇଁ ସର୍ବନିମ୍ନ ଉଚ୍ଚତା ୧୭୫ ସେଣ୍ଟିମିଟର ଓ ଫୁଟବଲ ପାଇଁ ଗୋଲ କିପର, ଡ଼ିଫେଣ୍ଡର ଓ ମିଡ୍‌ଫିଲ୍‌ଡର ର ଆବଶ୍ୟକତା ଅଛି। ପ୍ରଶିକ୍ଷାର୍ଥୀଙ୍କୁ ମାସକୁ ଷ୍ଟାଇପେଣ୍ଡ୍ ଟ. ୭,୫୦୦/- ଦିଆଯିବ। ଆବେଦନର ଶେଷ ସମୟ ସୀମା ତା. ୨୨.୧୦.୨୦୧୮। ସବିଶେଷ ତଥ୍ୟ ପାଇଁ ପାରାଦୀପ ବନ୍ଦର ର ୱେବସାଇଟ୍ : www.paradipport.gov.in ରୁ ଡାଉନ ଲୋଡ କରିପାରିବେ କିମ୍ବା ୦୬୭୨୨-୨୨୨୦୭୬ ଫୋନ୍ ନମ୍ବରରେ ଯୋଗାଯୋଗ କରିପାରିବେ।

କାର୍ଯ୍ୟକାରୀ ସଭାପତି
ଗୋପବନ୍ଧୁ କ୍ରୀଡ଼ା ସଂସଦ

PPT/PR/379/2018-19, Dt.04.10.2018



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ)

ବିଜ୍ଞାପନ ସଂଖ୍ୟା– ୩୦୫୧ ତାରିଖ: ୦୩।୧୦।୧୮

ଏତଦ୍ୱାରା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଜଣାଇ ଦିଆଯାଉଅଛି କି, ଚଳିତ ବର୍ଷ ନିମନ୍ତେ, ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗଙ୍କ ପତ୍ରସଂଖ୍ୟା– ୧୭୬୯୮, ତା୧୫।୦୯।୨୦୧୮ରିଖ ଦ୍ୱାରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଛଟେନପାଲି ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ତୁଡ଼ାଲଗାକୁ ଉନ୍ନୀତ ହୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯାଇଅଛି। ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଚଳିତ ଶିକ୍ଷାବର୍ଷ ୨୦୧୮–୧୯ ନିମନ୍ତେ +୨ ବିଜ୍ଞାନ ବିଭାଗରେ (+2 Science 1st year) ପାଇଁ ନିମ୍ନଲିଖିତ ବର୍ଗ ଅନୁସାରେ ନାମ ଲେଖାଯିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| ବର୍ଗ | ପୁଅ | ଝିଅ | ମୋଟ |
|---|---|---|---|
| ଅନୁସୂଚିତ ଜନଜାତି | ୨୬ | ୨୬ | ୫୨ |
| ଅନୁସୂଚିତ ଜାତି | ୩ | ୩ | ୬ |
| ଅନ୍ୟାନ୍ୟ | ୩ | ୩ | ୬ |
| ସର୍ବମୋଟ | ୩୨ | ୩୨ | ୬୪ |

ଏଣୁ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମଲେଖାଇ ଅଧ୍ୟୟନ କରିବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନେ +୨ରେ ନାମଲେଖା ପାଇଁ ଉଦ୍ଦିଷ୍ଟ ସାଧାରଣ ଦରଖାସ୍ତ (CAF) ଉପରୋକ୍ତ ବିଦ୍ୟାଳୟଠାରୁ ସଂଗ୍ରହ କରି ସମ୍ପୃକ୍ତ ବିଦ୍ୟାଳୟରେ ୩୧।୧୦।୨୦୧୮ ସୁଦ୍ଧା ପୈଠ କରିବାକୁ ଜଣାଇ ଦିଆଗଲା।

ସ୍ୱା./– ଜିଲ୍ଲା ମଙ୍ଗଳ ଅଧିକାରୀ
ସୁନ୍ଦରଗଡ଼



## GOVERNMENT OF ODISHA
## OFFICE OF THE EXECUTIVE ENGINEER, JEYPORE (R&B) DIVISION, JEYPORE

Email ID: eerbjeypore@rocketmail.com, ID: ee.randbjyp@gmail.com, Tel & Fax: 06854-231114(O)

**e-Procurement Notice**

Bid Identification No. E.E. (R&B)-05 / 2018-19/JYP(K)

No. 4134 Date: 29.09.18

**No. 668-B:-** Bid documents consisting of work, Estimated Cost, Cost of Tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the work : Civil works as mentioned in DTCN.
2. No. of works : 02 Nos.
3. Estimated Cost : Rs. 80.07 lakhs to Rs. 97.32 lakhs
4. Period of Completion : 4 Months
5. Date & time of Bidding : From 11.00 hours of 10.10.18 upto 16.00 hours of 25.10.18
6. Last date & time for receipt of bids in portal : 16.00 hours of 25.10.18
7. Bids received online shall be opened on : 11.00 hours of 26.10.18
8. Name and address of the officer inviting Bid : Executive Engineer, Jeypore (R&B) Division, Jeypore

Further details can be seen from the www.tendersodisha.gov.in

*Sd./- Executive Engineer*
*Jeypore (R&B) Division*

34027/11/0011/1819



## Government of Odisha
## OFFICE OF THE SUPERINTENDING ENGINEER CUTTACK (R&B) CIRCLE, CUTTACK

669-B

Email ID: sectcrb_2006@yahoo.co.in, Tel/Fax: 0671-2301751 / 2302751

**e-PROCUREMENT NOTICE**

Bid Identification No. S.E. Ctc. (R&B) 8/2018-19

1. The Superintending Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road works as mentioned below.
2. No. of work : 5 Nos.
3. Nature of work : Road works
4. Class of contractor : 'B', 'A' & Special Class
5. Tender paper cost : Rs. 10000/- (online)
6. Available of bid documents in the website : From 09.10.2018 to 16.00 hours of 23.10.2018
7. Date of opening of bid : Dt.25.10.2018 at 11.00 hours
8. The bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

*Sd./- Superintending Engineer*
*Cuttack (R&B) Circle*

34012/11/0018/1819



## OFFICE OF THE DISTRICT SOCIAL WELFARE OFFICER : SUBARNAPUR

Notice No. 1565 Date : 04.10.2018

**TENDER CALL NOTICE**

Sealed tender in the prescribed format are invited from the intending Individual Firms for supply of **"OFFICE FURNITURE UNDER MISSION SHAKTI"** to all the ICDS Projects & District and Supply of **"HIRED VEHICLE ON MONTHLY BASIS UNDER ICDS".** The Tender shall be received by the DSWO, Subarnapur till 5.00 PM of 29th October, 2018 and will be opened on Dt. 30.10.2018 at 3.00 PM. The details of Tender papers along with the terms and conditions, earnest money deposit etc. can be downloaded from the website http://www.subarnapur.nic.in.

**Sd./- 04.10.2018, DSWO, Subarnapur**



## C.D.A କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 10 ରେ ପ୍ଲଟ ନଂ – 10-5B/1657 ଟିକୁ ଶ୍ରୀମତୀ ପ୍ରେମଲତା ମହାନ୍ତି, ସ୍ୱା – ଶ୍ରୀ ଫକିର ମୋହନ ସାମଲ, ସା – ଶଙ୍ଖୁଆ, ପୋ – ନିମାପଡା, ଥା – ସିଙ୍ଗଲା, ଜି – ବାଲେଶ୍ୱରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ପ୍ରେମଲତା ମହାନ୍ତି ଉକ୍ତ ଆବଣ୍ଟିତ ପ୍ଲଟସହ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ସୂତ୍ରରେ ଶ୍ରୀ ପୱନ କୁମାର ପଟୱାରୀ, ପି – ୰ରାମଗୋପାଳ ପଟୱାର, ସା – ବାଙ୍କବଜାର, ପୋ – ଚାନ୍ଦିନୀଚୌକ, ଥା – ଲାଲବାଗ, ଜି – କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି। ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତପ୍ରରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସଚିବ



## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED
Lifeline of Odisha
(A Government of Odisha Undertaking)
Regd.Office: Janpath, Bhubaneswar-751022, CIN:U4102OR2004SGC007553

### NOTICE INVITING TENDER (NIT) (DOMESTIC COMPETITIVE e-BIDDING)

e-TENDER NOTICE No.: SCRIPS PMU-03/2018-19 Dt.04.10.2018

ODISHA POWER TRANSMISSION CORPORATION LTD (OPTCL), Bhubaneswar, invites bids (in e-tendering mode only) under single stage two-envelope system from reputed EPC/Turnkey Contractors for **Engineering, Supply, Erection and Commissioning of (1) 2x63 MVA, 132/33KV Gas (SF6) Insulated Substation (GIS) at Satyanagar, Bhubaneswar, (2) 2x63 MVA, 132/33KV GAS (SF6) INSULATED Substation (GIS) at Badagada, Bhubaneswar, (3) 132KV UG Cable Gangua Switching Station to Satyanagar 132/33KV GIS Substation-5.3KM, (4) 132KV UG Cable Gangua Switching Station to Mancheswar-B GIS Substation-2.2KM, (5) 132KV UG Cable Mancheswar-B to Satyanagar GIS Substation-6KM, (6) 132KV UG Cable Satyanagar to Unit-VIII GIS Substation (Upto The world square) - 3.672KM, (7) 132KV UG Cable Satyanagar to Badagada GIS Substation-6.5KM, (8) 132KV UG Cable Badagada GIS Substation to Kesura-6.65KM at an Estimated Cost of Rs. 193.47 Crore on "EPC/Turnkey CONTRACT BASIS"**. Interested bidders are required to enroll themselves in the tender portal **"www.tenderwizard.com/OPTCL".** Complete set of bidding documents are available on **"www.tenderwizard.com/OPTCL"** portal from Dt. **(05.10.2018)/(11.00)** AM up to Dt. **(26.11.2018)/(12:45)**PM. Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL"** for further detail.

Note: Bidders are requested to regularly visit OPTCL website/Tender Portal only for amendment/errata/corrigendum (if any) and any other information regarding the tender, as the same shall be published only on OPTCL website/Tender Portal.

**Chief General Manager (SCRIPS-PMU)**
Email id - scripspmu@optcl.co.in

CR-Advt.No.- 46/18-19

Please connect us: optcl.odisha optcl_odisha energyodisha



## NATIONAL INSTITUTE OF FASHION TECHNOLOGY, BBSR
(Ministry of Textile, Govt. of India)

**E-TENDER NOTICE**

Sealed E-Tenders are invited by NIFT Bhubaneswar for Comprehensive AMC of **UPSs**, last date for receipt of E-Tender is **26.10.2018 till 2 PM.**

- Director



See Career Appointment on every Wednesday & Saturday



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE

Letter No. 12347 Date: 03.10.2018

**ADVERTISEMENT**

The database of the contractual NHM employees whose applications have reached the undersigned by Dt.17.05.18 (upto 1PM) for In-house transfer to Balasore district vide advertisement in "The Samaj" and "The Dharitri" dated 03.05.18 is prepared on the basis of the documents submitted alongwith their application form and uploaded in the website www.baleswar.nic.in both in the valid and rejected formats for viewing of the applicants. However, the individual applicants may write to the CDM&PHO, Fakir Mohan medical College & Hospital, Balasore- 756001 with objection if any regarding wrong entry of his/her data in the database for correction but no fresh document will be accepted by the undersigned. The last date of receiving the objection is dt.12.10.18 through Speed Post / Registered Post only.

*Sd./- CDM&PHO cum Member Secretary*
*ZSS, Balasore*



## BERHAMPUR UNIVERSITY
BHANJA BIHAR, BERHAMPUR-760007, GANJAM (ODISHA)

Letter No. 7034/ Admn-II (NT) Date: 04.10.18

**ADVERTISEMENT**

Applications in prescribed format (five copies) are invited for the following post of Berhampur University.

| Sl. No. | Name of the Post | No. of Vacancies | Category | Scale of Pay (As per Sixth Pay Commission) |
|---|---|---|---|---|
| 2. | Assistant Librarian | 02 (Two) | Un-Reserved (UR)-1 Scheduled Caste (SC)-1 | Rs. 9300-34800/- + GP of Rs.4600/- or Revision of pay, if any, by the Govt. from time to time. |

The prescribed application form and instructions can be downloaded from the Berhampur University Website **www.buodisha.edu.in**. The candidates submitting the application must pay the prescribed application fee i.e. Rs. 1000/- (Rs. 750/- for SC/ST) in the form of Bank Draft drawn in favour of Comptroller of Finance, Berhampur University, payable at SBI, Bhanjabihar (Code: 2107) along with the filled-in application, failing which their application shall not be considered. The filled in application with all enclosures should reach the undersigned on or before 10th November, 2018. The applications received after the above date shall not be considered.

The candidates applied earlier as per Advt. No. 3799/ Admn-II (NT) dated 28.04.2017 need not apply again. However, they may submit the copies of documents, if any, towards additional information in favour of their candidature for the same post.

*By Order*
*Sd./- REGISTRAR*



## BHUBANESWAR MUNICIPAL CORPORATION

**No.32623 COMPETITIVE BIDDING THROUGH e-Procurement Dt.01/10/18**

### NOTICE INVITING TENDER
### Bid Reference No. BMC-EE DIV-1-18/2018-19, Dt.01.10.2018

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-I, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under BMC are also eligible to participate for the works having estimated cost up to Rs.4.00 lakhs.

Only the Bid Reference No. (BMC-EE DIV-I-18/2018-19) should be written clearly over (superscribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name and/or its Sl. No., failing which, such bids shall be rejected outrightly and will not be opened for evaluation. Such non-opened envelops shall be refunded on demand with proper acknowledgement. The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information mentioned in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, Sri S.C Mallia, HA-cum-Acct., BMC Division No.I (Tel. No.9861094727) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **16** Nos.
2. Place of Execution : Different locations under **Division-1** of Bhubaneswar Municipal Corporation
3. Estimated Cost of Individual Work : **Rs. 265314/- to Rs. 3534607/-**
4. Eligible Class of Contractors –: Registered Contractors of **Class-'D' to Class-'B'** as indicated against each work mentioned in the tender call notice and **BMC Contractors** for the works having estimated cost up to Rs.4.00 lakhs only.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M of 04.10.2018 to 5 P.M of 15.10.2018** for online bidding.
7. Bids received will be opened at **4.30 P.M onwards on 22.10.2018.**
8. The bidder must possess valid and Compatible **Digital Signature Certificate (DSC).**
9. Further details are available in the DTCN. The DTCN **for 16 Nos.** of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.

**On behalf of Commissioner, BMC, Bhubaneswar**
**Executive Engineer, BMC Division No.-I**

Progress Through Partnership for a Better Bhubaneswar



## ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ
## ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ଖୋରଧା

ଶିକ୍ଷା ଅଧିକାର
ସବୁ ଶିକ୍ଷା ଅଭିଯାନ
ସମସ୍ତେ ପଢ଼ନ୍ତୁ ସମସ୍ତେ ବଢ଼ନ୍ତୁ

## OFFICE OF THE DISTRICT PROJECT COORDINATOR
SARVA SHIKSHA ABHIYAN, RTE-SSA, KHORDHA
Email : dpckhurdassa.opepa@nic.in, Tel - (06755) 223525

### INVITATION FOR BIDS (IFB)

Bid Identification No. - CW/SSA-Khordha/01 of 2018-19

### Tender Call Notice No. 4927, dt. 03.10.2018

The District Project Co-ordinator, (DPC) SSA, Khordha invites Percentage Rate bids for the work as detailed in table below from eligible contractor registered with the state Government and Contractor of equivalent Grade / Class registered with central Government / MES / Railway or other licensing authority for execution of civil works on production of definite proof from the appropraite authority.

| Name of the Work | Approximate value of work (in Indian Rupees) | Bid Security (EMD) (in Indian Rupees) | Class of Contr-actor | Cost of documents (non-refundable) (in Indian Rupees) | Period of completion in calendar months |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Making tables for Teachers training Center at Govt. Boy's High School, Unit-1, Bhubaneswar | 9,28,350.00 | 18,567.00 | D & C | 4000/- | 45 days |

1. Bidding document will be available in the website www.khordha.nic.in and www.opepa.in with effect from 11.00 AM of 05.10.2018 to 5.00 PM, of 30.10.2018. The tender will be opened on 02.11.2018 at 3 PM. Interested and eligible agency / firm may download BID DOCUMENT from website and apply accordingly. The BID document can also be procured from the cash section of Office of the District Project Co-ordinator, (DPC) SSA, Khordha.
2. Corrigendum / addendum, if required will be uploaded in the above website. Hence the potential bidders are requested to be in continuous touch with the above website.
3. The Authority reserve the right to reject any / all tenders without assigning any reason thereof.

**(By order of Collector Cum Chairman)**
**Sd./- District Project Coordinator, SSA, Khordha**



## OFFICE OF THE BARIPADA MUNICIPAL COUNCIL, BARIPADA

Phone: 06792 - 252703, Fax: 06792 - 252703
Email: baripadam.hud@nic.in, Website: www.baripadamunicipality.in

No. 8607 Date: 01.10.18

### DTCN PART-I (TECHNICAL BID) SECTION - II
**COMPETITIVE BIDDING THROUGH 'e' Procurement**

No. 295-C: The Executive Officer on behalf of Baripada Municipality, Baripada invites percentage rate bids in single cover system in ONLINE MODE only in conformity with detailed tender call noitce (DTCN).

Bid documents consisting of work, Estimated cost, Cost of tender paper, EMD and time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

**Tender Reference No.: BPDM - 04 of 2018 - 2019**
Tender I.D No........

| Sl. No. | Description | Critical Dates |
|---|---|---|
| 1 | Procurement Officer - Publisher / Tender inviting authority / bids | Executive Officer, Baripada Municipality, Baripada |
| 2 | Name of the work | Construction of civil work (As per DTCN) |
| 3 | Nos. of work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders online for bidding | From Dt. **06.10.18** (11.00 AM) to Dt. **22.10.18** (05.00 PM) |
| (ii) | Last date & time of bidding on-line (Submission of bids) | Dt. **22.10.18** (05.00 PM) |
| (iii) | Date & time of opening of the bids received on-line | Dt.**25.10.18** (11.30 AM onwards) |
| (iv) | To be intimated later to the bidder (s) found qualified after evaluation of technical bids and price bid received on-line. | |
| 5. | Detailed tender call notice (DTCN) may also be seen from the Baripada Municipality website i.e. www.baripadamunicipality.in. | |

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer,**
**Baripada Municipality**

13078/11/0023/1819

# ଓଡ଼ିଶାରେ ଟେନିସ କ୍ରିକେଟ

**ଫଟାଫଟ କ୍ରିକେଟର ମନୋରଞ୍ଜନ ଯୋଗାଇ ଦେଉଥିବା ଟେନିସ କ୍ରିକେଟ ଏବେ ଦେଶ ବିଦେଶରେ କ୍ରମେ ନିଜର ସ୍ଥିତି ଜାହିର କରିବାରେ ଲାଗିଛି। କ୍ରିକେଟଠାରୁ ସାମାନ୍ୟ କିଛି ଭିନ୍ନ ନିୟମ ଭିତ୍ତିରେ ଏହା ଖେଳାଯାଉଥିବାରୁ ବେଶ୍ ଲୋକପ୍ରିୟତା ମଧ୍ୟ ଅର୍ଜନ କରିଛି। କହ୍ନେୟା ଗୁଜରଙ୍କ ଉଦ୍ୟମରେ ଏହି ଗେମ୍ ଇଂଲଣ୍ଡରୁ ଭାରତକୁ ଆସିଥିବାବେଳେ ଓଡ଼ିଶାରେ ଏହାର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଅଛନ୍ତି ଶୈବାଳ କୁମାର ମିତ୍ର ଓରଫ ରିଣ୍ଟୁ ମିତ୍ର। ଖେଳ ଜୀବନର ଅଧୁରା ସ୍ୱପ୍ନକୁ ଏବେ ଜଣେ ବରିଷ୍ଠ କର୍ମକର୍ତ୍ତା, ଟେକ୍ନିସିଆନ, ଚୟନକର୍ତ୍ତା ଓ କୋଚ୍ ଭାବେ ସାକାର କରିବାକୁ ରିଣ୍ଟୁ ସଂକଳ୍ପବଦ୍ଧ...**


ଅମରେନ୍ଦ୍ର ଦାସ
ଶୈବାଳ କୁମାର ମିତ୍ର


ଦୀପକ ମଲିକ






**ପ୍ର: ଟେନିସ କ୍ରିକେଟ କ'ଣ ?**

**ଉ:** ଟେନିସ କ୍ରିକେଟ ଖେଳରେ ବଲ୍‌ର ଓଜନ ୧୨୫ ଗ୍ରାମ୍। ୪୦ରୁ ୬୦ ମିଟର ବାଉଣ୍ଡରୀ। ୨୦ରୁ ୩୦ ମିଟର ସର୍କଲ। ୧୧ ଜଣ ପିଲା ପଡ଼ିଆରେ ଖେଳନ୍ତି ସତ, ମାତ୍ର ଟିମ୍‌ରେ ଥିବା ୧୬ ଜଣଯାକ ଖେଳାଳିଙ୍କ ପାଇଁ ସୁଯୋଗ ରହିଥାଏ। ଷ୍ଟାର୍ଟିଂ ଇଲେଭେନ ପରେ ପଡ଼ିଆ ବାହାରେଥିବା ୫ ଖେଳାଳିଙ୍କୁ ଆମେ ବଦଳ ଖେଳାଳିଭାବେ ରୋଟେଶନ ଭିତ୍ତିରେ ଖେଳାଇ ପାରିବୁ। ଏହାଦ୍ୱାରା ସବୁ ଭଲ ବ୍ୟାଟ୍ସମ୍ୟାନ ବ୍ୟାଟିଂ କରିପାରିବେ ଏବଂ ଦକ୍ଷ ବୋଲର ବୋଲିଂ ପାଇପାରିବେ। ଫଟାଫଟ କ୍ରିକେଟର ଏହା ମଜା ଆଣିଥାଏ। ଲେଦର ବଲ୍‌ରେ ଇଞ୍ଜୁରି ଆଶଙ୍କା ରହିଥାଏ, ମାତ୍ର ଏଥିରେ ଇଞ୍ଜୁରି ସମସ୍ୟା ପ୍ରାୟ ନାହିଁ କହିଲେ ଚଳେ। ଏବେ ପ୍ରାୟ ସବୁ ଗଳି କନ୍ଦିରେ ଟେନିସ ବଲ୍‌ରେ ଖେଳ ହେଉଛି। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ କହ୍ନେୟା ଗୁଜର ଏହି ଗେମ୍‌କୁ ଇଂଲଣ୍ଡରୁ ଆଣିଛନ୍ତି। ଇଣ୍ଟରନ୍ୟାଶନାଲ ଟେନିସ କ୍ରିକେଟ ଫେଡେରେଶନରୁ ଆଫିଲେଶନ ମଧ୍ୟ ନେଇଛନ୍ତି। ମୋତେ ଓଡ଼ିଶାରେ ଟେନିସ କ୍ରିକେଟର ପ୍ରଚାର ଓ ପ୍ରସାର ପାଇଁ ଦାୟିତ୍ୱ ଦିଆଯାଇଛି। ମୁଁ ପୂର୍ବାଞ୍ଚଳର ନିର୍ଦ୍ଦେଶକଭାବେ କାର୍ଯ୍ୟ କରୁଛି। ଏହା ବ୍ୟତୀତ ଜାତୀୟ ଆସୋସିଏଶନରେ ଟେକ୍ନିକାଲ ଚେୟାରମ୍ୟାନଭାବେ ଦାୟିତ୍ୱ ନିର୍ବାହ କରୁଛି। ଓଡ଼ିଶା ଆସୋସିଏଶନର ସାଧାରଣ ସମ୍ପାଦକ ମଧ୍ୟ ଅଛି। ରାଜ୍ୟରେ ଅନେକ ଗରିବ ପିଲା ଅର୍ଥାଭାବରୁ ଖେଳିପାରୁ ନାହାନ୍ତି। ଜରିରେ କାଗଜ ଭର୍ତ୍ତିକରି ସୁତୁଲିରେ ବାନ୍ଧି ବଲ୍ ତିଆରିକରି ବାଉଁଶ କିମ୍ବା କାଠପଟା ବ୍ୟାଟ୍‌ରେ ଅନେକ ସ୍ଥାନରେ ଆଜି ଦିନରେ ମଧ୍ୟ ପିଲାମାନେ ଖେଳୁଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ଠାବକରି ରାଜ୍ୟ ଦଳ ମାଧ୍ୟମରେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ମୋର ଲକ୍ଷ୍ୟ। ପିଲାଙ୍କୁ ଉତ୍ସାହିତ କରିବାକୁ ମୁଁ ଉଦ୍ୟମ ଅବ୍ୟାହତ ରଖିଛି। ଏହି ଖେଳ କ୍ରିକେଟ ବ୍ୟାଟ୍ ଓ ଟେନିସ ବଲ୍‌ରେ ଖେଳାଯାଇଥାଏ। ସାଧାରଣ କ୍ରିକେଟରେ କ୍ରିଜ୍ ୨୧ ମିଟର ରହୁଥିବାବେଳେ ଟେନିସ କ୍ରିକେଟରେ ପିଚ୍ ଲମ୍ବ ୧୮ ମିଟର ରହିଥାଏ। ଓସାର ୩ ମିଟର ଥାଏ। ପଡ଼ିଆର ପରିସ୍ଥିତିକୁ ଦେଖି ଆମେ ସର୍କଲ ୨୦ରୁ ୩୦ ମିଟର ପର୍ଯ୍ୟନ୍ତ ନେଇଥାଉ। ସିନିୟର ସ୍ତରରେ ସର୍କଲ ୩୦ ମିଟର ରହିଥାଏ। ବାଉଣ୍ଡରୀ ୪୦ରୁ ୬୦ ମିଟର ରଖୁଛୁ। ଟେନିସ କ୍ରିକେଟ ୩ଟି କାଟେଗୋରିରେ ହୋଇଥାଏ। ୧୪ ବର୍ଷରୁ କମ୍, ୧୭ ବର୍ଷରୁ କମ୍ ଏବଂ ସିନିୟର। ଉଭୟ ବାଳିକା ଓ ବାଳକ ବିଭାଗରେ ଏହି ଖେଳ ସମ୍ଭବ। ସବ୍ ଜୁନିୟରରେ ୮ ଓଭର ବିଶିଷ୍ଟ ଖେଳ ହୁଏ। ଜୁନିୟର ସ୍ତରରେ ୧୦ ଓଭର ଏବଂ ସିନିୟରରେ ସର୍ବାଧିକ ୧୫ ଓଭର ଖେଳ ହୋଇଥାଏ। ପ୍ରତି ମ୍ୟାଚରେ ୫ ବୋଲର ବୋଲିଂ କରିବା ନିୟମ ରହିଛି। ମୋଟ ଓଭରକୁ ଦୃଷ୍ଟିରେ ରଖି ବୋଲରଙ୍କ ମଧ୍ୟରେ ଓଭର ବଣ୍ଟା ଯାଇଥାଏ।

**ପ୍ର: ଟେନିସ କ୍ରିକେଟ ଏବେ କେତୋଟି ଦେଶରେ ଖେଳାଯାଉଛି ?**

**ଉ:** ଭାରତରେ ଏବେ ସବୁ ସ୍ଥାନରେ ଟେନିସ କ୍ରିକେଟ ଖେଳାଯାଉଛି। ଏବେ ଅତିକମ୍‌ରେ ୩୨ ଦେଶରେ ଏହି ଗେମ୍ ବେଶ୍ ଲୋକପ୍ରିୟ। ଭାରତ ପ୍ରଥମ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳିବାକୁ ଦୁବାଇ ଯାଇଥିବାବେଳେ ମୁଁ ଦଳର କୋଚ୍ ଓ ଟେକ୍ନିକାଲ ମ୍ୟାନେଜର ଦାୟିତ୍ୱ ତୁଲାଇଥିଲି ଏବଂ ଚୟନକର୍ତ୍ତା ମଧ୍ୟ ଥିଲି। ଏହି ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ଦୀପକ ମଲିକ ଓ ଅମରେନ୍ଦ୍ର ଦାସ ଖେଳିବା ଓଡ଼ିଶା ପାଇଁ ଗର୍ବର କଥା ଥିଲା। ଦୁବାଇ ଅନ୍ତର୍ଜାତୀୟ ଟେନିସ କ୍ରିକେଟ ଚାମ୍ପିୟନଶିପ୍‌ରେ ୩୨ଟି ଦଳ ଖେଳିଥିଲେ। ଆମ ନିକଟରେ ଅଭିଜ୍ଞତାର ଅଭାବ ଥିଲା ଏବଂ ପିଲାଙ୍କ ନିକଟରେ ସ୍ପାଇକ୍ ନ ଥିଲା, ଯାହାକି ଆମପାଇଁ ମହଙ୍ଗା ପଡ଼ିଲା। ସନ୍ଧ୍ୟାରେ ଅତ୍ୟଧିକ କାକର ଯୋଗୁ ପିଲାଙ୍କ ଗୋଡ଼ ଖସିଲା, କ୍ୟାଚ ମିସ୍ ହେଲା। ଫଳରେ ଆମେ କ୍ୱାର୍ଟର ଫାଇନାଲରେ ହାରି ଯାଇଥିଲୁ। ତେବେ ଏଥିରୁ ଅନେକ ଅଭିଜ୍ଞତା ମିଳିଥିଲା। ଏବେ ଫେବୃୟାରୀ-ମାର୍ଚ୍ଚରେ ଶ୍ରୀଲଙ୍କାରେ ଆମେ ଆଉ ଏକ ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଖେଳିବାକୁ ଯାଉଛୁ। ଏଥିରେ ଭାରତ, ଶ୍ରୀଲଙ୍କା ବ୍ୟତୀତ ବାଂଲାଦେଶ ଖେଳିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି। ଏବେ ଆଫଗାନିସ୍ତାନ, ଭୁଟାନ, ଥାଇଲାଣ୍ଡ, ଓମାନ, ଶ୍ରୀଲଙ୍କା ଆଦି ଦେଶଗୁଡ଼ିକ ସହିତ କ୍ରମାଗତ ଟୁର୍ନାମେଣ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ଖେଳ ଏବେ ଭାରତରେ ସବୁଠାରୁ ଅଧିକ ଲୋକପ୍ରିୟ ଖେଳ। ଟେନିସ କ୍ରିକେଟ ହେଉଛି କ୍ରିକେଟର ଦ୍ୱିତୀୟ ବିକଳ୍ପ। କ୍ରିକେଟରେ ଅନେକ ଖେଳାଳି ଆମ ରାଜ୍ୟରୁ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଉ ନାହାନ୍ତି। ମାତ୍ର ଟେନିସ କ୍ରିକେଟରେ ଏହି ବାଧା ଦୂର କରିବା ଆମର ଲକ୍ଷ୍ୟ। ଏବେ ଭାରତର ଅନେକ ଖେଳାଳି ବାହାର ଦେଶରୁ ମଧ୍ୟ ପ୍ରତିନିଧିତ୍ୱ କରୁଛନ୍ତି।

**ପ୍ର: ଆପଣ ଟେନିସ କ୍ରିକେଟ ସଂସ୍ପର୍ଶରେ କିପରି ଆସିଲେ ?**

**ଉ:** ମୁଁ ୨୦୦୮ରୁ ସ୍ପୋର୍ଟ୍ସ ଇଭେଣ୍ଟରେ ବିଶେଷ କରି ବିସିସିଆଇ ଏବଂ ଷ୍ଟାର ସ୍ପୋର୍ଟ୍ସ ବ୍ରଡ୍‌କାଷ୍ଟ ପ୍ରଡକ୍ସନର ଟେକ୍ନିକାଲ ଲିଆସନିଂ କରେ। ତେଣୁ କହ୍ନେୟା ଗୁଜର ମୋ ସମ୍ପର୍କରେ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ ଏବଂ ମୋତେ ଏହି ଗୁରୁଦାୟିତ୍ୱ ଦେଇଥିଲେ।

**ପ୍ର: ଭାରତରେ ଟେନିସ କ୍ରିକେଟର ସ୍ଥିତି କିପରି ରହିଛି ?**

**ଉ:** ଭାରତରେ ଏହାର ସ୍ଥିତି ବହୁତ ଭଲ। ଏବେ ୨୪ରୁ ୨୮ ରାଜ୍ୟ ଏହି ଗେମ୍ ଖେଳୁଛନ୍ତି। ତୃତୀୟ ସବ୍‌ଜୁନିୟର (୧୪ ବର୍ଷରୁ କମ୍) ଟେନିସ କ୍ରିକେଟ ପ୍ରତିଯୋଗିତା ଚଳିତମାସ ୧୪ରୁ ୧୭ ପର୍ଯ୍ୟନ୍ତ ନାସିକରେ ହେବାକୁ ଯାଉଛି। ଏଥିରେ ୨୬ଟି ରାଜ୍ୟ ଭାଗ ନେଉଛନ୍ତି। ୩ ବର୍ଷ ପୂର୍ବରୁ ୧୦-୧୨ଟି ଦଳ ଖେଳୁଥିଲେ।

**ପ୍ର: ଓଡ଼ିଶାରେ ଟେନିସ କ୍ରିକେଟର ସ୍ଥିତି କିପରି ଅଛି ?**

**ଉ:** ଓଡ଼ିଶାରେ ଟେନିସ କ୍ରିକେଟର କ୍ରେଜ୍ ବହୁତ। ସବୁ ସମୟରେ କିଛିନା କିଛି ଟୁର୍ନାମେଣ୍ଟ ହେଉଛି। ଅନେକ ସ୍ଥାନରେ ଟେନିସ ବଲ୍‌ରେ ଖେଳିବାକୁ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାରେ ଅନେକ ପ୍ରତିଭା ସମ୍ପନ୍ନ ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରୁ ଦକ୍ଷ ଖେଳାଳିଙ୍କୁ ବାଛି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ମୋର ଇଚ୍ଛା।

**ପ୍ର: ଏପର୍ଯ୍ୟନ୍ତ ଓଡ଼ିଶା ଏଥିରୁ କିପରି ସଫଳତା ପାଇଛି ?**

**ଉ:** ଗତ ୩ ବର୍ଷ ମଧ୍ୟରେ ଓଡ଼ିଶା ୧୨ଟି ଟୁର୍ନାମେଣ୍ଟ ଖେଳିଛି। ସେଥିରୁ ୩ଟିରେ ଚାମ୍ପିୟନ ଏବଂ ୯ଟିରେ ରନର୍ସଅପ୍ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଡ଼ିଶା ଭାଗ ନେଇଥିବା ସବୁ ଟୁର୍ନାମେଣ୍ଟର ଫାଇନାଲ ଖେଳିଛି। ୨୦୧୬ ମେ ମାସରେ ଓଡ଼ିଶାରେ ଟେନିସ କ୍ରିକେଟ ଆରମ୍ଭ ହେଲା। ଓଡ଼ିଶା ଲଗାତର ୨ ବର୍ଷ ଇଷ୍ଟଜୋନ୍ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ଉଜ୍ଜୟିନୀରେ ଅନୁଷ୍ଠିତ ଦ୍ୱିତୀୟ ନ୍ୟାଶନାଲ ଟେନିସ କ୍ରିକେଟରେ ଓଡ଼ିଶା ୧୭ ବର୍ଷରୁ କମ୍‌ରେ ଚାମ୍ପିୟନ ହୋଇଥିଲା। ସିନିୟରରେ ଓଡ଼ିଶା ୩ ବର୍ଷ ଧରି କର୍ଣ୍ଣାଟକ ସହିତ ଫାଇନାଲ ଖେଳିଛି। ମାତ୍ର କର୍ଣ୍ଣାଟକ ଶକ୍ତିଶାଳୀ ଦଳ ହୋଇଥିବାରୁ ଓଡ଼ିଶା ୩ ଥର ଯାକ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି।

**ପ୍ର: ଆପଣ କାହା ପ୍ରେରଣାରେ ଆଗକୁ ବଢ଼ୁଛନ୍ତି ?**

**ଉ:** ମୋ ଗୁରୁ ହେଲେ ସୁନୀଲ ଗାଭାସ୍କର। ଟିଭି ବ୍ରଡ୍‌କାଷ୍ଟିଂ ପ୍ରଡକ୍ସନ ମାଧ୍ୟମରେ ମୋର ଗାଭାସ୍କରଙ୍କ ସହିତ ସାକ୍ଷାତ ହୋଇଥାଏ। ମୁଁ ଖେଳୁଥିବାବେଳେ ତାଙ୍କୁ ଆଦର୍ଶ ମାନିଥିଲି। ଖେଳ ଜୀବନରେ ମୁଁ ଆଗକୁ ବଢ଼ିପାରି ନ ଥିଲେ ହେଁ ଟେନିସ କ୍ରିକେଟରେ ଓଡ଼ିଶାକୁ ଆଗକୁ ନେବାକୁ ସଂକଳ୍ପ ନେଇଛି।

**ପ୍ର: ଟେନିସ କ୍ରିକେଟକୁ ନେଇ କ'ଣ ସ୍ୱପ୍ନ ରହିଛି।**

**ଉ:** ଗ୍ରାମାଞ୍ଚଳର ପ୍ରତିଭା ସମ୍ପନ୍ନ ପିଲାଙ୍କୁ ଠାବକରି ଦଳରେ ସାମିଲ କରିବି, ଜାତୀୟ ସ୍ତରରେ ଓଡ଼ିଶା ପ୍ରତି କିପରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଇବି ଏହା ମୋର ସ୍ୱପ୍ନ। ମୁଁ ଚାହୁଁଛି ଭାରତର ୧୧ ପିଲାଙ୍କ ମଧ୍ୟରେ ଓଡ଼ିଶାର ଅତିକମ୍‌ରେ ୪ରୁ ୬ ଖେଳାଳି ସାମିଲ ହୁଅନ୍ତୁ। ଓଡ଼ିଶା ପାଇଁ କିଛି ନା କିଛି କରିବାକୁ ମୁଁ ସଂକଳ୍ପବଦ୍ଧ।

**ପ୍ର: ଓଡ଼ିଶାରେ ଟେନିସ କ୍ରିକେଟର ଉନ୍ନତି ପାଇଁ ଆଉ କ'ଣ ଆବଶ୍ୟକ ଅଛି ?**

**ଉ:** ଯେ କୌଣସି ସ୍ପୋର୍ଟ୍ସ ହେଉ ନା କାହିଁକି ଆର୍ଥିକ ସହଯୋଗ ନ ପାଇଲେ କେବେ ଆଗକୁ ଯାଇ ପାରିବ ନାହିଁ। ଯେତେ ଭିତ୍ତିଭୂମି ଥିଲେ ବି କିଛି ହୋଇ ପାରିବ ନାହିଁ। ତେଣୁ ମୁଁ ଏହି ଅବସରରେ ଲ୍ୟାଣ୍ଡସ୍କେପ୍‌ର ୨ ଏମ୍‌ଡି ଶୋଭେନ ମହାରଣା ଓ ଅବିନାଶ ସାହୁଙ୍କୁ ଧନ୍ୟବାଦ ଜଣାଇବାକୁ ଚାହିଁବି। ଅବିନାଶଙ୍କ ଫାଇନାନ୍‌ସିଆଲ ସପୋର୍ଟରେ ମୁଁ ମୋ ଟିମ୍ ଏବଂ ପିଲାଙ୍କୁ ଅନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ନେଇ ପାରିଛି। ତାଙ୍କ ସପୋର୍ଟରେ ଆଗକୁ ଯିବାକୁ ମଧ୍ୟ ଆଶା ରଖିଛି।

**ପ୍ର: ତୃଣମୂଳସ୍ତରରୁ ପ୍ରତିଭା ଚୟନ ପାଇଁ ଆପଣ କ'ଣ ପଦକ୍ଷେପ ନେଉଛନ୍ତି ?**

**ଉ:** ଏବେ ୭ଟି ଜିଲାରେ ଟେନିସ କ୍ରିକେଟ ଆସୋସିଏଶନ ଅଛି। ଆଗାମୀ ଦିନରେ ପୂରା ୩୦ ଜିଲାକୁ ଏଥିରେ ସାମିଲ କରାଇବା ମୋର ଇଚ୍ଛା। ମୁଁ ଓଡ଼ିଶାରେ ଆୟୋଜିତ ବିଭିନ୍ନ ବଡ଼ ଧରଣର କ୍ରୀଡ଼ା ସମୟରେ ମିଳୁଥିବା କାର୍ଯ୍ୟଯୋଗୁ ଟେନିସ କ୍ରିକେଟକୁ ଅଧିକ ସମୟ ଦେଇ ପାରୁନାହିଁ। ତେବେ ଆଗାମୀ ଦିନରେ ସବ୍‌ଡିଭିଜନରୁ ଜିଲାସ୍ତରୀୟ ପର୍ଯ୍ୟନ୍ତ ଟୁର୍ନାମେଣ୍ଟ କରି ପ୍ରତିଭା ସମ୍ପନ୍ନ ପିଲାଙ୍କୁ ଚୟନ କରିବା ମୋର ମୁଖ୍ୟ ଲକ୍ଷ୍ୟ। ମନୋନୀତ ଖେଳାଳିଙ୍କୁ ନେଟ୍ସକୁ ଆଣି ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତ କରାଯିବ। ହକି ବିଶ୍ୱକପ ପାଇଁ ମୋତେ କିଛି ଦାୟିତ୍ୱ ମିଳିଛି। ତେଣୁ ବିଶ୍ୱକପ ପରେ ମୁଁ ଟେନିସ କ୍ରିକେଟକୁ ଫୋକସ କରିବି। ଏବେ ଆମ ନିକଟରେ ୧୩୦ ପର୍ଯ୍ୟନ୍ତ ପିଲା ଅଛନ୍ତି। ଆଗାମୀ ଦିନରେ ଏହି ସଂଖ୍ୟା ବଢ଼ିବ ବୋଲି ମୁଁ ଜୋର ଦେଇ କହିପାରିବି।

**ପ୍ର: ପିଲାମାନେ କେଉଁଠାରେ ଅଭ୍ୟାସ କରୁଛନ୍ତି ?**

ଉ: ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କୁ ଏଥିପାଇଁ ଅନୁରୋଧ କରାଯାଇଥିଲା। ସେ ଆମ ଅନୁରୋଧ ରକ୍ଷା କରିଛନ୍ତି ଏବଂ ନହରକଣ୍ଟାସ୍ଥିତ ଜୟଦେବ କଲେଜ ଗ୍ରାଉଣ୍ଡରେ ସକାଳବେଳା ଅଭ୍ୟାସ କରୁଛନ୍ତି। ଟୁର୍ନାମେଣ୍ଟ ଆସିଲେ ଆମେ କ୍ୟାମ୍ପ କରିଥାଉ ଏବଂ ନେଟ୍ସ କରି ପିଲା ଚୟନ କରିଥାଉ।

**ପ୍ର: ଏବେ ଆସୋସିଏଶନ କେଉଁଠି କାର୍ଯ୍ୟ କରୁଛି ?**

**ଉ:** ଆସୋସିଏଶନ ଏବେ ସତ୍ୟବିହାରରେ ଅଛି। ଅବିନାଶ ସାହୁ ରାଜ୍ୟ ଆସୋସିଏଶନର ସଭାପତି ଅଛନ୍ତି। ଶୋଭେନ ମହାରଣା ଯୁଗ୍ମ ସମ୍ପାଦକଭାବେ କାର୍ଯ୍ୟରତ। ପିଲାମାନେ ସପୋର୍ଟ କରୁଥିବାରୁ ସବୁକିଛି ଠିକ୍ ବାଟରେ ଚାଲିଛି। ଓଡ଼ିଶା ସବୁ ଟୁର୍ନାମେଣ୍ଟର ଫାଇନାଲ ଖେଳିଥିବାରୁ ମୁଁ ଗର୍ବିତ।

**ପ୍ର: ଟେନିସ କ୍ରିକେଟକୁ କ୍ୟାରିୟର କରି ଜଣେ ପ୍ରତିଷ୍ଠିତ ହୋଇ ପାରିବ ବୋଲି ଭାବୁଛନ୍ତି କି ?**

**ଉ:** ଏବେ ଆମେ ମାତ୍ର ୩ୟ ବର୍ଷରେ ପଦାର୍ପଣ କରିଛୁ। ଭାରତୀୟ ଆସୋସିଏଶନର ସାଧାରଣ ସମ୍ପାଦକ କହ୍ନେୟା ଗୁଜର ସ୍କୁଲ ଗେମ୍ ଆଣ୍ଡ ଫେଡେରେଶନର ଯୁଗ୍ମ ସମ୍ପାଦକ ଅଛନ୍ତି। ସବୁଠାରୁ ବଡ଼ କଥା ହେଲା ଟେନିସ କ୍ରିକେଟ ଏବେ ସ୍କୁଲ ଗେମ୍ ଆଣ୍ଡ ଫେଡେରେଶନ(ଏସଜିଏଫଆଇ)କୁ ଆସି ଯାଇଛି। ନିକଟରେ ବିଶ୍ୱବିଦ୍ୟାଳୟକୁ ଯିବା ପଥରେ ରହିଛି। ତେଣୁ ଏହାକୁ ଜଣେ କ୍ୟାରିୟର କରି ପାରିବ। ଆମେ କ୍ରୀଡ଼ା ମନ୍ତ୍ରଣାଳୟରେ ଏହାକୁ ପଞ୍ଜୀକୃତ କରିବୁ। ଏହାପରେ ଅନ୍ୟ ଗେମ୍ ଭଳି ଟେନିସ କ୍ରିକେଟକୁ କ୍ୟାରିୟର କରୁଥିବା ପିଲାମାନେ ମଧ୍ୟ ସବୁ ପ୍ରକାର ସୁବିଧା ସୁଯୋଗ ପାଇ ପାରିବେ।

**ପ୍ର: ଟେନିସ କ୍ରିକେଟ ଆସୋସିଏଶନ ଅଫ ଇଣ୍ଡିଆରେ ଆପଣଙ୍କର କ'ଣ ଭୂମିକା ରହିଛି।**

**ଉ:** ମୁଁ ନ୍ୟାଶନାଲ ବଡିରେ ଉପସଭାପତି ଅଛି, ଟେକ୍ନିକାଲ ଚେୟାରମ୍ୟାନ ଅଫ ଇଣ୍ଡିଆ ଦାୟିତ୍ୱ ନିର୍ବାହ କରୁଛି। ମୁଁ ଇଷ୍ଟଜୋନ୍‌ର ଡାଇରେକ୍ଟର ଅଛି। ଏହା ବ୍ୟତୀତ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ପୂର୍ବରୁ ମୋତେ ଚୟନକର୍ତ୍ତା ଦାୟିତ୍ୱ ମଧ୍ୟ ତୁଲାଇବାକୁ ପଡ଼ିଥାଏ। ମୁଁ କୋଚିଂ ମଧ୍ୟ ଦେଇଥାଏ। ଗୁଜର ମୋତେ ଦେଇଥିବା ଗୁରୁଦାୟିତ୍ୱକୁ ମୁଁ ସୁଚାରୁରୂପେ ସମ୍ପାଦନ କରିବାକୁ ପ୍ରତିଶ୍ରୁତିବଦ୍ଧ।

-ପ୍ରସ୍ତୁତି: **ତପନ ସ୍ୱାଇଁ**
ଫଟୋ: **ମୌସମ୍ ନନ୍ଦ**

## ଅଭୁଲା ସ୍ମୃତି

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ମୋତେ ୨୦୦୮ରେ ଓଡ଼ିଶା ରଣଜୀ ଦଳର ଲୋକାଲ ମ୍ୟାନେଜର କରି ସମ୍ବଲପୁର ପଠାଯାଇଥିଲା। ସେଠାରେ ତାମିଲନାଡୁ ସହିତ ଓଡ଼ିଶାର ରଣଜୀ ମ୍ୟାଚ ଥାଏ। ଦୀନେଶ କାର୍ତ୍ତିକ ତାମିଲନାଡୁ ଦଳର ଅଧିନାୟକ ଥିଲେ। ସେହି ଦଳରେ ଲକ୍ଷ୍ମୀପତି ବାଲାଜୀ, ଏସ.ବଦ୍ରିନାଥ,ରବିଚନ୍ଦ୍ରନ ଅଶ୍ୱିନ ଖେଳୁଥିଲେ ଏବଂ ଡବଲ୍ୟୁଭି ରମଣ କୋଚ୍ ଥିଲେ। ଆର.ଆଇ. ପାଲାନୀ ଥିଲେ ତାମିଲନାଡୁ ଦଳର ଟିମ୍ ମ୍ୟାନେଜର। ଲୋକାଲ ମ୍ୟାନେଜରଭାବେ ମୋର କାର୍ଯ୍ୟରେ ପ୍ରଭାବିତ ହୋଇ ପାଲାନି ମୋତେ ସମସ୍ତଙ୍କ ଆଗରେ ଏକ ଘଣ୍ଟା ଉପହାର ଦେଇଥିଲେ। ଏହା ମୋତେ ଖୁବ୍ ପ୍ରଭାବିତ କରିଥିଲା। ପ୍ରକୃତରେ ମୁଁ ସେତେବେଳେ କ୍ରିକେଟରୁ ଦୂରେଇ ଆସୁଥିଲି, ମାତ୍ର ପାଲାନିଙ୍କ ଏହି ଉପହାର ମୋତେ ପ୍ରେରଣା ଭାବେ କାମ ଦେଲା ଏବଂ ଉତ୍ସାହିତ କରିଥିଲା। ଏହାକୁ ମୁଁ କେବେ ଭୁଲି ପାରୁନି। ଟେନିସ କ୍ରିକେଟ ପାଇଁ ମୁଁ ଅନେକ କିଛି କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ରିଣ୍ଟୁ ପ୍ରକାଶ କରିଛନ୍ତି।

## ଡାଇଗ୍ନୋଷ୍ଟିକ୍

ଅଣ୍ଡର ସେଭେଣ୍ଟିନ ଫିଫା ବିଶ୍ୱକପ
ଧୂଳିସାତ ହେଲା ଆଶା
ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରୁ ହାରି
ଭାରତ ଖୋଜୁଛି ଦିଶା
ଦକ୍ଷିଣ କୋରିଆ ଭୁସା
ପେରୁ ଯାତ୍ରା ସ୍ୱପ୍ନ ଅଧା ରଖିଦେଲା
ଗଲା ଫୁଟବଲ ନିଶା।

ଦୃଷ୍ଟିହୀନ ଟି୨୦ କ୍ରିକେଟ ସିରିଜ
ଭାରତ ଯାଇଛି ଜିତି
ବେଙ୍ଗାଲୁରୁଠାରେ ଇଂଲଣ୍ଡକୁ ମାରି
ଟିମ୍ କଲା ଏହି କୀର୍ତ୍ତି
ବହେ ରାଜକୋଟ ତାତି
ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟରେ
ମୟଙ୍କ, ସିରାଜ, ପୃଥ୍ୱୀ।



ପାରା ଏସିଆନ ଗେମ୍ସ ବ୍ୟାଡ୍‌ମିଣ୍ଟନ
ଖେଳିବ ପ୍ରମୋଦ ଭାଇ
ଥାଙ୍ଗାଭେଲୁ ଆମ ଜାତୀୟ ପତାକା
ଧରିବ ସେଠାରେ ଯାଇ
ରାଜଧାନୀ ହକି ପାଇଁ
କମ୍ପୁଥିବା ବେଳେ ଫୁଟବଲ ରୋଗ
ଡାଇଗ୍ନୋଷ୍ଟିକ୍ କର ନେଇ।

-ସୁବାସ ଚନ୍ଦ୍ର ପ୍ରଧାନ

# ଆଇଏସଏଲ-୫

**ଆଇଏସ୍‌ଏଲ୍‌ର ପଞ୍ଚମ ସଂସ୍କରଣ ଆରମ୍ଭ ହୋଇଯାଇଛି। ୨୦୧୯ ମାର୍ଚ୍ଚ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଲିଗ୍‌ରେ ମୋଟ ୧୦ଟି ଦଳ ଭାଗନେଉଛନ୍ତି ଏବଂ ୯୫ଟି ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ରହିଛି...**


ନିର୍ମଳ କୁମାର ମିଶ୍ର

ଦେଶର ସର୍ବଶ୍ରେଷ୍ଠ ପ୍ରଫେଶନାଲ ଫୁଟବଲ ଲିଗ୍ ଆଇଏସ୍‌ଏଲ୍(ଇଣ୍ଡିଆନ ସୁପର ଲିଗ୍)ର ୫ମ ସଂସ୍କରଣ ସେପ୍ଟେମ୍ବର ୨୯ତାରିଖରୁ ଆରମ୍ଭ ହୋଇଛି। ୨୦୧୯ ମାର୍ଚ୍ଚ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଲିଗ୍‌ରେ ମୋଟ ୧୦ଟି ଦଳ ଭାଗନେଉଛନ୍ତି। ୨୦୧୩ରେ ଆରମ୍ଭ ହୋଇଥିବା ଏହି ମେଗା ପ୍ରତିଯୋଗିତାରେ ମୋଟ ୯୫ଟି ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଭାରତର ବିଭିନ୍ନ ସ୍ଥାନରୁ ଫ୍ରାଞ୍ଚାଇଜ୍ ଭିତ୍ତିରେ ମୋଟ ୧୦ଟି ଦଳ ଏଥିରେ ଭାଗନେଉଛନ୍ତି। ପ୍ରତ୍ୟେକ ଦଳରେ ସର୍ବାଧିକ ୨୫ ସର୍ବନିମ୍ନ ୨୨ଜଣ ଖେଳାଳି ରହିବା ପାଇଁ ଏସିଆନ୍ ଫୁଟବଲ କାଉନସିଲ ଅନୁମତି ଦେଇଛି। ପ୍ରତ୍ୟେକ ଦଳ ଖେଳାଳି ଚୟନ କରିବା ପାଇଁ ସର୍ବାଧିକ ୧୭୫ କୋଟି ଟଙ୍କା ଖର୍ଚ୍ଚ କରିବା ନିୟମ ହୋଇଛି। ପ୍ରତିଯୋଗିତାର ୪ର୍ଥ ସଂସ୍କରଣରେ ପ୍ରତି ଦଳରେ ୮ଜଣ ଲେଖାଏ ବିଦେଶୀ ଖେଳାଳି ରହିବା ନିୟମ ଥିଲା। ମାତ୍ର ୫ମ ସଂସ୍କରଣରେ ଟୁର୍ନାମେଣ୍ଟ କମିଟି ଏହି ସଂଖ୍ୟା ୭କୁ କମାଇ ଦେଇଛି। ପ୍ରତି ମ୍ୟାଚରେ ଗୋଟିଏ ଦଳ ଅତି ବେଶିରେ ୫ ବିଦେଶୀ ଖେଳାଳିଙ୍କୁ ଖେଳାଇବା ପାଇଁ ଅନୁମତି ପାଇଛନ୍ତି। ଏଥର ଲିଗ୍‌ରେ ଭାଗ ନେଉଥିବା ଦଳଗୁଡିକ ମଧ୍ୟରେ ରହିଛନ୍ତି ଦିଲ୍ଲୀ ଡାଇନାମସ୍, ଏଫସି ଗୋଆ, ନର୍ଥ ଇଷ୍ଟ ୟୁନାଇଟେଡ୍, ମୁମ୍ବାଇ ସିଟି, ଜାମସେଦ୍‌ପୁର ଏଫସି, ପୁନେ ସିଟି, ଆଟଲେଟିକୋ ଡି କୋଲକାତା(ଏଟିକେ), ଚେନ୍ନାଇନ୍ ଏଫସି, ବେଙ୍ଗାଲୁରୁ ଏଫସି ଏବଂ କେରଳ ବ୍ଲାଷ୍ଟର୍ସ।

ଅକ୍ଟୋବର ୩ ସୁଦ୍ଧା ଲିଗ୍‌ରେ ମୋଟ ୫ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚରେ ୨ ଥର ଚାମ୍ପିୟନ ଏଟିକେକୁ ୨-୦ ଗୋଲରେ ହରାଇ କେରଳ ବ୍ଲାଷ୍ଟର୍ସ ସମ୍ପୂର୍ଣ୍ଣ ଷ୍ଟାଇଲରେ ଏହାର ଅଭିଯାନ ଆରମ୍ଭ କରିଛି। ପରବର୍ତ୍ତୀ ମ୍ୟାଚରେ ବେଙ୍ଗାଲୁରୁ ଏଫସି ୧-୦ ଗୋଲରେ ଚାମ୍ପିୟନ ଚେନ୍ନାଇନ୍ ଏଫସିକୁ ହରାଇ ଗତ ସଂସ୍କରଣ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଛି। ନର୍ଥଇଷ୍ଟ ୟୁନାଇଟେଡ ଓ ଏଫସି ଗୋଆ ମ୍ୟାଚ ୨-୨ ଗୋଲରେ ଡ୍ର ରହିଥିବାବେଳେ ଜାମସେଦପୁର ଏଫସି ୨-୦ ଗୋଲରେ ମୁମ୍ବାଇ ସିଟିକୁ ପରାସ୍ତ କରିଛି। ଦିଲ୍ଲୀ ଡାଇନାମସ ଓ ପୁନେ ସିଟି ମଧ୍ୟରେ ଅନୁଷ୍ଠିତ ୫ମ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି।

ମ୍ୟାଚଗୁଡିକ ଦେଶର ବଛାବଛା ୧୨ଟି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେଉଛି। ଏହି ଷ୍ଟାଡିୟମ୍ ଗୁଡିକ ମଧ୍ୟରେ ରହିଛି ଜବାହରଲାଲ ନେହେରୁ ଷ୍ଟାଡିୟମ୍ (କୋଚି, ଚେନାଇ, ଦିଲ୍ଲୀ), ଇନ୍ଦିରାଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମ (ଆସାମ), ଜେଆରଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ଜାମସେଦ୍‌ପୁର), ଶ୍ରୀ କାନ୍ତିରଭା ଷ୍ଟାଡିୟମ୍ (ବେଙ୍ଗାଲୁରୁ), ରବୀନ୍ଦ୍ର ସରୋବର ଷ୍ଟାଡିୟମ୍ ଏବଂ ସଲ୍ଟ ଲେକ୍ ଷ୍ଟାଡିୟମ୍ (କୋଲ୍‌କାତା), ଫତୋର୍ଦା ଷ୍ଟାଡିୟମ୍ (ଗୋଆ), ଡି ୱାଇ ପାଟିଲ୍ ଷ୍ଟାଡିୟମ୍ (ନଭି ମୁମ୍ବାଇ) ଓ ବାଲେୱାଡି ଷ୍ଟାଡିୟମ୍ (ପୁଣେ)।



୨୦୧୪ର ପ୍ରଥମ ସଂସ୍କରଣରେ ଏଟିକେ ୧-୦ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ହରାଇ ଚାମ୍ପିୟନ୍ ହୋଇଥିବା ବେଳେ ୨୦୧୫ରେ ଚେନ୍ନାଇନ୍ ଏକ ରୋମାଞ୍ଚକ ଫାଇନାଲରେ ଗୋଆକୁ ୩-୨ ଗୋଲରେ ହରାଇ ଟାଇଟଲ ଜିତିଥିଲା। ୨୦୧୬ର ତୃତୀୟ ସଂସ୍କରଣରେ ଏଟିକେ, କେରଳ ବ୍ଲାଷ୍ଟର୍ସକୁ ଟାଇବ୍ରେକ୍‌ର ୪-୩ ଗୋଲରେ ହରାଇ ଦ୍ୱିତୀୟ ଥର ପାଇଁ ଚାମ୍ପିୟନ ହୋଇଥିଲା ଏବଂ ୨୦୧୭ରେ ଚେନ୍ନାଇନ୍ ୩-୨ ଗୋଲରେ ବେଙ୍ଗାଲୁରୁକୁ ହରାଇ ଦ୍ୱିତୀୟ ଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଏହା ପୂର୍ବରୁ ଖେଳାଯାଇଥିବା ୪ଟି ସଂସ୍କରଣରେ ଇଆନ୍ ହ୍ୟୁମ୍ସ ସର୍ବାଧିକ ୫୯ଟି ମ୍ୟାଚ ଖେଳି ୨୮ ଗୋଲ ସ୍କୋର ସହ ଆଗରେ ଥିବା ବେଳେ ଭାରତର ତାରକା ଖେଳାଳି ସନ୍ଦେଶ ଝିଙ୍ଗାନ୍ ୫୮, ମନ୍ଦର ରାଓ ଦେଶାଇ ୫୭, ନାରାୟଣ ଦାସ୍ ୫୫, ସୁବ୍ରତ ପାଲ ୫୫, ଜେଜେ ଲାଲପେଖଲୁଆ ୫୪, ସୌଭିକ୍ ଚକ୍ରବର୍ତ୍ତୀ ୫୩, ମେହେରାଜୁଦ୍ଦିନ୍ ୱାଡୋ ୫୧, ମେହେତାବ ହୁସେନ୍ ୫୦ ମ୍ୟାଚ ଖେଳି ପଛକୁପଛ ରହିଛନ୍ତି। ଭାରତ ପକ୍ଷରୁ ଜାତୀୟ ଦଳ ପାଇଁ ଖେଳିଥିବା ଜେଜେ ପାଖେଲୁଆ ସର୍ବାଧିକ ୨୩ ଏବଂ ଭାରତର ଷ୍ଟାର ଖେଳାଳି ସୁନୀଲ୍ ଛେତ୍ରୀ ୨୧ଟି ଗୋଲ ସ୍କୋର କରିଛନ୍ତି।

ଅନେକ ନାମୀଦାମୀ ବିଦେଶୀ ଖେଳାଳି ବିଭିନ୍ନ ଦଳଗୁଡିକରୁ ଏହି ଲିଗ୍‌ରେ ଖେଳୁଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଜନ୍ ଜନ୍‌ସନ୍, ଏଭରଟନ୍ ସାଣ୍ଟୋସ, ଜୁଆଜନ୍, ଏରିକ୍ ପାର୍ତାଲୁ, ଗ୍ରେଗୋରି ନେଲ୍‌ସନ୍, ରାଫେଲ୍ ଅଗଷ୍ଟୋ, କାର୍ଲୋସ୍ କାଲ୍‌ଭୋ, ମାଲିସନ୍ ଆଲଭିସ୍, କାର୍ଲୋସ ପେନା, ମିକୁ, ଏଡୁ ବେଡିଆ, ଡିଏଗୋ କାର୍ଲୋସ, ଲୁସିଆନ୍ ଗୋଆନ୍, ରାଫାଲ ବାଷ୍ଟୋସ୍। ସେହିପରି ଭାରତୀୟ ଦଳରେ ସ୍ଥାନ ପାଇଥିବା ମେହେତାବ ହୁସେନ୍, ସବୀର ଅଲ୍ଲୀ, ବାଇଚୁଙ୍ଗ ଭୂଟିଆ, ସୁନୀଲ ଛେତ୍ରୀ, ଗୁରୁପ୍ରୀତ୍ ସିଂ ସାନ୍ଧୁ, କମଲଜୀତ ସିଂ, ସୁଖଦେବ ପାଟିଲ ଶୁଭାଶିଷ ବୋଷ, ଅନିରୁଦ୍ଧ ଥାପ୍ପା, ଜର୍ମନ ପ୍ରୀତ ସିଂ, ଭିନିତ୍ ରାୟ, ସୁମିତ ମାସି, ହିତେସ ଶର୍ମା, ମନଭୀର ସିଂ, ନିଖିଲ ପୂଜାରୀ, ସିବନ୍ ଘୋଷ, ସୁବ୍ରତ ପାଲଙ୍କ ପରି ତାରକା ଖେଳାଳି ଏଥିରେ ସାମିଲ ହୋଇଛନ୍ତି।

ଭାରତ ଏବେ ଫିଫା ର୍‍ୟାଙ୍କିଙ୍ଗରେ ୯୭ ତମ ଏବଂ ଏସିଆ କନ୍‌ଫେଡେରେଶନ୍ ର୍‍ୟାଙ୍କିଙ୍ଗରେ ୧୪ତମ ସ୍ଥାନରେ ରହିଛି। କ୍ରମାଗତ ଉନ୍ନତ ପ୍ରଦର୍ଶନ ମାଧ୍ୟମରେ ଭାରତୀୟ ଫୁଟବଲ ଏବେ ଉତ୍‌ଥାନ ପଥରେ ରହିଛି। ଏହି ପରିପ୍ରେକ୍ଷୀରେ ଆଇଏସ୍‌ଏଲ୍‌ର ପରିକଳ୍ପନା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହା ନିଶ୍ଚିତ ଯେ ଆଗକୁ ଭାରତୀୟ ଫୁଟବଲର ଚିତ୍ର ବଦଳିବାର ଯଥେଷ୍ଟ ସମ୍ଭାବନା ରହିଛି। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ରାଜ୍ୟ ଫୁଟବଲ ଆସୋସିଏଶନ୍ ଗୁଡିକର ପ୍ରଚେଷ୍ଟା ଦ୍ୱାରା ତୃଣମୂଳ ସ୍ତରରୁ ଫୁଟବଲକୁ ଲୋକପ୍ରିୟ କରାଇବାର ଉଦ୍ୟମ ଅବ୍ୟାହତ ରଖିବା ଶୁଭ ସଙ୍କେତ।



"ଡିଜିଟାଲ ପଦକ୍ଷେପ, ସାମାଜିକ ଅନ୍ତର୍ଭୁକ୍ତି କ୍ଷେତ୍ରରେ ଯୋଗଦାନ ରଖିବାକୁ ସରକାର ଟେକ୍ନୋଲୋଜି ପ୍ରଫେଶନାଲଙ୍କୁ ପ୍ରୋତ୍ସାହିତ କରୁଛନ୍ତି।
– ରବି ଶଙ୍କର ପ୍ରସାଦ, କେନ୍ଦ୍ର ଆଇଟି ମନ୍ତ୍ରୀ

"ଦେଶର ବିକାଶ କ୍ଷେତ୍ରରେ ଭିତ୍ତିଭୂମି ଉନ୍ନତୀକରଣର ବିଶେଷ ଭୂମିକା ରହିଛି।
– ମନସୁଖ୍ ଏଲ୍. ମାଣ୍ଡବୀୟ, କେନ୍ଦ୍ର ରାଜପଥ ରାଷ୍ଟ୍ରମନ୍ତ୍ରୀ



## ସଂକ୍ଷେପରେ

### ଷ୍ଟକ୍ ମାର୍କେଟ ଧରାଶାୟୀ ସେନସେକ୍ସରେ ୮୦୬ ପଏଣ୍ଟ ହ୍ରାସ

**ଦୁଇ ଦିନରେ ନିବେଶକ ହରାଇଲେ ୫ ଲକ୍ଷ କୋଟିରୁ ଅଧିକ**

**ମୁମ୍ବାଇ,୪-୧୦:** ଗୁରୁବାର ଷ୍ଟକ୍ ମାର୍କେଟ ଧରାଶାୟୀ ହୋଇଛି। ଫଳରେ ଦୁଇ ଦିନରେ ନିବେଶକଙ୍କ ପ୍ରାୟ ୫ ଲକ୍ଷ କୋଟି ଟଙ୍କା ବୁଡି ଯାଇଛି। ମାର୍କେଟ ବନ୍ଦ ହେବା ବେଳକୁ ସେନସେକ୍ସ ୮୦୬.୪୭ ପଏଣ୍ଟ ହ୍ରାସ ପାଇ ୩୫,୧୫୯ ଓ ନିଫ୍ଟି ୨୫୯ ପଏଣ୍ଟ କମି ୧୦,୫୯୯.୨୫ରେ ବନ୍ଦ ହୋଇଛି। କେନ୍ଦ୍ର ସରକାର ତୈଳ ଦର ଅଢ଼େଇ ଟଙ୍କା ହ୍ରାସ କରିବା ଘୋଷଣା କରିବା ପରେ ନିବେଶକଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଥିଲା। ଏପଟେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଗୁରୁବାର ଆଉ ଏକ ନୂଆ ରେକର୍ଡ କରିବା ଅର୍ଥନୀତି ପ୍ରତି ବିପଦ ଥିବା ମନେକରି ନିବେଶକମାନେ ଶେୟାର ବିକି ଲାଭ ଘରକୁ ନେବାକୁ ଶ୍ରେୟ ମଣିଥିଲେ। ଗୁରୁବାର ବଜାର ବନ୍ଦ ହେଲାବେଳକୁ ନିବେଶକଙ୍କ ପ୍ରାୟ ୩.୩୧ ଲକ୍ଷ କୋଟି ଟଙ୍କା ବୁଡ଼ିଯାଇଥିଲା। ଫଳରେ ବୁଧବାର ଓ ଗୁରୁବାର ଦୁଇ ଦିନରେ ପ୍ରାୟ ୫ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ନିବେଶ ବୁଡ଼ିଯାଇଛି।

**ଟଙ୍କା ହ୍ରାସରେ ଆଉ ଏକ ରେକର୍ଡ**

ଗୁରୁବାର ଡଲାର ବିନିମୟରେ ଟଙ୍କାର ମୂଲ୍ୟ ହ୍ରାସ ପାଇବାରେ ଆଉ ଏକ ରେକର୍ଡ କରିଛି। ବୁଧବାର ଟଙ୍କାର ମୂଲ୍ୟ ୭୩.୩୪ ଥିବା ବେଳେ ଗୁରୁବାର ଏହା ୭୩.୭୭ରେ ବନ୍ଦ ହୋଇଛି। ଗୁରୁବାର ଏହା ୪୩ ପଇସା ହ୍ରାସ ପାଇଛି। ଏକ ସମୟରେ ଏହା ୭୩.୮୧ରେ ପହଞ୍ଚି ସର୍ବକାଳୀନ ରେକର୍ଡ କରିଥିଲା।

# ଇସ୍ତଫା ଦେଲେ ଚନ୍ଦା କୋଚ୍ଛର



**ମୁମ୍ବାଇ,୪-୧୦**

ଭିଡିଓକନ ଗ୍ରୁପ୍‌କୁ ଋଣ ଦେବା ଶେଷରେ ଚନ୍ଦା କୋଚ୍ଛରଙ୍କୁ ମହଙ୍ଗା ପଡ଼ିଲା। ବ୍ୟକ୍ତିଗତ ସ୍ୱାର୍ଥ ଜଡ଼ିତ ଥିବା ନେଇ ଯାଞ୍ଚର ସମ୍ମୁଖୀନ ହେବା ପରେ ସେ ଶେଷରେ ଆଇସିଆଇସିଆଇ ବ୍ୟାଙ୍କର ସିଇଓ ତଥା ଏମ୍‌ଡି ପଦରୁ ଇସ୍ତଫା ଦେଇଛନ୍ତି। ବ୍ୟାଙ୍କ ବୋର୍ଡ ତାଙ୍କର ଇସ୍ତଫାକୁ ତୁରନ୍ତ ମଞ୍ଜୁର କରିଛନ୍ତି। ତାଙ୍କ ସ୍ଥାନରେ ସନ୍ଦୀପ ବକ୍ସି ବ୍ୟାଙ୍କର ପରବର୍ତ୍ତୀ ସିଇଓ ତଥା ଏମ୍‌ଡି ହେବେ। ୨୦୨୩ ଅକ୍ଟୋବର ୩ ପର୍ଯ୍ୟନ୍ତ ସେ ଏହି ନୂତନ ଦାୟିତ୍ୱ ସମ୍ଭାଳିବେ। ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ସୂଚନାରେ କୁହାଯାଇଛି ଯେ, ଆଗୁଆ ଅବସର ନେବାକୁ ଚନ୍ଦା ଆଗ୍ରହ ପ୍ରକାଶ କରିଥିଲେ,ଯାହାକୁ ବୋର୍ଡ ଗ୍ରହଣ କରିନେଇଛି। ଯାଞ୍ଚର ସମ୍ମୁଖୀନ ହେବା ପରେ ବୋର୍ଡ ନିର୍ଦ୍ଦେଶରେ କୋଚ୍ଛର ଦୀର୍ଘ ଦିନ ହେଲା ଛୁଟିରେ ରହିବା ପରେ ତାଙ୍କ ସ୍ଥାନରେ ବକ୍ସି ଅନ୍ତରୀଣ ସିଇଓ ଭାବେ ଏହି ଦାୟିତ୍ୱ ତୁଲାଉଛନ୍ତି। ଅନ୍ୟପକ୍ଷରେ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ସିଇଓ ଭାବେ ଏହାର ଅନ୍ୟ ସହାୟକ କମ୍ପାନୀ ବୋର୍ଡରେ ରହିଥିବା କୋଚ୍ଛର ଖୁବଶୀଘ୍ର ଖୁବଶୀଘ୍ର ସେଠାରୁ ଇସ୍ତଫା ଦେବେ। ସୂଚନାଥାଉ କି, ଚନ୍ଦାଙ୍କ ବିରୋଧରେ ଆଗତ ଅଭିଯୋଗର ତଦନ୍ତ ଲାଗି ବ୍ୟାଙ୍କ ପକ୍ଷରୁ ଜଷ୍ଟିସ ବି.ଏନ୍ ଶ୍ରୀକ୍ରିଷ୍ଣାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଚଳିତ ମାସରେ ଏହି କମିଟି ତାଙ୍କର ରିପୋର୍ଟ ପ୍ରଦାନ କରିବେ। ଭିଡିଓକନ ଗ୍ରୁପ୍‌ର ମାଲିକ ବେଣୁଗୋପାଳ ଧୁତ୍‌ଙ୍କ ସହ ଚନ୍ଦାଙ୍କ ସ୍ୱାମୀ ଦୀପକ କୋଚ୍ଛରଙ୍କ ସମ୍ପର୍କ ରହିଛି। ଆଇସିଆଇସିଆଇ ବ୍ୟାଙ୍କରୁ ଭିଡିଓକନ ଗ୍ରୁପ୍ ଋଣ ନେଇଥିଲା। ସେହି ଅର୍ଥରୁ କିଛି ଦୀପକଙ୍କ କମ୍ପାନୀ ନ୍ୟୁପାୱାର ରିନ୍ୟୁଏବଲ୍ସରେ ବିନିଯୋଗ କରାଯାଇଥିବା ଅଭିଯୋଗ ହୋଇଥିଲା।

### ସନ୍ଦୀପ ବକ୍ସି ପରବର୍ତ୍ତୀ ସିଇଓ



- ୨୦୨୩ ଅକ୍ଟୋବର ୩ ଯାଏ ଦାୟିତ୍ୱ
- ସମସ୍ତ ସହାୟକ କମ୍ପାନୀ ବୋର୍ଡରୁ କୋଚ୍ଛର ହଟିବେ
- ଚଳିତ ମାସରେ ଶ୍ରୀକ୍ରିଷ୍ଣା କମିଟି ରିପୋର୍ଟ

### ବିବାଦ ଉପୁଜିଲା କେମିତି

ଜଣେ ହ୍ୱିସିଲ ବ୍ଲୋୟର ଅରବିନ୍ଦ ଗୁପ୍ତା ୨୦୧୬ରେ ଆଇସିଆଇସିଆଇ ବ୍ୟାଙ୍କ ସିଇଓ ଚନ୍ଦା କୋଚ୍ଛରଙ୍କ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ସମ୍ପର୍କରେ ବ୍ଲଗ୍‌ରେ ଲେଖିଥିଲେ। ସେ ସ୍ୱାମୀ ଦୀପକ କୋଚ୍ଛରଙ୍କ କମ୍ପାନୀକୁ ସହାୟତା କରିବା ଉଦ୍ଦେଶ୍ୟରେ ଭିଡିଓକନ ଗ୍ରୁପ୍‌କୁ ଜାଣିଶୁଣି ଋଣ ଦେଇଥିଲେ ବୋଲି ଗୁପ୍ତା ଅଭିଯୋଗ ଆଣିଥିଲେ। ଏହା କର୍ପୋରେଟ ଗଭର୍ନାନ୍ସର ବିରୁଦ୍ଧାଚରଣ କରୁଛି ବୋଲି ସେ କହିଥିଲେ। ଏଥିରେ ହସ୍ତକ୍ଷେପ କରିବା ଲାଗି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲ ଏବଂ ଅନ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିଲେ। ଗୁପ୍ତାଙ୍କ ଅଭିଯୋଗ ମିଡିଆରେ ପ୍ରକାଶ ପାଇବା ପରେ ଘଟଣାର ପର୍ଦ୍ଦାଫାସ ହୋଇଥିଲା। ଆରମ୍ଭରେ ଏଭଳି ଅଭିଯୋଗକୁ ଆଇସିଆଇସିଆଇ ବ୍ୟାଙ୍କ ଖଣ୍ଡନ କରିଥିଲା। ତେବେ ଚାପରେ ପଡ଼ି ଏହା ପରେ ଚନ୍ଦାଙ୍କ ବିରୋଧରେ ସ୍ୱତନ୍ତ୍ର ଯାଞ୍ଚ କମିଟି ଗଠନ କରିଛି।

### ଭିଡିଓକନ ଡିଲ୍ କ'ଣ ହୋଇଥିଲା

ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଭିଡିଓକନ ଗ୍ରୁପ୍‌କୁ ୩,୨୫୦ କୋଟି ଟଙ୍କାର ଋଣ ଦିଆଯାଇଥିଲା, ଯାହା ପରେ ଅନାଦାୟ ଋଣ(ଏନ୍‌ପିଏ)ରେ ପରିଣତ ହୋଇଥିଲା। ଦୀପକ କୋଚ୍ଛରଙ୍କ ସହ ବେଣୁଗୋପାଳଙ୍କ ସମ୍ପର୍କ ଥିବା ଯୋଗୁ ଚନ୍ଦା ଏହି ଋଣ ଦେଇଥିଲେ ବୋଲି ଗୁପ୍ତା ଅଭିଯୋଗ ଆଣିଥିଲେ।

# ନୂଆ ଆସ୍ପାୟାର ଆଣିଲା ଫର୍ଡ ଇଣ୍ଡିଆ




**ଭୁବନେଶ୍ୱର,୪-୧୦(ବ୍ୟୁରୋ)**

ଫର୍ଡ ଇଣ୍ଡିଆ ପକ୍ଷରୁ ବଜାରକୁ ଆସିଛି ନୂଆ କମ୍ପାକ୍ଟ ସେଡାନ ଫର୍ଡ ଆସ୍ପାୟାର। ଭୁବନେଶ୍ୱରର ଏକ ହୋଟେଲରେ ଏହାକୁ ଫର୍ଡ ଇଣ୍ଡିଆର ପ୍ରଡକ୍ଟ ମାର୍କେଟ୍ ଜେନେରାଲ ମ୍ୟାନେଜର ରୁଚିକ୍ ଶାହ ବଜାର ପ୍ରବେଶ କରାଇଛନ୍ତି। ଏଥିରେ ଗ୍ରାହକମାନେ ପାୱାର, ଷ୍ଟାଇଲ, ସର୍ବୋତ୍ତମ ଜ୍ଞାନକୌଶଳ, ନିରାପତ୍ତା, ଫନ୍ ଟୁ ଡ୍ରାଇଭ ଡିଏନ୍ଏ, ଅତୁଳନୀୟ କଷ୍ଟ ଅଫ୍ ଓନର୍‌ଶିପ ଲାଭ କରିବାକୁ ସକ୍ଷମ ହେବେ। ଏହା ପାଞ୍ଚଟି ଭାରିଆଣ୍ଟ , ୭ଟି ରଙ୍ଗ ସହ ପେଟ୍ରୋଲ ଏବଂ ଡିଜେଲ ବିକଳ୍ପରେ ଆସିଛି। ଏହାର ଫ୍ରଣ୍ଟ ଏବଂ ରିୟରକୁ ପୁନଃ ଡିଜାଇନ କରାଯାଇଛି। ଏଥିରେ ଥିବା ବୃହତ ସ୍ୱୋକ୍ ଆଲଏ ମଡେଲକୁ ପ୍ରିମିୟମ ଲୁକ୍ ପ୍ରଦାନ କରୁଛି। ୧.୨ ଲିଟର ପେଟ୍ରୋଲ ଇଞ୍ଜିନ୍ ,୧.୫ ଲିଟର ଡିଜେଲ ଇଞ୍ଜିନ ଏବଂ ୧.୫ ଲିଟର ପେଟ୍ରୋଲ ଇଞ୍ଜିନ, ଅଲ୍ ନ୍ୟୁ ୫ ସ୍ପିଡ୍ ମାନୁଆଲ ଟ୍ରାନ୍ସମିଶନ ,୫ ବର୍ଷର ୱାରେଣ୍ଟି ଭଳି ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ସହ ଆସିଛି। ନୂଆ ଆସ୍ପାୟାର ପେଟ୍ରୋଲ ମଡେଲର ବଜାର ଦର ୫.୫୫ ଲକ୍ଷ ଥିବା ବେଳେ ଡିଜେଲ ଭର୍ସନ ପାଇଁ ୬.୪୫ ଲକ୍ଷ ଟଙ୍କା ରହିଛି। ଏହି ଅବସରରେ କ୍ୟାପିଟାଲ ଫର୍ଡ ଶୋ'ରୁମର ଏମ୍.ଡି ସତୀଶ ଗର୍ଗ, ଡାଇରେକ୍ଟର ସିଦ୍ଧାର୍ଥ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ଗୀତମ୍ ୟୁନିଭର୍ସିଟି ପ୍ରତିଷ୍ଠାତାଙ୍କ ପରଲୋକ

**ବିଜୟୱାଡା,୪-୧୦**

ଗୀତମ ୟୁନିଭର୍ସିଟି ପ୍ରତିଷ୍ଠାତା ଡ. ମୁଥୁକୁମିଲି ଭିରା ଭେଙ୍କଟ ସତ୍ୟନାରାୟଣ ମୂର୍ତ୍ତି (ଏମ୍‌ଭିଭିଏସ୍ ମୂର୍ତ୍ତି)ଙ୍କର ମଙ୍ଗଳବାର ଆମେରିକାର ଏକ କାର ଦୁର୍ଘଟଣାରେ ପରଲୋକ ହୋଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସେ ବିଶାଖାପାଟଣା ଲୋକସଭା ଆସନରୁ ଦୁଇଥର ନିର୍ବାଚିତ ହୋଇଥିବା ବେଳେ ଆନ୍ଧ୍ର ପ୍ରଦେଶ ବିଧାନ ପରିଷଦର ଜଣେ ସଦସ୍ୟ ଥିଲେ। ଆନ୍ଧ୍ର ପ୍ରଦେଶର ପୂର୍ବ ଗୋଦାବରୀ ଜିଲାସ୍ଥିତ ଆଇନାଭିଲି ମଣ୍ଡଳ କୋଣାସୀମା ଏରିଆର ମୋଲାପୁରମ ଗ୍ରାମରେ ଏକ କୃଷକ ପରିବାରରେ ୧୯୩୮ ଜୁଲାଇ ୩ରେ ସେ ଜନ୍ମ ନେଇଥିଲେ। ଗ୍ରାମରୁ ପ୍ରାଥମିକ ଶିକ୍ଷା ପରେ କାକିନାଡାରେ ଉଚ୍ଚ ଶିକ୍ଷା, ପିଆର୍ ସରକାରୀ କଲେଜରୁ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ ରାଜନୀତି ଏବଂ ଲୋକ ପ୍ରଶାସନରେ ସ୍ନାତକୋତ୍ତର ଡିଗ୍ରୀ, ବି.ଏଲ୍ ଏବଂ ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଶିକ୍ଷା ଗ୍ରହଣ କରିଥିଲେ। ଜଣେ ଉଦ୍ୟୋଗପତି, ଶିକ୍ଷାବିତ୍, ରାଜନୀତିଜ୍ଞ ଏବଂ ମାନବବାଦୀ ଭାବେ ସେ ବେଶ ଲୋକପ୍ରିୟ ହୋଇପାରିଥିଲେ। ଆନ୍ଧ୍ର ପ୍ରଦେଶରେ ଜଣେ ଓକିଲ, ୧୯୬୭ରେ ବିଶାଖା ବଟଲିଂ କମ୍ପାନୀ ସ୍ଥାପନ ପରେ ୧୯୮୦ରେ ସେ ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ଗୀତମ୍) ସ୍ଥାପନ କରିଥିଲେ। ୨୦୦୭ରେ ଉକ୍ତ ପ୍ରତିଷ୍ଠାନକୁ ଡିମ୍‌ଡ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଥିଲା। ବିଶାଖାପାଟଣାରେ ଏହାର ମୁଖ୍ୟ କ୍ୟାମ୍ପସ ରହିଥିବା ବେଳେ ହାଇଦ୍ରାବାଦ ଏବଂ ବାଙ୍ଗାଲୋରରେ ଏହାର ଅଫ୍ କ୍ୟାମ୍ପସ ରହିଛି। ଶିକ୍ଷା କ୍ଷେତ୍ରକୁ ତାଙ୍କର ବିଶେଷ ଅବଦାନ ଥିବା ବେଳେ ରାଜନୀତି କ୍ଷେତ୍ରରେ ବେଶ ସକ୍ରିୟ ଥିଲେ। ସେ ତେଲୁଗୁ ଦେଶମ ପାର୍ଟିର ଜଣେ ପ୍ରତିଷ୍ଠାତା ସଭ୍ୟ ମଧ୍ୟ ଥିଲେ।



ଏମ୍‌ଭିଭିଏସ୍ ମୂର୍ତ୍ତି

# କେଟିଏମ୍‌ର ଷ୍ଟଣ୍ଟ ଶୋ'



**ଭୁବନେଶ୍ୱର,୪-୧୦**

ପ୍ରମୁଖ ରେସିଂ ବାଇକ୍ ନିର୍ମାତା କେଟିମ୍ ପକ୍ଷରୁ ଭଦ୍ରକ ଏବଂ ବାରିପଦାରେ ଷ୍ଟଣ୍ଟ ଶୋ' ଆୟୋଜନ କରାଯାଇଛି। ଏଠାରେ ପ୍ରଫେଶନାଲ ଷ୍ଟଣ୍ଟ ପ୍ରଦର୍ଶନକାରୀମାନେ କେଟିଏମ୍ ଡ୍ୟୁକ୍ ବାଇକରେ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ଏହା ଭଦ୍ରକର ନୂଆ ବସ୍ ଷ୍ଟାଣ୍ଡ ଏବଂ ବାରିପଦାର ଷ୍ଟେଶନ ବଜାରସ୍ଥିତ ବୈଭବ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। କେଟିଏମ୍ ବ୍ରାଣ୍ଡ ଏକ ଉଚ୍ଚ ପ୍ରଦର୍ଶନକାରୀ ରେସିଂ ବାଇକ ହୋଇଥିବା ବେଳେ ଗ୍ରାହକଙ୍କୁ ଏହାର ରୋମାଞ୍ଚ ଅନୁଭବ କରାଇବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ବଜାଜ ଅଟୋର ପ୍ରୋ ବାଇକିଂ ସଭାପତି ଅମିତ ନନ୍ଦୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ପ୍ରମୁଖ ସହରରେ ଏହା ଆୟୋଜନ ହେଉଥିବାବେଳେ କଳେବରକୁ ବଢାଇବାର ଯୋଜନା ରହିଥିବା ନନ୍ଦୀ କହିଛନ୍ତି।

# 'ଉନ୍ନତ କଷ୍ଟ ଅଫ୍ ଓନର୍‌ଶିପ୍‌କୁ ଗୁରୁତ୍ୱ ଦେଉ'

**ଚାରିଚକିଆ ଯାନ ବଜାର ବର୍ତ୍ତମାନ ପରିବର୍ତ୍ତିତ ସ୍ଥିତି ଦେଇ ଗତି କରୁଛି। ବଜାରରେ ବିଭିନ୍ନ କମ୍ପାନୀ ସେମାନଙ୍କ ପ୍ରଡକ୍ଟ ତଥା ସେବା ଦ୍ୱାରା ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ପ୍ରତିଦ୍ୱନ୍ଦ୍ୱିତା ଜାରି ରଖିଛନ୍ତି। କେବଳ ସହରାଞ୍ଚଳ ନୁହେଁ ଦେଶର ଛୋଟ ଛୋଟ ସହରର ଗ୍ରାହକମାନେ ଏବେ କାର୍ କ୍ରୟ କ୍ଷେତ୍ରରେ ଆଉ ପଛୁଆ ନାହାନ୍ତି। ଏହାକୁ ନେଇ କମ୍ପାନୀଗୁଡିକ ସେମାନଙ୍କ କୌଶଳରେ ବିଭିନ୍ନ ପରିବର୍ତ୍ତନ ଆଣିଛନ୍ତି। ପାର୍ବଣରେ ବିଭିନ୍ନ କମ୍ପାନୀ ଗ୍ରାହକଙ୍କୁ ନୂଆ ଉତ୍ପାଦ ତଥା ସେବା ଯୋଗାଣ ସମ୍ପର୍କରେ ଘୋଷଣା କରିଥାନ୍ତି। ଏହି ଧାରାରେ ୪ ଚକିଆ ଯାନ ନିର୍ମାତା ଫର୍ଡ ଇଣ୍ଡିଆ ଅନ୍ୟତମ। କମ୍ପାନୀର ପ୍ରଡକ୍ଟ ମାର୍କେଟିଂ ଜେନେରାଲ୍ ମ୍ୟାନେଜର ରୁଚିକ୍ ଶାହ 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତକାର...**




ସାକ୍ଷାତ୍: ସତ୍ୟାନନ୍ଦ ନାୟକ

**✸ଓଡିଶା ବଜାର କମ୍ପାନୀ ଲାଗି କିଭଳି ଗୁରୁତ୍ୱ ରଖୁଛି?**

ଓଡିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଏଠାରେ ଉନ୍ନତ ଅଭିବୃଦ୍ଧି କରୁଛୁ। ଭୁବନେଶ୍ୱର, କଟକ, ରାଉରକେଲା, ବଲାଙ୍ଗୀର ଭଳି ସ୍ଥାନଗୁଡିକରେ ଆମର ଡିଲରଶିପ ରହିଛି। ଓଡିଶା ବଜାରର ଅଭିବୃଦ୍ଧିକୁ ଦେଖି ଏଠାରେ ଉପସ୍ଥିତିକୁ ଆହୁରି ଦୃଢ କରିବା ଲାଗି ବିଭିନ୍ନ ଯୋଜନା ଗ୍ରହଣ କରୁଛୁ।

**✸ବିକ୍ରି ପରବର୍ତ୍ତୀ ସେବାକୁ କିଭଳି ଭାବେ ବିଚାର କରନ୍ତି?**

ବିକ୍ରି ପରବର୍ତ୍ତୀ ସେବାକୁ ଅଗ୍ରାଧିକାର ଦେଉଛୁ। ନୂଆ କରି ଆସିଥିବା ଆସ୍ପାୟାର ମଡେଲ ଗ୍ରାହକଙ୍କୁ ଉନ୍ନତ କଷ୍ଟ ଅଫ୍ ଓନର୍‌ଶିପ ପ୍ରଦାନ ଦିଗରେ ବିଶେଷ ଭାବେ ସହାୟକ ହେବ। ଗ୍ରାହକ ଅନ୍ତତଃ ପକ୍ଷେ ୫ ବର୍ଷ ଲାଗି ଏକ ଯାନକୁ ବ୍ୟବହାର କରିଥାନ୍ତି। କିମ୍ପି ପିଛା ଦେଖିବାକୁ ଗଲେ ଯାନର ପରିଚାଳନା ଖର୍ଚ୍ଚ କିଭଳି ଭାବେ କମିବ ତାକୁ ଧ୍ୟାନ ରଖିଛୁ। ଏହାକୁ ନିରନ୍ତର ଭାବେ ତର୍ଜମା କରାଯାଉଛି। ଆସ୍ପାୟାରର ପୂର୍ବ ମଡେଲ ଲୋକପ୍ରିୟ ହୋଇପାରିଥିଲା। ନୂଆ ମଡେଲ ମଧ୍ୟ ଲୋକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା। ଲାଷ୍ଟ ମାଇଲ୍ ଗ୍ରାହକଙ୍କୁ ଉନ୍ନତ ସେବା ପ୍ରଦାନ ଲାଗି ୩୫୦ ସର୍ଭିସ ଆଉଟଲେଟ ଦ୍ୱାରା ଚେଷ୍ଟା ବଜାୟ ରଖିଛୁ। ସଦ୍ୟତମ ଟେକ୍ନୋଲୋଜି,ମୂଲ୍ୟଯୁକ୍ତ ପ୍ରଡକ୍ଟ ଏବଂ ସେବା ଯୋଗାଣ ନେଇ ପ୍ରୟାସ ଜାରି ରହିଛି।

**✸ଘରୋଇ ବଜାରର ଅଟୋମୋବାଇଲ୍ ବଜାର ଟ୍ରେଣ୍ଡ ସମ୍ପର୍କରେ କ'ଣ ମତ ଦେବେ?**

ଗ୍ରାହକମାନେ ଏବେ ସଚେତନ ହେଲେଣି। ଯାନକୁ ନେଇ ସେମାନଙ୍କ ଆଶା ମଧ୍ୟ ରହୁଛି। ଯାନ କ୍ରୟ ବେଳେ ବିଭିନ୍ନ ପ୍ରସଙ୍ଗ ଉପରେ ଗ୍ରାହକ ବିଚାର କରୁଛନ୍ତି। ସେମାନଙ୍କ ବହୁବିଧ ଆବଶ୍ୟକତାକୁ ପୂରଣ କରିବା ଲାଗି ଆମେ ସର୍ବଦା ପ୍ରସ୍ତୁତ ଅଛୁ। ଏହାକୁ ଆଧାର କରି ନୂଆ ନୂଆ ପଦକ୍ଷେପ ମାନ ଗ୍ରହଣ କରୁଛୁ। ସେହିଭଳି ଗ୍ରାହକ ଏବେ ଅଟୋମେଟିକ ଯାନ ଆଡକୁ ଅଗ୍ରସର ହେଉଛନ୍ତି। ବଡ ବଡ ସହରରେ ଟ୍ରାଫିକ ରହୁଥିବା ବେଳେ ଏହା ସେମାନଙ୍କ ଲାଗି ବିଶେଷ ଭାବେ ସହାୟକ ହେଉଛି। ମୋଟାମୋଟି ଭାବେ କହିବାକୁ ଗଲେ ଟାୟାର ୨ ଏବଂ ଟାୟାର ୩ ସହରଗୁଡିକ ଉପରେ ଧ୍ୟାନ କେନ୍ଦ୍ରିତ କରିଛୁ। ଘରୋଇ ବଜାରର ଇଣ୍ଡଷ୍ଟ୍ରି ସାଇଜ୍ ୪ ମିଲିୟନ ରହିଛି। ବଜାରର ଅଭିବୃଦ୍ଧି ୬ରୁ୭% ରହିଛି। ସଦ୍ୟତମ ଟେକ୍ନୋଲୋଜି, ଫିଚର୍ ସଂଯୋଗ କରୁଛୁ।

**✸ଇ-ମୋବିଲିଟି କ୍ଷେତ୍ରରେ କମ୍ପାନୀର ଯୋଜନା କ'ଣ?**

ଆଗାମୀ ଦିନରେ ଅଟୋ ଶିଳ୍ପ ଇ-ମୋବିଲିଟି ଆଡକୁ ଗତି କରୁଛି। ଏହାକୁ ନେଇ ଆମେ ସଚେତନ ଅଛୁ। ଏ ନେଇ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ସହ ଚୁକ୍ତି ମଧ୍ୟ ହୋଇଛି। ବିଭିନ୍ନ ପ୍ରଡକ୍ଟ ଆଣିବା ନେଇ ଯୋଜନା ରହିଛି। ମାତ୍ର ଏ ନେଇ କମ୍ପାନୀ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯିବ।

**✸ଓଡିଶା ସଂସ୍କୃତି ତଥା ଭୁବନେଶ୍ୱରକୁ ନେଇ କ'ଣ କହିବେ?**

ଭାରତ ଏକ ବିବିଧ ସଂସ୍କୃତିର ଦେଶ। ଏଠାରେ ବିଭିନ୍ନ ସଂସ୍କୃତି ଦେଖିବାକୁ ମିଳିଥାଏ। ଓଡିଶା ମଧ୍ୟ ଏହାର ସ୍ୱତନ୍ତ୍ରତା ବଜାୟ ରଖିଛି। ଏଠାକାର ଭାଷା, ସଂସ୍କୃତି, ପରମ୍ପରା ସହ ଅନ୍ୟାନ୍ୟ ପ୍ରସଙ୍ଗ ବେଶ୍ ସ୍ୱତନ୍ତ୍ର। ଏକ ପୁରାତନ ସହର ଭାବେ ଭୁବନେଶ୍ୱର ସହରର ଖ୍ୟାତି ରହିଛି। ଏହା ବର୍ତ୍ତମାନ ପରିବ୍ୟାପ୍ତ ହେଉଛି। ଗ୍ରାହକଙ୍କ ଆବଶ୍ୟକତା, ସୁଗମତାକୁ ବିଚାର କରୁଛୁ।

ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର

**ପ୍ଲାଷ୍ଟିକ୍ / ପଲିଥିନ୍ / ଥର୍ମୋକୁଲ୍ ବ୍ୟବହାର ଉପରେ କଟକଣା**

ପ୍ଲାଷ୍ଟିକ୍ ଜନିତ ପ୍ରଦୂଷଣ ସମସ୍ୟାରେ ସମଗ୍ର ବିଶ୍ୱ ଆଜି ପ୍ରପୀଡିତ । ଏହାକୁ ଦୃଷ୍ଟିରେ ରଖି ଓଡିଶା ସରକାର ଚଳିତ ମାସ ଦୁଇ ତାରିଖ ଗାନ୍ଧୀ ଜୟନ୍ତୀରୁ ଓଡିଶାରେ ନିର୍ଦ୍ଦିଷ୍ଟ ପ୍ଲାଷ୍ଟିକ୍ / ପଲିଥିନ୍ /ଥର୍ମୋକୁଲ୍ ବ୍ୟବହାରକୁ ନିଷେଧ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ପାଞ୍ଚଗୋଟି ମହାନଗର ନିଗମ ଯଥା ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ଏବଂ ପର୍ଯ୍ୟଟନ ସହର ପୁରୀରେ ଏହି କଟକଣା ଲାଗୁହେବ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରୀ କରିଛନ୍ତି । ଏହି ଅଞ୍ଚଳରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟମାନଙ୍କ ମାଧ୍ୟମରେ ଜାଣତରେ ବା ଅଜାଣତରେ ନିଷିଦ୍ଧ ଦ୍ରବ୍ୟଗୁଡିକୁ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ମହଜୁଦ୍, ପରିବହନ, ବ୍ୟବହାର କିମ୍ବା ବଣ୍ଟନ କରିପାରିବେ ନାହିଁ।

**ଜାଣନ୍ତୁ କେଉଁ ପ୍ଲାଷ୍ଟିକ୍ / ପଲିଥିନ୍ /ଥର୍ମୋକୁଲ୍ ନିଷିଦ୍ଧ ହେବ ଆଉ କଣ ହେବ ନାହିଁ**

**ନିଷିଦ୍ଧ ହେବ**

- ଯେକୌଣସି ଆକାର, ମୋଟେଇ ଓ ପରିମାପର ପଲିଥିନ୍ ମୁଣି ବା ବ୍ୟାଗ୍ (କମ୍ପୋଷ୍ଟେବୁଲ୍ ବ୍ୟତୀତ)
- ୨୦୦ ମି.ଲି. କ୍ଷମତାରୁ କମ୍ (PTE/PETE) ପାଣି ବୋତଲ୍
- ଥରେ ମାତ୍ର ବ୍ୟବହୃତ ହେଉଥିବା ଥର୍ମୋକୁଲ୍ କିମ୍ବା ପ୍ଲାଷ୍ଟିକ୍ ଯଥା ଥାଳି, ଚାମୁଚ୍, କପ୍, ପ୍ଲେଟ୍, ଗ୍ଲାସ୍, କଣ୍ଟା ଚାମୁଚ୍, ଗିନା, ତରଳ ପଦାର୍ଥ ସଂରକ୍ଷିତ ଯେକୌଣସି ଆକାର ଓ ପ୍ରକାରର ଛୋଟ ଥଳି ବା ପାଉଚ୍
- ଥର୍ମୋକୁଲ୍ ସାଜସଜ୍ଜା

**ନିଷିଦ୍ଧ ହେବ ନାହିଁ**

- ପ୍ୟାକିଂ ଓ ବିକ୍ରୟ କରାଯାଉଥିବା ଦୁଗ୍ଧ ବା ଦୁଗ୍ଧ ଜାତୀୟ ପଦାର୍ଥ ପରିବହନ ଥଳି
- ଆର୍ବଜନା, ଦୁଗ୍ଧ, ଦହି, ଆଇସ୍‌କ୍ରିମ୍ କପ୍‌ରେ ବ୍ୟବହୃତ ପ୍ଲାଷ୍ଟିକ୍ / ପଲିଥିନ୍
- ଚାରା ଉତ୍ପାଦନ, ଉଦ୍ୟାନ, କୃଷି, ସ୍ୱାସ୍ଥ୍ୟ ସେବା ଚିକିତ୍ସା କେନ୍ଦ୍ରରେ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ୍ / ପଲିଥିନ୍
- ଔଷଧ, ରକ୍ତବାହୀ ଥଳି, ସିରିଞ୍ଜ୍, ନମୁନା ଥଳି, ପୁନଃ ସୁରକ୍ଷିତ ବନ୍ଦ ହୋଇଥିବା ଥଳି, ମେଡିକାଲ ଉପକରଣ, ଉତ୍ପାଦନ ସମୟରେ ବ୍ୟବହୃତ ଆବରକ ପଦାର୍ଥରେ ବ୍ୟବହାର ହେଉଥିବା ପଲିଥିନ୍

➢ ବିକ୍ରୀ ବା ବ୍ୟବହୃତ କମ୍ପୋଷ୍ଟେବୁଲ୍ ପ୍ଲାଷ୍ଟିକ୍/ ପଲିଥିନ୍ ଥଳିଗୁଡିକରେ ମୂଲ୍ୟାଙ୍କନ CPCB ନିର୍ଦ୍ଧାରିତ ସୂଚୀତ ହୋଇଥିବ।
➢ ବିକ୍ରେତା ୫୦ ମାଇକ୍ରନ୍‌ରୁ କମ୍ ମୋଟେଇ ନିର୍ମିତ ପଲିଥିନ୍ ସିଟ୍‌ରେ ଯେକୌଣସି ପଦାର୍ଥ, ଖାଦ୍ୟ, ଦୁଗ୍ଧ ବା ଦୁଗ୍ଧ ଜାତୀୟ ପଦାର୍ଥ, ଖାଇବା ତେଲ ପ୍ୟାକେଜିଂ ବା ବିତରଣ, ସଂରକ୍ଷଣ, ପରିବହନ କରିପାରିବେ ନାହିଁ।
➢ ଧାର୍ମିକ ଓ ଅନ୍ୟାନ୍ୟ ଅନୁଷ୍ଠାନର କର୍ତ୍ତୃପକ୍ଷ, ହୋଟେଲ୍, ରେଷ୍ଟୁରାଣ୍ଟ, କାଫେ, ମୋବାଇଲ୍ ଫୁଡ୍ କାଉଣ୍ଟର ବା ଭ୍ୟାନ୍, ବିଭିନ୍ନ କ୍ୟାଟେରର, ବିବାହ, ଭୋଜି ସ୍ଥଳ, ଅଫିସ୍, କାର୍ଯ୍ୟକ୍ରମର ପରିଚାଳକ ନିଷିଦ୍ଧ ପ୍ଲାଷ୍ଟିକ୍ ପଦାର୍ଥର ବ୍ୟବହାର ଉପରେ କଟକଣା ଜାରି କରିବେ । ସଂପୃକ୍ତ ପରିସରରୁ ପ୍ଲାଷ୍ଟିକ୍ ଆବର୍ଜନା ସଂଗ୍ରହ କରି ଉତ୍ପାଦକ, ପାଇକାରୀ ବ୍ୟବସାୟୀକୁ ଫେରସ୍ତ କରିବେ।

**ଏହି ନିର୍ଦ୍ଦେଶର ଖିଲାପ କଲେ ଉଦ୍ଦିଷ୍ଟ ଆଇନ୍ ଅନୁଯାୟୀ ଦଣ୍ଡନୀୟ ହେବେ ।**

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

- ୬୪ତମ ବନ୍ୟପ୍ରାଣୀ ସପ୍ତାହ, **ସ୍ଥାନ:** କପିଳାସ ଚିଡ଼ିଆଖାନା, **ସମୟ:** ପୂର୍ବାହ୍ନ ୧୦ଟା।

## ଆଜି ୧୨ ଘଣ୍ଟିଆ ଭୁବନ ବନ୍ଦ

**ଭୁବନ, ୪।୧୦(ଡି.ଏନ୍.ଏ.)**

ଭୁବନ ଅଞ୍ଚଳର ୮ ପ୍ରମୁଖ ସମସ୍ୟା ସମାଧାନ ଦାବିରେ ଶୁକ୍ରବାର ଭାଜପା ମଣ୍ଡଳ ଯୁବ ମୋର୍ଚ୍ଚା ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏହାକୁ ସଫଳ କରାଇବାକୁ ବ୍ୟବସାୟିକ ପ୍ରତିଷ୍ଠାନ, ବଜାର କମିଟିକୁ ନିବେଦନ କରାଯାଇଛି। ବନ୍ଦ ପାଳନ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ମଣ୍ଡଳ ସଭାପତି ସନ୍ତୋଷ କୁମାର ବିହାରୀ ଆହ୍ୱାନ ଦେଇଛନ୍ତି।

## ମଦ ଜବତ, ୩ ଗିରଫ

**ଭୁବନ, ୪।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଦୁଇଦିନ ଧରି ଭୁବନ ଅଞ୍ଚଳରେ ଚଢ଼ାଉ କରାଯାଇ ୧୨୧ ବୋତଲ ବିଦେଶୀ ମଦ ବୋତଲ, ୧୨ ବୋତଲ ବିଅର ଏବଂ ୧୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ପର୍ଶୁରାମ ବେହେରା, ନୀଳମଣି ପୋଥାଳ ଏବଂ ପ୍ରସନ୍ନ ସାହୁଙ୍କୁ ଗିରଫ କରାଯାଇଛି। ଅବକାରୀ ଇନ୍ସପେକ୍ଟର ଦେବୀପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଇଥିଲା।

## ୨ ଚୋରି ଅଭିଯୁକ୍ତ ଗିରଫ

**ପରଜଙ୍ଗ, ୪।୧୦(ଡି.ଏନ୍.ଏ.)**

ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ଦୋମୁହାଣିସ୍ଥିତ କୁଲାଡ଼ ଗ୍ରାମର ରଞ୍ଜିତ ସେଠଙ୍କ କ୍ରଶରରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ଅଭିଯୋଗରେ ପୋଲିସ ରାତ୍ର ଜଗୁଆଳି ଆଦିତ୍ୟ ଜେନାଙ୍କୁ ଗିରଫ କରିଛି। ଆଦିତ୍ୟଙ୍କ ନିକଟରୁ ଚୋରି ଟ୍ରାନ୍ସଫର୍ମର ଜବତ କରାଯାଇଥିବା ଫାଣ୍ଡି ଅଧିକାରୀ ମାଗୁଣି ଗଡ଼ନାୟକ ସୂଚନା ଦେଇଛନ୍ତି। ସେହିପରି ସାଆନ୍ଦା ଫାଣ୍ଡି ଅଧୀନ କୁମୁସୀ-ରିଆ ରାସ୍ତାରୁ କେବୁଲ ତାର ଚୋରି ଅଭିଯୋଗରେ ଅକାମ ଭୋଇ ଗିରଫ ହୋଇଛନ୍ତି। ଉକ୍ତ ରାସ୍ତାରେ କୁମୁସୀ ଗ୍ରାମର ବିକାଶ ସାହୁ ଟିଭି କେବୁଲ ଟାଣିଛନ୍ତି। ବୁଧବାର ରାତ୍ର ପ୍ରାୟ ୮ଟାରେ ହଠାତ୍ ସଂଯୋଗ କଟିଯାଇଥିଲା। ସନ୍ଦେହରେ ସେ ଉକ୍ତ ରାସ୍ତାରେ ଯିବାବେଳେ ଅକାମଙ୍କୁ ଚୋରି କରୁଥିବା ଦେଖିଥିଲେ। ସୂଚନା ପାଇ ଫାଣ୍ଡି ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ କଟାଯାଇଥିବା କେବୁଲ ଜବତ କରାଯାଇଛି। ଗୁରୁବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

## ଗାନ୍ଧୀଙ୍କ ଫଟୋଚିତ୍ର ପ୍ରଦର୍ଶନୀ

**ଢେଙ୍କାନାଳ ଅଫିସ, ୪।୧୦**

ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ମହାତ୍ମାଙ୍କ ଜୀବନ ବୃତ୍ତାନ୍ତ ଉପରେ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀଙ୍କ ୧୦୦ଟି ବିରଳ ଫଟୋ ସଂଗ୍ରହ କରି ଏକବର୍ଷ ଯାଏ ପ୍ରଦର୍ଶିତ ହେବ। ଏହି ଫଟୋର ନକଲ ବିବି ହାଇସ୍କୁଲରେ ମଧ ପ୍ରଦର୍ଶନ କରାଯିବା ହେବ ଦୁଇମାସ ପରେ ଉକ୍ତ ଫଟୋଗୁଡ଼ିକୁ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ପ୍ରଦର୍ଶନ କରାଯିବ ବୋଲି ଜିଲା ସଭାପତି ସୁରେଶ ସୁରେଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଉତ୍ସବରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଡା. ତୁଷାରକାନ୍ତି ନାୟକ, ସୁବାସିନୀ ମହାକୁଡ, ପୂର୍ଣ୍ଣିମାଚାନ୍ଦ ସାହୁ, ରଞ୍ଜନ ନାୟକ, ବିଜୟ ସ୍ୱାଇଁ, ବିପ୍ରବର ସାହୁ, ସୂର୍ଯ୍ୟନାରାୟଣ ତ୍ରିପାଠୀ, ପ୍ରକାଶ କୁଅଁର, ପ୍ରଫୁଲ୍ଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

**କାମାକ୍ଷାନଗର, ୪।୧୦(ଡି.ଏନ୍.ଏ.)**

କାମାକ୍ଷାନଗର ଗାୟତ୍ରୀ ମନ୍ଦିରରେ ଗୁରୁବାର ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ପାଳ, ଉପସଭାପତି ରାମକୃଷ୍ଣ ଆଚାର୍ଯ୍ୟ, ସମ୍ପାଦକ ଯୁଗଳ କିଶୋର ପରିଡ଼ା, କୋଷାଧ୍ୟକ୍ଷ ଭାବେ ରମାକାନ୍ତ ବେହେରାଙ୍କୁ ୩ବର୍ଷ ଲାଗି ମନୋନୀତ କରାଯାଇଛି। କାମାକ୍ଷାନଗର ଅଞ୍ଚଳରେ ଏକ ଆଶ୍ରୟସ୍ଥଳୀ ଖୋଲିବାକୁ ବୈଠକରେ ଦାବି ଉପସ୍ଥାପନ କରାଯାଇଥିଲା।

## ଜନବସତିରେ ଦନ୍ତା

**ଢେଙ୍କାନାଳ ଅଫିସ, ୪।୧୦**

ଢେଙ୍କାନାଳ ସଦର ଥାନା ଭୋଜଦେଇପୁର ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଦନ୍ତାହାତୀ ପଶିଛି। ଏହାକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ରାତି ୧୦ଟା ସୁଦ୍ଧା ହାତୀ ଜନବସତିରେ ଅଛି। ସୂଚନାଦେବା ସତ୍ତ୍ୱେ ବନ ବିଭାଗ କର୍ମଚାରୀ ନ ପହଞ୍ଚିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏ ସଂକ୍ରାନ୍ତରେ ଏସିଏଫ୍ ଜିତେନ୍ଦ୍ରନାଥ ଦାସ କୁହନ୍ତି, ସୂଚନା ପାଇବା ପରେ ଅନ୍ୟତ୍ର ନିୟୋଜିତ କର୍ମଚାରୀଙ୍କୁ ଡେପୁଟି ରେଞ୍ଜରଙ୍କ ସହ ଘଟଣାସ୍ଥଳକୁ ପଠାଯାଇଛି।

### ■ ମଣ୍ଟୁ ପାତ୍ର ହତ୍ୟାକାଣ୍ଡର ପର୍ଦ୍ଦାଫାଶ

# ମାଷ୍ଟର ମାଇଣ୍ଡ ସ୍ତ୍ରୀ ଗିରଫ, ପ୍ରେମିକ ଫେରାର

**ଢେଙ୍କାନାଳ ଅଫିସ, ୪।୧୦**

ବହୁଚର୍ଚ୍ଚିତ ସୁନା ବ୍ୟବସାୟୀ ମଣ୍ଟୁ ପାତ୍ର (୪୫) ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ଘଟଣାର ମାସକ ପରେ ପୋଲିସ ଏପରି ଲୋମହର୍ଷଣକାରୀ ହତ୍ୟା ପଛର କାରଣ ଉପରୁ ପରଦା ଉଠାଇଛି। ମଣ୍ଟୁଙ୍କ ସ୍ତ୍ରୀ ଅରୁଣା ହିଁ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ। ନିଜ ପ୍ରେମିକ ସହ ମିଶି ସେ ପ୍ରସ୍ତୁତ କରିଥିଲେ ହତ୍ୟାର ବ୍ଲୁପ୍ରିଣ୍ଟ । ଖାଦ୍ୟରେ ନିଶା ଔଷଧ ମିଶାଇ ଚେତାଶୂନ୍ୟ କରିଦେବା ପରେ ଯୋଜନାବଦ୍ଧ ଭାବେ ଉଭୟେ ମଣ୍ଟୁଙ୍କୁ ନିର୍ମମ ଭାବେ ହାଣି ହତ୍ୟା କରିଥିବା ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅରୁଣାଙ୍କୁ ପୋଲିସ ଗିରଫ କରିଥିବାବେଳେ ଅଭିଯୁକ୍ତ ପ୍ରେମିକ ଫେରାର ଅଛନ୍ତି। ତଦନ୍ତରେ ବାଧାସୃଷ୍ଟି ହେବା ଆଶଙ୍କା ଥିବାରୁ ତାଙ୍କ ନାମ ପୋଲିସ ଗୁପ୍ତ ରଖିଛି।

ବ୍ୟବଚ୍ଛେଦ ରିପୋର୍ଟରୁ ମିଳିଥିବା ତଥ୍ୟ ଅରୁଣାଙ୍କୁ ସନ୍ଦେହ ବଳୟକୁ ଆଣିଥିଲା। ଗୁଡ଼େଇତୁଡ଼େଇ ପ୍ରଶ୍ନ କରାଯିବା ପରେ ସେ ପୋଲିସ ଆଗରେ ସବୁ ମାନିଯାଇଥିଲେ। ପରକୀୟା ପ୍ରୀତି ଲାଗି ସ୍ତ୍ରୀ ସ୍ୱାମୀର ହତ୍ୟାକାରୀ ସାଜିବା ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏସ୍‌ଡିପିଓ ଶେଖ ଅବଦୁଲ କରିମ, ଟାଉନ ଥାନା ଅଧିକାରୀ ଅଭିନବ ଡାଲୁଆ, ଏସ୍‌ଆଇ ସଞ୍ଜୀବ ରଣଭିସେ ତଦନ୍ତରେ ସହାୟତା କରିଥିଲେ। ଖବରଦାତା ସମ୍ମିଳନୀରେ ଡିଏସ୍‌ପି କ୍ରାଇମ ଇନ୍ଦ୍ରମଣି ବେହେରାଙ୍କ ସମେତ



ଅତିରିକ୍ତ ଏସ୍‌ପି ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଉଛନ୍ତି।

ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

### ପ୍ରେମ ବିବାହ କରିଥିଲେ

ମଣ୍ଟୁଙ୍କ ପୈତୃକ ଘର ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଜିଲା ଘାଟାଲ ଥାନା ପାରୋକମାଣିକ୍‌ପଟରେ। ସେ ୧୬ବର୍ଷ ତଳେ ସ୍ଥାନୀୟ ଅଞ୍ଚଳର ଅରୁଣା ପାତ୍ର (୩୨)ଙ୍କୁ ପ୍ରେମ ବିବାହ କରିଥିଲେ। ଉଭୟଙ୍କର ୨ଜଣ ପୁଅ ଅଛନ୍ତି। ମଣ୍ଟୁ ପରିବାର ସହ ଦୀର୍ଘଦିନ ହେଲା ମିନାବଜାର ପଟ୍ଟନାୟକ ସାହିର ସବ୍ୟସାଚୀ ପଟ୍ଟନାୟକଙ୍କ ଘରେ ଭଡ଼ାରେ ରହୁଥିଲେ। ଗାନ୍ଧୀ ମନ୍ଦିର ରୋଡ୍‌ସ୍ଥିତ ଜଗନ୍ନାଥ ଅଳଙ୍କାର ଦୋକାନର ସେ ଥିଲେ ମାଲିକ।

### ସ୍ତ୍ରୀଙ୍କ ବ୍ୟବହାରକୁ ନେଇ ଚିନ୍ତାରେ ଥିଲେ

ପ୍ରେମ ବିବାହ କରିଥିଲେ। ବ୍ୟବସାୟ ବି ଭଲ ଚାଲିଥିଲା। ୨ ସନ୍ତାନଙ୍କ ମେଳରେ କଟି ଯାଉଥିଲା ଦିନ। ହେଲେ କିଛିଦିନ ପରେ ସବୁ ବିଗିଡ଼ି ଯାଇଥିଲା। ସ୍ତ୍ରୀ ଅରୁଣାଙ୍କ ବ୍ୟବହାରରେ ଅତିଷ୍ଠ ହୋଇପଡ଼ିଥିଲେ ମଣ୍ଟୁ। ତାଙ୍କ ଚରିତ୍ର ଉପରେ ସନ୍ଦେହ କରୁଥିଲେ। ଅରୁଣା ଦୀର୍ଘ ସମୟ ମୋବାଇଲ୍‌ରେ କଥା ହେଉଥିବା ଦେଖି ସେ ୨ଟି ଫୋନ୍ ମଧ ଭାଙ୍ଗି ଦେଇଥିଲେ। ପରିବାରରେ ଶାନ୍ତି ଫେରାଇ ଆଣିବାକୁ ସେ ବାସ୍ତୁବିତ୍, ଜ୍ୟୋତିଷଙ୍କ ସହ ଆଲୋଚନା କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

### ଖାଇବାରେ ମିଶାଯାଇଥିଲା 'ସେଡାଟିଭ୍'

୨୦୧୮ ସେପ୍ଟେମ୍ବର ୩। ଅପରାହ୍ନ ପ୍ରାୟ ୨ଟା। ମଣ୍ଟୁ ଦୋକାନରୁ ଘରକୁ ଫେରିବା ପରେ ଅରୁଣା ତାଙ୍କୁ



ମୃତ ମଣ୍ଟୁ ପାତ୍ର।

ଖାଇବାକୁ ଦେଇଥିଲେ। ହେଲେ ଖାଦ୍ୟରେ ମିଶାଇ ଦେଇଥିଲେ ନିଶା ଔଷଧ 'ସେଡାଟିଭ୍'। ଖାଇବାର କିଛି ସମୟ ମଧ୍ୟରେ ମଣ୍ଟୁ ଖଟରେ ଚେତାଶୂନ୍ୟ ହୋଇଯାଇଥିଲେ। ଏହାପରେ ପହଞ୍ଚିଥିଲେ ଅରୁଣାଙ୍କ ପ୍ରେମିକ। ଉଭୟେ ଧାରୁଆ ଅସ୍ତ୍ରରେ ମଣ୍ଟୁଙ୍କ ବେକ ସମେତ ଶରୀରର ବିଭିନ୍ନ ସ୍ଥାନକୁ ହାଣି ପକାଇଥିଲେ। ମଣ୍ଟୁଙ୍କ ମୃତ୍ୟୁ ହୋଇଯାଇଥିବା ଜାଣିବା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଅରୁଣା ଲୁଗାପଟା, ହାତଗୋଡ଼ ଧୋଇହୋଇ ଉପର ମହଲାକୁ ଯାଇ ସ୍ୱାମୀଙ୍କୁ କେହି ହାଣି ପକାଇଥିବା କହି ପାଟି କରିଥିଲେ। ସୂଚନା ପାଇ ପୋଲିସ ମଣ୍ଟୁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୨୪୫/୧୮, ଦଫା ୩୦୨ରେ ମାମଲା ରୁଜୁ କରାଯାଇଛି।

### ଧରାପକାଇଦେଲା ଭିସେରା ରିପୋର୍ଟ

ସ୍ପଷ୍ଟ ଦିବାଲୋକରେ ସହରର ଅନ୍ୟତମ ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନରେ ଘଟିଥିବା ଏପରି ହତ୍ୟାକାଣ୍ଡ ପୋଲିସ ପାଇଁ ପାଲଟିଥିଲା ମୁଣ୍ଡବ୍ୟଥା। ଏସ୍‌ପି ସନ୍ତୋଷ କୁମାର ନାୟକ ବ୍ୟକ୍ତିଗତ ଭାବେ ଏହାର ତଦନ୍ତ ଆରମ୍ଭ କରିଥିଲେ। ଅରୁଣା ଏବଂ ତାଙ୍କ ଦୁଇ ପୁଅଙ୍କୁ ପୋଲିସ ପଚରାଉଚୁରା କରିଥିଲା। ତଥ୍ୟରେ ତାଳମେଳ ନ ଥିବାରୁ ପ୍ରଥମରୁ ଅରୁଣାଙ୍କ ଉପରେ ସନ୍ଦେହ ହୋଇଥିଲା। ହେଲେ ସେ ସହଯୋଗ ନ କରିବାରୁ ହରଡ଼ଘଣାରେ ପଡ଼ିଥିଲା ପୋଲିସ। ଏହାପରେ ତଦନ୍ତର ଦିଗ ବଦଳାଯାଇଥିଲା। ଅରୁଣାଙ୍କ ଲୁଗା, ମୋବାଇଲ ଜବତ କରାଯାଇଥିଲା। ଏଥିରେ ଅନ୍ୟଜଣେ ଯୁବକଙ୍କ ସମ୍ପୃକ୍ତି ଥିବା ସୂଚନା ମିଳିଥିଲା। ୩ଦିନ ତଳେ ଭୁବନେଶ୍ୱରରୁ ଆସିଥିଲା ଭିସେରା ରିପୋର୍ଟ। ଏଥିରେ ମୃତ୍ୟୁ ପୂର୍ବରୁ ମଣ୍ଟୁଙ୍କୁ ନିଶା ଦିଆଯାଇଥିବା ଦର୍ଶାଯାଇଥିଲା। ଏହାପରେ ଅରୁଣାଙ୍କୁ ପୁଣି ଜେରା କରାଯାଇଥିଲା। ଗୁଡ଼େଇତୁଡ଼େଇ ପଚରାଯାଇଥିବା ପ୍ରଶ୍ନରେ ହଡ଼ବଡ଼େଇ ଯାଇ ଅରୁଣା ସବୁ ସତ ଓକାଳିଥିଲେ।

## ଜିଲାସ୍ତରୀୟ ଫୁଟ୍‌ବଲ: ଟାଉନ କ୍ଲବ ବିଜୟୀ

**ଢେଙ୍କାନାଳ ଅଫିସ, ୪।୧୦**

ଢେଙ୍କାନାଳ କ୍ରୀଡା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାର ଗୁରୁବାର ମ୍ୟାଚ୍‌ରେ ଟାଉନ କ୍ଲବ ୫-୧ ଗୋଲ୍‌ରେ ଦୁର୍ଗାପ୍ରସାଦକୁ ହରାଇଛି। ବିଜୟୀ ଦଳର ମଣ୍ଟି ନାଏକ, ସିଲୁ ମହାନ୍ତି ଦୁଇଟି ଲେଖାଏଁ ଏବଂ ବିକାଶ ନାୟକ ଗୋଟିଏ ଗୋଲ କରିଥିଲେ। ସେହିପରି ଦୁର୍ଗାପ୍ରସାଦ ପକ୍ଷରୁ ସୁଶାନ୍ତ ବେହେରା ଏକମାତ୍ର ଗୋଲ୍ କରିଥିଲେ। ମହାବୀର ନାଥ, ସନ୍ତୋଷ କାନୁନ୍‌ଗୋ, ସୁଶୀଲ ପଣ୍ଡା, ପୁରୁଷୋତ୍ତମ ରାଉତ ଖେଳ ପରିଚାଳନା କରିଥିବାବେଳେ ମାୟାଧର ସାହୁ କମିଶନର ରହିଥିଲେ। ପୂର୍ବତନମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ଅତିଥି ଭାବେ ଯୋଗଦେଇଥିଲେ। ସଂଘ ଉପସଭାପତି ସଞ୍ଜୟ ଭଞ୍ଜ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ଶ୍ୟାମସୁନ୍ଦର ମହାପାତ୍ର, ଅଜୟ ସ୍ୱାଇଁ, ସଞ୍ଜୟ ନାୟକ, ଶତ୍ରୁଘ୍ନ ମାଟି ସହଯୋଗ କରିଥିଲେ।

## ପ୍ରତିଶ୍ରୁତି ପରେ ଖୋଲିଲା ତାଲା

**ଓଡ଼ାପଡ଼ା, ୪।୧୦(ଡି.ଏନ.ଏ.)**

ଶିକ୍ଷକ ଅଭାବ ସମସ୍ୟା ନେଇ ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗ୍ରାମବାସୀ ବୁଧବାର ତାଲା ପକାଇ ଦେଇଥିଲେ। ୭ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବିଇଓ ପ୍ରମୋଦିନୀ ପଟ୍ଟନାୟକ ପ୍ରତିଶ୍ରୁତି ଦେବାପରେ ଗୁରୁବାର ତାଲା ଖୋଲାଯାଇଛି। ପ୍ରଶାସନ ପ୍ରତିଶ୍ରୁତି ନ ପୂରଣ କଲେ ଅନ୍ୟ ଶିକ୍ଷାନୁଷ୍ଠାନରେ ପିଲାଙ୍କ ନାମ ଲେଖାଯିବାକୁ ଆବେଦନ କରାଯିବ ବୋଲି ଏସ୍‌ଏମ୍‌ସି ସଭାପତି ସଞ୍ଜୟ ବେହେରା ଚେତାବନୀ ଦେଇଛନ୍ତି।

## 'ମୁଁ ହିରୋ'କାରାଭାନ୍‌କୁ ବିପୁଳ ସ୍ୱାଗତ

**କାମାକ୍ଷାନଗର, ୪।୧୦(ଡି.ଏନ୍.ଏ.)**

ଯୁବତୀ ଯୁବକଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ରାଜ୍ୟ ପରିକ୍ରମାରେ ବାହାରିଥିବା 'ମୁଁ ହିରୋ' କାରାଭାନ ଗୁରୁବାର କାମାକ୍ଷାନଗରରେ ପହଞ୍ଚିଛି। ଏହାକୁ ଅଞ୍ଚଳବାସୀଙ୍କ ତରଫରୁ ବିପୁଳ ସ୍ୱାଗତ କରାଯାଇଛି।

ଏହି ଅବସରରେ ଆୟୋଜିତ 'ମୁଁ ହିରୋ' କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ନେତୃତ୍ୱ ମନୋଭାବ ନେଇ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ଅନ୍ୟତମ ଅତିଥିଭାବେ ଯୋଗଦେଇ ବିଜୁ ଯୁବବାହିନୀ ସଦସ୍ୟଙ୍କୁ ଉତ୍ସାହିତ କରାଇବା ସହ ପ୍ରତିଭା ପ୍ରଦର୍ଶନ କରିବାକୁ ପ୍ରେରିତ କରିଥିଲେ। କାର୍ଯ୍ୟକ୍ରମରେ



ପିଡି ଡିଆର୍‌ଡିଏ କାରାଭାନକୁ ଉଦ୍‌ଘାଟନ କରୁଛନ୍ତି।

ନିର୍ବାହୀ ଅଧିକାରୀ ଇଂ. ବିରଜା ପ୍ରସାଦ ଦାସ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ଜିଲା ପରିଷଦ ସଭ୍ୟ ପ୍ରେମାନନ୍ଦ ସାହୁ ଅତିଥିଭାବେ ଯୋଗଦେଇ ଏପରି କାର୍ଯ୍ୟକ୍ରମ ଦ୍ୱାରା ସୃଜନଶୀଳ ପ୍ରତିଭାର ବିକାଶ ହୋଇପାରିବ ବୋଲି କହିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟ ଯୁବବାହିନୀ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ନାୟକ, ଏନ୍‌ଏସି ସଂଯୋଜିକା ତପସ୍ୱିନୀ ଭଞ୍ଜ, ବ୍ଲକ ସଂଯୋଜକ ବିଶ୍ୱରଞ୍ଜନ ସାହୁ, ବିଜୁ ଯୁବ ବାହିନୀର ଲିକୁ ନାୟକ, ମଦନ ବେହେରା, ମାନସ ସାହୁ, ଆଶୁତୋଷ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ଗୀତ ପରିବେଷଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ବୈଜ୍ଞାନିକ ଦୃଷ୍ଟିକୋଣରୁ ଅନୁଧ୍ୟାନ କଲେ ଉନ୍ନତି ସମ୍ଭବ

**ସାତମାଇଲ, ୪।୧୦(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଜନତା କଲେଜ ପରିସରରେ ବୁଧବାର ଓଡ଼ିଆ ସମ୍ମାନ ବିଭାଗ ପକ୍ଷରୁ 'ଓଡ଼ିଆ ସାହିତ୍ୟରେ ହେତୁବାଦ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ଡ. ଧନେଶ୍ୱର ସାହୁ, ବାଲ୍ମିକୀ ନାୟକ ପ୍ରମୁଖ ଜୀବନ ଓ ସାହିତ୍ୟର ସମ୍ପର୍କ ଏବଂ ସାହିତ୍ୟରେ ହେତୁବାଦର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ବୈଜ୍ଞାନିକ ଦୃଷ୍ଟିକୋଣରେ ଅନୁଧ୍ୟାନ କଲେ ଉନ୍ନତି ସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କଲେଜ ଅଧ୍ୟକ୍ଷ କୁମାର ସାହୁ, ପ୍ରାଧ୍ୟାପକ ପ୍ରଶାନ୍ତ ବେହେରା, ଡ. ଶୁଭଲକ୍ଷ୍ମୀ ପଟ୍ଟନାୟକ, ବୀଣାପାଣି ତ୍ରିପାଠୀ, ବିଭୂତି ଭୂଷଣ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଭସାଣି ପରେ ଉଚ୍ଛେଦ ଦାବି

**ଢେଙ୍କାନାଳ ଅଫିସ, ୪।୧୦**

ଗଜଲକ୍ଷ୍ମୀ ପୂଜା ଭସାଣି ଉତ୍ସବ ଯାଏ ଜବରଦଖଲ ଉଚ୍ଛେଦ ସ୍ଥଗିତ ରଖିବାକୁ ଦାବି କରିଛି ଗୋବିନ୍ଦପୁର ଛକ ବ୍ୟବସାୟୀ ସଂଘ। ଏ ନେଇ ସଂଘର କର୍ମକର୍ତ୍ତାମାନେ ଗୁରୁବାର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଦୀର୍ଘବର୍ଷ ହେଲା ଗୋବିନ୍ଦପୁର ଛକରେ କ୍ଷୁଦ୍ର ବ୍ୟବସାୟୀମାନେ ବ୍ୟବସାୟ କରି ଆସୁଛନ୍ତି। ୫୫ନଂ. ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ୯ତାରିଖ ପରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଛେଦ କରାଯିବା ବୋଲି ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଏହାପରେ ଚିନ୍ତାରେ ପଡ଼ିଛନ୍ତି ବ୍ୟବସାୟୀ। ଲକ୍ଷ୍ମୀପୂଜା କାର୍ଯ୍ୟ ଚାଲିଥିବାରୁ ଉଚ୍ଛେଦ ହେଲେ କାମ ବାଧାପ୍ରାପ୍ତ ହେବ। ସ୍ୱଳ୍ପ ସମୟ ମଧ୍ୟରେ ଦୋକାନ ସ୍ଥାନାନ୍ତର ଅସମ୍ଭବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଭସାଣି ଯାଏ ସେମାନଙ୍କୁ ସମୟ ଦେବାକୁ ସଭାପତି ଭରତ ସାମଲ, ଅଶୋକ ମୁଦୁଲି, ପ୍ରସନ୍ନ ଦାସ, ସୁମନ ପୁରି, ଶ୍ରୀତମ ବେହେରା, ଗିରିଶ୍ ଭୂୟାଁ ପ୍ରମୁଖ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ବ୍ୟବସାୟୀମାନେ।

### ଛାତ୍ର ସଂସଦ ନିର୍ବାଚନ

# ସଭାପତି, ସମ୍ପାଦକ ପଦବୀରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା

**ଢେଙ୍କାନାଳ ଅଫିସ, ୪।୧୦**

ଛାତ୍ର ସଂସଦ ନିର୍ବାଚନ ପାଇଁ ଗୁରୁବାର ଅପରାହ୍ନରେ ପ୍ରକାଶ ପାଇଛି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ମହିଳା କଲେଜରେ ସଭାପତି, ସମ୍ପାଦକ ପଦବୀରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ସ୍ପଷ୍ଟ ହୋଇଛି।

ସ୍ୱୟଂଶାସିତ କଲେଜରେ ୩୩ଜଣ ଆଶାୟୀ ନାମାଙ୍କନପତ୍ର ଦାଖଲ କରିଥିଲେ। ଲିଙ୍ଗଡୋ କମିଶନ ନିୟମ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ସେଥିରୁ ୨୫ଜଣ ବାଦ୍ ପଡ଼ିଛନ୍ତି। ଏହାପରେ ବିଭିନ୍ନ ପଦବୀରେ ୮ଜଣ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସଭାପତି ପଦବୀରେ ସନ୍ଦୀପ ମାଝି ଓ ତ୍ରିଦେବ ସ୍ୱାଇଁ, ସାଧାରଣ ସମ୍ପାଦକ ପଦବୀରେ ବିଶ୍ୱଜିତ୍ ପରିଡ଼ା ଓ ଶୈଳଶ୍ରୀ ପାଣିଗ୍ରାହୀ, ନାଟ୍ୟ ସମ୍ପାଦକ ପଦବୀରେ ଚିନ୍ମୟ ବାରିକ ଓ ଶିବପ୍ରସାଦ କରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଉପସଭାପତି ପଦବୀରେ କେହି ପ୍ରାର୍ଥୀ ନାହାନ୍ତି। କ୍ରୀଡ଼ା ସମ୍ପାଦକ ପଦବୀରେ ସନି ପାଣ୍ଡେ, କମର୍ସ ସୋସାଇଟି ସମ୍ପାଦକ ପଦବୀରେ ତୃପ୍ତିମୟୀ ବେହେରା ଅପ୍ରତିଦ୍ୱନ୍ଦ୍ୱୀ ରହିଥିବା ଅଧ୍ୟକ୍ଷା ଡ. ରଶ୍ମି ମିଶ୍ର କହିଛନ୍ତି।

ସେହିପରି ମହିଳା କଲେଜରେ ସଭାପତି ପଦବୀରେ ଶୋଭାଶ୍ରୀ ନାୟକ ଓ ସମୀକ୍ଷା ଦାସ, ସାଧାରଣ ସମ୍ପାଦକରେ ମୋନାଲିସା ସାହୁ ଓ ଲିଲି ନାୟକଙ୍କ ମଧ୍ୟରେ ଲଢ଼େଇ ହେବ। ଉପସଭାପତି ପଦବୀରେ ସ୍ନିଗ୍ଧା ଦ୍ୱିବେଦୀ, ନାଟ୍ୟ ସମ୍ପାଦକରେ ଶୁଭସ୍ମିତା ଗଡ଼ନାୟକ, କ୍ରୀଡା ସମ୍ପାଦକରେ ସ୍ମରଣିକା ସାହୁ, ଏସ୍‌ଏସ୍‌ଜି ସମ୍ପାଦକରେ ପଲ୍ଲବୀପୁଷ୍ପା ସାମଲ, ଲାଇବ୍ରେରି ସୋସାଇଟି ସମ୍ପାଦକରେ ସ୍ମୃତିପ୍ରିୟା ନନ୍ଦ, ବିଜ୍ଞାନ ସୋସାଇଟି ସମ୍ପାଦକ ପଦବୀରେରେ ସଂଘମିତ୍ରା ଦାସ ଅପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି। ଚୂଡ଼ାନ୍ତ ତାଲିକା ପ୍ରକାଶିତ ହେବା ପରେ ନିର୍ବାଚନ ବାତାବରଣରେ ଉଷ୍ମତା ଦେଖାଦେଇଛି। ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଙ୍ଗଠନଗୁଡ଼ିକ ପ୍ରାର୍ଥୀଙ୍କୁ ନିଜ ଆଡକୁ ଆକର୍ଷିତ କିରିବାକୁ ଉଦ୍ୟମ ଚଳାଇଛନ୍ତି।

## ପରଜଙ୍ଗ କଲେଜ: ସଭାପତି, ସମ୍ପାଦକ ଅପ୍ରତିଦ୍ୱନ୍ଦ୍ୱୀ

**ପରଜଙ୍ଗ, ୪।୧୦(ଡି.ଏନ୍.ଏ.)**

ପରଜଙ୍ଗ ଛାତ୍ର ସଂସଦ ନିର୍ବାଚନରେ ଛାତ୍ର ବିଜେଡି ପ୍ରାର୍ଥୀମାନେ ବାଜି ମାରିଛନ୍ତି। ସଭାପତି ଭାବେ ସାଇପ୍ରସାଦ ବିକ୍ରମଜିତ୍, ଉପସଭାପତି ଶ୍ୱେତାଲିନ୍ ପାତ୍ର, ସାଧାରଣ ସମ୍ପାଦକ ଶୁଭଲକ୍ଷ୍ମୀ ଗଡ଼ନାୟକ, ସହସମ୍ପାଦକ ଶିରିଡ଼ିପ୍ରସାଦ ବିକ୍ରମଜିତ୍, କ୍ରୀଡ଼ା ସମ୍ପାଦକ ମଧୁସ୍ମିତା ଦେହୁରୀ ଅପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି। ଆସନ୍ତା ୧୧ ତାରିଖରେ ନିର୍ବାଚନ ଶେଷ ପରେ ବିଜୟୀ ତାଲିକା ବିଧିବଦ୍ଧ ଭାବେ ଘୋଷଣା କରାଯିବ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ କଲେଜକୁ ଆସି ନବ ନିର୍ବାଚିତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ଚୂଡ଼ାନ୍ତ ତାଲିକା ପ୍ରକାଶିତ ପରେ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ, ସେମାନଙ୍କ ସମର୍ଥକଙ୍କ ଗହଣରେ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ।

## ବାଜି ରାଉତ କଲେଜ: ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ

**ଭୁବନ, ୪।୧୦(ଡି.ଏନ୍.ଏ.)**

ଭୁବନ ବାଜି ରାଉତ ସ୍ମୃତି କଲେଜ ଛାତ୍ର ସଂସଦ ନିର୍ବାଚନରେ ବିଜେଡି ସମର୍ଥିତ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ ଅଛନ୍ତି। ସଭାପତି ପଦବୀରେ ପ୍ରଭଞ୍ଜନ ବେହେରା ଏବଂ ସଚିନ କୁମାର ପୃଷ୍ଟି ନାମାଙ୍କନ ଦାଖଲ କରିଥିଲେ। ଗୁରୁବାର ସଚିନ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଥିଲେ। ସେହିପରି ଉପସଭାପତି ଭାବେ ପ୍ରିୟରଞ୍ଜନ ପାଢ଼ୀ, ସମ୍ପାଦକ ଦକ୍ଷ ସାହୁ, ସହସମ୍ପାଦକ ଦୀପକ ସାହୁ, କ୍ରୀଡ଼ା ସମ୍ପାଦକ ରାମସ୍ୱରୂପ ଦାସ, ସହକ୍ରୀଡ଼ା ସମ୍ପାଦକ ଅମରେନ୍ଦ୍ର ନାୟକ, ସାଂସ୍କୃତିକ ସମ୍ପାଦକ ଅଭିଷେକ ଭୂୟାଁ, ସହ ନାଟ୍ୟ ସମ୍ପାଦକ ନିର୍ମଳ ମହାନ୍ତି, ଡିଏସ୍‌ଏ ସମ୍ପାଦକ ଦେବନ ବେହେରା, ସହକାରୀ ଡିଏସ୍‌ଏ ବାଦଲ ବେହେରା, ଏସ୍‌ଏସ୍‌ଜି ସମ୍ପାଦକ ଶ୍ୟାମସୁନ୍ଦର ନାୟକ, ସହ ଏସ୍‌ଏସ୍‌ଜି ସମ୍ପାଦକ ଶେଖର ମହାନ୍ତ, ବାଳକ କମନରୁମ ସମ୍ପାଦକ ପଞ୍ଚାନନ ଘଡ଼େଇ, ବାଳିକା କମନରୁମ ସମ୍ପାଦିକା ଶ୍ୱେତାଲିନ୍ ବ୍ରହ୍ମ ପ୍ରମୁଖ ନିର୍ଦ୍ୱନ୍ଦ୍ୱ ଅଛନ୍ତି। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ଛାତ୍ରନେତାମାନେ ବିଜୟ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ।

> ଆମ ଦେଶର ଖେଳାଳିମାନେ ଆଇପିଏଲ ପ୍ରତି ଆକୃଷ୍ଟ ହୋଇପଡୁଛନ୍ତି, ଫଳରେ ୱେଷ୍ଟଇଣ୍ଡିଜ କ୍ରିକେଟର ଏହା କ୍ଷତି ଘଟାଉଛି ।
>
> –କାର୍ଲ ହୁପର, ୱେଷ୍ଟଇଣ୍ଡିଜର ପୂର୍ବତନ ଅଲରାଉଣ୍ଡ



> ପୃଥ୍ୱୀ ଶ’ ତାଙ୍କ ପଦାର୍ପଣ ଟେଷ୍ଟ ମ୍ୟାଚରେ ଯେପରି ଆକ୍ରମଣାତ୍ମକ ଶତକ ହାସଲ କଲେ, ତାହା ଜାରି ରଖିବେ ବୋଲି ମୋର ଆଶା ।
>
> –ସଚିନ ତେନ୍ଦୁଲକର, ଭାରତୀୟ ବ୍ୟାଟିଂ ଆଇକନ



# ପୃଥ୍ୱୀଙ୍କ ଶୋ’: ପ୍ରଥମ ଦିନରେ ଭାରତର ଆଧିପତ୍ୟ

**ରାଜକୋଟ, ୪।୧୦(ପି.ଟି.)**

ଟିନ୍ଏଜ୍ ବ୍ୟାଟିଂ ସେନ୍ସେଶନ ପୃଥ୍ୱୀ ଶ’ ପୂରା ଢଙ୍ଗରେ ଆନ୍ତର୍ଜାତିକ କ୍ରିକେଟରେ ପଦାର୍ପଣ କରି କ୍ୟାରିୟର ଆରମ୍ଭ କରିଛନ୍ତି। ମାତ୍ର ୧୮ ବର୍ଷ ୩୨୯ ଦିନରେ ପୃଥ୍ୱୀ ସର୍ବକନିଷ୍ଠ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ପଦାର୍ପଣରେ ଟେଷ୍ଟ ଶତକ ହାସଲ କରି ଭବିଷ୍ୟତର ବ୍ୟାଟିଂ ସୁପରଷ୍ଟାର ବୋଲି ପରିଚୟ ଦେଇଛନ୍ତି। ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ପୃଥ୍ୱୀଙ୍କ ଚତ୍ତାକର୍ଷକ ଶତକ ସହାୟତାର ଭାରତ ପ୍ରଥମ ଇନିଂସରେ ୮୯ ଓଭରରେ ୪ ଉଇକେଟ ହରାଇ ୩୬୪ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ବିରାଟ କୋହଲି ୭୨ ଓ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ଥ ୧୭ ରନ କରି ଅପରାଜିତ ରହିଛନ୍ତି।

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଆରମ୍ଭରୁ ଦଳର ସ୍କୋର ୩ ରନ ଥିବା ବେଳେ ଭାରତ ଓପନର ଲୋକେଶ ରାହୁଲଙ୍କୁ ହରାଇ ପ୍ରାରମ୍ଭିକ ଝଟକା ଖାଇଥିଲା। ରାହୁଲ ମାତ୍ର ୪ଟି ବଲ ଖେଳି ଇନିଂସର ପ୍ରଥମ ଓଭରରେ ଖାତା ଖୋଲିବା ପୂର୍ବରୁ ଶାନନ ଗାବ୍ରିଏଲଙ୍କ ବଲରେ ବିଟ୍ ହୋଇ ଏଲବିଡବ୍ଲ୍ୟୁ ହେବା ସହ ପ୍ୟାଭିଲିୟନ ଫେରିଥିଲେ। ତେବେ ଏହା ପରେ ଦ୍ୱିତୀୟ ଉଇକେଟ ଯୋଡିରେ ପୃଥ୍ୱୀ ଓ ଚେତେଶ୍ୱର ପୂଜାରା ଦୃଢ ବ୍ୟାଟିଂ କରି ୨୦୬ ରନ ସଂଗ୍ରହ କରି ଦଳର ସ୍ଥିତି ମଜଭୂତ କରିଥିଲେ। ପୂଜାରା ୧୩୦ଟି ବଲର ସମ୍ମୁଖୀନ ହୋଇ ୧୪ଟି ଚୌକା ସହ ୮୬ ରନର ପାଳି ଖେଳି ଶେରମାନ ଲୁଇସ୍‌ଙ୍କ ବଲରେ ଉଇକେଟକିପର ଶେନ ଡୋରିଚ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ପୂଜାରା ଆଉଟ ହେବା ପରେ ପୃଥ୍ୱୀ ବେଶି ସମୟ କ୍ରିଜ୍‌ରେ ତିଷ୍ଠିପାରି ନ ଥିଲେ। ଚତୁର୍ଦ୍ଦିଗକୁ ସୁନ୍ଦର ଶଟ୍‌ମାନ ଖେଳି ପୃଥ୍ୱୀ ମାତ୍ର ୯୯ଟି ବଲର ସମ୍ମୁଖୀନ ହୋଇ ଶତକ ହାସଲ କରିନେଇଥିଲେ। ମାତ୍ର ୩ ଘଣ୍ଟା କ୍ରିଜ୍‌ରେ ରହି ଶତକ ହାସଲ କରିବା ସହ ସେ ଏକାଧିକ ରେକର୍ଡ ସୃଷ୍ଟି କରିଥିଲେ। ସେ ମୋଟ ଉପରେ ୧୫୪ଟି ବଲର ସମ୍ମୁଖୀନ ହୋଇ ୧୯ଟି ଚୌକା ସହ ୧୩୪ ରନର ଶତକୀୟ ପାଳି ଖେଳିଥିଲେ। ଏକ ହାଲକା ଶଟ୍ ଖେଳି ସେ ସ୍ପିନର ଦେବେନ୍ଦ୍ର ବିଶୁଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅନ୍ତିମ ସେସନରେ ଅଧିନାୟକ କୋହଲି ଓ ଉପଅଧିନାୟକ ଅଜିଙ୍କ୍ୟ ରାହାନେ ଦୃଢ ବ୍ୟାଟିଂ କରି ଚତୁର୍ଥ ଉଇକେଟ ଯୋଡିରେ ୧୦୫ ରନ ସଂଗ୍ରହ କରି ଦଳର ସ୍କୋରକୁ ଆଗକୁ ବଢାଇ ନେଇଥିଲେ। ତେବେ ରାହାନେ ୪୧ ରନର କରିଥିବା ବେଳେ ସ୍ପିନର ରଷ୍ଟନ ଚେଜ୍‌ଙ୍କ ବଲରେ କଟ ବିହାଇଣ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ପନ୍ତ ବ୍ୟାଟିଂ କରିବାକୁ ଆସିଥିଲେ ଓ କୋହଲିଙ୍କ ସହ ସାଥି ହୋଇ ପଞ୍ଚମ ଉଇକେଟ ଯୋଡିରେ ଅପରାଜିତ ୨୭ ରନ ସଂଗ୍ରହ କରିଥିଲେ। ପ୍ରଥମ ଦିବସରେ ଭାରତ ୪.୦୮ ହାରରେ ରନ୍ ସଂଗ୍ରହ କରିଥିଲା। ପନ୍ତ ୨୧ଟି ବଲର ସମ୍ମୁଖୀନ ହୋଇ ଗୋଟିଏ ଚୌକା ଓ ଗୋଟିଏ ଛକା ସହ ୧୭ ଏବଂ କୋହଲି ୧୩୭ଟି ବଲର ସାମ୍ନା କରି ୪ ଚୌକା ସହ ୭୨ ରନ କରି ଅପରାଜିତ ରହିବା ସହ ଆଉ ଏକ ଟେଷ୍ଟ ଶତକର ନିକଟତର ହୋଇଛନ୍ତି। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଗାବ୍ରିଏଲ, ବିଶୁ, ଲୁଇସ୍ ଓ ଚେଜ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ପଡିବା ପୂର୍ବରୁ ୱେଷ୍ଟଇଣ୍ଡିଜକୁ ଜବରଦସ୍ତ ଝଟ୍‌କା ଲାଗିଥିଲା। ଇଞ୍ଜୁରି କାରଣରୁ ଅଧିନାୟକ ଜାସନ ହୋଲ୍ଡର ଶେଷ ମୁହୂର୍ତ୍ତରେ ପ୍ରଥମ ଟେଷ୍ଟରୁ ଓହରି ଯାଇଥିଲେ। ତାଙ୍କ ଅନୁପସ୍ଥିତିରେ କ୍ରେଗ ବ୍ରାଥୱେଟ୍ ଦଳର ନେତୃତ୍ୱ ନେଇଥିଲେ। ଉଇକେଟ ଘାସ ଥିଲା ଓ ଏହା ସବୁଜ ଦେଖାଯିବା ସତ୍ତ୍ୱେ କେବଳ ଗାବ୍ରିଏଲଙ୍କୁ ଛାଡିଦେଲେ ଅନ୍ୟ ବୋଲରମାନେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇ ପାରି ନ ଥିଲେ। ପ୍ରଥମ ଦିବସରେ ପୃଥ୍ୱୀ ହିଁ ମୁଖ୍ୟ ଆକର୍ଷଣ ଥିଲେ। ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲରମାନଙ୍କୁ ବ୍ୟାକ୍‌ଫୁଟ୍‌ରେ ସେ ଅତି ସୁନ୍ଦର ଭାବେ ଖେଳିଥିଲେ। ସେହିପରି ସ୍ପିନରମାନଙ୍କୁ ମଧ୍ୟ ସେ ସାହସର ସହିତ ସମ୍ମୁଖୀନ ହୋଇ ପଡିଆର ସବୁ ଦିଗକୁ ଶଟ୍‌ମାନ ଖେଳିଥିଲେ। ମାତ୍ର ୧୮ ବର୍ଷ ୩୨୯ ଦିନରେ ପଦାର୍ପଣ କରିଥିବା କ୍ୟାରିୟରର ପ୍ରଥମ ଟେଷ୍ଟରେ ଶତକ ହାସଲ କରି ଭାରତୀୟ ବ୍ୟାଟିଂ ପାଇଁ ଏକ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି। ଏହା ପୂର୍ବରୁ ସେ ରଣଜୀ ଟ୍ରଫି ଓ ଦୁଲୀପ ଟ୍ରଫିର ପଦାର୍ପଣ ମ୍ୟାଚରେ ମଧ୍ୟ ଶତକ ହାସଲ କରିଥିଲେ।

ଏହି କ୍ରମରେ ପୃଥ୍ୱୀ କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ପରେ ଦ୍ୱିତୀୟ ସର୍ବକନିଷ୍ଠ ଭାରତୀୟ ଭାବେ ପ୍ରଥମ ଶତକ ଅର୍ଜନ କରିଛନ୍ତି। ଲଞ୍ଚ ବେଳକୁ ସେ ୭୫ ରନ କରି ଅପରାଜିତ ରହିଥିଲେ ଓ ଲଞ୍ଚ୍ ପରେ ଶତକ ହାସଲ କରିନେଇଥିଲେ। କେବଳ ବାଉଣ୍ଡାରିରେ ସେ ଅଧାରୁ ଅଧିକ ବ୍ୟକ୍ତିଗତ ରନ ସଂଗ୍ରହ କରିଥିଲେ। ପୃଥ୍ୱୀ ଭାରତର ୨୯୩ତମ କ୍ରିକେଟର ହିସାବରେ ଟେଷ୍ଟ ଖେଳିବାର ସୁଯୋଗ ହାସଲ କରିଥିଲେ। ରାହୁଲ ଆଉଟ ହେବା ପରେ ପୃଥ୍ୱୀ ଆତ୍ମବିଶ୍ୱାସର ସହ ସାହସିକ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ୱେଷ୍ଟଇଣ୍ଡିଜ ଆଗଧାଡିର ଦ୍ରୁତ ବୋଲର କେମର ରୋଚ୍ ତାଙ୍କ ଜେଜେମାଙ୍କ ଦେହାନ୍ତ କାରଣରୁ ପ୍ରଥମ ଟେଷ୍ଟରୁ ଓହରି ଯାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୮୯ ଓଭରରେ ୩୬୪/୪ (ପୃଥ୍ୱୀ– ୧୩୪, ପୂଜାରା– ୮୬, କୋହଲି– ୭୨*, ରାହାନେ– ୪୧, ପନ୍ତ– ୧୭*, ଗାବ୍ରିଏଲ– ୧/୬୬, ଲୁଇସ୍– ୧/୫୬, ବିଶୁ– ୧/୧୧୩, ଚେଜ୍– ୧/୬୭)।



ଶତକ ହାସଲ ପରେ ପୃଥ୍ୱୀ ଶ’।

**ପଦାର୍ପଣରେ ଶତକ ମାରିଥିବା ଭାରତୀୟଙ୍କ ତାଲିକା**

| ବ୍ୟାଟ୍ସମ୍ୟାନ | ସ୍କୋର | ବନାମ | କେବେ |
|---|---|---|---|
| ରୋହିତ ଶର୍ମା | ୧୭୭* | ୱେଷ୍ଟଇଣ୍ଡିଜ୍ | ୨୦୧୩ |
| ଶିଖର ଧାୱନ | ୧୮୭ | ଅଷ୍ଟ୍ରେଲିଆ | ୨୦୧୩ |
| ସୁରେଶ ରାଇନା | ୧୨୦ | ଶ୍ରୀଲଙ୍କା | ୨୦୧୦ |
| ବୀରେନ୍ଦ୍ର ସେହ୍ୱାଗ | ୧୦୫ | ଦ. ଆଫ୍ରିକା | ୨୦୦୧ |
| ସୌରଭ ଗାଙ୍ଗୁଲୀ | ୧୩୧ | ଇଂଲଣ୍ଡ | ୧୯୯୬ |
| ପ୍ରବୀନ ଆମ୍ରେ | ୧୦୩ | ଦ. ଆଫ୍ରିକା | ୧୯୯୨ |
| ମହମ୍ମଦ ଆଜାରୁଦ୍ଦିନ | ୧୧୦ | ଇଂଲଣ୍ଡ | ୧୯୮୪ |
| ସୁରେନ୍ଦର ଅମରନାଥ | ୧୨୪ | ନ୍ୟୁଜିଲାଣ୍ଡ | ୧୯୭୬ |
| ଗୁଣ୍ଡାପ୍ପା ବିଶ୍ୱନାଥ | ୧୩୭ | ଅଷ୍ଟ୍ରେଲିଆ | ୧୯୬୯ |
| ହନୁମନ୍ତ ସିଂ | ୧୦୫ | ଇଂଲଣ୍ଡ | ୧୯୬୪ |
| ଆବାସ ଅଲ ବେଗ | ୧୧୨ | ଇଂଲଣ୍ଡ | ୧୯୫୯ |
| କ୍ରିପାଲ ସିଂ | ୧୦୦* | ନ୍ୟୁଜିଲାଣ୍ଡ | ୧୯୫୫ |
| ଦୀପକ ଶୋଧାନ | ୧୧୦ | ପାକିସ୍ତାନ | ୧୯୫୨ |
| ଲାଲା ଅମରନାଥ | ୧୧୮ | ଇଂଲଣ୍ଡ | ୧୯୩୩ |

## ସଂକ୍ଷେପରେ

### ସୌରଭ ଘୋଷାଲଙ୍କୁ କ୍ୟାରିୟର ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ୍



ନୂଆଦିଲ୍ଲୀ, ୪।୧୦(ପି.ଟି.)- ଭାରତୀୟ ସ୍କ୍ୱାଶ୍ ତାରକା ସୌରଭ ଘୋଷାଲ ବିଶ୍ୱ ର‌୍ୟାଙ୍କିଙ୍ଗରେ କ୍ୟାରିୟର ଶ୍ରେଷ୍ଠ ୧୧ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ସେହିପରି ମହିଳା ସ୍କ୍ୱାଶ୍ ର‌୍ୟାଙ୍କିଙ୍ଗରେ ଭେଟେରାନ ଜ୍ୟୋତ୍ସ୍ନା ଚିନାପ୍ପା ୨ଟି ସ୍ଥାନ ଉପରକୁ ଉଠି ୧୪ରେ ପହଞ୍ଚିଛନ୍ତି। ଦୁଇବର୍ଷ ପୂର୍ବରୁ ସେ କ୍ୟାରିୟର ଶ୍ରେଷ୍ଠ ୧୦ମ ସ୍ଥାନ ଅଧିକାର କରିଥିଲେ। ତେବେ ଦୀପିକା ପାଲିକଲ କାର୍ତ୍ତିକ ୪ଟି ସ୍ଥାନ ତଳକୁ ଖସି ୨୩ରେ ପହଞ୍ଚିଛନ୍ତି। ହରିନ୍ଦର ପାଲ୍ ସାନ୍ଧୁ ୬୦ତମ ସ୍ଥାନରୁ ଉପରକୁ ଉଠି ଏବେ ୫୭ରେ ପହଞ୍ଚିଥିବାବେଳେ ରମିତ ଟଣ୍ଡନ ୫୯ତମ ସ୍ଥାନରେ ରହିଛନ୍ତି। ସେ ୫ଟି ସ୍ଥାନ ଉପରକୁ ଉଠିଛନ୍ତି। ମହେଶ ମାଙ୍ଗାଓଙ୍କର ୬୪ତମ ଏବଂ ବିକ୍ରମ ମାଲହୋତ୍ରା ୭୨ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

### ଡଭୋରକୋଭିଚ୍ ଫିଡେ ନୂଆ ଅଧ୍ୟକ୍ଷ

ବାଟୁମି (ଜର୍ଜିଆ), ୪।୧୦(ପି.ଟି.): ପୂର୍ବତନ ରୁଷିଆ ଉପ ପ୍ରଧାନମନ୍ତ୍ରୀ ଅର୍କାଡି ଡଭୋରକୋଭିଚ୍ ବିଶ୍ୱ ଚେସ୍ ଫେଡେରେଶନ ଭାବେ ଜଣାଶୁଣା ଥିବା ଫିଡେର ନୂଆ ଅଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି। ଏ ନେଇ ଅନୁଷ୍ଠିତ ହୋଇଥିବା ନିର୍ବାଚନରେ ଡଭୋରକୋଭଚ୍ ଗ୍ରୀସ୍‌ର ଜର୍ଜିଅସ୍ ମାକ୍ରୋପୋଲସଙ୍କୁ ୧୦୩- ୭୮ ବ୍ୟବଧାନରେ ପରାସ୍ତ କରି ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଦୀର୍ଘ ୨୩ ବର୍ଷ ପରେ ଜଣେ ନୂଆ ଅଧ୍ୟକ୍ଷ ନିର୍ବାଚିତ ହୋଇଥିବାରୁ ଓ ଜେନେରାଲ ଆସେମ୍ବ୍ଲିର ନିର୍ବାଚନ କରିବା ନିଷ୍ପତ୍ତିକୁ ବିଶ୍ୱ ଚେସ୍ ତରଫରୁ ସ୍ୱାଗତ କରାଯାଇଛି। ଉଲ୍ଲେଖଥାଉ କି, ସିରିଆ ସହିତ ସମ୍ପର୍କରେ ଥିବାରୁ ଆମେରିକା ଦ୍ୱାରା ବାସନ୍ଦ ହୋଇ କିର୍ସାନ ଇଲ- ଲୁଇଝିନୋଭଙ୍କୁ ଅଧ୍ୟକ୍ଷ ପଦରୁ ବହିଷ୍କାର କରାଯାଇଥିଲା। ଏହା ପ୍ରଥମେ ଏକ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଥିଲା। ତେବେ ଇଂଲଣ୍ଡ ଗ୍ରାଣ୍ଡମାଷ୍ଟର ନିଗେଲ ଶର୍ଟ ଡଭୋରକୋଭିଚ୍‌ଙ୍କ ସମର୍ଥନ କରି ଶେଷ ମୁହୂର୍ତ୍ତରେ ଓହରି ଯାଇଥିଲେ। ନିର୍ବାଚିତ ହେବା ପରେ ଡଭୋରକୋଭିଚ୍ ଠିକ ରୂପେ ନିଜ ଦାୟିତ୍ୱ ସମ୍ଭାଳିବେ ବୋଲି କହିଛନ୍ତି। ଫିଡେ ଅନ୍ୟ ଫେଡେରେଶନଗୁଡିକୁ ସାହାଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଭାରତୀୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଲ ଇଣ୍ଡିଆ ଚେସ୍ ଫେଡେରେଶନ ସମ୍ପାଦକ ଭାରତ ସିଂ ଚୌହାନ ପୂର୍ବପରି ଏସିଆନ କଣ୍ଟିନେଣ୍ଟାଲ ଓ କମଲୱେଲ୍‌ଥ ଚେସ୍ ଆସୋସିଏଶନର ଅଧ୍ୟକ୍ଷ ରହିଛନ୍ତି। ଏହି ଦୁଇଟି ପଦ ପାଇଁ କୌଣସି ନିର୍ବାଚନ ହୋଇ ନ ଥିଲା ଓ ଚୌହାନ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ସେହିପରି ଡି.ଭି. ସୁନ୍ଦର ଫିଡେର ଉପସଭାପତି ଭାବେ ନୋମିନେଟ ହୋଇଛନ୍ତି ବୋଲି ଏଆଇସିଏଫ୍ ସମ୍ପାଦକ ସୂଚନା ଦେଇଛନ୍ତି।

■ ତ୍ରିରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ ସିରିଜ

# ଭାରତୀୟ ଦଳରେ ପଙ୍କଜ, ଚନ୍ଦ୍ରଶେଖର କୋଚ୍

**ଭୁବନେଶ୍ୱର, ୪।୧୦(କ୍ରୀଡ଼ା ପ୍ରତିନିଧି)**

କ୍ରିକେଟ ଆସୋସିଏଶନ ଫର ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ(କାଭି) ଆନୁକୂଲ୍ୟରେ ଚଳିତମାସ ୬ରୁ ୧୩ ପର୍ଯ୍ୟନ୍ତ ହୁବୁଳିର ବେଲଗାଁଓ ଓ ଗୋଆରେ ତ୍ରିରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ ସିରିଜ ଅନୁଷ୍ଠିତ ହେବ। ଏଥିରେ ଭାରତ, ଇଂଲଣ୍ଡ ଓ ଶ୍ରୀଲଙ୍କା ଅଂଶଗ୍ରହଣ କରିବେ। ତା’ ପରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ସିରିଜ ୧୫ରୁ ୨୫ ଅକ୍ଟୋବର ପର୍ଯ୍ୟନ୍ତ ଦେଶର ଭିନ୍ନ ଭିନ୍ନ ସହରରେ ଅନୁଷ୍ଠିତ ହେବ। ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ଦଳର କୋଚ୍ ଚନ୍ଦ୍ରଶେଖର ପଟ୍ଟନାୟକଙ୍କୁ ଭାରତୀୟ ଦଳର କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଏ ସମ୍ପର୍କରେ କାଭି ପକ୍ଷରୁ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ସମ୍ପାଦକ ସନ୍ୟାସ ବେହେରାଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ଓଡ଼ିଶାରୁ ଏକମାତ୍ର ପଙ୍କଜ ଭୁଏ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ବୋଲି ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ସଭାପତି ଜାଫର ଇକବାଲଙ୍କ ସୂତ୍ରରୁ ପ୍ରକାଶ।



ଚନ୍ଦ୍ରଶେଖର ପଟ୍ଟନାୟକ



ପଙ୍କଜ ଭୁଏ

# ସୌରାଷ୍ଟ୍ରକୁ ହରାଇଲା ଓଡ଼ିଶା

**ବିଜୟ ହଜାରେ ଟ୍ରଫି**

**କଟକ ଅଫିସ, ୪।୧୦**

ଦିଲ୍ଲୀର ଫିରୋଜ ସାହ କୋଟଲା ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି ଏଲିଟ୍ ଗ୍ରୁପ–ବି’ର ଏକ ମ୍ୟାଚ୍‌ରେ ଓଡ଼ିଶା ୫୨ ରନ୍‌ରେ ସୌରାଷ୍ଟ୍ରକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଓଡ଼ିଶାର ଏହା ଦ୍ୱିତୀୟ ବିଜୟ। ପୂର୍ବରୁ ଦଳ ଦିଲ୍ଲୀ ବିପକ୍ଷରେ ୯ରନ୍‌ରେ ବିଜୟୀ ହୋଇଥିଲା। ୭ଟି ମ୍ୟାଚ୍ ଖେଳି ୨ ବିଜୟ, ୪ ପରାଜୟ ଓ ଗୋଟିଏ ଟାଇ ସହିତ ଓଡ଼ିଶା ୧୦ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୭ମ ସ୍ଥାନରେ ରହିଛି। ଓଡ଼ିଶା ୬ ତାରିଖରେ ପ୍ରତିଯୋଗିତାର ଅନ୍ତିମ ମ୍ୟାଚ୍ ହାଇଦ୍ରାବାଦ ବିପକ୍ଷରେ ଖେଳିବ।

ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଉକ୍ତ ମ୍ୟାଚ୍ ନିମନ୍ତେ ଓପନର ଅନୁରାଗ ଷଡ଼ଙ୍ଗୀଙ୍କ ସ୍ଥାନରେ ରଣଜିତ ସିଂଙ୍କୁ ଦଳରେ ସାମିଲ କରାଯାଇଥିଲା। ଦ୍ୱିତୀୟ ଓଭରରେ ଓପନର ରାଜେଶ ଧୁପର ୫ରନ୍‌ରେ ଓ ୩ୟ ଓଭରରେ ରଣଜିତ ୨ ରନରେ ଆଉଟ ହୋଇଥିଲେ। ଦଳୀୟ ସ୍କୋର ୧୧ ହୋଇଥିବା ବେଳେ ଓଡ଼ିଶା ଦୁଇଜଣ ଯାକ ଓପନରଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଓ ଅଭିଜ୍ଞ ଶୁଭ୍ରାଂଶୁ ସେନାପତି ୩ୟ ଉଇକେଟରେ ୫୭ରନ୍ ଯୋଡ଼ି ସ୍ଥିତିରେ ସୁଧାର ଆଣିଥିଲେ। ଗୋବିନ୍ଦ ୩୩ ରନ୍‌ରେ ଓ ଶାନ୍ତନୁ ମିଶ୍ର ୩୧ରନ୍‌ରେ ପ୍ୟାଭିଲିୟନ ଫେରିବା ପରେ ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟ ଗୁରୁତ୍ୱପୂର୍ଣ୍ଣ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ସେ ୭୯ଟି ବଲରୁ ୩ଟି ଚୌକା ଓ ୨ଟି ଛକା ବଲରେ ୬୨ରନ୍ କରି ଜୟଦେବ ଉନାଡକଟ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାବ୍ୟତୀତ ଅଭିଷେକ ରାଉତ ୩୬, ଦୀପକ ବେହେରା ୧୯ ରନ କରିଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ, ପପୁ ରାୟ ଖାତା ଖୋଲିପାରି ନ ଥିବା ବେଳେ ପ୍ରୟାସ ସିଂ ୩ ଓ ଉଇକେଟ କିପର ପି.ରୋଶନ କୁମାର ରାଓ ୨ରନ୍ କରିଥିଲେ। ଓଡ଼ିଶା ସମସ୍ତ ଉଇକେଟ ହରାଇ ୧୯୭ ରନ କରିଥିଲା। ସୌରାଷ୍ଟ୍ର ପକ୍ଷରୁ ଜୟଦେବ ଉନାଡକଟ୍ ସର୍ବାଧିକ ୩ଟି ଉଇକେଟ ଦଖଲ କରିଥିଲେ। ୧୯୮ ରନ୍ ବିଜୟଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ସୌରାଷ୍ଟ୍ର ୧୪ ରନ୍‌ରେ ଓପନର ରବିନ ଉଥାପ୍ପାଙ୍କ ଉଇକେଟ ହରାଇଥିଲା। ୭ରନ୍ କରିଥିବା ବେଳେ ଉଥପ୍ପା ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଶିକାର ହୋଇଥିଲେ। ଦ୍ୱିତୀୟ ଉଇକେଟରେ ଉଇକେଟ କିପର ସେଲଡନ ଜ୍ୟାକସନ ଓ ସାମର୍ଥ୍ୟ ଭ୍ୟାସ ୫୭ ରନର ଭାଗୀଦାରି ସୃଷ୍ଟି କରିଥିଲେ। ମାତ୍ର ଏହାପରେ ୪ରନ୍ ବ୍ୟବଧାନରେ ସୌରାଷ୍ଟ୍ରର ୩ଟି ଉଇକେଟ ପତନ ଘଟାଇ ଓଡ଼ିଶା ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ୭୧ ରନରେ ଗୋଟିଏ ଉଇକେଟ ହରାଇଥିବା ସୌରାଷ୍ଟ୍ରର ସ୍କୋର ୭୫/୪ ହୋଇଯାଇଥିଲା। ମିଡଲ ଅର୍ଡର ଉଇକେଟଗୁଡ଼ିକ ଓଡ଼ିଶା ଅଧିନାୟକ ଗୋବିନ୍ଦ ଓ ସ୍ପିନର ପପୁ ରାୟ ଅକ୍ତିଆର କରିଥିଲେ। ଶେଷରେ ସୌରାଷ୍ଟ୍ର ଇନିଂସ ୧୪୫ରନ୍‌ରେ ସୀମିତ ରହିଥିଲା। ସେଲଡନ ଜ୍ୟାକସନ ସର୍ବାଧିକ ୪୦ରନ୍ କରିଥିବା ବେଳେ ସାମର୍ଥ୍ୟ ଭ୍ୟାସ ୧୯, ଏ.ଭି. ଭସବାଦ ୩୫, ପ୍ରେରକ ମଙ୍କଡ଼ ୧୦ରନ୍ କରିଥିବା ବେଳେ ଅନ୍ୟ କେହି ୨ ଅଙ୍କ ଛୁଇଁପାରି ନ ଥିଲେ। ଅଧିନାୟକ ଗୋବିନ୍ଦ ୩ଟି, ପପୁ ୨ଟି ଉଇକେଟ ହାସଲ କରିଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଷେକ ରାଉତ ଓ ଶାନ୍ତନୁ ମିଶ୍ରଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା:୧୯୭/ ଅଲଆଉଟ(ବିପ୍ଳବ–୬୨, ଅଭିଷେକ–୩୬, ଉନାଡକଟ–୩/୩୯)।
ସୌରାଷ୍ଟ୍ର: ୧୪୫/ ଅଲଆଉଟ (ଜ୍ୟାକସନ– ୪୦, ଭସବାଦ–୩୫, ପୋଦ୍ଦାର–୩/୩୩)।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ୭ ଦଫା ଦାବି ପୂରଣ ପାଇଁ ରେଳରୋକୋ



ଖାଦାନ ମଜଦୁର ସଂଘ ପକ୍ଷରୁ ରେଳରୋକୋ କରାଯାଇଛି।

ତାଳଚେର,୪।୧୦(ନି.ପ୍ର.)

ଭାରତୀୟ ମଜଦୁର ସଂଘ ସହବନ୍ଧିତ ଭାରତୀୟ ଖାଦାନ ମଜଦୁର ସଂଘ ପକ୍ଷରୁ ୭ ଦଫା ଦାବି ନେଇ ଡେରା ଓଭରବ୍ରିଜ୍ ଠାରେ ଗୁରୁବାର ରେଳରୋକୋ ଆନ୍ଦୋଳନ କରାଯାଇଥିଲା। ଫଳରେ ଦୀର୍ଘ ସମୟ ଧରି କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧୀୟ ଅଧ୍ୟାଦେଶକୁ ପ୍ରତ୍ୟାହାର କରିନେବା, କୋଇଲା ଉଦ୍ୟୋଗରେ କମର୍ସିଆଲ ମାଇନିଂ ନିଷ୍ପତ୍ତିର ପୁନର୍ବିଚାର, କୋଇଲା ଖଣି ଶ୍ରମିକମାନଙ୍କୁ ୨୦୧୭ ଜାନୁୟାରୀ ଠାରୁ ୨୦ ଲକ୍ଷ ଟଙ୍କାର ଗ୍ରାଚୁଇଟି ପ୍ରଦାନ, ଠିକା ଶ୍ରମିକମାନଙ୍କୁ ଜେବିସିସିଆଇ ଦ୍ୱାରା ନିର୍ଦ୍ଧାରିତ ବର୍ଦ୍ଧିତ ଦରମା ତୁରନ୍ତ ପ୍ରଦାନ କରାଯିବା, ଭୂତଳ କୋଇଲା ଖଣିଗୁଡ଼ିକୁ ବନ୍ଦ ପରିବର୍ତ୍ତେ ଆଧୁନିକୀକରଣ କରିବା ଆଦି ଦାବି ନେଇ କୋଇଲା ମହାସଂଘ ସମ୍ପାଦକ ବାଳକୃଷ୍ଣ ବିଶ୍ୱାଳ, ଶ୍ରୀନିବାସ ରାଓ, ଶ୍ରୀନିବାସ ଖୁଣ୍ଟିଆ, ସଞ୍ଜୟ ପ୍ରଧାନ, ପର୍ଶୁରାମ ପ୍ରଧାନ, ଗଣପତି ପ୍ରଧାନ, ସୁବ୍ରତ ପ୍ରଧାନ, ଜିତେନ୍ଦ୍ର ସାହୁ, ସଞ୍ଜୟ ସାହୁଙ୍କ ସମେତ ବହୁ ସଦସ୍ୟ ଆନ୍ଦୋଳନ କରିଥିଲେ।

# ସାମ୍ବାଦିକ ସୁରକ୍ଷା ଆଇନ କାର୍ଯ୍ୟକାରୀ କରାଯାଉ

ତାଳଚେର,୪।୧୦(ନି.ପ୍ର.)

ସାମ୍ବାଦିକ ସୁରକ୍ଷା ଆଇନ କାର୍ଯ୍ୟକାରୀ କରାଯିବା ଦାବି ନେଇ ଗୁରୁବାର ତାଳଚେର ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ଉପରେ ବାରମ୍ବାର ହେଉଥିବା ଆକ୍ରମଣକୁ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ସାମ୍ବାଦିକ ସୁରକ୍ଷା ଆଇନ କାର୍ଯ୍ୟକାରୀ କରାଯିବାକୁ ସଂଘ ପକ୍ଷରୁ ଦାବି ହୋଇଛି। ଏ ନେଇ ପୂର୍ବାହ୍ନରେ ପ୍ରେସ୍‌କ୍ଲବ ଠାରେ ଖବରଦାତାଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ସମସ୍ତେ କଳାବ୍ୟାଜ ପରିଧାନ କରିଥିଲେ। ପରେ ଏକ ନୀରବ ଶୋଭାଯାତ୍ରାରେ ବାହାରି ସେମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରେସ୍‌କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ରଶ୍ମିରଞ୍ଜନ ମିଶ୍ର, ଦେବୀ ମିଶ୍ର, ଦୀପକ ପ୍ରଧାନ, ମନୋଜ ନନ୍ଦ, କରୁଣାକର ସାମଲ, ସୌଭାଗ୍ୟ ମହାରଣା, ବିଜୟ ଦେବତା, ତପନ ମହାରଣା, ପ୍ରଭାତ ରଞ୍ଜନ ପାଣି, ପାର୍ଥସାରଥି ଦାସ, ଅନିଲ କୁମାର ସାମଲ, ଅକ୍ଷୟ ମିଶ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।





